# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ସେପ୍ଟେମ୍ବର ୧୫/୨୦୧୯ (୧୬ ପୃଷ୍ଠା+ ଛୁଟିଦିନ) Sambalpur, Sunday, September 15 / 2019 ★★

୧୫ଶ ଭାଗ ୨୬୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ସୁମିତ ନାଗାଲ ଫାଇନାଲରେ

ବୋସ୍‌ନିଆ ଓ ହର୍ଜଗୋଭିନାର ବଞ୍ଜା ଲୁକାଠାରେ ଚାଲିଥିବା ଚ୍ୟାଲେଞ୍ଜର ଟେନିସ ଟୁର୍ନାମେଣ୍ଟରେ ଭାରତର ସୁମିତ ନାଗାଲ ଫାଇନାଲରେ ପ୍ରବେଶ କରିଛନ୍ତି।

୧୪

୦୨

## କ୍ୟାଟ୍ରିନା ଲୁଚିଛପି ବାହା ହୋଇଥିବା ଚର୍ଚ୍ଚା

ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବଧୂବେଶ ସହ ହେଭି ଜୁଏଲାରୀ ପିନ୍ଧି ଥିବାରୁ ସେ ଲୁଚିଛପି ବିବାହ କରିଥିବା ଚର୍ଚ୍ଚା ହେଉଛି।



## ଛାଡ଼ପତ୍ର ଆବେଦନ କରିଥିବା ମହିଳାଙ୍କୁ ମିଳିବ ପେନ୍‌ସନ

■ ବାର୍ଷିକ ଆୟ ୪୦ ହଜାରରୁ କମ୍ ହୋଇଥିବା ଆବଶ୍ୟକ

ଭୁବନେଶ୍ୱର,୧୪।୯(ବ୍ୟୁରୋ)

କୋର୍ଟରେ ଛାଡ଼ପତ୍ର ମାମଲା ଚାଲିଥିବା ଏବଂ ଅସହାୟ ଅବସ୍ଥାରେ ରହୁଥିବା ମହିଳାମାନଙ୍କୁ ରାଜ୍ୟ ସରକାର ପେନ୍‌ସନ ଦେବେ। ଖୁବ୍‌ଶୀଘ୍ର ଏ ନେଇ ନିଷ୍ପତ୍ତି ନିଆଯିବ। ଶନିବାର ଭିନ୍ନକ୍ଷମ ଓ ସାମାଜିକ ଶସକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ବିବାହ ବିଚ୍ଛେଦ ପରେ ଉଭୟ ସ୍ୱାମୀ ସ୍ତ୍ରୀ ଛାଡ଼ପତ୍ର ପାଇଁ କୋର୍ଟରେ ଆବେଦନ କରୁଛନ୍ତି। କିନ୍ତୁ ଏହି ଆବେଦନର ଫଏସଲା ହେବାକୁ ଦୀର୍ଘବର୍ଷ ଲାଗିଯାଇଥାଏ। ଏହି ସମୟରେ ଛାଡ଼ପତ୍ର ପାଇଁ ଆବେଦନ କରିଥିବା ମହିଳାମାନେ ନିଜ ସ୍ୱାମୀ କିମ୍ବା ଶାଶୁଘର ପଟୁ କୌଣସି ଆର୍ଥିକ ସହାୟତା ପାଇ ନ ଥାଆନ୍ତି। ଖର୍ଚ୍ଚ ତୁଲାଇବା ଲାଗି ଉକ୍ତ ମହିଳାଙ୍କ ନିକଟରେ କୌଣସି ସମ୍ବଳ ନ ଥାଏ। ବାପା, ଭାଇ କିମ୍ବା ଅନ୍ୟ ଆତ୍ମୀୟସ୍ୱଜନଙ୍କ ପାଖରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଥାଆନ୍ତି। ଏହାକୁ ବିଚାରକୁ ନେଇ ସେହି ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ପେନ୍‌ସନ ଯୋଗାଇଦେବାକୁ ସରକାର ବିଚାର କରୁଛନ୍ତି। ତେବେ ପେନ୍‌ସନ ପାଇବା ପାଇଁ ଆବେଦନକାରୀ ମହିଳା ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପଡ଼ିବ। ଆବେଦନକାରୀଙ୍କ ବାର୍ଷିକ ଆୟ ୪୦ ହଜାର ଟଙ୍କାରୁ ଅଧିକ ହୋଇ ନ ଥିବ। ତେବେ ସେ ଯେଉଁ ପରିବାରରେ ରହୁଥିବେ ତାଙ୍କର ଆୟକୁ ଏଥିରେ ସାମିଲ କରାଯିବ ନାହିଁ। ଆବେଦନକାରୀ କୋର୍ଟରେ ଛାଡପତ୍ର ମାମଲା ଚାଲିଥିବା ନେଇ ଏକ ସେଲ୍ଫ ସାର୍ଟିଫିକେଶନ ଦେବେ। ପ୍ରଥମ ଥର ଲାଗି ଏଭଳି ଆବେଦନଗୁଡ଼ିକୁ ପେନ୍‌ସନ ପାଇଁ ଗ୍ରହଣ କରାଯିବ। ମଧୁବାବୁ ପେନ୍‌ସନ ଯୋଜନାରେ ଏହି ସହାୟତା ରାଶି ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।


NECC NATIONAL EGG CO-ORDINATION COMMITTEE 14.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 65 | 113 | 123 |
| DKL | 64 | 111 | 121 |
| BDK | 66 | 114 | 124 |
| BLS | 67 | 115 | 125 |
| ANG | 64 | 111 | 121 |
| BHM | 61 | 107 | 117 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers


## ■ ମାନ୍ଦାବସ୍ଥା ଦୂର ପାଇଁ ୭୦ ହଜାର କୋଟିର ପ୍ୟାକେଜ ଘୋଷଣା

# ରିଏଲ ଇଷ୍ଟେଟ, ରପ୍ତାନି ବୃଦ୍ଧିକୁ ପ୍ରୋତ୍ସାହନ

■ ହାଉସିଂ ପାଇଁ ସରକାର ଦେବେ ୧୦ହଜାର କୋଟି

■ ଅବଶିଷ୍ଟ ଏଲ୍‌ଆଇସି ଏବଂ ଅନ୍ୟ ସଂସ୍ଥା ଦେବେ

■ ରପ୍ତାନି ପାଇଁ ଦିଆଯିବ ୫୦ ହଜାର କୋଟି

■ ୨୦୨୦ ମାର୍ଚ୍ଚରୁ ୪ ମେଗା ସପିଙ୍ଗ୍ ଫେଷ୍ଟିଭାଲ

■ ଡିସେମ୍ବରରୁ ବନ୍ଦରରେ ମାନୁଆଲ କ୍ଲିୟରାନ୍ସ ବନ୍ଦ



ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍

ନୂଆଦିଲ୍ଲୀ,୧୪।୯

ଆର୍ଥିକ ମାନ୍ଦାବସ୍ଥାକୁ ଦୂର କରିବା ଉଦ୍ଦେଶ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ରିଏଲ ଇଷ୍ଟେଟ କ୍ଷେତ୍ରରେ ନିବେଶ ଓ ରପ୍ତାନି ବୃଦ୍ଧି ଲାଗି ୭୦ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ଅର୍ଦ୍ଧନିର୍ମିତ ହୋଇ ପଡି ରହିଥିବା ଶସ୍ତା ଘରଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ୨୦ ହଜାର କୋଟି ଟଙ୍କାର ଏକ ଷ୍ଟ୍ରେସ୍‌ଡ ଆସେଟ ଫଣ୍ଡ ବା ସ୍ପେଶିଆଲ ୱିଣ୍ଡୋ ଗଠନ କରାଯିବ ବୋଲି ସୀତାରାମନ୍ କହିଛନ୍ତି। ଏଥିସହିତ ରପ୍ତାନି ବୃଦ୍ଧି ଲାଗି ୫୦ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରାଯାଇଛି।

ଶନିବାର ନୂଆଦିଲ୍ଲୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ସୀତାରାମନ୍ କହିଛନ୍ତି ଯେ, ଘର କ୍ରେତା, ରପ୍ତାନି ଓ ଟିକସଦାତାଙ୍କ ଉପରେ ସରକାରଙ୍କ ସମ୍ପୂର୍ଣ୍ଣ ଫୋକସ୍ ରହିଛି। ସେ କହିଛନ୍ତି ଯେ, ଆଫୋର୍ଡେବଲ୍ ହାଉସିଂ ବା ଶସ୍ତା ଘର ନିର୍ମାଣ ପ୍ରକଳ୍ପ ପାଇଁ ଗଠିତ ସ୍ପେଶାଲ ୱିଣ୍ଡୋ ଫଣ୍ଡରେ ସରକାର ୧୦ ହଜାର କୋଟି ଟଙ୍କା ପ୍ରଦାନ କରିବେ। ଅବଶିଷ୍ଟ ସମ ପରିମାଣ(୧୦ ହଜାର କୋଟି ଟଙ୍କା) ଅର୍ଥ ଏଲ୍‌ଆଇସି, କେତେକ ଅନ୍ୟ ଆର୍ଥିକ ସଂସ୍ଥା, ବ୍ୟାଙ୍କ ଓ ସଭରେନ ଫଣ୍ଡ ପକ୍ଷରୁ ଦିଆଯିବ।

ରପ୍ତାନିକୁ ପ୍ରୋତ୍ସାହିତ କରିବାକୁ ଯାଇ ସୀତାରାମନ୍ ପ୍ୟାକେଜ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ୨୦୨୦ ଜାନୁୟାରୀ ପହିଲାରୁ ମର୍ଚ୍ଚାଣ୍ଡାଇଜ୍ ଏକ୍ସପୋର୍ଟ ଫ୍ରମ୍ ଇଣ୍ଡିଆନ ସ୍କିମ୍(ଏମ୍‌ଇଆଇଏସ) ସ୍ଥାନରେ ନୂଆ ସ୍କିମ୍ ରେମିଶନ ଅଫ୍ ଡ୍ୟୁଟିଜ୍ ଅର୍ ଟ୍ୟାକ୍ସେସ ଅନ୍ ଏକ୍ସପୋର୍ଟ ପ୍ରଡକ୍ଟ(ଆର୍‌ଓଡିଟିଇପି) ପ୍ରଚଳନ କରାଯିବ। ଏହି ନୂଆ ସ୍କିମ୍ ଅଧୀନରେ ସରକାରଙ୍କ ଉପରେ ୫୦ ହଜାର କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବ। ସେହିପରି ରପ୍ତାନି ଉପରେ ଖୁବଶୀଘ୍ର ଇ-ରିଫଣ୍ଡ ଲାଗୁ କରାଯିବ। ରପ୍ତାନିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାରୀ ସ୍ତରରେ ମାର୍ଚ୍ଚ ୨୦୨୦ରୁ ବାର୍ଷିକ ୪ ମେଗା ସପିଙ୍ଗ୍ ଫେଷ୍ଟିଭାଲ ଆୟୋଜନ କରାଯିବ। ଦେଶର ୪ ଭିନ୍ନ ଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଥିମ୍ ଯୋଗ, ଜେମ୍ସ ଆଣ୍ଡ ଜୁଏଲେରି, ବୟନଶିଳ୍ପ, ପର୍ଯ୍ୟଟନ ଓ ଚମଡା ଶିଳ୍ପ ଆଧାରରେ ସପିଙ୍ଗ୍ ଫେଷ୍ଟିଭାଲ ଆୟୋଜିତ ହେବ। ସୀତାରାମନ୍ ଆହୁରି କହିଛନ୍ତି ଯେ, ଚଳିତବର୍ଷ ଡିସେମ୍ବରରୁ ଦେଶର ସମସ୍ତ ବନ୍ଦରରେ ମାନୁଆଲ କ୍ଲିୟରାନ୍ସକୁ ବନ୍ଦ କରିଦିଆଯିବ। ସେହିପରି ପ୍ରାଥମିକତା ଥିବା ସେକ୍ଟର ଅଧୀନରେ ରପ୍ତାନି କ୍ରେଡିଟ ଲାଗି ୩୬ ହଜାର କୋଟିରୁ ୬୮ ହଜାର କୋଟି ଟଙ୍କା ଅତିରିକ୍ତ ଜାରି କରାଯିବ। ହସ୍ତଶିଳ୍ପ ଉଦ୍ୟୋଗକୁ ରପ୍ତାନି ଲାଗି ଇ-କମର୍ସ ବ୍ୟବହାର କରିବାକୁ ଅନୁମତି ପ୍ରଦାନ ମିଳିବ। ସେହିପରି ରପ୍ତାନି ସମୟ କମାଇବା ଲକ୍ଷ୍ୟରେ ଡିସେମ୍ବରରୁ ଏକ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରାଯିବ। ଏଥିସହିତ ଏକ୍ସପୋର୍ଟ କ୍ରେଡିଟ ବୀମା ପରିସରକୁ ବୃଦ୍ଧି କରାଯିବ। ରପ୍ତାନି ପାଇଁ ଋଣ ଦେଉଥିବା ବ୍ୟାଙ୍କଗୁଡ଼ିକୁ ଅଧିକ ବୀମା ପରିସରଭୁକ୍ତ କରାଯିବ। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ନିଜକୁ ଅଧିକ ସୁରକ୍ଷିତ ମଣିବେ ଏବଂ ରପ୍ତାନିକାରୀଙ୍କୁ ଅଧିକ ଋଣ ଦେଇପାରିବେ। ଏଥିଲାଗି ସରକାର ବାର୍ଷିକ ୧୭୦୦ କୋଟି ଟଙ୍କା ଖର୍ଚ୍ଚ କରିବେ।

ଅର୍ଥମନ୍ତ୍ରୀ ସୀତାରାମନ୍ କହିଛନ୍ତି ଯେ, ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟରେ ରହିଛି। ଅଗଷ୍ଟରେ ଏହା ୩.୨୧% ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ଲାଗି ମୁଦ୍ରାସ୍ଫୀତି ହାର ୪% ରଖିବାର ଲକ୍ଷ୍ୟ ରଖିଛନ୍ତି। ଔଦ୍ୟୋଗିକ ଉତ୍ପାଦନ ଏବଂ ନିବେଶରେ ସୁଧାର ହେଉଥିବାର ସଙ୍କେତ ସ୍ପଷ୍ଟ ଦେଖାଯାଉଛି। ବ୍ୟାଙ୍କଗୁଡ଼ିକ ପକ୍ଷରୁ ନଗଦ ପ୍ରବାହ ବଢ଼ାଇବାର ବ୍ୟବସ୍ଥା କରାଯାଉଛି। ରେପୋ ରେଟ୍ ହ୍ରାସର ଫାଇଦା ବ୍ୟାଙ୍କଗୁଡ଼ିକ ଦେବାକୁ ଆରମ୍ଭ କରିଛନ୍ତି। ଏହାର ସମୀକ୍ଷା ଲାଗି ସେ ଆସନ୍ତା ୧୯ରେ ବ୍ୟାଙ୍କ ପ୍ରମୁଖମାନଙ୍କ ସହ ବୈଠକ କରିବେ। ସୂଚନାଥାଉ କି, ଅର୍ଥମନ୍ତ୍ରୀ ଅଗଷ୍ଟ ୩୦ରେ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ସୁଧାର ଆଣି ୧୦ ବ୍ୟାଙ୍କକୁ ମିଶାଇ ୪ ବୃହତ ବ୍ୟାଙ୍କ ଗଠନ କରିବା ସଂକ୍ରାନ୍ତରେ ଘୋଷଣା କରିଥିଲେ। ଏହାପୂର୍ବରୁ ସେ ଅଗଷ୍ଟ ☞ ପୃଷ୍ଠା-୪



**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**

ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ୟୁରୋପୀୟ ସଂଘରୁ ଶିକ୍ଷା

### ଆଜିର ମନ୍ତବ୍ୟ

“ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ତାଙ୍କ ମହାନତାକୁ ନଷ୍ଟ କରାଯାଇପାରିବ ନାହିଁ।

-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତା

### କିଛି ତଥ୍ୟ

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୦୦୪ ବିଲିୟନ ଡଲାର ବୃଦ୍ଧି ଘଟି ୪୨୯.୬୦୮ ବିଲିୟନ ଡଲାର ଛୁଇଁଛି।

-ରିଜର୍ଭ ବ୍ୟାଙ୍କ



ୟେମେନ୍ ବିଦ୍ରୋହୀଙ୍କ ଡ୍ରୋନ୍ ଆକ୍ରମଣରେ ସୌଦି ଆରବର ଆବକିକ୍‌ସ୍ଥିତ ବିଶ୍ୱର ସର୍ବବୃହତ୍ ତୈଳ ପ୍ରକ୍ରିୟାକରଣ ପ୍ଲାଣ୍ଟ ଜଳୁଛି।

# ବ୍ରଜରାଜନଗର ପୋଲିସର ଏନ୍‌କାଉଣ୍ଟର

ଝାରସୁଗୁଡା ଅଫିସ /ଲଖନପୁର /ବେଲପାହାଡ଼,୧୪।୯(ଡି.ଏନ୍.ଏ.)



■ ବିନୋଦଙ୍କ ଡାହାଣ ଗୋଡ଼ରେ ଲାଗିଛି ଗୁଳି

■ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି

■ ବ୍ୟବହୃତ ବନ୍ଧୁକ, ବାଇକ୍ ଜବତ

ଆହତ ବିନୋଦ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ଝାରସୁଗୁଡା ଜିଲା ବ୍ରଜରାଜନଗର କୋଇଲାଖଣି ଶିଳ୍ପାଞ୍ଚଳରେ ଦାଦାବଟିକୁ କେନ୍ଦ୍ର କରି ୨ ଅପରାଧୀ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଆପରାଧୀକ ଗୋଷ୍ଠୀ ବିବାଦକୁ ନେଇ କଥା କଥାରେ ଗୁଳି ଫୁଟୁଛି। ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡିଚାଲିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏହା ପୋଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏ ଦିଗରେ ପୋଲିସ କଡ଼ା ଆଭିମୁଖ୍ୟ ଆପଣେଇଛି। ଅପରାଧୀମାନଙ୍କୁ ଧରିବା ପାଇଁ ଜାଲ ବିଛାଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ଏହି ପରିପ୍ରେକ୍ଷୀରେ ବ୍ରଜରାଜନଗର ଥାନା ଆଇଆଇସି ବିଶ୍ୱମିତ୍ର ହରପାଲଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ବିନୋଦ ପ୍ରସାଦ ଓରଫ ଜାଜୁଙ୍କୁ ଧରିବାପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ବିନୋଦ ଏକ ବାଇକ୍‌ରେ ଯାଉଥିବା ଖବରପାଇ ପୋଲିସ ଟିମ୍ ତାଙ୍କ ପିଛା କରିଥିଲା। ଏହା ଜାଣିପାରି ଛୁଆଲିବେର୍ଣ୍ଣା ନିକଟରେ ଜାଜୁ ପ୍ରଥମେ ପୋଲିସ ଉପରକୁ ଗୁଳି ଚଳାଇ ବାଇକ୍ ଛାଡି ଫେରାର ହୋଇଯିବା ପାଇଁ ଉଦ୍ୟମ କରିଥିଲେ। ହେଲେ ପୋଲିସ ବିନୋଦ ଉପରକୁ ପାଲଟା ଗୁଳିଚଳାଇଲା। ଫଳରେ ତାଙ୍କ ଡାହାଣ ଗୋଡରେ ଗୁଳି ବାଜି ଥିଲା। ଆହତ ଜାଜୁଙ୍କୁ ପୋଲିସ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛି। ଏନେଇ ଏସ୍‌ପି ଅଶ୍ୱିନୀ ମହାନ୍ତି ଶନିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଧରାପଡିଥିବା ବିନୋଦ ହେଉଛନ୍ତି ଦୁର୍ଦ୍ଧାନ୍ତ ଅପରାଧୀ ସୋନୁ ଘୋଷଙ୍କ ସହଯୋଗୀ। ତାଙ୍କ ନାମରେ ବିଭିନ୍ନ ଥାନାରେ ହତ୍ୟା, ଲୁଟ୍, ରାହାଜାନୀ, ଦାଦାବଟି ଆଦି ବହୁ ସଙ୍ଗିନୀ ମାମଲା ରହିଛି। ତାଙ୍କ ନିକଟରୁ ଏକ ବନ୍ଧୁକ ଓ ବାଇକ୍(ନଂ. ଓଡି ୨୩ ୪୮୮୦ ) ଜବତ ହୋଇଛି। ଏନେଇ ପୋଲିସ ବ୍ରଜରାଜନଗର ଥାନାରେ ଏକ ମାମଲା( ନଂ.୧୯୮/୧୯)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଅମିତ ଧଳ ହତ୍ୟାକାଣ୍ଡ ଘଟଣାରେ ଦୁର୍ଦ୍ଧାନ୍ତ ଅପରାଧୀ ସୋନୁଙ୍କୁ ପୋଲିସ ଗିରଫ କରିଥିଲା। ଏବେ ସେ ଦେଢ଼ମାସ ହେଲା ଜେଲ୍‌ରେ ଅଛନ୍ତି । ହେଲେ ସୋନୁଙ୍କ ସହଯୋଗୀମାନେ ବାହାରେ ରହି ନିଜର କାୟା ବିସ୍ତାର କରି ଚାଲିଛନ୍ତି। ସେମାନଙ୍କ ଉପରେ ପୋଲିସ କଡା ନଜର ରଖିଛି।

## ‘ମୋ ସରକାର’ ପ୍ରସ୍ତୁତି ବୈଠକ: ପୋଲିସ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# ୫’ଟି ଅନୁସରଣ କର ଓ ପଦୋନ୍ନତି ପାଅ

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

■ ସାଧାରଣ ଜନତାଙ୍କୁ ଉତ୍ତମ ବ୍ୟବହାର ଉପରେ ଗୁରୁତ୍ୱ

■ ଏପରି ବ୍ୟବସ୍ଥା ଦେଶରେ ପ୍ରଥମ

■ ଅଧିକାରୀଙ୍କୁ ଦିଆଯିବ ପ୍ରଶିକ୍ଷଣ

୫’ଟି ଅନୁସରଣ କର ଓ ପଦୋନ୍ନତି ପାଅ। ଏହି ନିୟମକୁ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ । ଲୋକସେବା ଭବନରେ ଶନିବାର ‘ମୋ ସରକାର’ କାର୍ଯ୍ୟକ୍ରମ ସମ୍ପର୍କିତ ବୈଠକରେ ଅଧ୍ୟକ୍ଷତା କରି ଅଧିକାରୀମାନଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ କାର୍ଯ୍ୟକ୍ରମର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଥାନା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ତେଣୁ ଏହାର ସଫଳ ପ୍ରୟୋଗ ନେଇ ମୁଖ୍ୟମନ୍ତ୍ରୀ ଶୀର୍ଷ ପ୍ରଶାସନିକସ୍ତରରେ ପ୍ରସ୍ତୁତି ବୈଠକ କରିଥିବା କୁହାଯାଉଛି।

୫’ଟି ଯଥା ‘ଟ୍ରାନ୍ସପରେନ୍ସି’(ସ୍ୱଚ୍ଛତା), ଟିମ୍‌ୱର୍କ(ଦଳଗତ ପ୍ରଚେଷ୍ଟା), ଟେକ୍ନୋଲୋଜି (ବୈଷୟିକ ଜ୍ଞାନକୌଶଳ), ଟାଇମ୍(ସମୟ) ଏବଂ ଟ୍ରାନ୍ସଫର୍ମେଶନ (ପରିବର୍ତ୍ତନ)କୁ ‘ମୋ ସରକାର’ କାର୍ଯ୍ୟକ୍ରମରେ ସଫଳ ପ୍ରୟୋଗ କରାଯିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନସାଧାରଣ ହିଁ ପ୍ରକୃତ ସରକାର। ‘ମୋ ସରକାର’ ହେଉଛି ସେମାନଙ୍କ ସରକାର। ସେମାନଙ୍କ ଅର୍ଥରେ ପ୍ରଶାସନ ଚାଲୁଛି, ପୋଲିସ ଷ୍ଟେଶନ ଚାଲୁଛି। ତେଣୁ ସେମାନଙ୍କୁ ସମ୍ମାନର ସହିତ ବ୍ୟବହାର କରିବା ଆମର ନୈତିକ ଦାୟିତ୍ୱ। ଯେତେବେଳେ କୌଣସି ଅଭିଯୋଗକାରୀ ଥାନାକୁ ଆସୁଛନ୍ତି, ସେତେବେଳେ ସେମାନଙ୍କୁ ଆମେ ସମ୍ପୂର୍ଣ୍ଣ ବୃତ୍ତିଗତ, ନୈତିକ ଓ ମାନବିକତାର ସହ ବ୍ୟବହାର କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସବୁ ସମୟରେ ମୁଖ୍ୟମନ୍ତ୍ରୀ ସରଳତା ଏବଂ ଗଣତାନ୍ତ୍ରିକ ଶିଷ୍ଟାଚାରକୁ ଗୁରୁତ୍ୱ ଦେଇଆସିଛନ୍ତି। ଅନ୍ୟପକ୍ଷେ ଥାନା ଅଧିକାରୀମାନେ କିପରି କାର୍ଯ୍ୟ କରୁଛନ୍ତି, ସେନେଇ ସାଧାରଣ ଜନତା ତଥା ଅଭିଯୋଗକାରୀଙ୍କ ମତାମତ ନିଆଯିବ। ଲୋକଙ୍କ ମତାମତ ସକାରାତ୍ମକ ରହିଲେ ନିଜେ ମୁଖ୍ୟମନ୍ତ୍ରୀ ସଂପୃକ୍ତ ଅଧିକାରୀଙ୍କୁ ପଦୋନ୍ନତି ଦେବେ। ଅନୁରୂପ ଭାବେ କାର୍ଯ୍ୟ ସନ୍ତୋଷଜନକ ନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ପୋଲିସ ଅଧିକାରୀମାନଙ୍କୁ ଅଧିକ ସତର୍କ କରାଇଦେଇଛି। ଏଣିକି ଥାନାକୁ ଆସୁଥିବା ପ୍ରତି ଅଭିଯୋଗକାରୀଙ୍କ ଫୋନ୍ ନମ୍ବର ପଞ୍ଜୀକରଣ କରାଯିବ। ଏହା ଆରକ୍ଷୀ ଅଧୀକ୍ଷକଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଛି। ନାଗରିକମାନେ କୌଣସି ସରକାରୀ ସେବା ପାଇଁ ବ୍ୟବସ୍ଥା ପଛରେ ଗୋଡ଼ାଇବେ ନାହିଁ ବରଂ ସରକାର ଅଭିଯୋଗକାରୀ ତଥା ନାଗରିକଙ୍କୁ ଯୋଗାଯୋଗ କରି ସେମାନଙ୍କୁ ଉତ୍ତମ ସେବା ଯୋଗାଇଦେବେ। ମହିଳାଙ୍କ ଦ୍ୱାରା ଅଣାଯାଇଥିବା ଅଭିଯୋଗଗୁଡ଼ିକୁ ପ୍ରାଥମିକତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଅଭିଯୋଗକାରୀଙ୍କ ମୋବାଇଲ ନମ୍ବର ନ ଥାଏ, ତେବେ ସେ ତାଙ୍କର ସମ୍ପର୍କୀୟଙ୍କ ନମ୍ବର ଦେବେ। ଥାନା ଅଧିକାରୀଙ୍କ ଅବହେଳାକ୍ରମେ ଯଦି ମୋବାଇଲ ନମ୍ବର ପଞ୍ଜୀକରଣ ହୋଇ ନ ଥିଲେ, ସେ କ୍ଷେତ୍ରରେ ଅଭିଯୋଗକାରୀ ଟୋଲ୍ ଫ୍ରି ନମ୍ବରକୁ ଫୋନ୍ କଲା ପରେ ଏସ୍‌ଏମ୍‌ଏସ୍ ପାଇପାରିବେ। ☞ ପୃଷ୍ଠା-୪


୧୪ ଜିଲାରେ କାର୍ଯ୍ୟକାରୀ ହେବ ପେସା ରୁଲ୍
........ ୪ ........


## ବିବାଦରେ ଶାହଙ୍କ ‘ଏକ ରାଷ୍ଟ୍ର ଏକ ଭାଷା’ ପ୍ରସ୍ତାବ

# ହିନ୍ଦୀକୁ ନେଇ ହୁଲସ୍ଥୁଲ

ନୂଆଦିଲ୍ଲୀ,୧୪।୯(ପି.ଟି.)



■ ସରକାର ମିଥ୍ୟାର ପ୍ରସାର କରୁଛନ୍ତି: ସିଦ୍ଧାରାମାୟା

■ ଶାହଙ୍କ ମନ୍ତବ୍ୟ ଜାତୀୟ ସଂହତି ପ୍ରତି ବିପଦ: ଷ୍ଟାଲିନ

■ ହିନ୍ଦୀ, ହିନ୍ଦୁ, ହିନ୍ଦୁତ୍ୱରୁ ଉର୍ଦ୍ଧ୍ୱରେ ଭାରତ: ଓୱାଇସି

■ କେହି ନିଜ ମାତୃଭାଷା ଭୁଲିଯିବା ଉଚିତ ନୁହେଁ: ମମତା

ହିନ୍ଦୀ ଦିବସ ପାଳନ ଅବସରରେ ଶନିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ‘ଗୋଟିଏ ଦେଶ ଗୋଟିଏ ଭାଷା’ ସପକ୍ଷରେ ମତ ଦେଇଛନ୍ତି। ଅଧିକାଂଶ ଲୋକ ହିନ୍ଦୀରେ କଥା ହେଉଥିବାରୁ ଏହାକୁ ସାଧାରଣ ଭାଷା ଭାବେ ଗ୍ରହଣ କରାଗଲେ ସାରା ଦେଶକୁ ଏକତା ସୂତ୍ରରେ ବନ୍ଧାଯାଇପାରିବ ବୋଲି ସେ କହିଛନ୍ତି। ଶାହଙ୍କ ଏଭଳି ପ୍ରସ୍ତାବକୁ ନେଇ ଦେଶରେ ହୁଲସ୍ଥୁଲ ସୃଷ୍ଟି ହୋଇଛି। ଦକ୍ଷିଣ ଭାରତ ସମେତ ବିଭିନ୍ନ ରାଜ୍ୟରେ ଏହାକୁ ବିରୋଧ କରାଯାଇଛି। ବେଙ୍ଗାଲୁରୁ ସମେତ କର୍ନାଟକର ବିଭିନ୍ନ ସ୍ଥାନରେ କନ୍ନଡ ସପକ୍ଷବାଦୀ ସଂଗଠନଗୁଡିକ ଶାହଙ୍କ ‘ଏକ ରାଷ୍ଟ୍ର ଏକ ଭାଷା’ ପ୍ରସ୍ତାବ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ସେହିପରି ଅନ୍ୟ ଅଣହିନ୍ଦୀଭାଷୀ ତାମିଲନାଡୁ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ମଧ୍ୟ ପ୍ରତିବାଦର ସ୍ୱର ଉଠିଛି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ କହିଛନ୍ତି, ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କ ମାତୃଭାଷାକୁ ଯଥାସମ୍ଭବ ବ୍ୟବହାର କରନ୍ତୁ, କିନ୍ତୁ ଦେଶର ବିଭିନ୍ନ ପ୍ରାନ୍ତରେ ହିନ୍ଦୀକୁ ପହଞ୍ଚାଇବା ପାଇଁ ଏହାର ପ୍ରସାର କରାଯିବା ଆବଶ୍ୟକ। ଭାରତରେ ବିଭିନ୍ନ ଭାଷା ପ୍ରଚଳିତ ଓ ପ୍ରତ୍ୟେକ ଭାଷାର ନିଜସ୍ୱ ଗୁରୁତ୍ୱ ରହିଛି। ତେବେ ଭାରତକୁ ବିଶ୍ୱରେ ପରିଚିତ କରାଇବା ଲାଗି ଗୋଟିଏ ଭାଷା ସାରା ଦେଶରେ ପ୍ରଚଳିତ ହେବା ଜରୁରୀ ବୋଲି ସେ ଟୁଇଟ୍ କରିଛନ୍ତି। ମହାତ୍ମା ଗାନ୍ଧୀ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ‘ଗୋଟିଏ ଭାଷା’ ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ଉତ୍ତରପୂର୍ବାଞ୍ଚଳର ପ୍ରତ୍ୟେକ ପିଲାଙ୍କୁ ହିନ୍ଦୀ ଶିଖାଯିବ ବୋଲି ଏହି ଅବସରରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ କହିଛନ୍ତି।

ସରକାରୀ ଭାଷା ଆଇନ, ୧୯୬୩ ଅନୁଯାୟୀ କେନ୍ଦ୍ର ସରକାର ଓ ପାର୍ଲାମେଣ୍ଟ ପାଇଁ ହିନ୍ଦୀ ଓ ଇଂଲିଶକୁ ସରକାରୀ ଭାଷା ଭାବେ ଗ୍ରହଣ କରାଯାଇଥିଲା। ଦେଶର ୨୨ଟି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ୱୀକୃତି ପ୍ରଦାନ କରାଯାଇଛି। ଭାଷାର ଭିନ୍ନତା ଦେଶର ଶକ୍ତି ହୋଇଥିବାବେଳେ ଜାତୀୟ ଭାଷାର ମଧ୍ୟ ଆବଶ୍ୟକତା ରହିଛି। ଜାତୀୟ ଭାଷା ବିନା ଆମ ସଂସ୍କୃତିକୁ ବ୍ୟକ୍ତ କରିବା ଶକ୍ତି ହରାଇବା ବୋଲି ହିନ୍ଦୀ ଦିବସରେ ଉଦ୍‌ବୋଧନ ଦେଇ ☞ ପୃଷ୍ଠା-୪

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୫ ସେପ୍ଟେମ୍ବର ,୨୦୧୯



ସେଲିବ୍ରିଟିମାନେ ଲୋକଙ୍କ ଆଗରେ ସେମାନଙ୍କ ଜୀବନର ବାସ୍ତବ ଚିତ୍ର ରଖି ସତ କହିବା ଦରକାର।

-ସୋନାକ୍ଷୀ ସିହ୍ନା,
ବଲିଉଡ୍ ଅଭିନେତ୍ରୀ



# ସନ୍ଧାନୀ କୁକୁରକୁ ସେନାର ଶ୍ରଦ୍ଧାଞ୍ଜଳି



**ନୂଆଦିଲ୍ଲୀ:** ଇଣ୍ଡିଆନ୍ ଆର୍ମିର ଇଷ୍ଟର୍ନ କମାଣ୍ଡ ନିଜର ଏକ ସାହସୀ ହିରୋକୁ ହରାଇଛି। ଦୀର୍ଘ ୯ବର୍ଷର ବିଶ୍ୱସ୍ତ କୁକୁର ଡଚ୍‌ର ମୃତ୍ୟୁ ହୋଇଛି। ଇଣ୍ଡିଆନ୍ ଆର୍ମିର ସାହସୀ କୁକୁର ଡଚ୍ ସେପ୍ଟେମ୍ବର ୧୧ରେ ନିଜ ଶେଷ ନିଃଶ୍ୱାସ ତ୍ୟାଗ କରିଛି। ଶନିବାର ଡଚ୍‌ର ବିୟୋଗରେ ଶୋକସଭା ଆୟୋଜନ କରାଯାଇଥିଲା। ସମସ୍ତ ଯବାନ୍ ଡଚ୍‌କୁ ସମ୍ମାନପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଅନେକ ବର୍ଷ ଧରି ଡଚ୍ ଦେଶ ପାଇଁ ବିଶ୍ୱସ୍ତ ହୋଇ ସେବା ଯୋଗାଇଛି। ସେ ଅନେକ ବିସ୍ଫୋରକ ଖୋଜି ବଡ଼ ବଡ଼ ଦୁର୍ଘଟଣାରୁ ଦେଶବାସୀଙ୍କୁ ବଞ୍ଚାଇଥିଲା। ୨୦୧୦, ଏପ୍ରିଲ ୩ରେ ଡଚ୍ ଜନ୍ମ ହୋଇଥିଲା। ସେ ଭାରତୀୟ ସେନାର ସବୁଠାରୁ ବିଶ୍ୱସ୍ତ, ଆପଣାର ଓ ଲଢୁଆ କୁକୁର ଥିଲା। ଡଚ୍‌ର ମୃତ୍ୟୁ ପରେ ଇଷ୍ଟର୍ନ କମାଣ୍ଡ ପକ୍ଷରୁ ଟୁଇଟରରେ ଏହି ସୂଚନା ଦିଆଯାଇଥିଲା। ଏନେଇ ସୋସିଆଲ ମିଡିଆରେ ମଧ୍ୟ ଶୋକଭରା ଶ୍ରଦ୍ଧାଞ୍ଜଳି ଦିଆଯାଉଛି। ଦେଶର ସୁରକ୍ଷା ଦିଗରେ ବିଭିନ୍ନ ଆତଙ୍କବାଦ ବିରୋଧୀ ଅଭିଯାନଗୁଡ଼ିକରେ ଡଚ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ବିସ୍ଫୋରକ ସାମଗ୍ରୀକୁ ଶୁଂଘି ଖୋଜି ବାହାର କରିବାରେ ଡଚ୍ ଥିଲା ବିଶେଷଜ୍ଞ। ବିଶେଷ କରି ଇଣ୍ଡିଆନ୍ ଆର୍ମିର ଇଷ୍ଟର୍ନ କମାଣ୍ଡର ଅନେକ ଅପରେଶନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଡଚ୍‌କୁ ସମ୍ପୂର୍ଣ୍ଣ ସମ୍ମାନ ସହକାରେ ଅନ୍ତିମ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଠିକ୍ ଜଣେ ଯବାନ୍‌ଙ୍କ ପରି ଆର୍ମି କୁକୁରମାନେ ମଧ୍ୟ ଦେଶର ମନ ପ୍ରାଣ ଦେଇ ସେବା କରିଥାନ୍ତି, ଏଣୁ ସେମାନଙ୍କୁ ମଧ୍ୟ ସମ୍ମାନର ସହ ବିଦାୟ ଦିଆଯାଇଥାଏ। ୨୦୧୪ ଡିସେମ୍ବରରେ ଆସାମସ୍ଥିତ ଗୋଆଲ୍‌ପଡ଼ାରେ ଏକ ଯାତ୍ରୀବାହୀ ବସ୍‌ରେ ୬ କେଜି ଆଇଡି ଶୁଂଘି ବାହାର କରିଥିଲା ଡଚ୍। ଏହା ଦ୍ୱାରା ସେ ଏକ ବଡ଼ ଧରଣର ଦୁର୍ଘଟଣାରୁ ସାଧାରଣ ଲୋକଙ୍କୁ ରକ୍ଷା କରିଥିଲା। ଡଚ୍‌ର ସଫଳତା ପାଇଁ ତାଙ୍କୁ ଅନେକ ଥର ସମ୍ମାନିତ କରାଯାଇଥିଲା।

## ଲୁଚିଛପି ବାହାହେଲେ କ୍ୟାଟ୍ରିନା

ସୋସିଆଲ ମିଡ଼ିଆରେ ଚର୍ଚ୍ଚା



**ମୁମ୍ବାଇ:** ବଲିଉଡ୍ କୁଇନ୍ କ୍ୟାଟ୍ରିନା କୈଫ୍ କିଛି ନା କିଛି କାରଣ ପାଇଁ ଥାଆନ୍ତି ଚର୍ଚ୍ଚାରେ। ନିଜ ଫିଲ୍ମ ପାଇଁ ହେଉ ଅବା ରିଲେଶନ୍‌ଶିପ୍ ପାଇଁ ହେଉ, ଏହି ନାୟିକା ସବୁବେଳେ ଥାଆନ୍ତି ଚର୍ଚ୍ଚାରେ। ଏଥର କିନ୍ତୁ କ୍ୟାଟ୍ରିନାଙ୍କ ଏମିତି ଏକ ଭିଡିଓ ଭାଇରାଲ୍ ହୋଇଛି ଯାହାକୁ ଦେଖି ତାଙ୍କ ଫ୍ୟାନ୍‌ମାନେ ବିଗିଡି ଯାଇଛନ୍ତି। ଉକ୍ତ ଭିଡିଓରେ କ୍ୟାଟ୍ରିନା ବଧୂବେଶରେ ସଜେଇ ହେବା ସହ ହେଭି ଜୁଏଲେରୀ ମଧ୍ୟ ପିନ୍ଧିଛନ୍ତି। ହେଲେ ସମସ୍ତଙ୍କ ମନରେ ପ୍ରଶ୍ନ ଉଠିଛି, ଯଦି କ୍ୟାଟ୍ରିନା ବିବାହ କରିଛନ୍ତି ତେବେ କାହାକୁ ବିବାହ କରିଛନ୍ତି। କାରଣ ଉକ୍ତ ଭିଡିଓରେ ସେମିତି ଅଧିକ କିଛି ନଜର ଆସୁନାହିଁ। ଏବେ କିନ୍ତୁ ଏହି ଭିଡିଓକୁ ଦେଖି ତାଙ୍କ ଫ୍ୟାନ୍‌ଙ୍କର ହୃଦୟ ଭାଙ୍ଗି ଯାଇଛି ବୋଲି କୁହାଯାଉଛି। କାରଣ ସୋସିଆଲ ମିଡିଆରେ ଏହା ଭାଇରାଲ ହେବା ପରେ ଏହା କେବେକାର ଓ କେତେବେଳର ଭିଡିଓ ତାହା ସ୍ପଷ୍ଟ ହୋଇନାହିଁ। ଲୁଚି ଛପି କ୍ୟାଟ୍ରିନା ବାହା ହୋଇଥିବା କେତେକ ସନ୍ଦେହ କରୁଛନ୍ତି।

## ଯେଉଁଠି ମୋଟା ଝିଅଙ୍କୁ ପସନ୍ଦ କରନ୍ତି ବର

ଯୁବକମାନେ ସାଧାରଣତଃ ପତଳା ଝିଅଙ୍କୁ ଜୀବନସାଥୀ ଭାବରେ ଗ୍ରହଣ କରିବାକୁ ପସନ୍ଦ କରନ୍ତି। ତେବେ ଏପରି ଏକ ଅଞ୍ଚଳ ରହିଛି, ଯେଉଁଠି ମୋଟା ଝିଅଙ୍କୁ ଯୁବକ ପସନ୍ଦ କରନ୍ତି। ଆଫ୍ରିକାରେ ଲୋକଙ୍କ ପସନ୍ଦ ହେଉଛି ମୋଟାଝିଅ।



ଏଠାରେ କେତେକ ପତଳା ଝିଅ ବାହା ହୋଇ ନ ପାରିବା ଦେଖାଯାଇଥାଏ। ମୋଟା ମହିଳା ଏବଂ ଯୁବତୀଙ୍କୁ ଏଠାରେ ସୁନ୍ଦରତାର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ। ଝିଅ ମୋଟା ହେଲେ ବିବାହରେ କୌଣସି ଅସୁବିଧା ନାହିଁ ବୋଲି ଲୋକଙ୍କର ବିଶ୍ୱାସ ଥାଏ। ଲେବ୍ଲୋହ ନାମକ ପରମ୍ପରା ଅନୁସାରେ ଝିଅକୁ ୫ ବର୍ଷ ହୋଇଗଲେ ତାକୁ ମୋଟା ହେବା ପାଇଁ ଟ୍ରେନିଂ ସେଣ୍ଟରକୁ ପଠାଯାଇଥାଏ। ଏସବୁ ସେଣ୍ଟର୍‌ରେ ଝିଅମାନେ ନିଜ ଓଜନ ବଢାଇବାର ଟ୍ରେନିଂ ନିଅନ୍ତି। ସେଠାରେ ସେମାନଙ୍କୁ ଜବରଦସ୍ତି ଅଧିକ ଖାଇବାକୁ ଦିଆଯାଏ। ଖାଇ ଖାଇ ଝିଅଟି ବାନ୍ତିକରୁ କିମ୍ବା ଅସୁସ୍ଥ ହେଉ ସେଥିପ୍ରତି ଦୃଷ୍ଟି ଦିଆଯାଏ ନାହିଁ। ଝିଅକୁ ମୋଟା କରିବା ଲାଗି ଟ୍ରେନିଂ ସେଣ୍ଟର୍‌ରେ ନାନା ପ୍ରକାର ଉପାୟ କରାଯାଇଥାଏ। ମୋଟା ଝିଅକୁ ବାହାହେବା ପାଇଁ ଏଠାରେ ବରଘର ପକ୍ଷରୁ ଅଧିକ ଟଙ୍କା କନ୍ୟା ଘରକୁ ଦିଆଯାଇଥାଏ। ମୋଟା ଝିଅ ଶାଶୁଘର ପାଇଁ ସୌଭାଗ୍ୟ ଆଣିଥାନ୍ତି ବୋଲି ସ୍ଥାନୀୟ ଲୋକେ ବିଶ୍ୱାସ କରନ୍ତି।

## ଡ୍ୟାମ ନିର୍ମାତା, ରାଷ୍ଟ୍ର ନିର୍ମାତା

ଇଞ୍ଜିନିୟର୍ସ ଡେ



ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟା

ଭାରତରେ ଅଭିଯାନ୍ତ୍ରିକ (ଇଞ୍ଜିନିୟର) ସମୁଦାୟ ପ୍ରତିବର୍ଷ ସେପ୍ଟେମ୍ବର ୧୫କୁ ଇଞ୍ଜିନିୟର୍ସ ଡେ ଭାବେ ପାଳନ କରନ୍ତି। ଭାରତର ବିଶିଷ୍ଟ ଇଞ୍ଜିନିୟର ତଥା ଭାରତରତ୍ନ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟାଙ୍କ ଜନ୍ମଦିନରେ ତାଙ୍କୁ ମନେପକାଇବା ପାଇଁ ଏହି ଦିବସ ପାଳନ କରାଯାଉଛି। ଯୁବପିଢ଼ିଙ୍କୁ ଇଞ୍ଜିନିୟରିଂରେ କ୍ୟାରିୟର କରିବା ପାଇଁ ପ୍ରେରଣା ଦେବା ଏବଂ ଯେଉଁ ଇଞ୍ଜିନିୟରମାନେ ଦେଶର ଉତ୍ଥାନ ସକାଶେ ନିଜର ଯୋଗଦାନ ଦେଇଛନ୍ତି ସେମାନଙ୍କ କାର୍ଯ୍ୟକୁ ସମ୍ମାନ ଦେବା ହେଉଛି ଏହି ଦିବସ ପାଳନର ଏକ ଲକ୍ଷ୍ୟ। ୧୯୬୮ ମସିହାରେ ଭାରତ ସରକାର ବିଶ୍ୱେଶ୍ୱରାୟାଙ୍କ ଜନ୍ମ ତାରିଖକୁ ଇଞ୍ଜିନିୟର୍ସ ଡେ ପାଳନ କରିବାକୁ ଘୋଷଣା କରିଥିଲେ।

ବିଶ୍ୱେଶ୍ୱରାୟା ୧୮୬୧ ସେପ୍ଟେମ୍ବର୧୫ରେ ମହୀଶୂର (ବର୍ତ୍ତମାନ କର୍ଣ୍ଣାଟକ)ର କୋଲାର ଜିଲା ମୁଡେନାହାଲିର ଚିକ୍କାବାଲ୍ଲାପୁରରେ ଜନ୍ମଗ୍ରହଣ କରିଥିଲେ। ୧୯୬୨ ଏପ୍ରିଲ ୧୨ ତାରିଖରେ ତାଙ୍କର ବାଙ୍ଗାଲୋରରେ ପରଲୋକ ଘଟିଥିଲା। ସେ ଭାରତର ଜଣେ ପ୍ରତିଷ୍ଠିତ ସିଭିଲ ଇଞ୍ଜିନିୟର, ଡ୍ୟାମ ନିର୍ମାତା, ଅର୍ଥନୀତିଜ୍ଞ ତଥା ରାଜନେତା ଭାବେ ଜଣାଶୁଣା। ସେ ଥିଲେ ଜଣେ ଅଗ୍ରଣୀ ରାଷ୍ଟ୍ର ନିର୍ମାତା। ୧୯୧୨ରୁ ୧୯୧୮ ଯାଏ ସେ ମହୀଶୂରର ଦେୱାନ ରହିଥିଲେ। ଏହି ସମୟରେ ଶିକ୍ଷାର ବିକାଶ ପାଇଁ ସେ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ ଓ ମହୀଶୂରରେ ବିଦ୍ୟାଳୟ ସଂଖ୍ୟା ୪,୫୦୦ରୁ ୧୦,୦୦୦ ବୃଦ୍ଧି କରିବାରେ ସକ୍ଷମ ହୋଇଥିଲେ। ସେତେବେଳେ ଛାତ୍ର ସଂଖ୍ୟା ୧,୪୦,୦୦୦ରୁ ୩,୬୬,୦୦୦ରେ ପହଞ୍ଚିଥିଲା। ମହୀଶୂରର କ୍ରିଷ୍ଣା ରାଜା ସାଗର ଡ୍ୟାମ ନିର୍ମାଣ ଲାଗି ତାଙ୍କୁ ଚିଫ୍ ଇଞ୍ଜିନିୟର ଦାୟିତ୍ୱ ପ୍ରଦାନ କରାଯାଇଥିଲା। ହାଇଦ୍ରାବାଦ ସହରର ବନ୍ୟା ସୁରକ୍ଷା ପ୍ରଣାଳୀର ମୁଖ୍ୟ ଡିଜାଇନ ପାଇଁ ମଧ୍ୟ ତାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସମାଜ ଲାଗି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୧୯୫୫ରେ ଭାରତରତ୍ନ ପ୍ରଦାନ କରାଯାଇଥିଲା। ବିଶ୍ୱେଶ୍ୱରାୟା ୪୪ ବର୍ଷ ନିରବଚ୍ଛିନ୍ନ ଭାବେ ଦେଶସେବା କରିଥିଲେ। ମଧ୍ୟପ୍ରଦେଶର ଗୁନାଠାରେ ଏହା ଉପଲକ୍ଷେ ବିଶେଷ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହି ଦିବସ ଅବସରରେ ବିଭିନ୍ନ ବିଭାଗର ଇଞ୍ଜିନିୟରମାନେ ରକ୍ତଦାନ ଓ ପଲିଥିନମୁକ୍ତ ଭାରତର ସ୍ଲୋଗାନ ନେଇ ଏକ ବାଇକ ରାଲି କରାଯିବାକୁ ସ୍ଥିର କରାଯାଇଛି। ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରୟା ମଧ୍ୟ ଏମ୍‌ଭି ନାମରେ ଜଣାଶୁଣା। ସାର୍ ଏମ୍‌ଭିଙ୍କ ଜ୍ଞାନ ଓ ଭାରତର ଜଳସମ୍ପଦର ସୁବିନିଯୋଗ କରିବାର ସଫଳତା ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚିତି ଦେଇପାରିଛି। ସେ ବହୁ ଡ୍ୟାମ, ବ୍ରିଜ୍, ଜଳସେଚନ ଓ ପାନୀୟ ଜଳ ବ୍ୟବସ୍ଥା ପାଇଁ ଭାରତରେ ଯେଉଁ କାର୍ଯ୍ୟ କରିଛନ୍ତି, ତାହା ଏବେକାର ଓ ଆଗାମୀ ପିଢି ଲାଗି ପଥ ଦେଖାଇଛି। ଭାରତରେ ପ୍ରତିବର୍ଷ ୨୦ ଲକ୍ଷ ଇଞ୍ଜିନିୟର ସୃଷ୍ଟି ହେଉଛନ୍ତି। ସେମାନଙ୍କ କାର୍ଯ୍ୟକୁ ଏକ ଶୃଙ୍ଖଳିତ ମାର୍ଗ ଦେଖାଇବାରେ ଇଞ୍ଜିନିୟର୍ସ ଡେ ପ୍ରେରଣା ଦେଇ ଆସୁଛି ।



## ସଂକ୍ଷେପରେ

### ପ୍ରଜାକୋର୍ଟରେ ଜଣକୁ ହତ୍ୟା କଲେ ମାଓବାଦୀ

**ମାଲକାନଗିରି,୧୪।୯ (ସ୍ୱ.ପ୍ର.):** ସୀମାନ୍ତ ଛତିଶଗଡ଼ ରାଜ୍ୟ ଦାନ୍ତେୱାଡା ଜିଲା ପୁଲୁମ ଗ୍ରାମର ମିଡିୟା ମଞ୍ଜାଲଙ୍କୁ ମାଓବାଦୀମାନେ ଅପହରଣ କରିନେଇ ପ୍ରଜାକୋର୍ଟରେ ନିର୍ମମ ଭାବେ ଗଳାକାଟି ହତ୍ୟା କରିଛନ୍ତି। ନିକଟସ୍ଥ ଜଙ୍ଗଲରେ ସେମାନେ ମିଡିୟାଙ୍କୁ ପୋଲିସ ସୂଚନାଦାତା ଦର୍ଶାଇ ହତ୍ୟା କରିଥିବା ଜଣାପଡିଛି। ଗ୍ରାମରୁ ଯିବା ବେଳେ ମାଓବାଦୀମାନେ ଗ୍ରାମବାସୀଙ୍କୁ ପୋଲିସ ଇନଫର୍ମର କାମ ବନ୍ଦ କରିବାକୁ ଚେତାବନୀ ଦେଇଥିଲେ। ମୃତଦେହ ନିକଟରେ ସେମାନେ ଏକ ହାତଲେଖା ପୋଷ୍ଟର ଛାଡ଼ି ଯାଇଛନ୍ତି। ସେଠାରେ ମାଓବାଦୀମାନେ ବୋମା ପୋତିଥିବା ଆଶଙ୍କା ଥିବାରୁ ବୋମା ନିଷ୍କ୍ରିୟକରୀ ଦଳକୁ ସେଠାକୁ ପଠାଯାଇଥିବା ଏସଡ଼ିପିଓ ଧୀରେନ୍ଦ୍ର ପଟେଲ କହିଛନ୍ତି।

**ପୂଜା ପୂର୍ବରୁ ଅପରାଧୀ ସାବାଡ଼: ୭ ଏନ୍‌କାଉଣ୍ଟର**




# କଣ୍ଟେନରକୁ ୬ଲକ୍ଷ ୫୩ ହଜାର ଟଙ୍କା ଜରିମାନା

ସମ୍ବଲପୁର,୧୪।୯(ବ୍ୟୁରୋ)

■ସୋସିଆଲ ମିଡିଆରେ ରସିଦ ଭାଇରାଲ
■ଅଗଷ୍ଟ ୧୦ରେ ହୋଇଥିଲା ଜରିମାନା

ସମ୍ବଲପୁର ଜିଲା ଆରଟିଓ ପକ୍ଷରୁ କଟାଯାଇଥିବା ଏକ ରସିଦ ସୋସିଆଲ ମିଡିଆରେ ଘୂରି ବୁଲୁଛି । ଏହି ରସିଦ ୨୦୧୯ ଅଗଷ୍ଟ ୧୦ ତାରିଖରେ କଟାଯାଇଛି। ଏଥିରେ ରୋଡ ଟ୍ୟାକ୍ସ ସହ ବିଭିନ୍ନ ଜରିମାନା ବାବଦକୁ ଏକ ନାଗାଲାଣ୍ଡ କଣ୍ଟେନର (ନଂ.ଏନଏଲ୦୮ଡି- ୦୭୦୯) କୁ ୬ଲକ୍ଷ ୫୩ ହଜାର ଟଙ୍କାର ଜରିମାନା ହୋଇଥିବା ଉଲ୍ଲେଖ ରହିଛି । ନୂଆ ଟ୍ରାଫିକ ନିୟମ ସେପ୍ଟେମ୍ବର ୧ ତାରିଖରୁ ଲାଗୁ ହେବା ପରେ ଏହି ରସିଦ ଶନିବାର ଭାଇରାଲ ହୋଇଛି । ଦେଶରେ ପ୍ରଥମ ଥର ପାଇଁ ସର୍ବାଧିକ ଫାଇନ କଟା ଯାଇଥିବା ଆଲୋଚନା ହେଉଛି। ତଥ୍ୟ ମୁତାବକ, ରସିଦ ଅଇଁଠାପାଲି ଥାନା ଅଧୀନ ରେମେଡ ଅଞ୍ଚଳରେ ଅଗଷ୍ଟ ମାସରେ କଟାଯାଇଥିଲା। ରସିଦରେ ନାଗାଲାଣ୍ଡର ବେଥେଲ୍ ଅଞ୍ଚଳର ଶୈଳେଶ ଶଙ୍କର ଲାଲ ଗୁପ୍ତା ଉକ୍ତ କଣ୍ଟେନରର ମାଲିକ ବୋଲି ଦର୍ଶାଯାଇଛି । ଉକ୍ତ କଣ୍ଟେନର ୨୦୧୪ରୁ କିଣା ହୋଇଥିଲେ ମଧ ୨୦୧୯ ପର୍ଯ୍ୟନ୍ତ ରୋଡ ଟ୍ୟାକ୍ସ ଦିଆଯାଇ ନ ଥିଲା। ତେଣୁ ରୋଡ ଟ୍ୟାକ୍ସ ଓ ଏମ୍‌ଭିଟି-୩ ଟ୍ୟାକ୍ସ ୨୧ ଜୁଲାଇ, ୨୦୧୪ରୁ ୩୦ ସେପ୍ଟେମ୍ବର, ୨୦୧୯ ପର୍ଯ୍ୟନ୍ତ ୬ଲକ୍ଷ ୪୦ ହଜାର ୫ଶହ ଟଙ୍କା ଟ୍ୟାକ୍ସ ଲାଗିଛି। ସେହିପରି ପଲୁଶନ୍ ବାବଦକୁ ୧ ହଜାର ଟଙ୍କା, କ୍ୟାରି ପାସେଞ୍ଜର ନେବା ବାବଦକୁ ୫ ହଜାର ଟଙ୍କା, ବିନା ପରମିଟରେ ଗାଡି ଚଳାଇବା ଲାଗି ୫ ହଜାର ଟଙ୍କା, ବୀମା ପାଇଁ ୧ ହଜାର ଟଙ୍କା, ସାଧାରଣ ନିୟମ ଖିଲାପ ଯୋଗୁ ୧ଶହ ଟଙ୍କା ଓ ଅନ୍ୟାନ୍ୟ ବାବଦକୁ ୫ଶହ ଟଙ୍କା ମୋଟ ୧୨ ହଜାର ୬ଶହ ଟଙ୍କା ଫାଇନ୍ ଲାଗିଛି।

■ ବିଧାୟକଙ୍କୁ ବାଚସ୍ପତିଙ୍କ ପରାମର୍ଶ

# ଗ୍ରନ୍ଥାଗାରରେ ଅଧ୍ୟୟନ କର

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

**୨ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ**

ବିଧାୟକମାନେ ବିଧାନସଭା ଗ୍ରନ୍ଥାଗାରରେ ଅଧ୍ୟୟନ କରନ୍ତୁ। ଅଧିବେଶନ ଚାଲିଥିବା ସମୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ସକ୍ରିୟ ଅଂଶ ଗ୍ରହଣ କରନ୍ତୁ। ଏହାଦ୍ୱାରା ଜନ ପ୍ରତିନିଧିମାନେ ଅଧିକ ଦକ୍ଷ ଓ ପାରଦର୍ଶୀ ହୋଇପାରିବେ। ଶନିବାର ଷୋଡ଼ଶ ବିଧାନସଭାର ନବ ନିର୍ବାଚିତ ସଦସ୍ୟଙ୍କ ପାଇଁ ଆୟୋଜିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପନୀ ଦିବସରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏହା କହିଛନ୍ତି।

ସୂର୍ଯ୍ୟ କହିଥିଲେ ଯେ, ଜନପ୍ରତିନିଧି ଅଧିକ ଦକ୍ଷ ହୋଇପାରିଲେ ଲୋକମାନଙ୍କ ଆଶା, ଆକାଂକ୍ଷାକୁ ଅଧିକ ମାତ୍ରାରେ ପୂରଣ କରିପାରିବେ। ଗୃହ ପରିଚାଳନା ବିଧିବ୍ୟବସ୍ଥା, ଆଇନ ପ୍ରଣୟନ, ବଜେଟ୍ ପ୍ରସ୍ତୁତି, ବିଶେଷ ଅଧିକାର, ବୈଧାନିକ ପ୍ରଥା, ପରମ୍ପରା ସମ୍ପର୍କରେ ପ୍ରଦାନ କରାଯାଇଥିବା ପ୍ରଶିକ୍ଷଣ ନିଶ୍ଚିତ ଉପାଦେୟ ହେବ ବୋଲି ସୂର୍ଯ୍ୟ କହିଥିଲେ। ସେହିପରି ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ ଯେ, ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ସମସ୍ତଙ୍କ ପାଇଁ ଉପାଦେୟ। ନବାଗତ ଏଥିରୁ ଜ୍ଞାନ ଅର୍ଜନ କରିଥିବା ବେଳେ ବରିଷ୍ଠମାନେ ଅଭିଜ୍ଞତା ବାଣ୍ଟିଛନ୍ତି। ଏହା ନିଶ୍ଚିତ ରୂପେ ଜନ ପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ପ୍ରମିଳା କହିଛନ୍ତି। ପ୍ରଥମାର୍ଦ୍ଧରେ ଲୋକ ସଭା ସଚିବାଳୟ ନିର୍ଦ୍ଦେଶକ(ପିଆରଆଇଡିଇ) ପୁଲିନ୍ ପୁନିଆ ଏବଂ କୃଷିମନ୍ତ୍ରୀ ଅରୁଣ ସାହୁ ବକ୍ତବ୍ୟ ରଖିଥିଲେ। ଉଭୟେ କିଭଳି ପ୍ରଭାବୀ ବିଧାୟକ ହୋଇପାରିବେ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ବିଧାନସଭାର ବଜେଟ୍ ପ୍ରକ୍ରିୟା ବିଷୟରେ ଲୋକ ସଭା ସଚିବାଳୟ ନିର୍ଦ୍ଦେଶକ ଏମ୍.କେ. ମଧୁସୂଦନ ଓ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ଆଲୋଚନା କରିଥିଲେ। ଦ୍ୱିତୀୟାର୍ଦ୍ଧରେ ସାର୍ବଜନୀନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ନିର୍ଦ୍ଦେଶକ ପି. ପୁନିଆ ମତ ରଖିଥିଲେ। ଶେଷ ପର୍ଯ୍ୟାୟରେ ପ୍ରଥମଥର ପାଇଁ ବିଧାନସଭାରେ ଇ-ବିଧାନସଭା ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଏଥିରେ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ସଂସଦୀୟ ବ୍ୟାପାର(ଏନ୍‌ଆଇସି) ଉପ ମହାନିର୍ଦ୍ଦେଶକ ଏନ୍.ଏସ୍. ଅର୍ଣ୍ଣେଜା ଆଲୋଚନା କରିଥିଲେ। ଏହି ବିଷୟକୁ ଜାଣିବା ନେଇ ସମସ୍ତ ବିଧାୟକ, ବିଧାନସଭା କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଆସନ୍ତା ଅଧିବେଶନଗୁଡିକ ଯେପରି କାଗଜମୁକ୍ତ ହୋଇପାରିବ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। କିଛିଦିନ ପୂର୍ବେ ଇ-ବିଧାନସଭା ସମ୍ପର୍କରେ ଜ୍ଞାନ ଅର୍ଜନ କରିବା ପାଇଁ ଏକ କମିଟି ହିମାଚଳପ୍ରଦେଶ ଗସ୍ତ କରିଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପବାଚସ୍ପତି ରଜନୀକାନ୍ତ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

■ ବେଲପାହାଡ଼ ଆକ୍ସିସ ବ୍ୟାଙ୍କ ଡକାୟତି ଘଟଣା

# ମୁଜାଫରପୁରରୁ ଜଣେ ଗିରଫ

ବେଲପାହାଡ଼,୧୪।୯ (ଡି.ଏନ୍.ଏ.)

■ଏବେ ବି ୫ ଡକାୟତ ଫେରାର
■ଲୁଟ୍ ଟଙ୍କା, ବ୍ୟବହୃତ ଗାଡ଼ିର ପତ୍ତା ମିଳୁନି
■ସମସ୍ତ ଅଭିଯୁକ୍ତ ବିହାରର ବାସିନ୍ଦା
■ବ୍ୟାଙ୍କ ସିସିଟିଭିରୁ ମିଳିଥିଲା ସୂଚନା



ଗିରଫ ଅଭିଯୁକ୍ତ ନୀରଜ ଠାକୁର।

ଗତ ୪ ତାରିଖରେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଗୁମାଡ଼େରା ମୁଖ୍ୟବଜାରସ୍ଥିତ ଆକ୍ସିସ୍ ବ୍ୟାଙ୍କ ଶାଖାରେ ସଶସ୍ତ୍ର ଡକାୟତି ହୋଇଥିଲା । ପୋଲିସ ଉକ୍ତ ଡକାୟତ ଗ୍ୟାଙ୍ଗ୍‌ର ଜଣେ ସଦସ୍ୟଙ୍କୁ ବିହାର ରାଜ୍ୟ ମୁଜାଫରପୁରରୁ ଗିରଫ କରିଛି। ତାଙ୍କ ନାମ ନୀରଜ ଠାକୁର(୩୮)। ସେ ସେଦିନ ସ୍କର୍ପିଓ ଗାଡ଼ି ଚଳାଇବା ସହ ଉକ୍ତ ଡକାୟତି ଘଟଣାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

ଝାରସୁଗୁଡ଼ା ପୋଲିସର ଏକ ଟିମ୍ ଗତ କିଛି ଦିନ ତଳେ ବିହାରର ମୁଜାଫରପୁର ଜିଲାକୁ ଯାଇ ସେଠାରେ ୩ ଦିନ ରହିଥିଲା। ସେଠାକାର ପୋଲିସ ସହାୟତାରେ ଏହି ଟିମ୍ ନୀରଜକୁ ଗିରଫ କରିଛି । ହେଲେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୫ ଜଣ ଏବେ ବି ଫେରାର ଅଛନ୍ତି। ଲୁଟ ଟଙ୍କା ଓ ବ୍ୟବହୃତ ସ୍କର୍ପିଓକୁ ଜବତ କରିବାରେ ପୋଲିସ ବିଫଳ ହୋଇଛି। ଗତ ଗୁରୁବାର ପୋଲିସ ନୀରଜଙ୍କୁ ପଶ୍ଚିମ ମୁଜାଫରପୁରସ୍ଥିତ ଏସ୍‌ସିଜେଏମ୍‌ଙ୍କ କୋର୍ଟରେ ହାଜର କରାଇଥିଲା। କୋର୍ଟରୁ ୩ ଦିନ ପାଇଁ ଟ୍ରାନ୍‌ଜିଟ ରିମାଣ୍ଡ ଅନୁମତି ମିଳିଲା ପରେ ଅଭିଯୁକ୍ତଙ୍କୁ ନେଇ ପୋଲିସ ଶୁକ୍ରବାର ଝାରସୁଗୁଡ଼ାକୁ ଫେରିଛି।

ପୋଲିସ ସୂଚନା ଅନୁଯାୟୀ, ଗିରଫ ହୋଇ ନ ଥିବା ଅନ୍ୟ ୫ ଜଣ ଲୁଟେରା ମୁଜାଫରପୁରର ବୋଲି ଚିହ୍ନଟ କରାଯାଇଛି। ମାତ୍ର ସେମାନେ ଫେରାର ଥିବାରୁ ଗିରଫ କରାଯାଇପାରି ନାହିଁ । ବ୍ୟାଙ୍କ ଡକାୟତିର ୩ ଦିନ ପୂର୍ବରୁ ଏହି ଲୁଟେରା ଗ୍ୟାଙ୍ଗ୍‌ର ୬ ଜଣ ବିହାରରୁ ସୁନ୍ଦରଗଡ଼କୁ ଆସି ଏକ ହୋଟେଲରେ ରହିଥିଲେ। ସେଠାରୁ ବେଲପାହାଡ଼କୁ ଆସି ୨ ଦିନ ଧରି ସହରର ସ୍ଥିତି ଓ ବ୍ୟାଙ୍କର ପାରିପାର୍ଶ୍ୱିକ ଅବସ୍ଥା ଅନୁଧ୍ୟାନ କରିଥିଲେ। ଡକାୟତି ସମୟରେ ନୀରଜ ବ୍ୟାଙ୍କ ଗେଟ୍ ବାହାରେ ଜଗି ରହିଥିଲେ। ଅନ୍ୟ ୫ ଜଣ ଲୁଟେରା ବ୍ୟାଙ୍କ ଭିତରକୁ ପଶି ଗ୍ରାହକ ଓ କର୍ମଚାରୀଙ୍କୁ ରିଭଲଭର ଦେଖାଇ ଭୟଭୀତ କରିଥିଲେ । ଶେଷରେ କ୍ୟାଶିୟରଙ୍କ କାଉଣ୍ଟରରୁ ପ୍ରାୟ ୧୧ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାକ୍ରମର ସମସ୍ତ ଚିତ୍ର ବ୍ୟାଙ୍କ ସିସିଟିଭି କ୍ୟାମେରାରେ ଆବଦ୍ଧ ହୋଇଥିଲା। ଲୁଟ୍ ସମୟରେ ଲୁଟେରାମାନେ ମୁଖା ପିନ୍ଧି ନ ଥିଲେ। ସେଥିପାଇଁ ସେମାନଙ୍କୁ ଚିହ୍ନିବାରେ ପୋଲିସକୁ ବେଶି କଷ୍ଟସ୍ୱୀକାର କରିବାକୁ ପଡ଼ି ନ ଥିଲା। ଲୁଟର କିଛି ସମୟ ପୂର୍ବରୁ ଗ୍ୟାଙ୍ଗର ଜଣେ ସଦସ୍ୟ ବ୍ୟାଙ୍କ ଭିତରେ ଥିବା ଏଟିଏମ୍‌ରେ କାର୍ଡ ପୂରାଇଥିଲେ। ଫଳରେ ପୋଲିସକୁ ସହଜରେ ଜଣେ ଲୁଟେରାଙ୍କ ଠିକଣା ଓ ପରିଚୟ ମିଳିଯାଇଥିଲା। ଏବେ ଲୁଟେରା ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ଗିରଫ କଲା ପରେ ଅନ୍ୟ ଲୁଟେରାମାନଙ୍କୁ ଚିହ୍ନଟ କରାଯାଇପାରିଛି। ଖୁବ୍ ଶୀଘ୍ର ସେମାନଙ୍କୁ ବିହାର ପୋଲିସ ସହାୟତାରେ ଗିରଫ କରାଯିବ ବୋଲି ଶନିବାର ଝାରସୁଗୁଡ଼ାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି କହିଛନ୍ତି। ବ୍ୟାଙ୍କ ଲୁଟ ପରେ ଲୁଟେରାମାନେ ଟଙ୍କା ଧରି ବିହାରର ରାଞ୍ଚିକୁ ପଳାଇଥିଲେ ବୋଲି ଗିରଫ ନୀରଜ ଖବରଦାତାଙ୍କ ସମ୍ମୁଖରେ ପ୍ରକାଶ କରିଛନ୍ତି। ଡକାୟତି ପରେ ପୋଲିସର ଘେରାବନ୍ଦୀ ସତ୍ତ୍ୱେ ଲୁଟେରାମାନେ କିପରି ବିଭିନ୍ନ ଥାନା ଅତିକ୍ରମ କରି ବେଲପାହାଡ଼ରୁ ରାଞ୍ଚିକୁ ଖସି ଯିବାରେ ସଫଳ ହେଲେ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶନିବାର ଅପରାହ୍ନରେ ବେଲପାହାଡ଼ ପୋଲିସ ଅଭିଯୁକ୍ତ ନିରଜ ଠାକୁରଙ୍କୁ (ମାମଲା ନଂ ୧୪୫/୪.୯.୨୦୧୯) ଦଫା ୩୯୫ ଆଇପିସି ଆର୍/ଡ଼ବ୍ଲୁ ଓ ୨୫/୨୭ ଆର୍ମ୍ସ ଆକ୍ଟରେ କୋର୍ଟ ଚାଲାଣ କରିଛି।

## ଜିଲା ଟିଠି ସମ୍ବଲପୁର



### ଶିଳାନ୍ୟାସରେ ସୀମିତ ଶୀତଳଭଣ୍ଡାର

ସମ୍ବଲପୁର ଜିଲା ସମେତ ପଶ୍ଚିମ ଓଡ଼ିଶାର ୧୦ଟି ଜିଲାର ଚାଷୀମାନଙ୍କ ଉତ୍ପାଦିତ ଶସ୍ୟ,ପନିପରିବା ତଥା ବଜାର ସୁବିଧା ପାଇଁ ଏକ ମଡର୍ନ ଟର୍ମିନାଲ ନିର୍ମାଣ ପାଇଁ ରାଜ୍ୟ ସରକାର ସ୍ଥିର କରିଥିଲେ। ଏଥିପାଇଁ ଅନୁଦାନ ଘୋଷଣା କରାଯାଇଥିଲା। ୨୦୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଆସି ସେହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଇତିମଧ୍ୟରେ ୫ ବର୍ଷ ବିତିଛି। କେବଳ ଶିଳାନ୍ୟାସରେ ରହିଯାଇଛି ମଡର୍ନ ଟର୍ମିନାଲ (ଶୀତଳଭଣ୍ଡାର)ର ନିର୍ମାଣ କାମ। ଟେଣ୍ଡର ପାଇଥିବା ଠିକା କମ୍ପାନୀ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ କୁଆଡ଼େ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଚିହ୍ନଟ ହୋଇଥିବା ସରକାରୀ ଜମିର କିସମ ପରିବର୍ତ୍ତନ ପାଇଁ ଠିକା କମ୍ପାନୀକୁ ୧ କୋଟି ୩୦ ଲକ୍ଷ ଟଙ୍କା ଦେବାକୁ ସରକାର ବାରମ୍ବାର ଚିଠି କରିଛନ୍ତି। ହେଲେ ଠିକା କମ୍ପାନୀ ସରକାର ଜମି ଦେଲେ କାମ କରାଯିବ ବୋଲି କହୁଛି। ୫ ବର୍ଷ ତଳେ ଟର୍ମିନାଲ ନିର୍ମାଣ ପାଇଁ ବ୍ୟୟ ଅଟକଳ ନିର୍ଦ୍ଧାରିତ ହୋଇଥିଲା। ଏବେ ସମସ୍ତ ନିର୍ମାଣ ସାମଗ୍ରୀ ଦର ବୃଦ୍ଧି ପାଇଛି। ତେଣୁ ଠିକା କମ୍ପାନୀ କୁଆଡ଼େ କାମ କରିବାକୁ ପଛଘୁଞ୍ଚା ଦେଉଛି ବୋଲି ଆଲୋଚନା ହେଉଛି। ଏଣେ ମଡର୍ନ ଟର୍ମିନାଲ ନିର୍ମାଣ ପାଇଁ ଜନସାଧାରଣଙ୍କ ଦାବି ଜୋର ଧରିଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ସମ୍ବଲପୁର ଜିଲା ଯୁଯୁମୁରା ତହସିଲ ନୀଳଡୁଙ୍ଗୁରୀ ଗ୍ରାମରେ ପ୍ରଶାସନ ପକ୍ଷରୁ ୬୦ ଏକର ଜମିର ବ୍ୟବସ୍ଥା କରାଯାଇଛି। ସମ୍ବଲପୁର ସହରଠାରୁ ଯାହାର ଦୂରତା ୧୬ କିଲୋମିଟର। ଏଥିପାଇଁ ୭୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ହେଲେ ଏବେ ତାହା ବୃଦ୍ଧି ପାଇ ପ୍ରାୟ ଶହେ କୋଟି ଟଙ୍କାରୁ ଅଧିକ ହୋଇଛି। ନିର୍ମାଣରେ ବିଳମ୍ବ ଯୋଗୁ ସରକାର ଅଧିକ ଆର୍ଥିକ ବୋଝ ମୁଣ୍ଡାଇବା ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ପାଇଁ ୨୦୧୩ ଡିସେମ୍ବର ୧୨ ତାରିଖରେ ତତ୍କାଳୀନ ମୁଖ୍ୟଶାସନ ସଚିବ ଯୁଗଳ କିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ହୋଇଥିଲା। ରାଜ୍ୟ ସରକାର ଉକ୍ତ ପ୍ରକଳ୍ପ ପାଇଁ ସବୁଜ ସଙ୍କେତ ଦେବା ପରେ କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରୀ ମିଳିଥିଲା। ଉକ୍ତ ମଡର୍ନ ଟର୍ମିନାଲରେ କୃଷିଜାତ ଦ୍ରବ୍ୟ ରଖିବା ପାଇଁ ଏକ ଅଧିକ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ସହ ମାନ ନିୟନ୍ତ୍ରଣ ବ୍ୟବସ୍ଥା, ଜେଟି, ଓଜନ ଓ ପ୍ୟାକିଂ ସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା ରହିବ ବୋଲି ଘୋଷଣା କରାଯାଇଥିଲା। ଖାଦ୍ୟ ନିରାପତ୍ତା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସଙ୍ଗେ ସଙ୍ଗେ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ ମିଳିବ ବୋଲି ସରକାର ଘୋଷଣା କରିଥିଲେ। କଳାହାଣ୍ଡି, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ସୁନ୍ଦରଗଡ଼, ଅନୁଗୋଳ, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼ ଓ ସମ୍ବଲପୁର ଜିଲାର ଚାଷୀମାନଙ୍କଠାରୁ ମୂଲ୍ୟଯୁକ୍ତ ଦରରେ ଖାଦ୍ୟଦ୍ରବ୍ୟ ସଂଗ୍ରହ କରାଯିବା ମଧ୍ୟ ଏହି ପ୍ରକଳ୍ପର ଅନ୍ୟ ଲକ୍ଷ୍ୟ ଥିଲା। ଫଳ, ପନିପରିବା, ଫୁଲ, ଔଷଧୀୟ ଲତା ଗୁଳ୍ମ, ତୈଳବୀଜ, ଡାଲି ଜାତୀୟ ଶସ୍ୟ ଉତ୍ପାଦନ ପାଇଁ ଚାଷୀମାନଙ୍କୁ ଉତ୍ସାହିତ କରାଯିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ ରହିଥିଲା।

– ଶୁଭାଶିଷ ପାଢୀ

■ କଙ୍ଗାରୁ କୋର୍ଟ ନିଷ୍ପତ୍ତିର ପର୍ଦ୍ଦାଫାଶ

# ଡାହାଣୀ ସନ୍ଦେହରେ ମା'ଝିଅଙ୍କୁ ହତ୍ୟା କରାଯାଇଥିଲା

■୬ ଗିରଫ, ଜଣେ ଫେରାର
■ବ୍ରାହ୍ମଣୀ ନଦୀରୁ ମିଳିଲା ମା'ର ମୃତଦେହ
■ଝିଅର ମୃତଦେହ ମିଳିନି

ବଣାଇଁ,୧୪।୯(ସ୍ୱ.ପ୍ର.)

ଅନ୍ଧବିଶ୍ୱାସ ଯୋଗୁ ଜଣେ ମହିଳାଙ୍କ ବିରୋଧରେ କେତେଜଣ ଗ୍ରାମବାସୀ ଏକାଠି ହୋଇଥିଲେ। ବସିଥିଲା କଙ୍ଗାରୁ କୋର୍ଟ । ନିଷ୍ପତ୍ତି ହେଲା, ଏହି ମହିଳା ଡାହାଣୀ । ଶେଷରେ ସେମାନେ ସଂପୃକ୍ତା ମହିଳାଙ୍କୁ ପିଟିପିଟି ଅତି ନିର୍ମମ ଭାବେ ହତ୍ୟା କରିଥିଲେ । ମା' ପାଖରେ ଆତ୍ମଗୋପନ କରିଥିବା ୫ ବର୍ଷର ଝିଅକୁ ବି ସେମାନେ ଛାଡିଲେ ନାହିଁ । ଏହା ପରେ ମା'ଝିଅଙ୍କ ମୃତଦେହକୁ ଗାଁ ନିକଟ ନଦୀସ୍ରୋତରେ ଭସାଇ ଦେଇଥିଲେ । ବଣାଇଁ ଉପଖଣ୍ଡର ଚାନ୍ଦିପୋଷ ଥାନା ଅନ୍ତର୍ଗତ ଗାଈଡେଗା ଗ୍ରାମର ରାବଣଝୋଲାଠାରେ ଏହି ଅଭାବନୀୟ ଘଟଣା ଘଟିଥିଲା । ପୋଲିସ ଉକ୍ତ ଘଟଣାର ପର୍ଦ୍ଦାଫାଶ କରିଛି। ଗ୍ରାମର ୬ଜଣ ହତ୍ୟାକାରୀଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ଫେରାର ଅଛନ୍ତି। ଏହି ଲୋମହର୍ଷଣକାରୀ ଘଟଣା ଜଣାପଡିବା ପରେ ସାଧାରଣରେ ଆତଙ୍କ ଖେଳି ଯାଇଥିଲା । ସଂପୃକ୍ତା ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲେ ମଧ୍ୟ ଏବେବି ତାଙ୍କ ୫ବର୍ଷ ଝିଅର ମୃତଦେହ ବ୍ରାହ୍ମଣୀ ନଦୀ ଗର୍ଭରୁ ଉଦ୍ଧାର ହୋଇପାରିନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ବୁଦ ଏକ୍କା ସପରିବାର କେରଳକୁ କାମ କରିବାକୁ ଯାଇଥିଲେ। ମାସକ ତଳେ ସେମାନେ ଗାଁକୁ ଫେରିଥିଲେ । ଏହାର କିଛିଦିନ ପରେ ବୁଦଙ୍କ ପୁଅ ସାନିକା ହଠାତ୍ ଅସୁସ୍ଥ ହୋଇପଡି ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ କେତେଜଣ ଗ୍ରାମବାସୀ ବିର୍ସା କେରକେଟା (୩୨)ଙ୍କ ସ୍ତ୍ରୀ ଗାର୍ଙ୍ଗି(୨୮)ଙ୍କୁ ସନ୍ଦେହ କରିଥିଲେ । ଗାର୍ଙ୍ଗି ଗୁଣିଗାରେଡି କରନ୍ତି, ସେ ଗୋଟିଏ ଡାହାଣୀ । ତାଙ୍କ ପାଇଁ ସାନିକାଙ୍କ ମୃତ୍ୟୁ ହେଲା ବୋଲି ସନ୍ଦେହ କରି ଆସୁଥିଲେ। ଏଥିପାଇଁ ଗ୍ରାମରେ ଗତ ୯ ତାରିଖ ସନ୍ଧ୍ୟାରେ ସାରନା ପୂଜା ହୋଇଥିଲା । ସମସ୍ତେ ଭୋଗ ଖାଇଥିଲେ। ଏଥିରେ ବିର୍ସା, ଗାର୍ଙ୍ଗି ଏବଂ ତାଙ୍କର ୫ବର୍ଷର ଝିଅ ଶିବାନୀ ଉପସ୍ଥିତ ଥିଲେ। ପ୍ରଥମେ ବିର୍ସା ଖାଇସାରି ଘରକୁ ଚାଲିଯାଇଥିଲେ। ଏହାପରେ ଗାଁ ମଝିଦାଣ୍ଡରେ କଙ୍ଗାରୁ କୋର୍ଟ ବସି ଗାର୍ଙ୍ଗିର ଗୁଣିଗାରେଡି ପାଇଁ ବିଚାର ହୋଇଥିଲା। ଏଥିରେ ତାଙ୍କୁ ମୃତ୍ୟୁଦଣ୍ଡ ପାଇଁ ନିଷ୍ପତ୍ତି ହୋଇଥିଲା । ସନ୍ଧ୍ୟା ୮.୩୦ରୁ ୧୦ଘଟିକା ମଧ୍ୟରେ ଗାଁ ଦାଣ୍ଡରେ ଥିବା ବିଦ୍ୟୁତ୍ ଖମ୍ବରେ ତାଙ୍କୁ ବାନ୍ଧି ଦିଆଯାଇଥିଲା। ମା'ଙ୍କ ଏପରି ଅବସ୍ଥା ଦେଖି ଶିବାନୀ ତାଙ୍କୁ ଜାବୁଡି ଧରି କାନ୍ଦିଥିଲା। ହେଲେ ଗ୍ରାମବାସୀ ଦୁହିଁଙ୍କୁ ପିଟିପିଟି ହତ୍ୟା କରିଥିଲେ। ଗାର୍ଙ୍ଗି ମୋତେ ବଞ୍ଚାଅ ବଞ୍ଚାଅ ବୋଲି ପାଟି କରୁଥିବା ବେଳେ ଘରେ ଥିବା ତାଙ୍କ ସ୍ୱାମୀ ବିର୍ସା ଭୟଭୀତ ହୋଇ ସେଠାକୁ ଯିବାକୁ ସାହସ ଜୁଟାଇ ପାରି ନ ଥିଲେ। ମା'ଝିଅଙ୍କ ମୃତ୍ୟୁ ହେବା ପରେ ହତ୍ୟାକାରୀମାନେ ୨ଟି ପ୍ଲାଷ୍ଟିକ ଅଖାରେ ମୃତଦେହ ଭର୍ତ୍ତି କରି ପ୍ରମାଣ ନଷ୍ଟ ପାଇଁ ଗାଁ ନିକଟ ବ୍ରାହ୍ମଣୀ ନଦୀର ପ୍ରଖର ସ୍ରୋତରେ ଭସାଇ ଦେଇଥିଲେ। ଏହି ଘଟଣା ପରେ ବିର୍ସା ସେଦିନ ରାତିରେ ନିକଟସ୍ଥ ଜଙ୍ଗଲକୁ ଯାଇ ଆତ୍ମଗୋପନ କରିଥିଲେ। ତା'ପରଦିନ ସକାଳେ ବିର୍ସା ଲାଠିକଟା ଥାନା ଅନ୍ତର୍ଗତ ପାଣ୍ଡିରୀପଥର ଗ୍ରାମକୁ ଯାଇ ନିଜ ସମ୍ପର୍କୀୟ ଚୁମନ ଟିଗାଙ୍କୁ ସବୁକଥା କହିଥିଲେ । ପରେ ଚୁମନ ଚାନ୍ଦିପୋଷ ଥାନାକୁ ଫୋନରେ ଯୋଗାଯୋଗ କରିଥିଲେ। ପୋଲିସ ନିଜଆଡୁ ଏକ ମାମଲା ରୁଜୁ କରି ବ୍ରାହ୍ମଣୀନଦୀର ତଳମୁଣ୍ଡରେ ଖୋଜାଖୋଜି କରିବାପରେ ଶୁକ୍ରବାର ସନ୍ଧ୍ୟାରେ ଦର୍ଜିଂ ନିକଟସ୍ଥ ଶିବ ମନ୍ଦିର ଘାଟରେ ଗାର୍ଙ୍ଗିଙ୍କ ମୃତଦେହକୁ ଉଦ୍ଧାର କରିଥିଲା। ପରେ ପୋଲିସ ରାବଣଝୋଲା ଗ୍ରାମର ସୁନିଲ ଓରଫ କଚ୍ଛୁ ଏକ୍କା(୨୬), ଅନିଲ ଏକ୍କା(୨୦), ଏତୁଆ ଏକ୍କା (୩୪), ବୋଦ୍ରା କେରକେଟା (୨୮), ଚମ୍ପା କେରକେଟା (୩୦), ମାଙ୍ଗା ଓରଫ ମାଙ୍ଗରା ଟପ୍ପୋ(୫୨)ଙ୍କୁ ଗିରଫ କରିଛି। କୁସୁମ ଟପ୍ପୋ (୨୮) ଫେରାର ଅଛନ୍ତି। ଏଥିନେଇ ଚାନ୍ଦିପୋଷ ଥାନା ପୋଲିସ ଏକ ମାମଲା(ନଂ. ୪୩/୨୦୧୯ ) ରୁଜୁ କରି ତଦନ୍ତ ଚଳାଇଛି। ଏବେ ବି ଶିବାନୀଙ୍କ ମୃତ ଦେହ ନଦୀଗର୍ଭରୁ ଉଦ୍ଧାର ହୋଇନାହିଁ। ବଣାଇଁ ଉପଖଣ୍ଡ ପୋଲିସ ଅଧିକାରୀ ଅବକାଶ ରାଉତରାୟ ଘଟଣାର ତଦନ୍ତ କରୁଛନ୍ତି।



ଗିରଫ ୬ ଅଭିଯୁକ୍ତ।

# ୧୬ରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୧୪।୯(ବ୍ୟୁରୋ)- ରାଜ୍ୟରେ ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡା, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୧୬ ତାରିଖରୁ ବର୍ଷା ପରିମାଣ ବୃଦ୍ଧି ପାଇବ। ସମୁଦ୍ର ଆଡୁ ସ୍ଥଳ ଭାଗକୁ ବାୟୁ ପ୍ରବାହ ହେବାକୁ ଥିବାରୁ ଆସନ୍ତା ୧୯ ଏବଂ ୨୦ ତାରିଖରେ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଜୁନ ପହିଲାରୁ ସେପ୍ଟେମ୍ବର ୧୪ ତାରିଖ ମଧ୍ୟରେ ରାଜ୍ୟରେ ବର୍ଷା ସ୍ୱାଭାବିକଠାରୁ ୪ ପ୍ରତିଶତ ଅଧିକ ରହିଛି। ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ କେତେକ ଅଞ୍ଚଳରେ କାଁଭାଁ ବର୍ଷା ହୋଇଛି।


ଯାଦୁ, ପାଣିକନ୍ଧା, କୁଣ୍ଡିଆ ଓ ଫଟା ଗୋଇଠିର ଯନ୍ତ୍ରଣା ?
ଆରାମ ପାଇଁ ବ୍ୟବହାର କରନ୍ତୁ




ସେଲିକଲ®
Available in : 5g 8g 15g Pot 20g Tube and 15 ml Lotion
Trade Enquiries : 9778874750 | www.sdhole.com


**ମୋଟରଯାନ ବୀମା (Insurance) ସମ୍ବନ୍ଧୀୟ ସୂଚନା**

ଏତଦ୍ୱାରା ସମସ୍ତ ଗାଡ଼ି ମାଲିକ, ଚାଳକ ତଥା ଜନସାଧାରଣଙ୍କ ଅବଗତି ନିମିତ୍ତ ଜଣାଇ ଦିଆଯାଉଅଛି ଯେ, **Motor Vehicle Act** ର **Section 146** ଅନୁଯାୟୀ କୌଣସି ମୋଟର ଯାନ ବୀମା **(Insurance)** ନ ହୋଇ ରାସ୍ତାରେ ଚାଲିପାରିବ ନାହିଁ ।

ମାନ୍ୟବର ସୁପ୍ରିମ କୋର୍ଟ ଙ୍କ ଆଦେଶମତେ ଯଦି ବୀମାଭୁକ୍ତ ହୋଇନଥିବା କୌଣସି ମୋଟରଯାନ ଦୁର୍ଘଟଣା ଘଟାନ୍ତି, ତେବେ ଉକ୍ତ ମୋଟରଯାନକୁ ପୋଲିସ ଜବତ କରିବେ ଏବଂ ତାହା କୌଣସି ନ୍ୟାୟଳୟ ଦ୍ୱାରା ଖଲାସ ହେବ ନାହିଁ । ଉକ୍ତ ଯାନକୁ ନିଲାମ କରି ସେହି ଅର୍ଥକୁ ଦୁର୍ଘଟଣା **Claim** ନିମନ୍ତେ ଭରଣା କରାଯିବ । **OMV Accident Claim Tribunal Rule-2019** ଅନୁଯାୟୀ ଏ ସମ୍ବନ୍ଧୀୟ ପ୍ରାବଧାନ ରହିଅଛି ।

ତେଣୁ ସମସ୍ତ ବେସରକାରୀ ଗାଡି ମାଲିକମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ଗାଡିଗୁଡିକୁ ବୀମାକରଣ କରାଇ ଚଲାନ୍ତୁ । ଏତତ୍ ବ୍ୟତୀତ ସମସ୍ତ ସରକାରୀ ଏବଂ ସରକାରୀ ଅଧିନସ୍ଥ ସଂସ୍ଥା ମାନଙ୍କର ଗାଡିଗୁଡିକୁ **CMV Rule 1989** ର **Rule 148** ଅନୁଯାୟୀ **Form-53** ରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ଠାରୁ ଆବଶ୍ୟକ ପ୍ରମାଣପତ୍ର ହାସଲ କରି ଗାଡି ଗୁଡିକ ଚଲାନ୍ତୁ ।

ପରିବହନ ଆୟୁକ୍ତ, ଓଡ଼ିଶା



ଅନ୍ୟମାନଙ୍କର ମତକୁ ସମ୍ମାନ ଦେଇ ଶିଖିଲେ, ତୁମେ ଯେକୌଣସି ସମାଜରେ ଚଳି ପାରିବ।

- ଚାର୍ଲସ ଫ୍ରହମ୍ୟାନ୍




**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ପାୟଲ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଉତ୍କଳଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୪ ଜିଲାରେ କାର୍ଯ୍ୟକାରୀ ହେବ ପେସା ରୁଲ୍

- ୨୦୬୮ ପଞ୍ଚାୟତ ହାତରୁ ଯିବ କ୍ଷମତା
- ସବୁ ଆଦିବାସୀ ଗ୍ରାମରେ ଗଠନ ହେବ ପରିଷଦ
- ନିଜ ନିଷ୍ପତ୍ତି ନିଜେ ନେବେ ଆଦିବାସୀ
- ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଅଡୁଆରେ ସରକାର

ଭୁବନେଶ୍ୱର,୧୪।୯(ବ୍ୟୁରୋ)

ଆଦିବାସୀ ଗ୍ରାମକୁ ମିଳିବ କ୍ଷମତା। ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ବିକାଶ ଗ୍ରାମ ପରିଷଦ(କାଉନ୍‌ସିଲ) ହାତରେ ରହିବ। ସେମାନଙ୍କ ଜୀବନଜୀବିକା, ପରମ୍ପରା ଓ କୌଳିକ ବୃତ୍ତିରେ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ହସ୍ତକ୍ଷେପ କରିବେ ନାହିଁ। ରାଜ୍ୟରେ ଥିବା ୧୪ଟି ଅନୁସୂଚିତ ଜନଜାତିବହୁଳ ଜିଲାରେ କାର୍ଯ୍ୟକାରୀ ହେବ ପଞ୍ଚାୟତ ଏକ୍ସଟେନ୍‌ସନ ସିଡ୍ୟୁଲ ଏରିଆ(ପେସା) ନିୟମ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପେସା ରୁଲ୍-୨୦୧୯ ପ୍ରସ୍ତୁତ କରାଯାଇଛି। ଏହି ଚିଠା ବିଲ୍ ଆଇନ ବିଭାଗର ଅନୁମୋଦନ ଲାଭ କରିସାରିଛି। ଅବକାରୀ ଅଧିକାର ଗ୍ରାମଗୁଡ଼ିକୁ ଦିଆଯିବ କି ନାହିଁ ସେ ନେଇ ଅବକାରୀ ବିଭାଗର ମତାମତ ଲୋଡ଼ାଯାଇଛି। ଏହି ରୁଲ୍‌ର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇସାରିଛି। ବିଧାନସଭାରେ କେବଳ ଏହାକୁ ଉପସ୍ଥାପନ କରି କାର୍ଯ୍ୟକାରୀ କରାଯିବ ବୋଲି ପଞ୍ଚାୟତିରାଜ ବିଭାଗର ଜଣେ ଅଧିକାରୀ କହିଛନ୍ତି।

କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କନ୍ଧମାଳ, ସୁନ୍ଦରଗଡ଼ ଏବଂ ମୟୂରଭଞ୍ଜ ଆଦି ୭ ଜିଲାରେ ସମ୍ପୂର୍ଣ୍ଣ ପେସା ରୁଲ୍ ଲାଗୁ ହେବାକୁଥିବା ବେଳେ ସମ୍ବଲପୁର, କଳାହାଣ୍ଡି, ଗଞ୍ଜାମ, ଗଜପତି, ଦେବଗଡ଼, ବାଲେଶ୍ୱର, କେନ୍ଦୁଝର ଆଦି ଜିଲାରେ ଆଂଶିକ ଭାବେ ଏହି ରୁଲ୍ କାର୍ଯ୍ୟକାରୀ ହେବ। ମୋଟ ୧୨୨ ବ୍ଲକର ୨୦୬୮ଟି ଗ୍ରାମପଞ୍ଚାୟତରେ ଏହା କାର୍ଯ୍ୟକାରୀ ହେବ। ଏହି ସବୁ ଜିଲାରେ ଥିବା ପଞ୍ଚାୟତଗୁଡ଼ିକରେ ୧୩ ହଜାର କାଉନ୍‌ସିଲ ଗଠନ କରାଯିବ। ପ୍ରତ୍ୟେକ ଅନୁସୂଚିତ ଜନଜାତି ଗ୍ରାମରେ ଗୋଟିଏ ଲେଖାଏଁ କାଉନ୍‌ସିଲ ରହିବ। ଗ୍ରାମସଭା ଦ୍ୱାରା ଗଠିତ ପ୍ରତ୍ୟେକ କାଉନସିଲ୍‌ରେ ଜଣେ ଅଧ୍ୟକ୍ଷ ଓ ୬ଜଣ ସଦସ୍ୟ ରହିବେ। ଏହି ପରିଷଦ ହାତରେ ଗ୍ରାମର ସମସ୍ତ ଦାୟିତ୍ୱ ନ୍ୟସ୍ତ ରହିବ। ଲଘୁ ବନଜାତ ଦ୍ରବ୍ୟ, କ୍ଷୁଦ୍ର ଶସ୍ୟର ମୂଲ୍ୟ ନିର୍ଦ୍ଧାରଣ, କ୍ଷୁଦ୍ର ଜଳସେଚନ, ହିତାଧିକାରୀ ଚୟନ କରିବା, ପ୍ରକଳ୍ପ କାର୍ଯ୍ୟକାରୀ କରିବା, ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନୱାଡି ଆଦିର ପରିଚାଳନା ଓ ଅନ୍ୟାନ୍ୟ ସ୍ଥାନୀୟ ବିଷୟରେ ଗ୍ରାମସଭା ପ୍ରସ୍ତାବ ଆଧାରରେ କାଉନ୍‌ସିଲ ନିଷ୍ପତ୍ତି ନେବ। ଏହା ଦ୍ୱାରା ଆଦିବାସୀମାନଙ୍କର ସଂସ୍କୃତି, ପରମ୍ପରା ଓ ଜୀବିକା ସୁରକ୍ଷିତ ରହିବା ସହ ଜଳ, ଜମି, ଜଙ୍ଗଲଗୁଡ଼ିକୁ ସୁରକ୍ଷା ଦିଆଯାଇପାରିବ। ଜଙ୍ଗଲ ଅଧିକାର ବିଷୟରେ ମଧ୍ୟ ଗ୍ରାମ ପରିଷଦ ନିଷ୍ପତ୍ତି ନେବ। ପେସା ଆଇନ କାର୍ଯ୍ୟକାରୀ ହେବାକୁ ଥିବା ପଞ୍ଚାୟତଗୁଡ଼ିକର କୌଣସି କ୍ଷମତା ରହିବ ନାହିଁ। କେନ୍ଦ୍ର ସରକାର ୧୯୯୬ରେ ପେସା ଆଇନ କାର୍ଯ୍ୟକାରୀ କରିଛନ୍ତି। ବିଭିନ୍ନ ପ୍ରକଳ୍ପ ଯୋଗୁ ଆଦିବାସୀମାନଙ୍କୁ ନିଜର ମୂଳ ବସତିରୁ ବିସ୍ଥାପିତ ହେବାକୁ ପଡୁଛି। ହଠାତ ହେଉଥିବା ପରିବର୍ତ୍ତନକୁ ସେମାନେ ଗ୍ରହଣ କରିପାରୁ ନାହାନ୍ତି। ଜଙ୍ଗଲ ଛାଡ଼ି ଅନ୍ୟତ୍ର ଚାଲିଯାଉଛନ୍ତି। ଫଳରେ ଯେତେ ଯୋଜନା କଲେ ମଧ୍ୟ ଆଦିବାସୀଙ୍କ ବିକାଶ ହୋଇପାରୁନାହିଁ। ସେମାନଙ୍କ ଜରିଆରେ ସେମାନଙ୍କର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ବିକାଶ କରିବା ପେସା ଆଇନର ମୂଳ ଲକ୍ଷ୍ୟ। ୧୧ଟି ଆଦିବାସୀବହୁଳ ରାଜ୍ୟରେ ପେସା ଆଇନ ଲାଗୁ କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଥିଲେ। ଦୀର୍ଘ ୨୪ ବର୍ଷ ପରେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିନାହିଁ।

ରାଜ୍ୟ ସରକାର ଦୀର୍ଘବର୍ଷ ପରେ ପେସା ରୁଲ୍ ଆଣିବାକୁ ଉଦ୍ୟମ କରୁଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ନେଇ ଆଶଙ୍କା ଦେଖାଦେଇଛି। ଅନୁସୂଚିତ ଅଞ୍ଚଳର ପଞ୍ଚାୟତ ଗୁଡିକରେ ୫୦ ପ୍ରତିଶତ ପଦବୀ ଆଦିବାସୀଙ୍କ ପାଇଁ ସଂରକ୍ଷିତ ରଖିଛନ୍ତି। ତେବେ ଏହି ନୂଆ ରୁଲ୍ କାର୍ଯ୍ୟକରୀ ହେଲେ ସେହିସବୁ ଅଞ୍ଚଳରେ ପଞ୍ଚାୟତର କୌଣସି ଭୂମିକା ରହିବ ନାହିଁ। ସେହିସବୁ ଅଞ୍ଚଳରେ ପଞ୍ଚାୟତ ନିର୍ବାଚନ ହେବ କି ନାହିଁ ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବ। ସରକାର ପେସା ରୁଲ୍‌କୁ ଯଦି କଡ଼ାକଡ଼ି ଭାବେ ଲାଗୁ କରିବେ ତେବେ ଅନୁସୂଚିତ ଅଞ୍ଚଳରେ ସରପଞ୍ଚଙ୍କର କୌଣସି କ୍ଷମତା ରହିବ ନାହିଁ। ଏ ନେଇ ପଞ୍ଚାୟତସ୍ତରରେ ବିଦ୍ରୋହ ହେବାର ମଧ୍ୟ ସମ୍ଭାବନା ରହିଛି। ସରକାର ଯଦି ରୁଲ୍ କରି ଲାଗୁ ନ କରନ୍ତି ତେବେ ଆଦିମ ଆଦିବାସୀମାନଙ୍କର ବିକାଶ ସମ୍ଭବ ହେବନାହିଁ। କେତେକ ମୁଷ୍ଟିମେୟ ଚତୁର ଆଦିବାସୀମାନେ ସମ୍ବିଧାନ ଦ୍ୱାରା ଦିଆଯାଇଥିବା ସମସ୍ତ କ୍ଷମତାକୁ ପିଢ଼ି ପରେ ପିଢ଼ି ଉପଭୋଗ କରିଚାଲିବେ । ଆଦିମ ଏବଂ ବିଲୁପ୍ତ ହେବାକୁ ବସିଥିବା ଆଦିବାସୀମାନେ ସ୍ୱାଧୀନତା ପରଠାରୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହୋଇ ଚାଲିଛନ୍ତି। ପେସା ରୁଲ୍ ଲାଗୁ କରି ସରକାର ତୃଣମୂଳସ୍ତରରୁ ବିଭିନ୍ନ ବର୍ଗର ଅବହେଳିତ ଆଦିବାସୀମାନଙ୍କ ବିକାଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ଏହି ରୁଲ୍ କିପରି ଲାଗୁହେବ ତାହା ଉପରେ ରହିଛି ନଜର। ପଞ୍ଚାୟତିରାଜ ବିଭାଗର ଜଣେ ଅଧିକାରୀଙ୍କ କହିବା କଥା ହେଲା-ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ, ଯିଏ କି ଆଦିବାସୀବହୁଳ ଜିଲାରେ ଆଦିବାସୀମାନଙ୍କୁ ପଞ୍ଚାୟତସ୍ତରରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଦେଇପାରିଛି।

■ବରୁଣେଇରେ ହେବ ପାଇକ ସ୍ମାରକୀ

## ୨୭ରେ ଶିଳାନ୍ୟାସ କରିବେ ରାଷ୍ଟ୍ରପତି



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ ବରୁଣେଇ ପାଦଦେଶରେ ହେବାକୁ ଥିବା ପାଇକ ସ୍ମାରକୀ ସ୍ଥଳ ବୁଲି ଦେଖୁଛନ୍ତି।

ଖୋର୍ଦ୍ଧା ଅଫିସ,୧୪।୯

ଖୋର୍ଦ୍ଧାର ବରୁଣେଇ ପାହାଡ ପାଦଦେଶରେ ନିର୍ମାଣ ହେବ ପାଇକ ସ୍ମାରକୀ। ଆସନ୍ତା ୨୭ ଓ ୨୮ ତାରିଖ ଦୁଇଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆସୁଥିବା ସୂଚନା ମିଳିଛି। ୨୭ ତାରିଖରେ ରାଷ୍ଟ୍ରପତିଙ୍କ କରକମଳରେ ପାଇକ ସ୍ମାରକୀ ଶୁଭ ଦିଆଯିବ। ସ୍ମାରକୀ ଚିହ୍ନିତ କ୍ଷେତ୍ର ବରୁଣେଇ ପାଦଦେଶରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ, ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପରୋକ୍ତ ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ରାଷ୍ଟ୍ରମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଶନିବାର ଅପରାହ୍ନରେ ସ୍ମାରକୀ ଚିହ୍ନଟ ସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ମନ୍ତ୍ରୀଙ୍କ ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପର୍ଯ୍ୟଟନ ବିଭାଗ ପରିଚାଳନା ନିର୍ଦ୍ଦେଶକ ନିର୍ମଳ ଚନ୍ଦ୍ର ମିଶ୍ର, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଜିଲାପାଳ ସିତାଂଶୁ କୁମାର ରାଉତ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ କହିଥିଲେ, ପାଇକ ବିଦ୍ରୋହର ଦୁଇଶହ ବାର୍ଷିକୀ ଅବସରରେ ରାଷ୍ଟ୍ରୀୟ ସ୍ମାରକ ନିର୍ମାଣ କରିବା କେନ୍ଦ୍ର ସରକାର ପରିକଳ୍ପନା ଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରୀୟ ସଂସ୍କୃତି ମନ୍ତ୍ରୀଙ୍କୁ ପତ୍ର ଲେଖି ବରୁଣେଇ ପାହାଡ ତଳେ ପାଇକ ସ୍ମାରକୀ ପାଇଁ ୧୦ ଏକର ଜମି ଉପଲବ୍ଧ କରାଇଥିବା ସୂଚନା ଦେଇଛନ୍ତି। ଏଣୁ ରାଜ୍ୟର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗୀୟ ରାଷ୍ଟ୍ର ମନ୍ତ୍ରୀ ପାଣିଗ୍ରାହୀଙ୍କ ସହ ସେ ଓ ଅଧିକାରୀମାନେ ପାଇକ ସ୍ମାରକୀ ଚିହ୍ନଟ ଅଞ୍ଚଳ ବୁଲି ଦେଖିଲେ। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ଓ ପାଇକ ସ୍ମାରକୀ ପାଇଁ ଜିଲାପାଳଙ୍କ ଅଫିସରେ ଯୋଜନା କରାଯାଇଛି। ଓଡ଼ିଆ ଜାତିର ପ୍ରେରଣା କେନ୍ଦ୍ର ବରୁଣେଇ ପାହାଡର ଭବିଷ୍ୟତକୁ ଧ୍ୟାନରେ ରଖି ୨୦୦ ବର୍ଷ ପାଳନ ଅବସରରେ ଗୋଟିଏ ନୂଆ ତୀର୍ଥକ୍ଷେତ୍ର, ପର୍ଯ୍ୟଟନସ୍ଥଳ ତିଆରି କରାଯିବ, ଯେଉଁଠାରେ କି ଓଡ଼ିଆ ଜାତିର ବୀରଗାଥା ଜନଜୀବନର କଥା ରହିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

କଶ୍ମୀର ପ୍ରସଙ୍ଗରେ ଜନ ସମ୍ପର୍କ ଅଭିଯାନ

## ୩୭୦ ଉଚ୍ଛେଦକୁ ରମାକାନ୍ତ ରଥଙ୍କ ସମର୍ଥନ

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

କଶ୍ମୀର ପ୍ରସଙ୍ଗରେ ଭାଜପାର ଦେଶବ୍ୟାପୀ ଜନ ସମ୍ପର୍କ ଓ ଜନ ଜାଗରଣ ଯାତ୍ରା ଅଭିଯାନ ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଖ୍ୟାତିସମ୍ପନ୍ନ ଲେଖକ ତଥା ପୂର୍ବତନ ପ୍ରଶାସକ ପଦ୍ମଭୂଷଣ ରମାକାନ୍ତ ରଥଙ୍କୁ ଭେଟିଛନ୍ତି। ରମାକାନ୍ତ ରଥ ସମ୍ବିଧାନର ଅନୁଚ୍ଛେଦ ୩୭୦ଧାରା ଉଚ୍ଛେଦକୁ ସମର୍ଥନ କରିବା ସହ ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂର୍ବରୁ ହିଁ ହେବାର ଥିଲା ବୋଲି କହିଛନ୍ତି। ଭାଜପାର ଜନ ସମ୍ପର୍କ ଓ ଜନ ଜାଗରଣ ଯାତ୍ରା ଅଭିଯାନକୁ ମଧ୍ୟ ସେ ସମର୍ଥନ କରିଥିବା ଧର୍ମେନ୍ଦ୍ର କହିଛନ୍ତି। ସୂଚନାଯୋଗ୍ୟ, ଜମ୍ମୁ-କଶ୍ମୀରରେ ଧାରା ୩୭୦ ଓ ୩୫(କ) ଉଚ୍ଛେଦ ପରବର୍ତ୍ତୀ ଲାଭ ସମ୍ପର୍କରେ ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟ ନେଇ ଭାଜପା ପକ୍ଷରୁ ଗତ ୧ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୩୦ ପର୍ଯ୍ୟନ୍ତ ଚାଲିବ।

# ସମୁଦ୍ରରେ ବୁଡ଼ିଗଲା ଭୁଟୁଭୁଟି

## ୩ ମତ୍ସ୍ୟଜୀବୀ ଉଦ୍ଧାର, ଜଣେ ନିଖୋଜ

ବାସୁଦେବପୁର/ପଦ୍ମପୁର/ବାହନଗା, ୧୪।୯ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଚୂଡ଼ାମଣି ଘାଟରୁ ୪ ମତ୍ସ୍ୟଜୀବୀ ଶୁକ୍ରବାର ଭୁଟୁଭୁଟିରେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ମଧ୍ୟରାତ୍ରିରେ ବାଲେଶ୍ୱର ବଳରାମଗଡି ଜେଟି ନିକଟବର୍ତ୍ତୀ ସମୁଦ୍ରରେ ଭୁଟୁଭୁଟି ହଠାତ୍ ବୁଡ଼ିଯାଇଥିଲା। ଫଳରେ ଜଣେ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଥିବା ବେଳେ ୩ ଜଣଙ୍କୁ ସ୍ଥାନୀୟ ଅନ୍ୟ ଏକ ବୋଟ୍ ଉଦ୍ଧାର କରିଛି। ଉଦ୍ଧାର ୩ ମତ୍ସ୍ୟଜୀବୀ ହେଲେ ସୁଦର୍ଶନପୁର ପଞ୍ଚାୟତ ସୁଆଁ ଗ୍ରାମର ଯଦୁ ମଳିକ(୪୫), ବାଦଲ ମଳିକ(୨୫) ଓ ହଣ୍ଟୁର ମଳିକ(୪୦)। ଭିନ୍ନକ୍ଷମ ମତ୍ସ୍ୟଜୀବୀ ସୁଆଁ ଗ୍ରାମର ନାରାୟଣ ମଳିକ(୩୦)ଙ୍କୁ ଉଦ୍ଧାର କରାଯାଇପାରି ନାହିଁ। ଏ ସମ୍ପର୍କରେ ନିଖୋଜ ମତ୍ସ୍ୟଜୀବୀଙ୍କ ପରିବାର ପକ୍ଷରୁ ଚୂଡାମଣି ସାମୁଦ୍ରିକ ଥାନାରେ ଅଭିଯୋଗ ହେବା ପରେ ଶନିବାର ଅପରାହ୍ନରେ ପୋଲିସ ଘଟଣାର ତନାଘନା ଚଳାଇଛି। ଉଦ୍ଧାର ମତ୍ସ୍ୟଜୀବୀଙ୍କ ମଧ୍ୟରୁ ଯଦୁଙ୍କୁ ଅପରାହ୍ନରେ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ଘେରକୁ ଫେରିଥିବା ସୂଚନା ମିଳିଛି।

ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀମାନଙ୍କ କହିବା ଅନୁଯାୟୀ, ସମୁଦ୍ରରେ ବଳରାମଗଡ଼ି ଜେଟି ନିକଟବର୍ତ୍ତୀ ପଞ୍ଚସଖା ତାଳପଦାଠାରେ ଏହି ଦୁର୍ଘଟଣା ଘଟିଥିଲା। ମାଛ ମାରିବାକୁ ଯାଇଥିବା ଅନ୍ୟ ଏକ ବୋଟ୍ ସେମାନଙ୍କୁ ଉଦ୍ଧାରକରି କୂଳକୁ ଆଣିଥିଲା। ଏ ସମ୍ପର୍କରେ ଚୂଡାମଣି ସାମୁଦ୍ରିକ ଥାନା ଆଇଆଇସି ମହମ୍ମଦ ହାଫିଜ୍‌ଙ୍କୁ ପଚାରିବାରୁ ନିଖୋଜ ବ୍ୟକ୍ତିଙ୍କ ଘରକୁ ଯାଇ ତଥ୍ୟ ସଂଗ୍ରହ କରାଯାଇଛି ଓ ଅନୁସନ୍ଧାନ ଜାରି ରହିଛି ବୋଲି କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ରିଏଲ ଇଷ୍ଟେଟ...

୨୩ରେ ବିଦେଶୀ ନିବେଶକଙ୍କ ଉପରେ ଲାଗୁଥିବା ଅତିରିକ୍ତ ସରଚାର୍ଜକୁ ପ୍ରତ୍ୟାହାର କରିନେଇଥିଲେ ଏବଂ ବ୍ୟାଙ୍କଗୁଡ଼ିକୁ ଖୁବଶୀଘ୍ର ୭୦ ହଜାର କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଏହାଛଡ଼ା ଅଟୋ ଶିଳ୍ପରେ ଅଭିବୃଦ୍ଧି ହାସଲ ଲାଗି ୨୦୨୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କିଣାଯାଇଥିବା ବିଏସ୍-୪ ଇଞ୍ଜିନଯୁକ୍ତ ଗାଡ଼ି ରେଜିଷ୍ଟ୍ରେଶନକୁ ଅନୁମତି ଦେଇଥିଲେ। ଏତଦ୍‌ବ୍ୟତୀତ ୱାନ୍ ଟାଇମ୍ ରେଜିଷ୍ଟ୍ରେଶନ ଫିଶ୍ ଦାଖଲ ନିୟମକୁ କୋହଳ କରିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୀତାରାମନ୍ କହିଛନ୍ତି ଯେ, ଟିକସଦାତାଙ୍କ ଉପରେ ସରକାରଙ୍କ ଧ୍ୟାନ ରହିଛି। ଆୟକରରେ ଫେସ୍‌ଲେସ୍ ଆସେସ୍‌ମେଣ୍ଟ ଆରମ୍ଭ ହେବ। ଏଥିଲାଗି ବିଜ୍ଞପ୍ତି ଜାରି ହୋଇଛି। ସାମାନ୍ୟ ତ୍ରୁଟି ପାଇଁ କ୍ଷୁଦ୍ର ଟିକସଦାତାଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ୨୫ ଲକ୍ଷ ଟଙ୍କାରୁ କମ୍ ଟିକସ ବିବାଦ ଉପରେ କଲେଜିୟମ ମଞ୍ଜୁରୀ ନେବା ଜରୁରୀ ବୋଲି ଅର୍ଥମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## ହିନ୍ଦୀକୁ ନେଇ...

ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ। ଅନ୍ୟପକ୍ଷରେ ହିନ୍ଦୀ ଜାତୀୟ ଭାଷା ବୋଲି କେନ୍ଦ୍ର ସରକାର ମିଥ୍ୟା ସୂଚନା ଦେଉଥିବା କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଟୁଇଟ୍ କରିଛନ୍ତି। ଦେଶର ୨୨ ସରକାରୀ ଭାଷା ମଧ୍ୟରୁ ହିନ୍ଦୀ ଗୋଟିଏ ବୋଲି ସେ କହିଛନ୍ତି। ମିଥ୍ୟା ଓ ଭୁଲ୍ ତଥ୍ୟ ଦେଇ କୌଣସି ଭାଷାର ପ୍ରସାର କରାଯାଇପାରିବ ନାହିଁ ବୋଲି ସେ ମତ ଦେଇଛନ୍ତି। ହିନ୍ଦୀ ଦିବସ ଭଳି କନ୍ନଡ ଦିବସ କେବେ ପାଳନ ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣାନ୍ତୁ ବୋଲି ଅନ୍ୟତମ ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ କହିଛନ୍ତି। କନ୍ନଡ ଏକ ସରକାରୀ ଭାଷା ଓ କର୍ଣ୍ଣାଟକ ସଂଘୀୟ ବ୍ୟବସ୍ଥାର ଏକ ଅଂଶ ବୋଲି ସେ ଟୁଇଟ୍ କରିଛନ୍ତି। ସେହିପରି ହିନ୍ଦୀ ପ୍ରତ୍ୟେକ ଭାରତୀୟଙ୍କ ମାତୃଭାଷା ହୋଇପାରିବ ନାହିଁ। ସମ୍ବିଧାନର ଅନୁଚ୍ଛେଦ ୨୯ ପ୍ରତ୍ୟେକ ଭାରତୀୟଙ୍କୁ ନିଜସ୍ୱ ଭାଷା ଓ ସଂସ୍କୃତି ବାଛିବାର ଅଧିକାର ଦେଇଛି। ହିନ୍ଦୀ, ହିନ୍ଦୁ ଓ ହିନ୍ଦୁତ୍ୱଠାରୁ ଭାରତ ବହୁତ ବଡ଼ ବୋଲି ହାଇଦ୍ରାବାଦ ଏମ୍‌ପି ତଥା ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କହିଛନ୍ତି। ଅନୁରୂପ ଭାବେ ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ ମଧ୍ୟ ଏହାକୁ ଜୋରଦାର ବିରୋଧ କରିଛନ୍ତି। ଅଣହିନ୍ଦୀ ଭାଷୀଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ବିବେଚନା କରିବା ଲାଗି ଏହି ନୀତି ଉଦ୍ଦିଷ୍ଟ ବୋଲି ସେ ସମାଲୋଚନା କରିଛନ୍ତି। ଶାହଙ୍କ ଏଭଳି ମନ୍ତବ୍ୟ ଜାତୀୟ ସଂହତି ପ୍ରତି ବିପଜ୍ଜନକ ହୋଇଥିବାରୁ ସେ ତୁରନ୍ତ ତାଙ୍କ ମନ୍ତବ୍ୟ ଫେରାଇନେବାକୁ ଷ୍ଟାଲିନ ଦାବି କରିଛନ୍ତି। ହିନ୍ଦୀକୁ ଜୋର ଜବରଦସ୍ତ ଲଦିଦେବା ପାଇଁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଚଳାଇଥିବା ଉଦ୍ୟମକୁ ଅଣହିନ୍ଦୀଭାଷୀ ରାଜ୍ୟଗୁଡିକ ଦୀର୍ଘଦିନ ହେଲା ବିରୋଧ କରିଆସୁଛନ୍ତି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ଲୋକେ ସବୁ ଭାଷା ଓ ସଂସ୍କୃତିକୁ ସମାନ ଭାବେ ସମ୍ମାନ ଦେବା ଉଚିତ। ତା' ମାନେ ନୁହେଁ ନିଜ ମାତୃଭାଷାକୁ ଜଳାଞ୍ଜଳି ଦେବା। ଆମେ ଅନେକ ଭାଷା ଶିଖିପାରୁ, କିନ୍ତୁ ନିଜ ମାତୃଭାଷାକୁ ଭୁଲିଯିବା ଉଚିତ ନୁହେଁ ବୋଲି ସେ ଟୁଇଟ୍ କରିଛନ୍ତି। ଅମିତ୍ ଶାହଙ୍କ ମନ୍ତବ୍ୟକୁ ସିପିଆଇ ପକ୍ଷରୁ ଦୃଢ଼ବିରୋଧ କରାଯାଇଛି। ଏହା ଦେଶର ସଂଘୀୟ ବ୍ୟବସ୍ଥା ଓ ବିବିଧତା ଉପରେ ଆକ୍ରମଣ। ହିନ୍ଦୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ହିନ୍ଦୁତ୍ୱ ଏଜେଣ୍ଡାର ଅଂଶବିଶେଷ। ସରକାର ଏଭଳି ଉଦ୍ୟମରୁ ଓହରି ଯାଆନ୍ତୁ ବୋଲି ସିପିଆଇ ଦାବି କରିଛି। ପୂର୍ବତନ ଏମ୍‌ପି ତଥାଗତ ସତପଥୀ ମଧ୍ୟ ଏହି ପ୍ରସ୍ତାବକୁ ବିରୋଧ କରିଛନ୍ତି। 'ୱାନ ନେଶନ ୱାନ ଲାଙ୍ଗୁଏଜ୍' ଥିଓରୀ ଦେଶକୁ ଏକାଠି କରିବ ନାହିଁ, ବରଂ ଭାଙ୍ଗିଦେବ। ଏହା ଅଣହିନ୍ଦୀଭାଷୀଙ୍କୁ ଅଣଭାରତୀୟରେ ପରିଣତ କରିବ ବୋଲି ତଥାଗତ ଟୁଇଟ୍ କରିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ ହିନ୍ଦୀ ଭାଷାର ପ୍ରସାର ସପକ୍ଷରେ ମତ ଦେଇଛନ୍ତି। ସୁପ୍ରିମକୋର୍ଟ ଓ ସମସ୍ତ ହାଇକୋର୍ଟରେ ଭାରତୀୟ ଭାଷା ବ୍ୟବହାର ପାଇଁ ସମ୍ବିଧାନ ସଂଶୋଧନ କରାଯିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ୧୯୫୦ରେ ସମ୍ବିଧାନ ପ୍ରଣୟନ ହେଲା ବେଳେ ଇଂଲିଶକୁ ୧୫ ବର୍ଷ ନିମନ୍ତେ ସରକାରୀ ଭାଷା ଭାବେ ବ୍ୟବହାର କରିବାକୁ ପ୍ରସ୍ତାବ ଥିଲା। ହିନ୍ଦୀକୁ ସରକାରୀ ଭାଷା ଭାବେ ଗ୍ରହଣ କରାଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟାଳୟରେ ଇଂଲିଶ ପ୍ରାଧାନ୍ୟ ବଜାୟ ରଖିଆସିଛି ବୋଲି ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ଅଧ୍ୟକ୍ଷ କହିଛନ୍ତି।

## ୫-ଟି ଅନୁସରଣ...

ଥାନା ଅଧିକାରୀଙ୍କ ଏହି ଅବହେଳାକୁ ଗୁରୁତ୍ୱର ସହ ନିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି ଅଧିକାରୀମାନେ ଉତ୍ତମ କାର୍ଯ୍ୟ କରିବେ, ତେବେ ସେମାନଙ୍କୁ ପଦୋନ୍ନତି ଦିଆଯିବ। ପ୍ରତି ମାସରେ ଜିଲାସ୍ତରରେ ୫'ଟିରେ ଭଲ କାର୍ଯ୍ୟ ପାଇଁ 'ମୋ ସରକାର' ପୁରସ୍କାର ଏବଂ ରାଜ୍ୟସ୍ତରରେ ଆନ୍ତଃ ବିଭାଗୀୟ ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ସରକାରୀ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରାଯାଉଛି। ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟ ମାଧ୍ୟମରେ ପୋଲିସ ଦ୍ୱାରା ଅତୀତରେ କରାଯାଇଥିବା ଉଲ୍ଲେଖନୀୟ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସେ କହିଥିଲେ, ମାଓବାଦକୁ ରାଜ୍ୟରେ ଦମନ କରିବା, ପୁରୁଷ ହକି ବିଶ୍ୱକପ୍‌ର ଶୃଙ୍ଖଳାଗତ ପରିଚାଳନା ତଥା ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ପୋଲିସ ଉତ୍ତମ ରୂପେ ନିଜ ଦାୟିତ୍ୱ ସମ୍ପାଦନ କରିଛି। ତେଣୁ 'ମୋ ସରକାର' କାର୍ଯ୍ୟକ୍ରମକୁ ସଫଳତାର ସହ ପୋଲିସ ବିଭାଗ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପ୍ରକାଶ କରିଛନ୍ତି।

ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଥିଲେ ଯେ, ପୋଲିସ ଅଧିକାରୀମାନେ ବୈଷୟିକ ଜ୍ଞାନର ପ୍ରୟୋଗ ଉପରେ ଗୁରୁତ୍ୱ ଦିଅନ୍ତୁ। ସମସ୍ତ କର୍ମଚାରୀଙ୍କ ୫'ଟି ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯିବ ବୋଲି ଅସିତ୍ କହିଥିଲେ। ଏହି କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଅଧିକାରୀମାନଙ୍କୁ ବ୍ୟାପକ ପ୍ରଶିକ୍ଷଣ ଦିଆଯିବ ବୋଲି ପୋଲିସ ମହାନିର୍ଦ୍ଦେଶକ ବି.କେ. ଶର୍ମା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ୫'ଟି ସଚିବ ଭି.କେ. ପାଣ୍ଡିଆନ କହିଥିଲେ ଯେ, 'ମୋ ସରକାର' ୫'ଟି କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସାରା ଦେଶରେ ଏଭଳି କାର୍ଯ୍ୟକ୍ରମ ଗ୍ରହଣ କରିବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ଏଥିରେ ଅଭିଯୋଗକାରୀଙ୍କୁ କୁଆଡ଼େ ଯିବାକୁ ପଡ଼ିବ ନାହିଁ। ପୋଲିସ ଏହାକୁ ଗୁରୁତ୍ୱ ଦେଇ ତୁରନ୍ତ ପଦକ୍ଷେପ ନେବ, ଏହା ହିଁ ପରିବର୍ତ୍ତନ। ଥାନା ଓ ଡାକ୍ତରଖାନାକୁ ଲୋକମାନେ ନିଜ ଦୁଃଖ ଲାଘବ ପାଇଁ ଆସିଥାନ୍ତି। ତେଣୁ 'ମୋ ସରକାର' କାର୍ଯ୍ୟକ୍ରମ ଏହି ୨ ବିଭାଗରୁ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିବା ପାଣ୍ଡିଆନ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସିଏମ୍‌ଓ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ଗୃହ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ପ୍ରମୁଖ ଉପସ୍ଥିତ ଥିଲେ।



ମୋ ସରକାର କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ପଦାଧିକାରୀ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ରଙ୍କ ସୁପ୍ରଭାବରେ ଆପଣଙ୍କ କାମକୁ ସହଜରେ କରିବା ସକାଶେ ଆନୁଷଙ୍ଗିକ ଅନୁକୂଳ ପରିବେଶ ସୃଷ୍ଟି ହେବ। କିନ୍ତୁ କେତେକ କ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଆଜି ଆକସ୍ମିକ ଭାବରେ ଘରକୁ ନୂତନ ବନ୍ଧୁ କେହି ଆସିପାରନ୍ତି। କଚେରି ମାମଲାରେ ପ୍ରତିପକ୍ଷ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ।

**ବୃଷ** ବ୍ୟୟାଧିପ ମଙ୍ଗଳ ଆପଣଙ୍କୁ ଯାନବାହନ କ୍ରୟ, ନିର୍ମାଣ, ଯାନ୍ତ୍ରିକ ଜିନିଷ ସଜାଡିବା କ୍ଷେତ୍ରରେ ଖର୍ଚ୍ଚାନ୍ତ କରାଇପାରେ। ବନ୍ଧୁଙ୍କ ପରାମର୍ଶକୁ ଶ୍ରେୟ ମନେକରି କାମ କରିଚାଲିଲେ କେତେକାଂଶରେ ଉପକୃତ ହୋଇପାରନ୍ତି। କଳା, ସାହିତ୍ୟ ଓ କ୍ରୀଡ଼ା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ ଓ ସମସ୍ୟା ସମାଧାନ ହୋଇଯିବ।

**ମିଥୁନ** ବଳବାନ୍ ବୁଧ ଆପଣଙ୍କୁ ବୌଦ୍ଧିକତା ପ୍ରଦାନ କରି ଶିକ୍ଷା,ପରୀକ୍ଷା, ଉଚ୍ଚପଦାଧିକାରୀ ସହ ଆଲୋଚନା କ୍ଷେତ୍ରରେ ଉନ୍ନତମାନର ଫଳ ପ୍ରଦାନ କରିବେ। କିନ୍ତୁ ମୃଗଶିରା ନକ୍ଷତ୍ର କର୍ମକ୍ଷେତ୍ରରେ ଚାପର ବଶବର୍ତ୍ତୀ ହୋଇ କେତେକ କାମ କରିବାକୁ ବାଧ୍ୟ ହୋଇପାରନ୍ତି। ପଡ଼ୋଶୀମାନେ ଭିନ୍ନ ପ୍ରକାରର କଟୁମନ୍ତବ୍ୟ ପ୍ରଦାନ କରିବାର ସୂଚନା ରହିଛି।

**କର୍କଟ** ଦ୍ୱିତୀୟ ଭାବରେ ରବି ଓ ମଙ୍ଗଳ ଆପଣଙ୍କ ବ୍ୟବହାରକୁ କଠୋର କରିଦେବା କାରଣରୁ ସମସ୍ୟାର ଆଶଙ୍କା ରହିଛି। ଏଣେ ସନ୍ତାନଙ୍କ ବୈବାହିକ ସମସ୍ୟା କିମ୍ବା ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିଯାଇପାରେ । ଦୀର୍ଘଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ପାଇବା ପାଇଁ ବ୍ୟାକୁଳତା ବଢ଼ିପାରେ ।

**ସିଂହ** ଦୈହିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ରହିଥିଲେ ମଧ୍ୟ ଅଷ୍ଟମସ୍ଥ ଚନ୍ଦ୍ର ମାନସିକ ଅସ୍ଥିରତା ସୃଷ୍ଟିକରିବ। ଅବ୍ୟ ବ୍ୟୟାଧିପ ଅଷ୍ଟମଭାବରେ ବିପରୀତ ରାଜଯୋଗ ସୃଷ୍ଟି କରି ସମସ୍ୟାର ଅନ୍ତରାଳେ କାର୍ଯ୍ୟସିଦ୍ଧି ପ୍ରଦାନ କରିବ। ସାମାଜିକ ସ୍ତରରେ ନୀତିଗତ କାମରୁ ପ୍ରଶଂସିତ ହେବେ। ମାତ୍ର ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ।

**କନ୍ୟା** ଚତୁର୍ଥକେନ୍ଦ୍ରସ୍ଥ ଶନିଙ୍କ ପ୍ରଭାବରୁ କେତେକ ଅନିଚ୍ଛାକୃତ କାରଣବଶତଃ ପରିସ୍ଥିତି ବିଗିଡ଼ିଯାଇ ପାରେ। ବାରମ୍ବାର ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା କ୍ରମଶଃ ହ୍ରାସ ପାଇଯିବ। ପାରିବାରିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ବାଧ ହେବେ। ନିଜର ଅବହେଳା ହେତୁ ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହୋଇପାରେ ।

**ତୁଳା** ଚନ୍ଦ୍ରଙ୍କ ପ୍ରତି ଶୁକ୍ରଙ୍କ ଦୃଷ୍ଟି ଆପଣଙ୍କୁ ବିଳାସବ୍ୟସନ ଦିଗକୁ ଆକର୍ଷିତ କରିପାରେ। ଅନ୍ୟମାନେ ନିଜର ସୁବିଧା ଅନୁଯାୟୀ କାମ କରି ଆପଣଙ୍କ ପାଇଁ ସମସ୍ୟାର କାରଣ ସାଜି ପାରନ୍ତି। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ସଭାସମିତିରେ ଯୁକ୍ତି ଯୁକ୍ତ କଥା କହି ପ୍ରଶଂସିତ ହେବେ।

**ବିଛା** ବିଭିନ୍ନ ସମସ୍ୟା ମଧ୍ୟରେ ଗତିକରି ମନରେ ବିଭିନ୍ନ ପ୍ରକାରର ଚିନ୍ତା ସୃଷ୍ଟି ହେବ। ଅବଶ୍ୟ ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ନିକଟ ସମ୍ପର୍କୀୟ ମାନଙ୍କ ଅବଦାନକୁ ଭୁଲି ପାରିବେ ନାହିଁ। ନିଜ ଖର୍ଚ୍ଚରେ ମୂଲ୍ୟବାନ କ୍ରୟ କରିବାରେ ଖୁସି ହେବେ। ରାଜନୈତିକ ସ୍ତରରେ ନେତୃ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି।

**ଧନୁ** ପରିବାରରେ ପାରସ୍ପରିକ ସାହାଯ୍ୟ, ସହଯୋଗ ଓ ସଦିଚ୍ଛା ଲାଭ କରି ଖୁସି ରହିବେ। ଅଫିସରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରୁହନ୍ତୁ, ନଚେତ୍ ଅଯଥା ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ରହିଛି। ବିବାଦୀୟ ପରିସ୍ଥିତିରେ ଉପସ୍ଥିତ ବୁଦ୍ଧି ଖଟାଇ କାର୍ଯ୍ୟସାଧନ କରିବେ। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ମକର** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ହାସଲ କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଅପରାହ୍ନେ ଆଶା କରୁଥିବା ଜିନିଷଟି ପାଇ ଖୁସି ହୋଇଯିବେ।

**କୁମ୍ଭ** ଆଜିର କର୍ମକ୍ଷେତ୍ରରେ ମଧ୍ୟ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନାହିଁ। ବିଭିନ୍ନ ଅସୁବିଧାରେ ବୁଡ଼ି ରହିଥିବା ସମୟରେ ନିଜ ଲୋକମାନେ ଦାଉ ସାଧିବେ। ସହକର୍ମୀମାନଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହାକି ନିଜ ପାଇଁ କ୍ଷତିର କାରଣ ହୋଇପାରେ। ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ** ସାମାଜିକ ସ୍ତରରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିବେ। ଆନୁଷ୍ଠାନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ହେତୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ବନ୍ଧୁମିଳନ ସାଙ୍ଗକୁ ଦୂରଯାତ୍ରାର ସୁଯୋଗ ପାଇପାରନ୍ତି । ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ।

ଆଜି ଆଶ୍ୱିନ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ରବିବାର, ସେପ୍ଟେମ୍ବର ୧୫ ତାରିଖ, ଅଭିଯନ୍ତ(ଇଞ୍ଜିନିୟର୍ସ)ଦିବସ, ରାଶିନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଦ୍ୱିତୀୟାର ଶ୍ରାଦ୍ଧ, ସକାଳ ଘ୬।୫୫ମି. ମଧ୍ୟେ ଘ୫।୦୦ମି. ଗତେ, ଘ୬।୨୦ମି. ମଧ୍ୟେ ଅମୃତବେଳା। ଦିବା ଘ୮।୩୨ମି. ଗତେ ଘ୧୦।୦୯ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୪।୧୫ମି. ଗତେ ଘ୫।୪୬ମି. ମଧ୍ୟେ ରାହୁକାଳ।



ମହାରାଷ୍ଟ୍ର ଏନ୍‌ସିପିର ସତାରା ସାଂସଦ ଉଦୟନ୍‌ରାଜେ ଭୋସଲେ ଶନିବାର ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ଅଧ୍ୟକ୍ଷ ଅମିତ ଶାହ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କ ଉପସ୍ଥିତିରେ ସେ ଯୋଗଦେଇ ଆଗାମୀ ବିଧାନସଭା ନିର୍ବାଚନରେ ଦଳ ଦୁଇ-ତୃତିୟାଂଶ ସିଟ୍ ଦଖଲ କରିବ ବୋଲି କହିଛନ୍ତି। ମୋଦିଙ୍କ ନୀତି ଆଦର୍ଶ ତାଙ୍କୁ ପ୍ରଭାବତ କରିଥିବା ଉଦୟନ୍‌ରାଜେ ପ୍ରକାଶ କରିଛନ୍ତି।

## ଅନ୍‌ଲାଇନରେ ଏନ୍‌ଆର୍‌ସି ଆବେଦନକାରୀଙ୍କ ନାମ

# ଅଟକ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଜୋରଦାର

ଗୁଆହାଟୀ,୧୪।୯(ପି.ଟି.)

ଆସାମ ପାଇଁ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ର ସମ୍ପୂର୍ଣ୍ଣ ତାଲିକା ଶନିବାର ଅନ୍‌ଲାଇନରେ ପ୍ରକାଶ ପାଇଛି। ଚୂଡାନ୍ତ ତାଲିକାରେ ଥିବା ବ୍ୟକ୍ତିଙ୍କ ସମେତ ବାଦ୍ ପଡିଥିବା ବ୍ୟକ୍ତିଙ୍କୁ ମିଶାଇ ସମସ୍ତ ୩.୩୦ କୋଟି ଆବେଦନକାରୀଙ୍କ ନାଁ ରହିଛି। କେବଳ ଅନ୍‌ଲାଇନରେ ଉପଲବ୍ଧ ଏହି ତାଲିକା ଉଭୟ ଇଂଲିଶ ଓ ଅସମିୟା ଭାଷାରେ ପ୍ରକାଶ ପାଇଛି। ଯେଉଁମାନେ ବାଦ୍ ପଡିଛନ୍ତି ସେମାନେ ଫରେନର୍ସ ଟ୍ରିବ୍ୟୁନାଲରେ ଆବେଦନ କରିପାରିବେ। ତେବେ ଏଥିପାଇଁ ଆବଶ୍ୟକ ସାର୍ଟିଫିକେଟ ଏପର୍ଯ୍ୟନ୍ତ ଇସ୍ୟୁ କରାଯାଇନାହିଁ। ସେପଟେ ବାଦ୍ ପଡିଥିବା ଲୋକଙ୍କୁ ରଖିବା ପାଇଁ ଅଟକ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଜୋରଦାରରେ ଚାଲିଛି। ଏଥିପାଇଁ ୧୫ଟି ବିଲ୍ଡିଂ ସମେତ ସ୍କୁଲ୍ ଓ ହସ୍ପିଟାଲ ଗୋଆଲପଡ଼ା ଜିଲାର ପଶ୍ଚିମ ମାଟିଆ ଅଞ୍ଚଳରେ ନିର୍ମାଣ ହେଉଛି। ନିର୍ମାଣ କାର୍ଯ୍ୟ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବା ଆଶା କରାଯାଉଛି।



ଜଣେ ବୟସ୍କ ବ୍ୟକ୍ତି ଅନ୍‌ଲାଇନରେ ଏନ୍‌ଆର୍‌ସି ତାଲିକା ଦେଖୁଛନ୍ତି।



ଗୋଆଲପଡ଼ା ଜିଲାର ପଶ୍ଚିମ ମାଟିଆ ଅଞ୍ଚଳରେ ନିର୍ମାଣାଧୀନ ଡିଟେନ୍‌ଶନ ସେଣ୍ଟର।

ଏନ୍‌ଆର୍‌ସି ଚୂଡାନ୍ତ ତାଲିକାରୁ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାଦ୍ ପଡିଥିବାବେଳେ ସେମାନଙ୍କୁ ଟ୍ରିବ୍ୟୁନାଲ ଓ କୋର୍ଟର ଆଶ୍ରୟ ନେବା ପାଇଁ ୧୨୦ ଦିନ ସମୟ ଦିଆଯାଇଛି। ଏହା ସତ୍ତ୍ୱେ ନିଜକୁ ତାଲିକାରେ ସାମିଲ କରିବାରେ ବିଫଳ ହେଲେ ସେମାନଙ୍କୁ ବିଦେଶୀ ଘୋଷଣା କରାଯିବ। ଦେଶ ଛାଡ଼ିବା ପର୍ଯ୍ୟନ୍ତ ସେମାନଙ୍କୁ ଉକ୍ତ ଅଟକ କେନ୍ଦ୍ରରେ ରଖାଯିବ। ୪୬ କୋଟି ଟଙ୍କାରେ

### ଆସାମରୁ ୧୦ ହଜାର ଯବାନ ପ୍ରତ୍ୟାହୃତ

ନିର୍ମିତ ହେଉଥିବା ଅଟକ କେନ୍ଦ୍ରରେ ୧୫ଟି ଚାରିମହଲା ବିଶିଷ୍ଟ ବିଲ୍ଡିଂ ରହିଛି ଯେଉଁଥିରୁ ୨ଟି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ।

ଅଗଷ୍ଟ ୩୧ରେ ଏନ୍‌ଆର୍‌ସି ତାଲିକା ପ୍ରକାଶ ପାଇବା ପୂର୍ବରୁ ହିଂସାକାଣ୍ଡ ସୃଷ୍ଟି ହେବା ଆଶଙ୍କାରେ ଆସାମରେ ୧୦ ହଜାର ଅର୍ଦ୍ଧସାମରିକ ଯବାନଙ୍କୁ ମୁତୟନ କରାଯାଇଥିଲା। ସରକାର ସେମାନଙ୍କୁ ଶନିବାର ପ୍ରତ୍ୟାହାର କରିନେଇଛନ୍ତି। ଏନ୍‌ଆର୍‌ସି ପ୍ରକାଶ ପାଇବା ପରଠାରୁ କୌଣସି ହିଂସାକାଣ୍ଡ ଘଟି ନ ଥିବାରୁ ସେନା ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ଯେଉଁମାନେ ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡିଛନ୍ତି ସେମାନଙ୍କୁ ବିଭିନ୍ନ ଏନ୍‌ଆର୍‌ସି ସେବା କେନ୍ଦ୍ରରୁ ଏକ୍ସକ୍ଲୁଶନ୍ ସାର୍ଟିଫିକେଟ ସଂଗ୍ରହ କରିବାକୁ କୁହାଯାଇଛି। ସେମାନେ ଯେତେଶୀଘ୍ର ସାର୍ଟିଫିକେଟ ସଂଗ୍ରହ କରିବେ ସେତେଶୀଘ୍ର ଟ୍ରିବ୍ୟୁନାଲରେ ଆବେଦନ କରିପାରିବେ ବୋଲି ଜଣେ ଅଧିକାରୀ କହିଛନ୍ତି।

ସୁପ୍ରିମକୋର୍ଟଙ୍କ ୨୦୧୩ ନିର୍ଦ୍ଦେଶନାମା ପରେ ଆସାମରେ ଏନ୍‌ଆର୍‌ସି ସଂଶୋଧନ କାର୍ଯ୍ୟ ଆରମ୍ଭ ହୋଇଥିଲା। ସମୁଦାୟ ପ୍ରକ୍ରିୟା ଉପରେ ସର୍ବୋଚ୍ଚ ଅଦାଲତ ନଜର ରଖିଥିଲେ। ୨୦୧୫ ମେ୍‌ରୁ ଆବେଦନପତ୍ର ଗ୍ରହଣ ଆରମ୍ଭ ହୋଇ ଅଗଷ୍ଟ ୩୧ ପଯ୍ରନ୍ତ ଚାଲିଥିଲା। ମୋଟ ୩ କୋଟି ୩୦ ଲକ୍ଷ ୨୭ ହଜାର ୬୬୧ ଜଣ ଆବେଦନ କରିଥିବାବେଳେ ସେମାନଙ୍କ ନାଗରିକ ଯୋଗ୍ୟତା ଯାଞ୍ଚ କରାଯାଇଥିଲା।

## ସୌଦି ତୈଳ ପ୍ଲାଣ୍ଟରେ ଡ୍ରୋନ୍ ଆକ୍ରମଣ



ଦୁବାଇ,୧୪।୯

### ୟେମେନ ବିଦ୍ରୋହୀ ନିଜକୁ ଦାୟୀ କଲେ

ସୌଦି ଆରବରେ ଥିବା ବିଶ୍ୱର ସର୍ବବୃହତ୍ ତୈଳ ପ୍ରକ୍ରିୟାକରଣ ପ୍ଲାଣ୍ଟ ଏବଂ ତୈଳକ୍ଷେତ୍ର ଉପରେ ଶନିବାର ଡ୍ରୋନ୍ ଆକ୍ରମଣ ହୋଇଛି। ଫଳରେ ବିଶ୍ୱକୁ ଇନ୍ଧନ ଯୋଗାଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରୋସେସରରେ ବ୍ୟାପକ ଅଗ୍ନିକାଣ୍ଡ ଘଟିଛି। ଆବକିକ୍ ଓ ଖୁରାଇସରେ ହୋଇଥିବା ଏହି ଆକ୍ରମଣ ପାଇଁ ୟେମେନ୍‌ର ହୁଥି ବିଦ୍ରୋହୀ ନିଜକୁ ଦାୟୀ କରିଛନ୍ତି। ଏମାନେ ପୂର୍ବରୁ ସୌଦିରେ ଏଭଳି ଆକ୍ରମଣ କରିଥିଲେ। ଆକ୍ରମଣ ଯୋଗୁ କେହି ମୃତାହତ ହୋଇଛନ୍ତି କି ନାହିଁ ଏବଂ ତୈଳ ଉତ୍ପାଦନ ବାଧାପ୍ରାପ୍ତ ହେବା ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଆଣବିକ ଚୁକ୍ତିନାମାକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ବିବାଦ ଯୋଗୁ ପାରସ୍ୟ ଉପସାଗରରେ ଉତ୍ତେଜନା ଲାଗି ରହିଥିବାବେଳେ ଶନିବାରର ଡ୍ରୋନ ଆକ୍ରମଣ ଏହାକୁ ଆହୁରି ବଢ଼ାଇବ ବୋଲି କୁହାଯାଉଛି।

ବିଦ୍ରୋହୀମାନେ ଦୁଇ ତୈଳ ପ୍ରକଳ୍ପକୁ ଲକ୍ଷ୍ୟ କରି ୧୦ଟି ଡ୍ରୋନରେ ଆକ୍ରମଣ କରିଥିଲେ। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ସୌଦି ଆରାମକୋ ପରିଚାଳିତ ଦୁଇ ପ୍ଲାଣ୍ଟରେ ଅଗ୍ନିକାଣ୍ଡ ଫଳରେ ପ୍ରବଳ ଧୂଆଁ ଉଠୁଥିବା ଦେଖାଯାଇଛି। ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରାଯାଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତେବେ ଡ୍ରୋନ୍ କେଉଁଠୁ ଆସିଲା ତାହା ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳକୁ କାହାକୁ ଛଡ଼ାଯାଉ ନ ଥିବାରୁ କ୍ଷୟକ୍ଷତିର ସ୍ପଷ୍ଟ ଚିତ୍ର ମଧ୍ୟ ମିଳିନାହିଁ। ସେଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗତ ମାସରେ ହୁଥି ବିଦ୍ରୋହୀ ସୀମା ଆରପଟୁ ଡ୍ରୋନ ଓ ମିସାଇଲରେ ଆକ୍ରମଣ କରିଥିଲେ।

## ଓସାମାଙ୍କ ପୁଅ ହମ୍‌ଜା ନିହତ

ୱାଶିଂଟନ,୧୪।୯



### ଟ୍ରମ୍ପ ସ୍ପଷ୍ଟ କଲେ

ଅଲ୍-କାଏଦାର ପ୍ରତିଷ୍ଠାତା ଓସାମା ବିନ ଲାଡେନଙ୍କ ପୁଅ ହମ୍‌ଜା ନିହତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ସ୍ପଷ୍ଟ କରିଛନ୍ତି। ପାକ୍-ଆଫଗାନିସ୍ତାନ ସୀମାରେ ଆତଙ୍କବାଦ ନିରୋଧୀ ଅଭିଯାନ ବେଳେ ହମ୍‌ଜା ନିହତ ହୋଇଥିଲେ। ଫଳରେ ଅଲ୍ କାଏଦା ଜଣେ ଗୁରୁତ୍ୱପୂର୍ଣ୍ଣ ନେତାଙ୍କୁ ହରାଇଛି ବୋଲି ହ୍ୱାଇଟ୍ ହାଉସ ପକ୍ଷରୁ କୁହାଯାଇଛି। ହାମ୍‌ଜା ବିନ୍ ଲାଡେନ ନିହତ ହୋଇଥିବା ନେଇ ଗୋଇନ୍ଦା ଅଧିକାରୀଙ୍କ ସୂଚନାକ୍ରମେ ଅଗଷ୍ଟରେ ଆମେରିକା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ଦୁଇବର୍ଷ ପୂର୍ବେ ଆମେରିକାର ଆତଙ୍କ ନିରୋଧୀ କାର୍ଯ୍ୟାନୁଷ୍ଠାନରେ ହମ୍‌ଜା ମରିଥିବା ନେଇ ପରରାଷ୍ଟ୍ର ସଚିବ ମାର୍କ ଏସ୍‌ପର ମଧ୍ୟ ଗତମାସରେ ସୂଚନା ଦେଇଥିଲେ। ହମ୍‌ଜା ହେଉଛନ୍ତି ଓସାମାଙ୍କ ତୃତୀୟ ସ୍ତ୍ରୀଙ୍କ ପୁଅ।

## ୨ ସଂସଦୀୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦରୁ କଂଗ୍ରେସ ନେତା ବାଦ୍

ନୂଆଦିଲ୍ଲୀ,୧୪।୯(ପି.ଟି.)

ଦୁଇ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ଷ୍ଟାଣ୍ଡିଂ କମିଟିରୁ କଂଗ୍ରେସ ନେତାଙ୍କୁ ବାଦ୍ ଦିଆଯାଇ ସେମାନଙ୍କ ସ୍ଥାନରେ ଭାଜପା ଏମ୍‌ପିଙ୍କୁ ନିଆଯାଇଛି। ପୂର୍ବରୁ ଅର୍ଥ ଓ ବହିର୍ବ୍ୟାପାର ଷ୍ଟାଣ୍ଡିଂ କମିଟିର ମୁଖ୍ୟ କଂଗ୍ରେସ ଏମ୍‌ପି ରହିଆସିଥିଲେ। ସପ୍ତଦଶ ଲୋକ ସଭା ପାଇଁ ଗଠିତ ଆର୍ଥିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ ଭାଜପା ଏମ୍‌ପି ଜୟନ୍ତ ସିହ୍ନାଙ୍କୁ ରଖାଯାଇଥିବା ବେଳେ ବହିର୍ବ୍ୟାପାର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ହୋଇଛନ୍ତି ପି.ପି. ଚୌଧୁରୀ। ଲୋକ ସଭା ସଚିବାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପୂର୍ବ ଲୋକ ସଭାରେ କଂଗ୍ରେସ ନେତା ବୀରାପ୍ପା ମୋଇଲି ଓ ଶଶୀ ଥରୁର ଯଥାକ୍ରମେ ଅର୍ଥ ଓ ବହିର୍ବ୍ୟାପାର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଥିଲେ। ଏଥର ଥରୁରଙ୍କୁ ସୂଚନା ପ୍ରଯୁକ୍ତି ଷ୍ଟାଣ୍ଡିଂ କମିଟି ମୁଖ୍ୟ କରାଯାଇଥିବାବେଳେ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ପ୍ରତିରକ୍ଷା ଷ୍ଟାଣ୍ଡିଂ କମିଟି ସଦସ୍ୟ ଭାବେ ନିଆଯାଇଛି। ଏହି କମିଟିର ଅଧ୍ୟକ୍ଷ ଅଛନ୍ତି ଜୁଏଲ୍ ଓରାମ। ଟିଏମ୍‌ସିର ଡେରେକ୍ ଓ' ବ୍ରାଏନ୍‌ଙ୍କୁ ପରିବହନ, ପର୍ଯ୍ୟଟନ, ସଂସ୍କୃତି କମିଟିର ଅଧ୍ୟକ୍ଷ ପଦରୁ ହଟାଯାଇ ତାଙ୍କ ସ୍ଥାନରେ ନିକଟରେ ଭାଜପାରେ ଯୋଗଦେଇଥିବା ପୂର୍ବତନ ଟିଡିପି ନେତା ଟି.ଜି. ଭେଙ୍କଟେଶଙ୍କୁ ନିଆଯାଇଛି।



ଜୟନ୍ତ ସିହ୍ନା



ପି.ପି. ଚୌଧୁରୀ

## ପେନ୍ ଡ୍ରାଇଭ୍‌ରେ ପ୍ରମାଣ ଦେଲେ ଛାତ୍ରୀ

### ଚିନ୍ମୟାନନ୍ଦ ମାମଲା

ଶାହଜାହାନ୍‌ପୁର, ୧୪।୯(ପି.ଟି.) : ଆଇନ ଛାତ୍ରୀ ବଳାତ୍କାର ମାମଲାରେ ଫସିଥିବା ଉତ୍ତରପ୍ରଦେଶର ଭାଜପା ନେତା ଚିନ୍ମୟାନନ୍ଦଙ୍କ ଅଡୁଆ ବଢିବାରେ ଲାଗିଛି। ଶନିବାର ଅଭିଯୋଗକାରିଣୀ ଛାତ୍ରୀ ଏସ୍‌ଆଇଟି(ସ୍ୱତନ୍ତ୍ର ତଦନ୍ତକାରୀ ଦଳ) ସମ୍ମୁଖରେ ପ୍ରମାଣ ସଦୃଶ ପେନ୍ ଡ୍ରାଇଭ୍ ପ୍ରଦାନ କରିଛନ୍ତି। ପେନ୍ ଡ୍ରାଇଭ୍‌ରେ ଥିବା ୪୩ ଭିଡିଓ ଭାଜପା ନେତାଙ୍କୁ ବଳାତ୍କାରୀ ସଜାଇବାର ପ୍ରମାଣ ଦେବ ବୋଲି ସେ ଦାବି କରିଛନ୍ତି। ଦିଆଯାଇଥିବା ତଥ୍ୟ ଚିନ୍ମୟାନନ୍ଦଙ୍କ ବେଡ୍‌ରୁମ୍‌ର ବୋଲି କୁହାଯାଇଛି। ପୂର୍ବରୁ ପ୍ରମାଣ ଦେବା ଲାଗି ଏସ୍‌ଆଇଟି ଉକ୍ତ ଆଇନ ଛାତ୍ରୀଙ୍କୁ କହିଥିଲେ। ପ୍ରମାଣ ଦେବା ପରେ ଛାତ୍ରୀଙ୍କୁ ଅନ୍ୟ କେତେକ ଅଭିଯୋଗ ସମ୍ପର୍କରେ ଏସ୍‌ଆଇଟି ପକ୍ଷରୁ ଶନିବାର ପଚରାଉଚରା କରାଯାଇଛି। ଚିନ୍ମୟାନନ୍ଦଙ୍କ ଅନୁଷ୍ଠାନ କେତେକ କଲେଜ ପ୍ରତିଷ୍ଠା କରି ଅନ୍ତେବାସୀଙ୍କୁ ସେଠାରେ ନିର୍ଯାତନା ଦେଇଆସୁଥିବା ଅଭିଯୋଗ ହୋଇଛି। ଆଇନ ଛାତ୍ରୀ ବଳାତ୍କାର ମାମଲାରେ ଚିନ୍ମୟାନନ୍ଦଙ୍କୁ ପୂର୍ବରୁ ୭ ଘଣ୍ଟା ଜେରା କରାଯାଇଥିଲା। ପରେ ଆଇନ ଛାତ୍ରୀଙ୍କୁ ଚିନ୍ମୟାନନ୍ଦଙ୍କ ଘରକୁ ଅଣାଯାଇ ପ୍ରମାଣ ସଂଗ୍ରହ କରାଯାଇଥିଲା। ପ୍ରକାଶଥାଉ କି, ଏହି ସ୍ୱର୍ଶକାତର ମାମଲାର ତଦନ୍ତ ଲାଗି ସୁପ୍ରିମକୋର୍ଟ ଏସ୍‌ଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



## ଜେନେଭାରେ ବାଲୋଚ୍ କର୍ମୀଙ୍କ ପାକ୍ ବିରୋଧୀ ପୋଷ୍ଟର ଅଭିଯାନ

ଜେନେଭା,୧୪।୯(ପି.ଟି.)

ପାକିସ୍ତାନ ସରକାର ବେଲୁଚିସ୍ତାନ ଜନସାଧାରଣଙ୍କ ଅଧିକାରର ଉଲ୍ଲଂଘନ କରୁଥିବା ନେଇ ସେଠାର ମାନବାଧିକାର କର୍ମୀମାନେ ଜେନେଭାରେ ପୋଷ୍ଟର ଅଭିଯାନ କରିଛନ୍ତି। ଜେନେଭାରେ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି)ର ୪୨ତମ ଅଧିବେଶନ ଚାଲିଥିବାବେଳେ ସେଠାର ବ୍ରୋକନ୍ ଚେୟାରଠାରେ 'ବେଲୁଚିସ୍ତାନରେ ନରହତ୍ୟା ବନ୍ଦ କର' ଲେଖାଥିବା ପୋଷ୍ଟର ବାଲୋଚ୍ ମାନବାଧିକାର ପରିଷଦ (ବିଏଚ୍‌ଆର୍‌ସି) ପକ୍ଷରୁ ଲଗାଯାଇଛି।

ବେଲୁଚିସ୍ତାନ ହେଉଛି ପାକିସ୍ତାନର ସର୍ବାଧିକ ଅବହେଳିତ ଅଞ୍ଚଳ। ଏହି ଅଞ୍ଚଳ ଦେଇ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ପ୍ରକଳ୍ପ ଯାଉଥିବାରୁ ସେଠାର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଉକ୍ତ ଅଞ୍ଚଳର ବିକାଶରେ ସହାୟକ ହେବ ବୋଲି ଇସ୍‌ଲାମାବାଦ ପକ୍ଷରୁ କୁହାଯାଉଛି। ତେବେ ସରକାର ଉକ୍ତ ଅଞ୍ଚଳରେ ଦମନଲୀଳା ଚଳାଇଥିବା ଅଭିଯୋଗ ହୋଇଛି। ସରକାରୀ ଅଧିକାରୀ ଓ ସୁରକ୍ଷାବଳର ଅତ୍ୟାଚାରରେ ଅନେକେ ଉକ୍ତ ଅଞ୍ଚଳ ଛାଡ଼ି ପଳାଇଲେଣି। ସେଠାରେ ବହୁ ଲୋକଙ୍କୁ ହତ୍ୟା କରାଯିବା ସହ ନିଖୋଜଙ୍କ ସଂଖ୍ୟା ମହାମାରି ଭଳି ବଢ଼ିଚାଲିଛି। ପାକିସ୍ତାନୀ ସେନା ସେଠାରେ ଚାଇନା ଲୋକଙ୍କୁ ଥଇଥାନ କରିବା ପାଇଁ ଗାଁ ଜାଳିଦେଉଛନ୍ତି। ଯେଉଁମାନେ ଘରଦ୍ୱାର ହରାଉଛନ୍ତି ସେମାନେ ପାକ୍ ସେନା କ୍ୟାମ୍ପ ନିକଟରେ ପ୍ରତିକୂଳ ପରିସ୍ଥିତିରେ ରହିବାକୁ ବାଧ ହେଉଛନ୍ତି ଓ ସେନା ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି। ଅଧିକୃତ ବେଲୁଚିସ୍ତାନରେ ଅନେକ ଗଣକବରସ୍ଥାନ ଥିବା ପୋଷ୍ଟର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରାଯାଇଛି। ପାକ୍ ସେନା ହଜାର ହଜାର ବାଲୋଚ୍ ଲୋକଙ୍କୁ ହତ୍ୟାକରି ଉକ୍ତ କବରସ୍ଥଳରେ ସମାଧି ଦେଇଥିବା ବିଏଚ୍‌ଆର୍‌ସି ପକ୍ଷରୁ କୁହାଯାଇଛି।

### ଇତିହାସର ଆଇନାରେ

**ସେପ୍ଟେମ୍ବର ୧୫ର ପ୍ରମୁଖ ଘଟଣା**

୧୯୭୪ ସେପ୍ଟେମ୍ବର ୧୫ରେ ଭିଏତ୍‌ନାମର ଏକ ବିମାନ ଦକ୍ଷିଣର ଫ୍ୟାନ୍ ର୍‍ୟାଙ୍ଗ୍ ଏୟାର ବେସ୍ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ୭୬ ଜଣ ଯାତ୍ରୀ ଥିଲେ। ବିମାନଟିକୁ ଅପହରଣ କରାଯାଇ ଏଭଳି ଦୁର୍ଘଟଣା କରାଯାଇଥିବା କୁହାଯାଉଛି।

୧୯୪୭ ମସିହା ସେପ୍ଟେମ୍ବର ୧୫ରେ ଜାପାନର କାଣ୍ଟୋ ଅଞ୍ଚଳରେ ଝଡ଼ବାତ୍ୟା 'କ୍ୟାଥ୍‌ଲିନ୍'ର ତାଣ୍ଡବ ଦେଖିବାକୁ ମିଳିଥିଲା। ଏଥିରେ ପ୍ରାୟ ୧,୦୭୬ ଲୋକଙ୍କ ପ୍ରାଣହାନି ଘଟିଥିଲା। ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ଝଡ଼ବାତ୍ୟାରେ ଆହତ ଓ ନିଖୋଜ ମଧ୍ୟ ହୋଇଥିଲେ। ଅନେକ ଘରଦ୍ୱାରା ଭାଙ୍ଗି ଧ୍ୱଂସ ପାଇଯାଇଥିଲା।




## ସମର୍ଥନ ଜୁଟାଇବାରେ ପାକ୍ ବିଫଳ

ଜାତିସଂଘ,୧୪।୯

### କଶ୍ମୀର ପ୍ରସଙ୍ଗ

କଶ୍ମୀର ପ୍ରସଙ୍ଗରେ ଅନ୍ତର୍ଜାତୀୟ ହସ୍ତକ୍ଷେପ ପାଇଁ ଜୋରଦାର ଉଦ୍ୟମ ଚଳାଇଥିବା ପାକିସ୍ତାନ ଗୋଟିଏ ପରେ ଗୋଟିଏ ଫୋରମରେ ବିଫଳ ହେବାରେ ଲାଗିଛି। ଏହାକୁ ନେଇ ଭାରତ ଇସ୍‌ଲାମାବାଦକୁ ତୀବ୍ର ସମାଲୋଚନା କରିଛି। ଜାତିସଂଘ ସୁରକ୍ଷା ପରିଷଦ ଓ ମାନବାଧିକାର ପରିଷଦରେ ବିଫଳ ହେବା ପରେ ପାକିସ୍ତାନ କଶ୍ମୀର ପ୍ରସଙ୍ଗକୁ ଜାତିସଂଘ ସାଧାରଣ ପରିଷଦରେ ଉଠାଇବା ପାଇଁ ଉଦ୍ୟମ କରୁଛି। ଆତଙ୍କବାଦର କେନ୍ଦ୍ର ସାଜିଥିବା ପାକିସ୍ତାନ ଭିତ୍ତିହୀନ ଓ ଛଳନାପୂର୍ଣ୍ଣ ବିବରଣୀର ପ୍ରସାର ପାଇଁ ଜାତିସଂଘ ଫୋରମ୍‌ର ଅପବ୍ୟବହାର କରୁଥିବା ଭାରତ ଅଭିଯୋଗ କରିଛି।

ଜାତିସଂଘରେ ପାକିସ୍ତାନ ପ୍ରତିନିଧି ମଲିହା ଲୋଧି ଶୁକ୍ରବାର ସାଧାରଣ ପରିଷଦ ଅଧିବେଶନରେ କଶ୍ମୀର ପ୍ରସଙ୍ଗ ଉଠାଇଥିଲେ। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଭାରତ ସରକାର ଅଗଷ୍ଟ ୫ରେ ଉଚ୍ଛେଦ କରିବା ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି। ଭାରତର ଏହି କାର୍ଯ୍ୟ ଜାତିସଂଘ ସୁରକ୍ଷା ପରିଷଦ ଏକାଧିକ ସଂକଳ୍ପର ଖୋଲା ଉଲ୍ଲଂଘନ ବୋଲି ଲୋଧି କହିଥିଲେ। ଉପତ୍ୟକାରୁ ତୁରନ୍ତ କଟକଣା ହଟାଇବା ସହ ଯୋଗାଯୋଗ ବ୍ୟବସ୍ଥା ପୁନଃସଂସ୍ଥାପିତ କରିବା ଓ ଗୃହବନ୍ଦୀ ଥିବା ନେତାମାନଙ୍କୁ ମୁକ୍ତ କରିବା ପାଇଁ ଜାତିସଂଘ ସୁରକ୍ଷା ପରିଷଦ ଭାରତ ଉପରେ ଚାପ ପକାଉ ବୋଲି ସେ ଦାବି କରିଥିଲେ। ଅନ୍ୟପକ୍ଷରେ ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟ ସନ୍ଦୀପ୍ କୁମାର ବାୟାପୁ ପାକିସ୍ତାନକୁ କଡ଼ା ସମାଲୋଚନା କରିଥିଲେ। ଇସ୍‌ଲାମାବାଦ ଭାରତ ବିରୋଧରେ ମିଥ୍ୟା ଓ ଭିତ୍ତିହୀନ ପ୍ରଚାର ଚଳାଇଥିବା ସେ କହିଥିଲେ। ପାକିସ୍ତାନ ଆତଙ୍କବାଦର କେନ୍ଦ୍ର ଏହା ପ୍ରକୃତ ସତ୍ୟ ଯାହା ସାରା ବିଶ୍ୱ ଜାଣେ। ସେମାନଙ୍କ ଭିତ୍ତିହୀନ ଭାଷଣ ଉପରେ କୌଣସି ମନ୍ତବ୍ୟ ଦେଇ ତାହାର ମର୍ଯ୍ୟାଦା ବଢ଼ାଇବାକୁ ଚାହୁଁନୁ ବୋଲି ସନ୍ଦୀପ୍ କହିଥିଲେ।

ଜମ୍ମୁ-କଶ୍ମୀରର ଅତ୍ୟାଚାରିତ ଜନସାଧାରଣଙ୍କ ପାଇଁ ଆଗାମୀ ଜାତିସଂଘ ସାଧାରଣ ପରିଷଦ ସମେତ ସମସ୍ତ ଅନ୍ତର୍ଜାତୀୟ ଫୋରମରେ ଲଢ଼େଇ କରିବେ ବୋଲି ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଶୁକ୍ରବାର ପ୍ରତିଜ୍ଞା କରିଥିଲେ। ଏଥିସହିତ ସେ ଆକ୍ରମଣ ଧମକ ମଧ୍ୟ ଦେଇଥିଲେ। ଆସନ୍ତା ସପ୍ତାହରେ ଜାତିସଂଘ ସାଧାରଣ ପରିଷଦର ୭୪ତମ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି। ପୂର୍ବରୁ ଜାତିସଂଘ ସୁରକ୍ଷା ପରିଷଦରେ ସମର୍ଥନ ହାସଲ କରିବାରେ ପାକ୍ ବିଫଳ ହୋଇଥିଲା। ଏପରିକି ପାକିସ୍ତାନର ସବୁଦିନିଆ ବନ୍ଧୁ ଚାଇନା ମଧ୍ୟ କଶ୍ମୀରକୁ ଦ୍ୱିପାକ୍ଷିକ ପ୍ରସଙ୍ଗ କହିଥିଲା।



ସନ୍ଦୀପ୍ କୁମାର ବାୟାପ



ମଲିହା ଲୋଧି

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି।

–ଶ୍ରୀଅରବିନ୍ଦ

# ୟୁରୋପୀୟ ସଂଘରୁ ଶିକ୍ଷା



ଆକାର ପଟେଲ

ୟୁରୋପୀୟ ସଂଘର ବିଶ୍ୱରେ ବୃହତ୍ତମ ମୁକ୍ତ ବାଣିଜ୍ୟ ଅଞ୍ଚଳ ରହିଛି। ଏହାର ଗୋଟିଏ ବଜାରରେ ୫୦ କୋଟିରୁ ଅଧିକ ଲୋକ ଅଛନ୍ତି ଏବଂ ଏହାର ଅର୍ଥନୀତି ଭାରତ ଅର୍ଥନୀତିର ୧୦ ଗୁଣ ହେବ। ଏସବୁ ଦେଶ ଭିତରେ ଦ୍ରବ୍ୟ, ପୁଞ୍ଜି ଓ ସେବାର ମୁକ୍ତ କାରବାର ଚାଲିଛି। ଫ୍ରେଞ୍ଚ ମଦ ବିନା ସୀମା କଟକଣାରେ ଇଟାଲୀରେ ବିକ୍ରି ହୋଇପାରିବ। ଜର୍ମାନ କାର୍ ସ୍ପେନ୍‌ରେ ବିକ୍ରି ହେବା ପାଇଁ କୌଣସି ସୀମା ଶୁଳ୍କ ବା କଟକଣା ନାହିଁ। ସେହିପରି ଇଂଲଣ୍ଡର ପ୍ରମୁଖ ଅର୍ଥନୈତିକ କେନ୍ଦ୍ର ଲଣ୍ଡନ ସମଗ୍ର ୟୁରୋପରେ ପ୍ରତିଭୂତି କାରବାର କରିପାରିବ। ପୋଲାଣ୍ଡ ଓ ପର୍ତ୍ତୁଗାଲର ନାଗରିକ ବିନା ବାଧାରେ ଲଣ୍ଡନ ବା କୋପେନ୍‌ହାଗେନ ଯାଇ ସେଠାରେ ଘର କରି ପରିବାର ସହ ରହିପାରିବ। ଏହା ଏକ ଅଦ୍ୱିତୀୟ ବ୍ୟବସ୍ଥା ଯାହାର ସାରା ବିଶ୍ୱରେ କୌଣସି ବିକଳ୍ପ ବା ତୁଳନା ନାହିଁ। ୟୁରୋପୀୟ ସଂଘ ଗଠନର ପରିକଳ୍ପନା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆସିଥିଲା। ଲୋକମାନେ ଭାବିଲେ ଯଦି ୟୁରୋପୀୟ ଦେଶଗୁଡ଼ିକ ଅର୍ଥନୀତି ଦ୍ୱାରା ପରସ୍ପର ସହ ବାନ୍ଧି ହୋଇଯିବେ, ତା'ହେଲେ ପରସ୍ପର ସହ ଯୁଦ୍ଧ କରିବାର କ୍ୱଚିତ୍ ଅବକାଶ ରହିବ। ଏହାପରେ ସେ ଦେଶଗୁଡ଼ିକ ଇସ୍ପାତ ଶିଳ୍ପ ମାଧ୍ୟମରେ ପରସ୍ପର ସହ ଅର୍ଥନୀତି ଦ୍ୱାରା ଯୋଡ଼ି ହେବାକୁ ଲାଗିଲେ, ଯାହା ଯୁଦ୍ଧ ସରଞ୍ଜାମ ତିଆରି ପାଇଁ ଗୁରୁତ୍ୱପୂର୍ଣ୍ଣ। ଧୀରେ ଧୀରେ ସେମାନେ ଏକତାବଦ୍ଧ ହେବାକୁ ଲାଗିଲେ ଏବଂ ସମଗ୍ର ୟୁରୋପ ଏକ ସଂଘୀୟ ଢାଞ୍ଚା ସହ ଗୋଟିଏ ଦେଶ ପରି ପ୍ରତୀୟମାନ ହେବାକୁ ଲାଗିଲା। ବର୍ତ୍ତମାନ ଅଧିକାଂଶ ୟୁରୋପୀୟ ଦେଶରେ ଗୋଟିଏ ସାଧାରଣ ମୁଦ୍ରା 'ୟୁରୋ' ପ୍ରଚଳିତ। ୟୁରୋକୁ ଆପଣେଇବାକୁ ଯାଇ ଇଟାଲୀ ତା'ର ପ୍ରଚଳିତ ମୁଦ୍ରା ଲିରା, ଫ୍ରାନ୍ସ ଫ୍ରାଙ୍କ୍ ଓ ଜର୍ମାନୀ ଡଏଚ୍‌ମାର୍କକୁ ତ୍ୟାଗ କରିଛନ୍ତି। ଯଦିଚ ସେମାନେ ଭିନ୍ନ ଭିନ୍ନ ଭାଷା ବ୍ୟବହାର କରନ୍ତି, ୟୁରୋପୀୟ ସଂଘଭୁକ୍ତ ଦେଶଗୁଡ଼ିକ ଏକ ସାଧାରଣ ସଭ୍ୟତା ଓ ଐତିହ୍ୟସମ୍ପନ୍ନ ବୋଲି ବିଶ୍ୱାସ କରନ୍ତି। ସେମାନେ ଏକ ସାଧାରଣ ଧାର୍ମିକ ଓ ସାଂସ୍କୃତିକ ବନ୍ଧନରେ ଆବଦ୍ଧ। ବୀର ଚାର୍ଲସ ଦ ଗ୍ରେଟ୍ ପ୍ରାୟ ୧୦୦୦ ବର୍ଷ ତଳେ ଏହି ଦେଶଗୁଡ଼ିକୁ ଯେପରି ଏକତ୍ରିତ କରିଥିଲେ, ସେମାନେ ସେହି ଅନୁଭବ ପୁନଶ୍ଚ ଲାଭ କରିଛନ୍ତି।

ଦେଶଗୁଡ଼ିକୁ ଅର୍ଥନୈତିକ ଦୃଷ୍ଟିରୁ ଏକାଠି କରିବା ମୂଳରେ ରହିଥିବା ଯୁଦ୍ଧ ନ ହେବାର ଚିନ୍ତାଧାରା କାମ କରିଛି, କାରଣ ୭୫ ବର୍ଷ ହେଲା ଉକ୍ତ ଦେଶଗୁଡ଼ିକ ଭିତରେ ଯୁଦ୍ଧ ହୋଇନାହିଁ। ଫ୍ରାନ୍ସ ଓ ଜର୍ମାନୀ ମଧ୍ୟରେ ରହିଥିବା ପୁରୁଣା ଶତ୍ରୁତାର ଅନ୍ତ ଘଟିଛି। ଅର୍ଥନୀତିକୁ ପରସ୍ପର ସହ ଯୋଡ଼ିବା ହିଁ ଉକ୍ତ ଦେଶଗୁଡ଼ିକୁ ଏକତାବଦ୍ଧ କରିବାରେ ସହାୟକ ହୋଇଛି। ଯେଉଁ ଦେଶଗୁଡ଼ିକ ମାନବ ପୁଞ୍ଜି ଓ ଶ୍ରମ ଆବଶ୍ୟକ କରୁଥିଲେ ସେମାନେ ଏହାଦ୍ୱାରା ଲାଭବାନ୍ ହୋଇଛନ୍ତି। ପ୍ରାୟ ୨୦ ବର୍ଷ ପୂର୍ବେ ପୋଲାଣ୍ଡ ୟୁରୋପୀୟ ସଂଘ ଅନ୍ତର୍ଭୁକ୍ତ ହେବା ପରେ ଇଂଲଣ୍ଡ ଏହାର ସୀମାକୁ ପୋଲାଣ୍ଡବାସୀଙ୍କ ଲାଗି ଉନ୍ମୁକ୍ତ କଲା। ବର୍ତ୍ତମାନ ଇଂଲଣ୍ଡରେ ପ୍ରାୟ ୩୦ ଲକ୍ଷ ପୋଲାଣ୍ଡ ଆପ୍ରବାସୀ ରହିଛନ୍ତି ଏବଂ ୧୦ ଲକ୍ଷରୁ ଅଧିକ ବ୍ରିଟିଶର ୟୁରୋପରେ, ବିଶେଷତଃ ସ୍ପେନରେ ବାସ କରୁଛନ୍ତି। ୟୁରୋପୀୟ ସଂଘ ପୂର୍ବ ଆଡ଼କୁ ସମ୍ପ୍ରସାରିତ ହେବାରେ ଲାଗିଛି। ତୁର୍କୀ ସହ ଏହାର ଏକ ସୀମାଶୁଳ୍କ ସଂଘ ରହିଛି, ଯିଏ ଦୀର୍ଘଦିନ ହେଲା ୟୁରୋପର ଅଙ୍ଗୀଭୂତ ହେବାକୁ ଇଚ୍ଛା ପ୍ରକାଶ କରିଆସିଛି। ପୂର୍ବତନ ସୋଭିଏତ ଦେଶଗୁଡ଼ିକ ଆଡ଼କୁ ମଧ୍ୟ ଏହା ସମ୍ପ୍ରସାରିତ ହେବାରେ ଲାଗିଛି। ଏହା ଭାରତ ପାଇଁ ଏକ ଶିକ୍ଷା ହେବା ଉଚିତ।

ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଦକ୍ଷିଣ ଏସିଆରେ ମଧ୍ୟ ୟୁରୋପୀୟ ସଂଘ ଢାଞ୍ଚାରେ ଏକ ଅର୍ଥନୀତି ଆମେ ପ୍ରତିଷ୍ଠା କରିପାରିବା, ଯାହା ଉପରେ ଆମେ କେବେ ଚିନ୍ତା କରିନାହୁଁ। ଆଞ୍ଚଳିକ ସହଯୋଗ ପାଇଁ ସମ୍ଭାବ୍ୟ ଦକ୍ଷିଣ ଏସୀୟ ସଂଘ ଭିତରେ ନେପାଳ, ବାଂଲାଦେଶ, ପାକିସ୍ତାନ, ଶ୍ରୀଲଙ୍କା, ଭୁଟାନ ଓ ଭାରତ ରହିପାରିବ। ଏହି ଦେଶଗୁଡ଼ିକର ମୋଟ ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ଏକପଞ୍ଚମାଂଶ। କିନ୍ତୁ ଏହି ଦେଶଗୁଡ଼ିକ ଭିତରେ ଗୁରୁତ୍ୱପୂର୍ଣ୍ଣ ଦେଶ ଓ ଅର୍ଥନୀତି ହେଉଛି ଭାରତ, ବାଂଲାଦେଶ ଓ ପାକିସ୍ତାନ। ଆମର ଶ୍ରୀଲଙ୍କା, ଭୁଟାନ ଓ ନେପାଳ ସହ ସୀମିତ ମୁକ୍ତ ଚଳାଚଳ ବ୍ୟବସ୍ଥା ରହିଛି, କିନ୍ତୁ ଅନ୍ୟ ଦୁଇଟି ବୃହତ୍ ଦେଶ ସହିତ ନାହିଁ। ଜଣେ ଅଣଭାରତୀୟଙ୍କୁ ପାକିସ୍ତାନ ଯିବା ପାଇଁ ସହଜରେ ଭିଜା ମିଳିପାରୁଥିବା ବେଳେ ଭାରତୀୟଙ୍କ ପାଇଁ ତାହା ମିଳିବା କଷ୍ଟକର। ବାଣିଜ୍ୟ ଦୃଷ୍ଟିରୁ ଦେଖିଲେ ଆମ ଅର୍ଥନୀତିରେ ଜାତୀୟତାବାଦର ପ୍ରତିବନ୍ଧକ ରହିଛି। ପାକିସ୍ତାନ ସହ ସୀମିତ ବାଣିଜ୍ୟ କାରବାର ବି କୌଣସି ଘଟଣା ଘଟିଲେ ବନ୍ଦ କରିଦିଆଯାଏ।

ତେବେ ପ୍ରଶ୍ନ ହେଉଛି ସାର୍କ ଦେଶଗୁଡ଼ିକ ଭିତରେ ୟୁରୋପୀୟ ସଂଘ ଢାଞ୍ଚାରେ ଏକ ସଂଘ ଗଠନ କରାଗଲେ ଆମର କିଛି ଲାଭ ହେବ କି? ନିଶ୍ଚିତ ଭାବରେ ହେବ। ଯେତେବେଳେ ଆମ ଦେଶରେ ଚାହିଦା ହ୍ରାସଜନିତ ମାନ୍ଦାବସ୍ଥା ଦେଖାଦେଉଛି, ସେତେବେଳେ ଆମ କମ୍ପାନୀମାନଙ୍କୁ ପାକିସ୍ତାନ ଓ ବାଂଲାଦେଶ ସହ ବାଣିଜ୍ୟ କରିବା ପାଇଁ ଖୋଲା ଛାଡ଼ିଦେଲେ ସେମାନେ ଲାଭବାନ୍ ହେବେ ଓ ମାନ୍ଦାବସ୍ଥା ହଟିଯାଇପାରିବ। କିନ୍ତୁ ଉଭୟ ଦେଶର ନେତା ପରସ୍ପର ସହ ବାଣିଜ୍ୟ କାରବାର ଚାହୁଁ ନ ଥିବା ବେଳେ ପାକିସ୍ତାନର ବ୍ୟବସାୟିକ ଗୋଷ୍ଠୀ ମଧ୍ୟ ଭାରତ ସହ ଗଭୀର ଅର୍ଥନୈତିକ ସମ୍ପର୍କ ରଖିବାକୁ ଚାହୁଁନାହାନ୍ତି। କିନ୍ତୁ ଭାରତୀୟ ବ୍ୟବସାୟୀମାନେ ପଡ଼ୋଶୀ ଦେଶ ସହ ବାଣିଜ୍ୟ କରିବାକୁ ଚାହୁଁଥିଲେ ମଧ୍ୟ ସେମାନଙ୍କୁ ସେ ସୁଯୋଗ ଦିଆଯାଉ ନାହିଁ। ବର୍ତ୍ତମାନ ଭାରତରେ ଏକ ଅଦ୍ଭୁତ ପରିସ୍ଥିତି ଦେଖାଦେଇଛି। ଆମେ ଅଖଣ୍ଡ ଭାରତର କଥା କହୁଛୁ ଏବଂ ଭାରତୀୟ ସଭ୍ୟତା କହିଲେ କାବୁଲଠାରୁ ଆରମ୍ଭକରି ବର୍ମା ପର୍ଯ୍ୟନ୍ତ ବିସ୍ତାରିତ ଅଞ୍ଚଳର ସଭ୍ୟତାକୁ ବୁଝାଏ। କିନ୍ତୁ ଆମେ ମୁକ୍ତ ଚଳାଚଳ ଓ ଅର୍ଥନୀତି ମାଧ୍ୟମରେ ଏସବୁ ଦେଶ ସହ ବାନ୍ଧିହେବାର ଚିନ୍ତାଧାରାକୁ ନାପସନ୍ଦ କରୁଛୁ।

Email: aakar.patel@gmail.com

## ୨୫ ବର୍ଷ ତଳର ଧରିତ୍ରୀ

୧୫ ସେପ୍ଟେମ୍ବର ୧୯୯୪

- ଲେସୋଥୋର ରାଜାଙ୍କ ଦ୍ୱାରା ବରଖାସ୍ତ ହୋଇଥିବା ପ୍ରଧାନମନ୍ତ୍ରୀ ନିମୁ ମୋଖେଲଙ୍କ ସରକାରଙ୍କୁ ରାଜା ଲେଟସ ପୁଣି କ୍ଷମତାସୀନ କରିଛନ୍ତି।
- ସୁପ୍ରିମ୍‌କୋର୍ଟ ଓ ରାଷ୍ଟ୍ରପତିଙ୍କ ଅନୁମତି ମିଳିଲେ ସରକାର ଅଯୋଧ୍ୟାରେ ମନ୍ଦିର ଓ ମସ୍‌ଜିଦ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିବେ ବୋଲି ଜଣାଇଛନ୍ତି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 4 | | | | 8 | A | | | | | | | | |
| | 9 | 6 | | 3 | | C | | E | | | 5 | | | |
| A | | | B | | | | 6 | | 9 | | | | | 4 |
| | | C | | 0 | | | 5 | 1 | | | | | | 3 |
| 2 | | E | | 4 | | | | | | | | | | |
| 1 | | 8 | | | | | | 2 | | | A | 7 | 0 | |
| | | 3 | | | | B | | 5 | | | | 1 | | 9 |
| | | | | 6 | | E | A | 8 | | 0 | | | C | D |
| 5 | | | C | | 4 | | | 0 | | | | | 6 | |
| | E | | | 2 | | | | | | | | B | | |
| | | A | 0 | | E | | | | | D | | 2 | | |
| | C | | 2 | A | 6 | | | | | B | | 3 | | |
| | 0 | | | | 5 | 7 | 8 | B | | | | | | E |
| | B | | | D | | | 3 | A | | | 4 | 9 | | 8 |
| 9 | | 2 | | 8 | | 6 | | | E | 1 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 4 | C | 5 | A | D | E | 6 | B | 2 | 9 | 7 | 1 | 8 | 0 |
| 0 | E | D | C | 9 | B | 7 | A | 8 | 1 | 6 | 4 | 2 | 5 | 3 |
| 8 | 9 | 1 | 2 | 0 | 3 | D | 4 | C | A | 5 | E | 6 | 7 | B |
| 5 | 6 | B | 7 | E | 8 | 1 | 2 | 0 | 3 | D | C | 4 | A | 9 |
| 7 | A | 2 | 1 | 6 | 4 | 3 | 9 | 5 | B | 0 | 8 | C | D | E |
| D | 0 | 8 | 6 | 4 | 5 | 9 | 3 | 7 | E | 2 | A | B | C | 1 |
| 6 | C | 3 | B | 7 | 9 | A | 0 | E | D | 1 | 5 | 8 | 2 | 4 |
| E | B | 7 | A | 8 | 1 | 6 | 5 | 2 | 4 | C | 0 | 3 | 9 | D |
| 2 | 1 | A | D | 3 | E | C | 8 | 4 | 6 | B | 9 | 5 | 0 | 7 |
| 9 | 5 | 4 | 0 | C | 2 | B | D | 1 | 8 | 7 | 3 | E | 6 | A |
| B | 3 | 5 | E | 1 | 6 | 2 | C | 9 | 0 | A | D | 7 | 4 | 8 |
| 4 | 8 | 9 | 3 | 2 | 0 | 5 | 7 | D | C | E | B | A | 1 | 6 |
| 1 | 7 | 0 | 8 | D | C | 4 | E | A | 5 | 3 | 6 | 9 | B | 2 |
| A | 2 | 6 | 4 | 5 | 7 | 0 | B | 3 | 9 | 8 | 1 | D | E | C |
| C | D | E | 9 | B | A | 8 | 1 | 6 | 7 | 4 | 2 | 0 | 3 | 5 |

ଗତକାଲି ପ୍ରକାଶିତ ଉତ୍ତର

# ଇଚ୍ଛା ପୂରଣ ଯନ୍ତ୍ର



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

ଏ ଯନ୍ତ୍ରଟି ସେସବୁ ଯନ୍ତ୍ରମାନଙ୍କ ପରି ନୁହେଁ, ଯେମିତିକି ଟେଲିଫୋନ୍, ଟେଲିଭିଜନ, କମ୍ପ୍ୟୁଟର ବା ରୋବୋଟ୍। ବିଜ୍ଞାନର ବରଦାନ ଲାଭ କରି ଆଧୁନିକ ମଣିଷ ଏସବୁ ଯନ୍ତ୍ର କେବେଠୁଁ ହାସଲ କରିସାରିଲେଣି। ଜୀବନକୁ ସହଜ, ସୁନ୍ଦର ଓ ସୁଖମୟ କରିବାକୁ ଏସବୁ ଯନ୍ତ୍ରସେବାର ଉପଲବ୍ଧି ପାଇଁ ଲୋଡ଼ାପଡ଼େ ଅର୍ଥ। ଯେଉଁମାନଙ୍କ ପାଖରେ ଅର୍ଥ ଥାଏ, ସେଇମାନେ ହିଁ ଏହି ବିଜ୍ଞାନ ପ୍ରସୂତ ଯନ୍ତ୍ରଗୁଡିକର ଅଧିକାରୀ ହୁଅନ୍ତି। ଅର୍ଥ ବିନିମୟରେ ଅପ୍ରାପ୍ୟ ହୋଇ ରହିବ, ଏମିତି ଚିଜ ଦୁନିଆରେ କିଛି ନାହିଁ ବୋଲି ଏମାନେ ଭାବନ୍ତି ଓ ସାରା ଜୀବନ ଅଧିକରୁ ଅଧିକ ଅର୍ଥ ଅର୍ଜନ କରିବାରେ ଲାଗିପଡିଛନ୍ତି। ଅବଶ୍ୟ ଏମାନଙ୍କ ପ୍ରତିପକ୍ଷ ଅବଶିଷ୍ଟ ଅନ୍ୟମାନେ, ଯେଉଁମାନେ କେବଳ ବଞ୍ଚିବା ପାଇଁ ଅର୍ଥର ଉପଯୋଗିତା ଅନୁଭବ କରନ୍ତି, ସେମାନେ ବି ଅର୍ଥମୋହରେ ଘାଣ୍ଟି ହୁଅନ୍ତି ସାରା ଜୀବନ। ସୁତରାଂ, ଅର୍ଥ ମୋହରୁ କାହାର ବି ମୁକ୍ତି ନାହିଁ। ଧନୀ ଚାହେଁ ଅଧିକରୁ ଅଧିକ ଅର୍ଥ ବିନିମୟରେ ସଂସାରର ଯାବତୀୟ ସୁଖ କିଣିବା ପାଇଁ। ନିର୍ଦ୍ଧନ ଲାଗି ଲୋଡା ପଡେ ଅର୍ଥ ବଞ୍ଚିବାକୁ ନିଃଶ୍ୱାସ କିଣିବା ପାଇଁ। ଅର୍ଥ ହିଁ ସମସ୍ତଙ୍କର ପହିଲି ପ୍ରେମ, ପ୍ରଥମ ଇଚ୍ଛା!

ଏମିତି କ'ଣ ହୁଅନ୍ତାନି! ବହୁବିଧ ଯନ୍ତ୍ର ଉଦ୍ଭାବନ କରୁଥିବା ବିଜ୍ଞାନ ଏମିତି ଏକ ଯନ୍ତ୍ର ନିର୍ମାଣ କରନ୍ତା, ଯାହାର ନାମ ହୁଅନ୍ତା 'ଇଚ୍ଛା ପୂରଣ ଯନ୍ତ୍ର' ବା ଅର୍ଥ ନିର୍ମାଣ ଯନ୍ତ୍ର। ଯନ୍ତ୍ରଟିକୁ ଛୁଇଁ ଦେଇ 'ଆ' କହିଲା ମାତ୍ରେ ଅଜାଡି ପଡନ୍ତା ଅସୁମାରି ଅର୍ଥ। ପୁଣି 'ଯାଆ' କହିଲେ ଚାଲି ଯାଉଥାନ୍ତା ଯୁଗଯୁଗର ଦାରିଦ୍ର୍ୟଜନିତ ଯନ୍ତ୍ରଣା। ସମଗ୍ର ଜୀବନକାଳରେ ଥରେ ମାତ୍ର ଯଦି ଏ ଯନ୍ତ୍ର ସମସ୍ତଙ୍କୁ ଉପଲବ୍ଧ ହୁଅନ୍ତା, ତେବେ ସବୁଦିନ ପାଇଁ ଲୋପ ପାଇଯା'ନ୍ତା ଅଭିଧାନରୁ ଦରିଦ୍ର, ଦାରିଦ୍ର୍ୟ ଆଦି ଶବ୍ଦଗୁଡିକ।

ଇଚ୍ଛା ଯଦି ଘୋଡା ହୁଅନ୍ତା, ତା'ହେଲେ କାଙ୍ଗାଳ ଭିକାରିଟିଏ ମଧ୍ୟ ତା' ଉପରେ ବସି ଘେରାଏ ବୁଲିଆସନ୍ତା। ଆପାତତଃ ସବୁ ଅସମ୍ଭବକୁ ସମ୍ଭବ କରିପାରୁଥିବା ବିଜ୍ଞାନ ପାଇଁ ଯାହା ଅପହଞ୍ଚ, ସେଭଳି ଇଚ୍ଛା ପୂରଣ ଯନ୍ତ୍ର କିନ୍ତୁ ସହଜରେ ନିର୍ମାଣ କରିପାରୁଛନ୍ତି କିଛି ଲୋକ ଓ ଗରାଖ ସାଜି ସେସବୁ ଯନ୍ତ୍ରକୁ ଆଗ୍ରହରେ କିଣି ନେଉଛନ୍ତି ଆଉ ଥୋକେ ଲୋକ। ଜ୍ଞାନରେ ଦକ୍ଷତା ନାହିଁ, ବିଜ୍ଞାନରେ ପ୍ରବେଶ ନାହିଁ, ଶିକ୍ଷାଦୀକ୍ଷା ସମ୍ପୂର୍ଣ୍ଣ ବିବର୍ଜିତ। ତଥାପି ଏମାନଙ୍କ ପଛରେ ବେଶ୍ ଭିଡ ବିନା ଶ୍ରମରେ ପୁଳାଏ ଅର୍ଥ ଅର୍ଜନ କରିବାକୁ ଚାହିଁଥିବା ଲୋକମାନଙ୍କର। ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପରିଚୟ ଏମାନଙ୍କର। କେଉଁଠି ଶ୍ମଶାନ ବାବା କାଳୀ ସାଧକ, ଅନ୍ୟ କେଉଁଠି ସଂସାରତ୍ୟାଗୀ ସନ୍ନ୍ୟାସୀ ତ ପୁଣି କେଉଁଠି ସଂସାରୀ ସିଦ୍ଧ ସାଧକ।

ଏମାନଙ୍କ କୃପା ଓ କୃତିତ୍ୱ ସମ୍ପର୍କରେ ଚମକପ୍ରଦ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୁଏ। ଏମାନଙ୍କ ଚରଣାଶ୍ରିତ ଭକ୍ତମାନେ ଯେଉଁ ସିଦ୍ଧି ପ୍ରାପ୍ତ ହୋଇଥାନ୍ତି, ସେ ସମ୍ପର୍କରେ ବିଶଦ ବିବରଣୀ ପ୍ରକାଶ ପାଏ। ତଥାପି ଜନମାନସରେ କମି ନ ଥାଏ ଏମାନଙ୍କ ମହତ୍ତ୍ୱ। ବିନା ଶ୍ରମରେ କିଛି ଉଦ୍ୟମ ନ କରି ବି ଯେଉଁଠି ପୁଳାଏ ଅର୍ଜନ କରିବାକୁ ଚାହୁଁଥିବା ଭକ୍ତମାନଙ୍କ ସଂଖ୍ୟା ବଢି ବଢି ଚାଲିଛି, ସେଠି ଚମତ୍କାରୀ ବାବାମାନଙ୍କ ମହତ୍ତ୍ୱ କମିଯିବ ବା କାହିଁକି?

ଅତଏବ, ମୁଣ୍ଡରେ ଜଟାଜୁଟ ଧାରଣ କରି କପାଳରେ ରକ୍ତଚନ୍ଦନର ତିଳକ ଆଙ୍କି ଗୈରିକ ବସନଧାରୀ ସିଦ୍ଧ ପୁରୁଷଙ୍କର ଆବିର୍ଭାବ ହେବ। ଗୃହସ୍ୱାମୀ ସପତ୍ନୀକ ମହାତ୍ମା ପୁରୁଷଙ୍କ ସେବା କରି ନିଜକୁ କୃତାର୍ଥ ମଣିବେ। ଭକ୍ତପ୍ରବରଙ୍କ ଉପରେ ପ୍ରୀତ ହୋଇ ଉଠିବେ ସିଦ୍ଧ ମହାରାଜ। ପୂର୍ବରୁ ନିଜସ୍ୱ ସୂତ୍ରରୁ ସଂଗୃହୀତ ହୋଇଥିବା ତାଙ୍କ ଅତୀତର ପୃଷ୍ଠା ମେଲାଇ ଧରି ମହାତ୍ମା ତାଙ୍କ ଚମତ୍କାରିତାର ପ୍ରମାଣ ଦେଲା ପରେ ଭବିଷ୍ୟତ ସମ୍ପର୍କରେ ଜାଣିବା ପାଇଁ ଉତ୍ସୁକ ହୋଇ ଉଠିବେ ପତିପତ୍ନୀ। ବାବା ଧ୍ୟାନମୁଦ୍ରାରେ ବସି ଏକ ଭୟଙ୍କର ଭବିଷ୍ୟତର ସୂଚନା ଦେବେ ଓ ରିଷ୍ଟ ଖଣ୍ଡନ ବା ସଙ୍କଟମୋଚନ ପାଇଁ ତତ୍‌କ୍ଷଣାତ୍ ଏକ ବିଶେଷ ପୂଜାର ପରାମର୍ଶ ଦେବେ। କହିବେ ଏକାନ୍ତରେ ଏକ ନିଭୃତ କକ୍ଷରେ ସେ ରିଷ୍ଟ ଖଣ୍ଡନ ପାଇଁ ପୂଜାପାଠ ସମ୍ପାଦନ କରିବେ। ପୂଜା ମଣ୍ଡପରେ ଗଚ୍ଛିତ ରହିବ ଗୃହସ୍ୱାମୀଙ୍କର ଯେତେ ଯାହା ଗଚ୍ଛିତ ଅର୍ଥ ଓ ସ୍ୱର୍ଣ୍ଣାଭ ସମ୍ପଦ। ବିଶେଷ ପୂଜା ସମ୍ପନ୍ନ ହେବା ପରେ ଚମକାଇ ଦେଲା ଭଳି ପରିଣାମ ଆଗକୁ ଆସିବ। ଏକ ବିଶେଷ ମନ୍ତ୍ରର ପ୍ରଭାବରେ ଭାଗ୍ୟଦେବୀ ପ୍ରସନ୍ନ ହେବେ। ପୂଜାବେଦିରେ ସମର୍ପିତ ସମସ୍ତ ସମ୍ପଦ ପାଞ୍ଚଗୁଣ ହୋଇଯିବ।

ବିନା ଶ୍ରମରେ ସମ୍ପତ୍ତି ପାଞ୍ଚଗୁଣ ହୋଇଯିବାର ପ୍ରସ୍ତାବ ଶୁଣି ଖୁସିରେ କୁରୁଳି ଉଠିବ ପତିପତ୍ନୀଙ୍କର ମନ। ନିଜ ସଞ୍ଚିତ ସମସ୍ତ ଅର୍ଥ ଓ ଅଳଙ୍କାର ପୂଜାବେଦିରେ ସମର୍ପଣ କରିଦେବେ ସେମାନେ। ପୂଜା ସରିଲା ପରେ ନିଭୃତରେ ମନ୍ତ୍ର ଉଚ୍ଚାରଣ ପାଇଁ ସାଧୁଙ୍କୁ ଏକାକୀ ଛାଡି ଦୂରେଇଯିବେ ଦମ୍ପତି। କିଛି ସମୟ ପରେ ମହାତ୍ମା ପୂଜାକକ୍ଷରୁ ବାହାରି ସେମାନଙ୍କୁ ଯଜ୍ଞ ବିଭୂତି ଦେବେ ଓ ପରଦିନ ସେ ଆସିବା ଯାଏ ପୂଜା କକ୍ଷରେ ନ ପଶିବାକୁ ତାଗିଦ କରି ଚାଲିଯିବେ। ପାଞ୍ଚଗୁଣା ଧନପ୍ରାପ୍ତିର ସ୍ୱପ୍ନ ଦେଖି ଦେଖି ରାତି ପୁହାଇଦେବେ ପତିପତ୍ନୀ। ପରଦିନ ଚାତକ ଭଳି ଚାହିଁରହିବେ ସିଦ୍ଧ ମହାତ୍ମାଙ୍କ ଆଗମନକୁ। ମାତ୍ର ସେ ଆସିବେ ନାହିଁ। ଅଥୟ ହୋଇ ପୂଜା କକ୍ଷ ଖୋଲିଲା ପରେ ଜଣାପଡିବ ପାଞ୍ଚଗୁଣ ତ ଦୂରର କଥା, ମୂଳଧନ ବି ଉଭେଇ ଯାଇଛି। ନିଜ ଲୋଭ ଉପରେ ଲୁହ ଢାଳିବା ବ୍ୟତୀତ ଅନ୍ୟ କିଛି କରିବାର ନ ଥିବ।

ବିନା ପରିଶ୍ରମରେ ନିଜ ପ୍ରାପ୍ୟଠାରୁ ଅଧିକ ପାଇବାକୁ ଚାହୁଁଥିବା ଲୋକଙ୍କର ଶେଷ ଗତି ଏମିତି ହିଁ ହୋଇଥାଏ। ଏ ପ୍ରସଙ୍ଗରେ ଏକ ହିନ୍ଦୀ କାହାଣୀର ଶେଷକଥା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ପ୍ରୌଢ଼ାବସ୍ଥା ଅତିକ୍ରମ କରି ବାର୍ଦ୍ଧକ୍ୟ ଛୁଇଁବାକୁ ଯାଉଥିବା ଏକ ବୟସ୍କ ଦମ୍ପତିଙ୍କୁ କୌଣସି ଏକ ସୂତ୍ରରୁ ଏକ ଇଚ୍ଛା ପୂରଣ ଯନ୍ତ୍ର ପ୍ରାପ୍ତ ହେଲା। ଯନ୍ତ୍ର ବୋଇଲେ ମଲା ମାଙ୍କଡର ହାଡ଼ଟିଏ। ହାଡ଼ଟିର ଶକ୍ତି ଏମିତି ଯେ ତାକୁ ଧରି ଜଣେ ଯାହା ଇଚ୍ଛା କରିବ, ଅବିଳମ୍ବେ ତାହା ଉପଲବ୍ଧ ହେବ। କିନ୍ତୁ ସର୍ତ୍ତ ହେଉଛି ସେଇ କାଉଁରୀ ମାଙ୍କଡ ହାଡ଼ଟି ତିନୋଟିରୁ ଅଧିକ ଇଚ୍ଛା ପୂରଣ କରିବ ନାହିଁ। ସୁତରାଂ, ମାମୁଲି ଇଚ୍ଛା ପୂରଣ ପାଇଁ ହାଡ଼ଟିର ଶକ୍ତି ଖର୍ଚ୍ଚ ନ କରିବାକୁ ତାଗିଦ୍ କରିଥିଲେ ତାହାର ଦାତା।

ସଂସାରର ଅନ୍ୟ ବହୁ ଲୋକଙ୍କ ପରି ପୁଳାଏ ଅର୍ଥପ୍ରାପ୍ତିକୁ ଜୀବନର ସବୁଠାରୁ ବଡ଼ ସୌଭାଗ୍ୟ ବୋଲି ବିଚାରୁଥିଲେ ପ୍ରୌଢ ଦମ୍ପତି। ସୁତରାଂ ସେମାନେ କେବେ ବି ଏକକାଳୀନ ଦେଖି ନ ଥିବା ଭଳି ମୋଟା ଅଙ୍କର ଅର୍ଥ ପ୍ରାପ୍ତ ହୁଅନ୍ତୁ ବୋଲି କାଉଁରୀ ହାଡ଼ଟିକୁ ଧରି ଇଚ୍ଛା ପ୍ରକଟ କଲେ ସେ ଦୁହେଁ। କାଉଁରୀ ହାଡ଼ର ମହିମାରୁ ତାଙ୍କ ଇଚ୍ଛା ପୂରଣ ହେବାକୁ ବେଶି ବିଳମ୍ବ ହେଲା ନାହିଁ। ଲକ୍ଷେଟଙ୍କାର ଚେକ୍‌ଟିଏ ଡାକରେ ଆସି ସେମାନଙ୍କ ପାଖରେ ପହଞ୍ଚିଲା। ଚକିତ ହୋଇ ପତିପତ୍ନୀ ଦୁହେଁ ଏତେଗୁଡିଏ ଟଙ୍କା କେଉଁଠୁ ଆସିଲା ବୋଲି ଯାହା ଜାଣିଲେ, ତହିଁରେ ସେମାନଙ୍କ ଆନନ୍ଦ ମହା ଦୁଃଖରେ ପରିଣତ ହେଲା। ବିବାହର ବହୁବର୍ଷ ପରେ ଜନ୍ମ ହୋଇଥିବା ସେମାନଙ୍କର ଏକମାତ୍ର ପୁତ୍ର ଦୂରବର୍ତ୍ତୀ ଏକ ଖଣିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲା। ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇ ଯାଇଥିଲା ତା'ର। ଲକ୍ଷେ ଟଙ୍କାର କ୍ଷତିପୂରଣ କମ୍ପାନୀ ପଠାଇ ଜଣାଇଥିଲା ଯେ ଖଣି ଭିତରେ ପୋତି ହୋଇ ଯାଇଥିବା ପୁଅର ଶବ ପାଞ୍ଚଦିନ ପରେ ବି ଉଦ୍ଧାର ହୋଇପାରି ନାହିଁ।

ବିପୁଳ ଅର୍ଥ ପାଇ ବି ଘନ ଘନ ମୂର୍ଚ୍ଛା ଯାଉଥିଲା ମା'। ବାପା ବି ଥିଲା ଅର୍ଦ୍ଧମୃତ ପ୍ରାୟ। ନିଜର ଏକମାତ୍ର ପୁଅକୁ ଶେଷଥର ପାଇଁ ଦେଖିବାର ଇଚ୍ଛା ପ୍ରକଟ କରି କାଉଁରୀ ହାଡ଼କୁ ଛୁଇଁ କାମନା କଲା ମା'– ମୋ ପୁଅର ଶବ ଖଣି ଭିତରୁ ଉଦ୍ଧାର ହୋଇ ଏଠାକୁ ପଠାଯାଉ। ମା'ର ଏମନ୍ତ କାମନା ଶୁଣି ବାପାର ଚିନ୍ତା ବଢିଗଲା। ସେ ଭାବିଲା, ଦୁର୍ଘଟଣାର ପାଞ୍ଚଦିନ ପରେ ଶବ ମିଳିଲେ ବି ତାହା ପଚିଶଢି ଯାଇଥିବ। ପୁଅର ଗଳିତ ବିକୃତ ଚେହେରା ଦେଖି ଶୋକଦଗ୍ଧା ମା' ହୁଏତ ସମ୍ଭାଳି ନ ପାରେ! ଏମିତି ବି ହୋଇପାରେ, ପୁଅକୁ ଦେଖୁ ଦେଖୁ ମା'ର ପ୍ରାଣ ଛାଡି ଯାଇପାରେ!! ତେଣୁ କାଳବିଳମ୍ବ ନ କରି କାଉଁରୀ ହାଡ଼କୁ ଛୁଇଁ ସେ ଇଚ୍ଛା ପ୍ରକାଶ କଲେ, ''ପୁଅର ଶବ ଏଠାକୁ ନ ଆସୁ। ସେଇଠି ସତ୍କାର ହୋଇଯାଉ।''ବାସ୍, ଏମିତି ପୂରିଗଲା ତିନୋଟି ଇଚ୍ଛା। ଶେଷ ହୋଇଗଲା ଇଚ୍ଛା ପୂରଣ ଯନ୍ତ୍ରର ସକଳ ସାମର୍ଥ୍ୟ। ଅଲୌକିକ ଭାବେ କିଛି ହାସଲ କରିବାକୁ ଆଶା ରଖିଥିବା ପତିପତ୍ନୀ ଦୁହେଁ ବଞ୍ଚିରହିଲେ ବାକି ଜୀବନ ଲକ୍ଷେ ଟଙ୍କାର ସମ୍ବଳ ନେଇ।

ଜୀବନରେ ସ୍ୱପ୍ନ ଦେଖାର ଶେଷ ନ ଥାଏ। ସବୁ ଇଚ୍ଛା ପୂରଣ ହୁଏନା। ନିଜ ସମ୍ବଳ, ଶକ୍ତି ଓ ସାମର୍ଥ୍ୟ ବାହାରେ ଇଚ୍ଛା ପୋଷଣ କଲେ କିମ୍ବା ତନ୍ତ୍ର, ମନ୍ତ୍ର ବା ଯନ୍ତ୍ର ବଳରେ ନିଜ ଭାଗ୍ୟରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କଲେ ଲାଭ ତ ମିଳେନା, ବରଂ ଅତ୍ୟନ୍ତ ଦୟନୀୟ ଭାବେ ମୂଳ ବି ଉଜୁଡିଯାଏ। ସୁତରାଂ ସାଧୁ ସାବଧାନ!!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର, ମୋ–୮୮୯୫୬୨୪୧୦୫

# ମହାପରୀକ୍ଷାର ମନ୍ତ୍ରଧାରୀ

ବ୍ୟକ୍ତିତ୍ୱ



ପ୍ରିୟବ୍ରତ ପାଟିଲ

ଭାରତ ବହୁବିଧ ଭାଷା ବ୍ୟବହାର କରୁଥିବା ଦେଶ। ହେଲେ 'ଏକ ରାଷ୍ଟ୍ର, ଏକ ଭାଷା' ଲାଗୁ କରିବା ନିମିତ୍ତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ହିନ୍ଦୀ ଉପରେ ଜୋର ଦେବା ପରେ ଏବେ ବିବାଦ ସୃଷ୍ଟି ହୋଇଛି। ଦେଖିବାକୁ ଗଲେ ସଂସ୍କୃତ, ତେଲୁଗୁ, ତାମିଲ, କନ୍ନଡ, ମାଲାୟାଲମ ଏବଂ ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛନ୍ତି। ବୈଦିକ ଭାଷା ଭାବେ ସଂସ୍କୃତକୁ ଗୁରୁତ୍ୱ ଦିଆଯାଉଥିବାରୁ ଏଥିରେ ରୁଚି ରଖୁଥିବା ଛାତ୍ରଙ୍କ ସକାଶେ ତେନାଲି ମହାପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଅଭିଳଷିତ ରହିଆସିଛି। ଉଲ୍ଲେଖଯୋଗ୍ୟ, ପ୍ରାଚୀନ ଭାରତୀୟ ପଦ୍ଧତିରେ ୧୪ ମହାଗ୍ରନ୍ଥକୁ ମୁଖସ୍ଥ କରି ତା'ର ବ୍ୟାଖ୍ୟା କରିପାରୁଥିବା ଛାତ୍ର ଏଭଳି ଜଟିଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାଆନ୍ତି। ଅବଶ୍ୟ ସବୁ ଛାତ୍ରଙ୍କ ଭାଗ୍ୟରେ ଏହା ଜୁଟି ନ ଥାଏ। ହେଲେ ମାତ୍ର ୧୬ ବର୍ଷ ବୟସ୍କ ଗୋଆର ପ୍ରିୟବ୍ରତ ପାଟିଲ ଏପରି ସଫଳତା ଅର୍ଜନ କରି ଏବେ ଇତିହାସ ରଚିଛନ୍ତି। ଫଳରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାର ବିଷୟ ହୋଇଛି। ଏହି କୀର୍ତ୍ତି ସ୍ଥାପନ କରିପାରିଥିବାରୁ ପ୍ରିୟବ୍ରତଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠୁ ଆରମ୍ଭ କରି ଦେଶର କୋଣଅନୁକୋଣରୁ ଶୁଭେଚ୍ଛା ମିଳିବାରେ ଲାଗିଛି।

କୁହାଯାଏ 'ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସିଥାଏ'। ଦୃଢ଼ ମନୋବଳ ପ୍ରିୟବ୍ରତଙ୍କୁ ଖୁବ୍ କମ୍ ବୟସରେ ପାଣ୍ଡିତ୍ୟ ଅର୍ଜନ କରିବାକୁ ସୁଯୋଗ ଦେଇଛି। ଗୋଆ ରାଜଧାନୀ ପଣଜୀଠାରୁ ୬୦ କିଲୋମିଟର ଦୂର ରିଭାନ୍‌ଠାରେ ପ୍ରିୟବ୍ରତଙ୍କ ଜନ୍ମ। ପରିବାରର ୪ ପିଢ଼ି ସଂସ୍କୃତ ବିଦ୍ୟାରେ ଅଗାଧ ଜ୍ଞାନ ଅର୍ଜନ କରିପାରିଥିବାରୁ ତାହାର ପ୍ରଭାବ ବାଳକଙ୍କ ଉପରେ ପଡ଼ିଥିଲା। ପିତା ଦେବଦତ୍ତ ଓ ମାତା ଅପର୍ଣ୍ଣାଙ୍କ ଏହି ସନ୍ତାନ ଖୁବ୍ କମ୍ ବୟସରେ ମହାପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ତାଙ୍କ ଗୁରୁମାନଙ୍କୁ ଆଚମ୍ବିତ କରିଦେଇଥିଲେ। ଯଦି ଦେଖାଯାଏ ପ୍ରତ୍ୟେକ ମହାଗ୍ରନ୍ଥରେ ୫୦୦ରୁ ୭୦୦ ଯାଏ ପୃଷ୍ଠା ରହିଛି। ୧୪ ମହାଗ୍ରନ୍ଥକୁ ସେ ମୁଖସ୍ଥ କରିବା ସହ ତାହାକୁ ବୁଝି ବ୍ୟାଖ୍ୟା କରିବାର ଦକ୍ଷତା ହାସଲ କରିପାରିଛନ୍ତି। ତାଙ୍କ ଜୀବନଚର୍ଯ୍ୟାକୁ ଦେଖିଲେ ସେ ଦୈନିକ ୧୨ରୁ ୧୪ ଘଣ୍ଟା ପଢ଼ିବାରେ ବିତାଇଥାଆନ୍ତି। ପିଲାବେଳ କଥା ମନେପକାଇ ସେ କହିଛନ୍ତି ଯେ, ଏଭଳି ସଫଳତା ପାଇବା ପାଇଁ ସେ ଗ୍ରନ୍ଥଗୁଡ଼ିକୁ ନିଜ ସାମ୍ନାରେ ରଖିଥାଆନ୍ତି।

ଗତ ଦୁଇ ବର୍ଷ ଧରି ପ୍ରତ୍ୟେକ ଦିନ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ଯାଏ ଶ୍ଳୋକଗୁଡ଼ିକୁ ପ୍ରଥମେ ବଡ଼ ପାଟିରେ ଉଚ୍ଚାରଣ କରିଥାଆନ୍ତି। କେବଳ ସେତିକି ନୁହେଁ, ଋକ୍ ବେଦର ୮ ଅଷ୍ଟକ ମଧ୍ୟରୁ ୫ଟିକୁ ମନେ ରଖିପାରିଛନ୍ତି। ମାତା ଅପର୍ଣ୍ଣା ପ୍ରାଚୀନ ଗ୍ରନ୍ଥରେ ପାଣ୍ଡିତ୍ୟ ଅର୍ଜନ କରିଥିବା ବେଳେ ପିତା ଦେବଦତ୍ତ ୩ଟି ଶାସ୍ତ୍ରରେ ତେନାଲି ମହାପରୀକ୍ଷା ସମ୍ପୂର୍ଣ୍ଣ କରି ଏକ ଗୁରୁକୁଳ ପ୍ରତିଷ୍ଠା କରିଛନ୍ତି। ଗୋଆସ୍ଥିତ ଗୁରୁକୁଳମ୍‌ରୁ ୨୮ ବିଦ୍ୱାନ୍ ସୃଷ୍ଟି ହୋଇସାରିଲେଣି। ଦେବଦତ୍ତ ଛାତ୍ରମାନଙ୍କୁ ପଢ଼ାଉଥିବା ଦେଖି ପ୍ରିୟବ୍ରତ ଏହି ବିଦ୍ୟା ପ୍ରତି ଅନୁପ୍ରାଣିତ ହୋଇଥିଲେ ବୋଲି କହିଛନ୍ତି। ପ୍ରିୟବ୍ରତଙ୍କ ବ୍ୟାକରଣ ଗୁରୁ ମୋହନ ଲାଲ ଶର୍ମା। ସେ ଏକଦା ତାଙ୍କ ପିତାଙ୍କ ଛାତ୍ର ଥିଲେ। ମହାପରୀକ୍ଷାରେ ପ୍ରିୟବ୍ରତ ଉତ୍ତୀର୍ଣ୍ଣ ହେବା ପରେ ମୋହନ ଲାଲ ତାଙ୍କୁ ଉଚ୍ଚପ୍ରଶଂସା କରିଛନ୍ତି। ସେହିପରି ସଂସ୍କୃତକୁ ଗଣଙ୍କ ମଧ୍ୟରେ ପରିଚିତ କରାଇବା ଦିଗରେ କାର୍ଯ୍ୟ କରୁଥିବା ଅନ୍ୟତମ ବିଦ୍ୱାନ୍ ଛାମୁ କ୍ରିଷ୍ଣା ଶାସ୍ତ୍ରୀ କହିଛନ୍ତି ଯେ, ପ୍ରିୟବ୍ରତ ଏହି ସମୟର ଏକ ବିସ୍ମୟ ଓ କିମ୍ବଦନ୍ତୀ ପାଲଟି ଯାଇଛନ୍ତି।

ବ୍ୟାକରଣ, ନ୍ୟାୟ, ମୀମାଂସା (ଦର୍ଶନ) ବ୍ୟତୀତ ମହାପରୀକ୍ଷା ଏବେ ଛାତ୍ରଙ୍କ ଗଣିତ ପରୀକ୍ଷା କରୁଛି। ବ୍ୟାକରଣ ଶେଷ କରିଥିବା ପ୍ରିୟବ୍ରତ ନ୍ୟାୟ ଓ ମୀମାଂସା ପରୀକ୍ଷା ଦେବାକୁ ପ୍ରସ୍ତୁତ ହେଉଛନ୍ତି। ଖୁବ୍ କମ୍ ବର୍ଷ ବୟସରେ ଏହି ମନ୍ତ୍ରଧାରୀଙ୍କ ନିଷ୍ଠା ସାହିତ୍ୟ, ଚିକିତ୍ସା ହେଉ ବା ଶୁଦ୍ଧ ବିଜ୍ଞାନ ବିଦ୍ୟାର୍ଥୀଙ୍କ ପାଇଁ ନିଶ୍ଚିତ ପ୍ରେରଣାର ଉତ୍ସ ପାଲଟିବ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଜଳାଭାବ କେବଳ ମଣିଷକୁ ନୁହେଁ ମହାବିନାୟକଙ୍କୁ ବି ସଙ୍କଟରେ ପକାଇଦେଇଛି। ଏମିତି ପରିସ୍ଥିତି ଦେଖାଦେଇଛି ମହାରାଷ୍ଟ୍ରର ଲାଟୁର୍‌ରେ। ସେଠାରେ ବିନାୟକଙ୍କ ମୂର୍ତ୍ତି ବିସର୍ଜନ ହେଉନି। ପୂଜା ମଣ୍ଡପଗୁଡିକ ମୂର୍ତ୍ତିକୁ ଜିଲା ପ୍ରଶାସନ ଓ ମୂର୍ତ୍ତି କାରିଗରଙ୍କୁ ଦାନ କରିଦେଉଛନ୍ତି। କେତେକ ମଣ୍ଡପ ତାହାକୁ ଆସନ୍ତା ବର୍ଷ ପୂଜା କରାଯିବାକୁ ନିଷ୍ପତ୍ତି ବି ନେଇଛନ୍ତି। ମରୁଡ଼ି ପରିସ୍ଥିତି ଯୋଗୁ ୩ ବର୍ଷ ହେବ ଲାଟୁରକୁ ପ୍ରତି ୧୫ ଦିନରେ ଥରେ ପାଣି ଯୋଗାଯିବା ସହ ନିୟମିତ ୧୨୫ଟି ଟ୍ୟାଙ୍କର୍ ଯୋଗେ ପିଇବା ପାଣି ଦିଆଯାଉଛି। ଲାଟୁର ଜିଲାପାଳ, ଗଣପତି ପୂଜା ମଣ୍ଡପ, ପୋଲିସ ତଥା ସମାଜିକ କର୍ମୀଙ୍କ ସହ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୫୯ଟି ମଣ୍ଡପ ମୂର୍ତ୍ତିକୁ ଆସନ୍ତା ବର୍ଷ ପୁନଃସଂସ୍ଥାପନ କରିବାକୁ ରାଜି ହୋଇଛନ୍ତି, ୧୨ଟି ମଣ୍ଡପ ମୂର୍ତ୍ତି କାରିଗରଙ୍କୁ ଦେଇ ଦେଇଛନ୍ତି। ସେଠାକାର ହନୁମାନ ସାଂସ୍କୃତିକ ଗଣେଶ ମଣ୍ଡପରେ ୧୮ ବର୍ଷ ହେବ ଫାଇବର ଗଣେଶ ମୂର୍ତ୍ତି କରାଯାଇ ତାହାକୁ ପାଣି ଛିଞ୍ଚି ବିସର୍ଜନ କରାଯାଇ ପୁଣି ଆର ବର୍ଷକୁ ରଖାଯାଉଛି। ଏମିତି ୧୮ ବର୍ଷ ହେବ ପୂଜା ଚାଲିଛି ବୋଲି କହନ୍ତି ଏହି ମଣ୍ଡପର ସଭାପତି। ବିସର୍ଜନ ଉତ୍ସବରେ ଯାହା ଖର୍ଚ୍ଚ ହେବା କଥା ସେହି ପରିମାଣର ଅର୍ଥ ସେଠାକାର ବାସିନ୍ଦାଙ୍କ ପାଇଁ ପାଣି ଟାଙ୍କି ନିର୍ମାଣ କରିବାରେ ବ୍ୟୟ କରୁଛନ୍ତି ବୋଲି କହନ୍ତି ରାଜ ଗଣେଶ ମଣ୍ଡପର ସଭାପତି ଶ୍ୟାମ ଯାଦବ।

## ଚିରନ୍ତନୀ

ନ ଲାଗୁଣୁ ଶିଶୁ ମୁଖେ ଆଲୋକର ଚାରୁ ହାସରେଖା
ମୃତ୍ୟୁର ମଳିନ ଛବି ଅଧର କୋଣରେ ଦେଲେ ଦେଖା
ସ୍ଥିର ହେଲେ ଜୀବନର ସଧୀର ଚାଳନା
ଅଚଞ୍ଚଳ ତବଧ ଚେତନା। (ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାଜଧାନୀରେ ମେଡିକାଲ କଲେଜ ଖୋଲୁ

ମହାଶୟ,

କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ ଦେଶରେ ଆଉ ୭୫ଟି ମେଡିକାଲ କଲେଜ ଖୋଲିବା ପାଇଁ ଆଗାମୀ ତିନି ବର୍ଷରେ ୨୪,୩୭୫ କୋଟି ଟଙ୍କାର ବ୍ୟୟବରାଦ ହେବା ଖବର ପ୍ରକାଶ ପାଇଛି। ଓଡ଼ିଶା ସରକାରଙ୍କ ଉଦ୍ୟମ କ୍ରମେ ଏବେ ବଲାଙ୍ଗୀର, ବାରିପଦା, କୋରାପୁଟ ଆଦିରେ ମେଡିକାଲ କଲେଜ ଖୋଲାଯାଇ ପାଠପଢ଼ା ଚାଲୁ ରହିଛି। ଏହି ୭୫ଟି ପ୍ରସ୍ତାବିତ କଲେଜ ମଧ୍ୟରୁ ଓଡ଼ିଶାର ଭାଗ କେତେ ତାହା ଜଣା ପଡି ନ ଥିଲେ ସୁଦ୍ଧା ପ୍ରାୟ ୫ଟି ଖୋଲିବ ବୋଲି ଅନୁମାନ କରାଯାଉଛି। ପୁରୀରେ ମେଡିକାଲ କଲେଜ ଖୋଲିବା ନିମନ୍ତେ ଉଦ୍ୟମ ଜାରି ରହିଥିବା ବେଳେ କେତେକ କାରଣ ଯୋଗୁ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ରାଜଧାନୀ ଭୁବନେଶ୍ୱରରେ ଘରୋଇ ମାଲିକାନାରେ ଦୁଇଟି ମେଡିକାଲ କଲେଜ ଖୋଲିଥିଲେ ହେଁ ଅତ୍ୟଧିକ ଖର୍ଚ୍ଚରେ ପିଲାମାନେ ଏଠାରେ ପଢିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଠାରେ ସରକାରୀ ହସ୍ପିଟାଲ ବହୁବର୍ଷ ଧରି ଚାଲୁ ରହିବା ସହ ଆବଶ୍ୟକ ଭିତ୍ତିଭୂମି ଥିବା ବେଳେ ଏଠାରେ ମେଡିକାଲ କଲେଜ ନ ଖୋଲିବା ପରିତାପର ବିଷୟ। କେତେକ ଅନୁନ୍ନତ ଜିଲା ସମେତ ଭୁବନେଶ୍ୱରରେ ଏହା ଖୋଲିବାର ଆବଶ୍ୟକତା ରହିଛି।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ପ୍ଲାଷ୍ଟିକ୍ ବର୍ଜ୍ୟରେ ସଡ଼କ ନିର୍ମାଣ

ବର୍ତ୍ତମାନ ସମୟରେ ଆମେ ସମସ୍ତେ ପ୍ଲାଷ୍ଟିକ୍ ଜିନିଷ ଯଥା ଟୁଥବ୍ରଶ୍, ସାବୁନ କେସ୍, ପାନିଆ, ଟେବୁଲ, ଚେୟାର, କ୍ୟାରିବ୍ୟାଗ୍, ଦୁଗ୍ଧ ଦହି ପ୍ୟାକେଟ, ତେଲ ପ୍ୟାକେଟ, ଥଳି, ଖେଳନା, ରୋଷେଇ ସରଞ୍ଜାମ, କଲମ, ପାଇପ ଆଦି ବ୍ୟବହାର କରୁଥାଉ। ଏସବୁ ଜିନିଷ ଅକାମୀ ହୋଇଗଲେ ପୋଡି ନଷ୍ଟ କଲେ ବିଷାକ୍ତ ବାଷ୍ପର ଭୟ ଥାଏ। ଏହା ମାଟିରେ ସହଜରେ ମିଶେନାହିଁ। ଆମର କହିବାର କଥା ହେଲା ଝାଡ଼ଖଣ୍ଡ ଜାମସେଦପୁରରେ ଏକ ସଡ଼କ ଏଇ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁରେ ନିର୍ମିତ ହୋଇଛି। ଆମ ଓଡ଼ିଶାର ବିଶେଷଜ୍ଞଗଣ ଓ ପ୍ରଶାସନ ଜାମସେଦପୁର ଯାଇ ଏହି ସଡକ କେଉଁ ପ୍ରଣାଳୀରେ ନିର୍ମିତ ହୋଇଛି ନିରୀକ୍ଷଣ କରି ଓଡିଶାରେ ସେପରି ସଡ଼କ କରାଯାଉ। ପ୍ଲାଷ୍ଟିକ ସମସ୍ୟା ଅତ୍ୟନ୍ତ ଗୁରୁତର ବୋଲି ସମସ୍ତେ ବୁଝିବା ଦରକାର।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



କ୍ଷୀରୋଦ



ଅଭିଷେକ



ଶେଷଦେବ



ଧର୍ମେନ୍ଦ୍ର



ସୌମ୍ୟା



ଦଶରଥ



ସୌରଭ

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

### ଏମ୍‌ଭିଆଇ ପରିଚୟ ଦେଇ ବସ୍‌ରୁ ଲୁଟିଲେ

# ୫ଜଣଙ୍କୁ କାବୁ କଲେ ତୀର୍ଥଯାତ୍ରୀ

ଜଳେଶ୍ୱର, ୧୪।୯

ବାଲେଶ୍ୱର ଜିଲା ଜଳେଶ୍ୱର ନିକଟସ୍ଥ ୬୦ନଂ. ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲଗେଟ୍ ନିକଟରେ ବେଆଇନ ଭାବେ ଚାନ୍ଦା ଆଦାୟ ଚାଲିଛି। ନକଲି ଏମ୍‌ଭିଆଇ, ଆରଟିଓ ଏବଂ ପୋଲିସ ନାମରେ କେତେକ ଯୁବକ ବିଳମ୍ବିତ ରାତିରେ ଆସୁଥିବା ଗୋରୁ ବୋଝେଇ ଟ୍ରକ୍, ମାଛ ବୋଝେଇ ଟ୍ରକ ଓ ତୀର୍ଥଯାତ୍ରୀ ବସ୍‌ଠାରୁ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଆସୁଥିଲା। ଶନିବାର ଭୋର୍ ସମୟରେ ଘଟିଥିବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି।

ନେପାଳ, ଛତିଶଗଡ଼ ଓ ବିହାରର ୫ଟି ତୀର୍ଥଯାତ୍ରୀ ବସ୍ ଲକ୍ଷ୍ମଣନାଥ ଟୋଲଗେଟ ନିକଟରେ ଭୋର ସମୟରେ ପହଞ୍ଚିବା ପରେ ୬ରୁ ଊର୍ଦ୍ଧ୍ୱ ଯୁବକ ନିଜକୁ ଏମ୍‌ଭିଆଇ କହି ବସ୍‌ଗୁଡ଼ିକୁ ଘେରିଯାଇ କାଗଜପତ୍ର ଯାଞ୍ଚ ପାଇଁ ମାଗିଥିଲେ। ଡ୍ରାଇଭର କାଗଜପତ୍ର ଦେଖାଇ ସାରିବା ପରେ ସବୁ ଠିକ୍ ଥିବା ଦେଖି ଉକ୍ତ ଯୁବକମାନେ ପ୍ରତ୍ୟେକ ବସ୍‌ରୁ ୭ହଜାର ଲେଖାଏଁ ଟଙ୍କା ମାଗିଥିଲେ। ବସ୍‌ରେ ଥିବା ଯାତ୍ରୀମାନେ ସେମାନଙ୍କର ହାବଭାବ ଦେଖି ପରିଚୟପତ୍ର ମାଗିବା ସହ ମୋବାଇଲରେ ଭିଡ଼ିଓ ଉତ୍ତୋଳନ କରିଥିଲେ। ଏଥିରେ ଯୁବକମାନେ ଉତ୍ତେଜିତ ହୋଇ ଯାତ୍ରୀମାନଙ୍କର ମୋବାଇଲକୁ ଛଡ଼ାଇନେଇ ଭାଙ୍ଗି ଦେଇଥିଲେ। ଏହାପରେ ଆରମ୍ଭ ହୋଇଯାଇଥିଲା ସେମାନଙ୍କ ମାରପିଟ୍ ଓ ଲୁଟ୍‌ପାଟ। ଯୁବକମାନେ ଯାତ୍ରୀମାନଙ୍କୁ ମାର୍‌ପିଟ୍ କରିବା ସହ ଟଙ୍କା ଓ ଗହଣା ଲୁଟ୍ କରିବାକୁ ଲାଗିଥିଲେ। ସେମାନେ ଯାତ୍ରୀମାନଙ୍କଠାରୁ ପ୍ରାୟ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ସୁନାଗହଣା ଲୁଟ୍ କରିଥିଲେ। ଶେଷରେ ତୀର୍ଥଯାତ୍ରୀମାନେ ସାହସ ଜୁଟାଇ ସେହି ନକଲି ଏମ୍‌ଭିଆଇଙ୍କ ମଧ୍ୟରୁ ୫ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପରେ ଯାତ୍ରୀମାନେ ରାସ୍ତାରେ ବସ୍‌ଗୁଡିକୁ ରଖି ଅବରୋଧ କରିଥିଲେ। ଯୁବକମାନଙ୍କ ମାଡ଼ରେ ଜଣେ ଡ୍ରାଇଭର ଓ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଜଳେଶ୍ୱର ଜିକେଭଟ୍ଟର ହସ୍‌ପିଟାଲ ଓ ପରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜଳେଶ୍ୱର ପୋଲିସ ପହଞ୍ଚିବା ପରେ ତୀର୍ଥଯାତ୍ରୀମାନେ ଅଟକ ରଖିଥିବା ୫ ଯୁବକଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ। ଏହି ଘଟଣା ନେଇ ତୀର୍ଥଯାତ୍ରୀମାନେ ତଥା ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ। ଜଳେଶ୍ୱର ଏସ୍‌ଡିପିଓ ସୁଦର୍ଶନ ଦାସ ଓ ଆଇଆଇସି ପ୍ରଦୀପ ମାଝି ପହଞ୍ଚି ଧାରଣା ଦେଇଥିବା ଲୋକଙ୍କୁ ବୁଝାଶୁଝା କରିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପୋଲିସ ୫ ଯୁବକଙ୍କୁ ଅଟକ ରଖି ତଦନ୍ତ କରୁଛି। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବାର ପୋଲିସ କହିଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

■କୁଲତା ସମାଜର ନୂଆଁଖାଇ ଭେଟଘାଟ, ଦାନୀପାଲି ରାମଚଣ୍ଡୀ ସେବା ସଦନ, ପୂର୍ବାହ୍ନ ୧୦ଟା।

■ବଙ୍ଗୀୟ ପରିଷଦ ପକ୍ଷରୁ ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗୀତା, ବସ୍ତି ମାରୱାଡି ପଞ୍ଚାୟତ ଧର୍ମଶାଳା, ପୂର୍ବାହ୍ନ ୧୦ଟା।

■ଶିଶୁ ମହୋତ୍ସବ ପ୍ରସ୍ତୁତି ବୈଠକ, ସହଯୋଗନଗର ସାଇ ଶିକ୍ଷା ପରିଷଦ, ପୂର୍ବାହ୍ନ ୧୦ଟା।

■ସିଟୁର ଜିଲାସ୍ତରୀୟ ସମ୍ମିଳନୀ, ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ସଭା କକ୍ଷ, ମଧ୍ୟାହ୍ନ ୧୨ଟା।

■ସମ୍ବଲପୁର ନାଟ୍ୟକଳା ପରିଷଦର ନାଟ୍ୟ ମହୋତ୍ସବ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ୬ଟା।

■ଫଟୋ ଫିଲକ୍ସର ବାର୍ଷିକ ଉତ୍ସବ, ଭିଏସଏସ ମାର୍ଗ ସ୍ଥିତ ଅପସରା ସମ୍ମିଳନୀ କକ୍ଷ, ପୂର୍ବାହ୍ନ ସାଢ଼େ ୧୦ଟା।

■ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକାରୀ କମିଟି ବୈଠକ, ବୈଦିକ କଲେଜ ପରିସର, ଅପରାହ୍ନ ୪ଟା।

■ଆନ୍ତର୍ଜାତିକ ଭାତୃତ୍ୱ ଦିବସ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସନ୍ଧ୍ୟା ସାଢ଼େ ୬ଟା।

**ଲୋଇସିଂହା**

■ଆମ ପୋଲିସ ସମିତି ବୈଠକ, ଲୋଇସିଂହା ଥାନା ପରିସର, ଅପରାହ୍ନ ୪ଟା।

**ବୌଦ୍ଧ**

■ରାଜ୍ୟସ୍ତରୀୟ ତୀରନ୍ଦାଜୀ ପ୍ରତିଯୋଗିତା ଉଦ୍‌ଯାପନୀ ସମାରୋହ, କଚେରି ଖେଳପଡିଆ, ଅପରାହ୍ନ ୪ଟା।

**ବିଜେପୁର**

■ଅନନ୍ତବ୍ରତ ମହୋତ୍ସବର ଭସାଣୀ ଶୋଭାଯାତ୍ରା, ମଧପଡା, ପୂର୍ବାହ୍ନ ୧୦ଟାରୁ।

**ଅମରପାଲି**

■ବୀରମହାରାଜପୁର ଦେଇ ରେଳପଥ ଯିବା ପାଇଁ ଆଲୋଚନାଚକ୍ର, ମୈତ୍ରୀ ସଦନ, ପୂର୍ବାହ୍ନ ୧୦ଟା।

**ଦେବଗଡ଼**

■ସଫେଇ କାର୍ଯ୍ୟକ୍ରମ, ଗୋପାଳଜୀ ମନ୍ଦିର,ସକାଳ ୮ଟା।

# ଜୁଏଲ ପ୍ରତିରକ୍ଷା, ଭର୍ତ୍ତୃହରି ଶ୍ରମ କମିଟି ଅଧ୍ୟକ୍ଷ

**ସଂସଦୀୟ କମିଟିରେ ଓଡ଼ିଶା ଏମ୍‌ପି**

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

ଲୋକ ସଭା ଓ ରାଜ୍ୟ ସଭାର ଏମ୍‌ପିମାନଙ୍କୁ ନେଇ ଶୁକ୍ରବାର ବିଭିନ୍ନ ସଂସଦୀୟ କମିଟି ଗଠନ କରାଯାଇଛି। ଏଥିରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଶ୍ରମ ଓ ନିୟୋଜନ କମିଟିର ଅଧ୍ୟକ୍ଷଭାବେ ମନୋନୀତ ହୋଇଛନ୍ତି।

ଓଡ଼ିଶାର ଅନ୍ୟ ଏମ୍‌ପିମାନେ ମଧ୍ୟ ବିଭିନ୍ନ କମିଟିରେ ସ୍ଥାନ ପାଇଛନ୍ତି। ପୁରୀ ବିଜେଡି ଏମ୍‌ପି ପିନାକୀ ମିଶ୍ର ଓ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ଅର୍ଥ କମିଟିର ସଦସ୍ୟ ହୋଇଛନ୍ତି। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ବାଣିଜ୍ୟ କମିଟି, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ସ୍ୱରାଷ୍ଟ୍ର କମିଟି, ରାଜଶ୍ରୀ ମଲିକ ଏବଂ ନିତେଶ ଗଙ୍ଗଦେବ ପ୍ରତିରକ୍ଷା କମିଟିର ସଦସ୍ୟ ହୋଇଛନ୍ତି। ନବରଙ୍ଗପୁର ଏମ୍‌ପି ରମେଶ ମାଝି ଓ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି କମିଟିର ସଦସ୍ୟ ହୋଇଛନ୍ତି। କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ବୈଦେଶିକ ବ୍ୟାପାର କମିଟିର ସଦସ୍ୟ ଭାବେ ନିଯୁକ୍ତ ହୋଇଥିବା ଜଣାପଡିଛି। ଭାଜପାର ରାଜ୍ୟ ସଭା ଏମ୍‌ପି ଅଶ୍ୱିନୀ ବୈଷ୍ଣବ, ବିଜେଡିର ରାଜ୍ୟ ସଭା ଏମ୍‌ପି ଏନ୍.ଭାସ୍କର ରାଓ ଏବଂ ବିଜେଡିର ଢେଙ୍କାନାଳ ଏମପି ମହେଶ ସାହୁ ବିଜ୍ଞାନ, ପ୍ରଯୁକ୍ତି, ପରିବେଶ ଓ ଜଙ୍ଗଲ କମିଟିର ସଦସ୍ୟ ହୋଇଛନ୍ତି। କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ଓ ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର ମାନବ ସମ୍ବଳ ବିକାଶ କମିଟିର ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଆସ୍କା ବିଜେଡି ଏମ୍‌ପି ପ୍ରମିଳା ବିଷୋୟୀ ଓ କଂଗ୍ରେସ ଏମ୍‌ପି ସପ୍ତଗିରି ଉଲ୍ଲାକା ସଂସଦୀୟ ଉପଭୋକ୍ତା ବ୍ୟାପାର ଏବଂ ଖାଦ୍ୟ ଓ ସାଧାରଣ ବଣ୍ଟନ କମିଟି, ଅନୁଭବ ମହାନ୍ତି ଓ ସଙ୍ଗୀତା ସିଂଦେଓ ରେଲୱେ, ପ୍ରଶାନ୍ତ ନନ୍ଦ କୋଇଲା ଓ ଖଣି କମିଟି, ଚନ୍ଦ୍ରଶେଖର ସାହୁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଏବଂ ନରେନ୍ଦ୍ର ସ୍ୱାଇଁ ଜଳସମ୍ପଦ କମିଟିର ସଦସ୍ୟ ହୋଇଛନ୍ତି। ଭୁବନେଶ୍ୱର ଭାଜପା ଏମ୍‌ପି ଅପରାଜିତା ଷଡଙ୍ଗୀ ସହରାଞ୍ଚଳ ବିକାଶ କମିଟିରେ ସ୍ଥାନ ପାଇଛନ୍ତି।

### କେନ୍ଦ୍ରୀୟ ବିଦ୍ୟାଳୟ ସମୂହର ଇ-କ୍ଲାସରୁମ୍ ଲୋକାର୍ପିତ

# ୧୮୪ ଶ୍ରେଣୀଗୃହ ହେଲା ସ୍ମାର୍ଟ କ୍ଲାସରୁମ୍

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

କେନ୍ଦ୍ରୀୟ ବିଦ୍ୟାଳୟ ସମୂହର ଇ-କ୍ଲାସରୁମ୍‌କୁ ଶନିବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲୋକାର୍ପିତ କରିଛନ୍ତି। ଓଏନ୍‌ଜିସି ସହାୟତାରେ ଦେଶରେ ମୋଟ ୮କୋଟି ଟଙ୍କା ବ୍ୟୟରେ ପ୍ରାୟ ୪୦୦ଟି ଶ୍ରେଣୀଗୃହ ଇ-କ୍ଲାସରୁମ୍ ଲୋକାର୍ପଣ କରାଯାଇଛି। ଏଥିମଧ୍ୟରୁ ଓଡ଼ିଶାରେ ୪କୋଟି ଟଙ୍କା ବ୍ୟୟରେ କଟକ ଓ ଭୁବନେଶ୍ୱରର ୮ଟି କେନ୍ଦ୍ରୀୟ ବିଦ୍ୟାଳୟର ୧୮୪ଟି ଶ୍ରେଣୀଗୃହ ରହିଛି। ଫଳରେ କଟକ, ଭୁବନେଶ୍ୱର ଓ ଜଟଣୀର କେଭିର ଛାତ୍ରୀଛାତ୍ରମାନେ ସ୍ମାର୍ଟ କ୍ଲାସରୁମ୍ ଓ ଅନ୍ୟାନ୍ୟ ସୁବିଧା ଆଧାରରେ ନିଜକୁ ଶ୍ରେଷ୍ଠ ପ୍ରମାଣ କରିବାରେ ସଫଳ ହେବେ ବୋଲି ଧର୍ମେନ୍ଦ୍ର ଦୃଢୋକ୍ତି ପ୍ରକାଶ କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି ଯେ, ବିଦ୍ୟା ଦାନଠାରୁ ପୁଣ୍ୟ କାମ କିଛି ନାହିଁ। ବିଦ୍ୟା ଏକ ତତ୍ତ୍ୱ, ବିଜ୍ଞାନ ଓ ସଂସ୍କାର ଅଟେ। ବିଦ୍ୟାକୁ ଯେ ଅଧ୍ୟୟନ କରି ନୂଆ ପିଢ଼ିକୁ ପହଞ୍ଚାଇବାଠାରୁ ବଳି ପୁଣ୍ୟ କାମ କିଛି ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଦେଶରେ ପ୍ଲାଷ୍ଟିକ୍ ବର୍ଜନ ଓ ଜଳ ସଂରକ୍ଷଣ କରିବାର ଆବଶ୍ୟକତା ରହିଛି। ଏହିଭଳି ନୂଆ ନୂଆ ଦିଗରେ ଦେଶକୁ ଏକାଠି କରିବାକୁ ହେବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜଟଣୀ ବିଧାୟକ ସୁରେଶ ଚନ୍ଦ୍ର ରାଉତରାୟ, ରାଜ୍ୟ ସଭା ସଦସ୍ୟ ଅଶ୍ୱିନୀ ବୈଷ୍ଣବ, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସୀମାନ୍ତରେ ଏନ୍‌କାଉଣ୍ଟର, ୨ ମାଓବାଦୀ ନିହତ

ମାଲକାନଗିରି,୧୪।୯ (ସ୍ୱ.ପ୍ର.)

ଛତିଶଗଡ଼ର ଦାନ୍ତେୱାଡା ଜିଲାରେ ଆସନ୍ତା ୨୩ରେ ବିଧାନସଭା ଉପନିର୍ବାଚନ ହେବାକୁ ଯାଉଛି। ମାଓବାଦୀମାନେ ନିର୍ବାଚନକୁ ଭଣ୍ଡୁର କରିବା ପାଇଁ କିରନ୍ଦୁଲ ଥାନା ଅନ୍ତର୍ଗତ କୁଟରମ ଜଙ୍ଗଲରେ ଶିବିର କରି ଯୋଜନା କରୁଥିବା ଖବରପାଇ ଶନିବାର ସକାଳୁ ଡିଆରଜି ଯବାନମାନେ ଶିବିର ଉପରେ ଚଢାଉ କରିଥିଲେ। ଉଭୟଙ୍କ ମଧ୍ୟରେ ବେଶ୍ କିଛି ସମୟ ଧରି ଗୁଳି ବିନିମୟ ହେବା ପରେ ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇ ପଳାଇଥିଲେ। ଗୁଳି ବିନିମୟ ପରେ ତଲାସି ବେଳେ ଯବାନଙ୍କ ଗୁଳିରେ ୨ଜଣ ମାଓବାଦୀ ନିହତ ହୋଇଥିବା ଜଣାପଡିଥିଲା। ସେମାନେ ହେଲେ ଏଲଓଏସ ମେମ୍ବର ଲଛୁ ମାଣ୍ଡବୀ ଏବଂ ପୋଦିୟା। ସେଠାରୁ ବନ୍ଧୁକ ଓ ୯ ଏମ୍‌ଏମ୍ ପିସ୍ତଲ ସହ ଅନ୍ୟାନ୍ୟ ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଉଭୟଙ୍କ ନାମରେ ଛତିଶଗଡ ସରକାର ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ।

# ବେଆଇନ ଗୋଚାଲାଣ ବେଳେ ଅଟକାଇଲେ ଲୋକେ

ବନ୍ତ, ୧୪।୯ (ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ବନ୍ତ-ଆଗରପଡ଼ା ରାସ୍ତାର ନିମାପଡ଼ାଠାରେ ଶନିବାର ବେଆଇନ ଗୋଚାଲାଣକୁ ସ୍ଥାନୀୟ ଲୋକେ ବିରୋଧ କରି ଗାଡ଼ିକୁ ଅଟକାଇଥିଲେ। ପରେ ପୋଲିସ ୪ ଗୋରୁଙ୍କୁ ଉଦ୍ଧାର କରିଛି। ଏଥିସହ ପୋଲିସ ଉକ୍ତ ପିକ୍‌ଅପ ଭ୍ୟାନ୍ ଓ ଚାଳକଙ୍କ ସମେତ ୩ ଜଣଙ୍କୁ ଥାନାକୁ ନେଇ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଏକ ପିକ୍‌ଅପ ଭ୍ୟାନ୍‌ରେ ୪ ଗୋରୁଙ୍କୁ ବେଆଇନ ଭାବେ ରଶିରେ ବାନ୍ଧି ଆଗରପଡ଼ାରୁ ବନ୍ତ ନିଆଯାଉଥିଲା। ନିମାପଡ଼ା ଜଗନ୍ନାଥ ମନ୍ଦିର ଛକ ନିକଟରେ ସମାଜସେବୀ ସ୍ମିତିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ଗାଡ଼ିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ୪ ଗୋରୁଙ୍କୁ ଉଦ୍ଧାର କରିଥିଲା। ଏହାପୂର୍ବରୁ ଆଉ ଜଣେ ବେପାରୀଙ୍କ ଦୁଇଟି ଗାଡ଼ିରେ ୮ ଗୋରୁ ଯାଇଛନ୍ତି ବୋଲି ଅଟକ ବ୍ୟକ୍ତିମାନେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଏ ନେଇ ବୋଡ଼କପାଟଣା ଗ୍ରାମର ଦିଲୀପ କୁମାର ସ୍ୱାଇଁଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନ ଥିଲା।

## କୋଟିଏ ଟଙ୍କାର ବ୍ରାଉନ୍‌ସୁଗାର ଜବତ : ୨ ଗିରଫ

**ବାଲେଶ୍ୱର ଅଫିସ, ୧୪।୯:** ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ସେରଗଡ଼ ଟୋଲଗେଟ୍ ନିକଟରୁ ଶନିବାର ମଧ୍ୟାହ୍ନ ସମୟରେ ଜିଲା ପୋଲିସ୍‌ର ସ୍ପେଶାଲ ସ୍କ୍ୱାଡ଼ ଦ୍ୱାରା ୧କେଜି ବ୍ରାଉନ୍‌ସୁଗାର ଓ ଗୋଟିଏ ବାଇକ ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ଆନୁମାନିକ ୧ କୋଟି ହେବ। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ଅଞ୍ଚଳରୁ ଦୁଇଜଣ ଯୁବକ ବାଇକ୍ ଯୋଗେ ୧କେଜି ବ୍ରାଉନ୍‌ସୁଗାର ନେଇ ଆସୁଥିଲେ। ଏହି ଯୁବକମାନେ ଦୀର୍ଘଦିନ ଧରି ବାଲେଶ୍ୱର, ଜଳେଶ୍ୱର ଅଞ୍ଚଳରେ ବ୍ରାଉନ୍‌ସୁଗାର ଯୋଗାଇ ଆସୁଥିଲେ।

## ଚିଙ୍ଗୁଡ଼ିଘେରିରେ ଶ୍ରମିକଙ୍କ ଆତ୍ମହତ୍ୟା

ରୂପ୍‌ସା, ୧୪।୯(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ନିଳଦା ଗ୍ରାମର କୃଷ୍ଣପଦ ବେରାଙ୍କ ଚିଙ୍ଗୁଡ଼ି ଫାର୍ମରେ କାର୍ଯ୍ୟରତ ଜଣେ ଶ୍ରମିକ ଶୁକ୍ରବାର ରାତିରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ଏ ସଂକ୍ରାନ୍ତରେ ଶନିବାର ସଦର ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୫/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ମୃତ ଶ୍ରମିକ ହେଲେ ମୟୂରଭଞ୍ଜର ବୈଶିଙ୍ଗା ଥାନା ଅନ୍ତର୍ଗତ ଆଖୁପଦା ଗ୍ରାମର ସମରାୟ ମୁର୍ମୁ (୨୫)। ସମରାୟ ଚିଙ୍ଗୁଡ଼ି ଫାର୍ମରେ ଶ୍ରମିକ ଭାବେ କାମ କରୁଥିଲେ। ଶୁକ୍ରବାର ଦେହ ଅସୁସ୍ଥ ଥିବା କହି ରାତିରେ ଘରକୁ ଯିବାକୁ ବାହାରିଥିଲେ। ମାତ୍ର ମାଲିକ ଜଣଙ୍କ ତାଙ୍କୁ ରାତିରେ ନ ଯାଇ ସକାଳେ ଛାଡ଼ି ଆସିବେ ବୋଲି କହିଥିଲେ। ଏହାପରେ ସମରାୟ ଚିଙ୍ଗୁଡ଼ି ଘେରି ପାଖ ଏକ ବବୁରି ଗଛରେ ଫାଶୀ ଲଗାଇ ଦେଇଥିବା ସ୍ଥାନୀୟ ଲୋକେ ଦେଖି ପରିକ୍ଷୀ ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଉଦ୍ଧାର କରିଛି।


**OFFICE OF THE MUNICIPAL COUNCIL, TITILAGARH** Letter No.1591, Dated : 13.09.19, QUOTATION CALL

NOTICE:- Sealed quotations in prescribed format are invited from the interested party / Manufacture / Suppliers for supplying. Installation and commissioning of playing equipments of community parks. The quotation Paper can be obtained from Municipality Office, Titilagarh Municipality from dated 16.09.2019 to dated 24.09.2019 up to 1.00p.m. during office working hour on payment of Rs.2000.00 (Rupees two thousand) only non refundable) to towards cost of quotation paper. The quotation should be reached at office of the NAC Titilagarh through Speed/ Regd. Post or in person or before dt. 25.09.2019 by 3.30p.m. and same will be opened the same day at 4.00p.m. in presence of quotationer or their authorized agent who may wish to attend. The quotation may be accompanied by Earnest Money Deposit (EMD) of Rs.10,000/- (Rupees ten thousand) only in shape of demand draft/Bankers Cheque/Pay order in favour of Executive Officer, Titilagarh Municipality Payable at Titilagarh along with the self attested Xerox copy of license / registration certificate, PAN Card, GST Registration, previous supply record to other Govt. office / EPM Rate contract company price list if available, failing which the quotation may be liable for rejection. The rate should be quoted inclusive of supplying, installation and commissioning in all respect with all taxes. The payment will be made after inspection and successful functioning of the materials instrument after receipt of Bill. Any other details can be obtained from the DQCN. The authority reserves the right to accept or reject any or all quotation without assigning any reason thereof. **Sd./- Executive Officer, Titilagarh Municipality**

**OFFICE OF THE MUNICIPAL COUNCIL, SUNDARGARH**

**No.4529** **Dt: 13.09.2019**

**COMPETITIVE BIDDING THROUGH e-Procurement**

**NOTICE INVITING TENDER**

**Bid Reference No. SNGM-07/2019-20 / Dt.13.09.2019**

On behalf of the Sundargarh Municipality, on-line e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class/ category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered/empanelled under Sundargarh Municipality are also eligible to participate for the works.

1. Total No. of works for which Tenders invited: 17 Nos.
2. Place of Execution: Inside of Sundargarh Municipality.
3. Estimated Cost of Works: Rs. 4,07,050/- to Rs. 45,19, 904/-
4. Eligible Class of Contractors: Registered Contractors of Class- 'D' to Class- 'B' as indicated against each work mentioned in the Tender Call Notice.
5. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from 11 P.M on 14.09.2019 to 5 P.M on 20.09.2019 for online bidding.
7. Bids received online will be opened at 02 P.M on 23.09.2019.
8. The bidder must possess valid and compatible Digital Signature Certificate (DSC).
9. The DTCN. for 17 Nos. of work shall be available in the e-procurement portal https://www.tendersodisha.gov.in for on-line bidding.

**Sd./- Executive Officer**
**Sundargarh Municipality**

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 422 of 2018**

**IDBI Bank Limited, Puri Branch,**
**At/P.O.: Puri, Dist.: Puri** ...Applicant
**AND**
**M/s. Dash Transporters and others** ...Defendants

To

1. **M/s. Dash Transporters,** At: Duttatota, GP- Puri, Nagarpalika, Kumbharpada, Dist.: Puri, PIN-752001, represented through its Prop.: Mr. Saumaya Ranjan Dash.
2. **Sri Saumaya Ranjan Dash,** S/o: Madhabananda Dash, At: Duttatota, GP- Puri, Nagarpalika, Kumbharpada, Dist.: Puri, PIN-752001.
3. **Sri Rasa Ranjan Dash,** S/o- Sri Madhabanand Dash, Prabhat Lane, Duttatota, Dist.: Puri, PIN-752001.
4. **Sri Siba Prasad Mishra,** S/o- Late Banchanidhi Mishra, At: Naranpur, P.O./P.S.: Brahmagiri, Dist.: Puri-752001.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 422 of 2018** in the Court of Debts Recovery Tribunal at Cuttack for a recovery of **Rs.58,33,797.00** only together with current and future interest, costs and other relief's. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **16th day of Oct. 2019 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **03rd day of September 2019.**

**Sd/- Registrar**
**Debts Recovery Tribunal**
**(Manoj Kumar Patnaik)**

**OFFICE OF THE MUNICIPAL COUNCIL, TITILAGARH**

**No.1600** **Dated : 13.09.2019**

**"e" - Tender Notice**

**Bid Identification No.MUN-TIG No.001/2019-20**

Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

| | | | |
|---|---|---|---|
| 1. | Name of the work | : | Civil construction works as mentioned in website |
| 2. | No. of works. | : | 6 Nos. |
| 3. | Estimated Cost | : | 1.85 Lakhs to 38.15 Lakhs. |
| 4. | Period of Complection | : | 60 Days to 90 Days |
| 5. | Date & Time of availability of Bid Documents in the Portal | : | From 16.09.2019, 11:00 A.M. to 23.09.2019, 5:00 P.M. |
| 6. | Last date & time for receipt of bids in the portal. | : | On 23.09.2019 at 5:00 P.M. |
| 7. | Last date & time for deposit of Fees & Documents (in sealed envelope) at Office | : | On 25.09.2019 at 12:00 P.M. |
| 8. | Bids received online shall be opened on | : | 26.09.2019 at 11:00 A.M. |
| 9. | Name and address of the officer inviting Bid | : | Executive Officer, Titilagarh Municipality. |

Further details can be seen from the procurement portal i.e. https://tendersodisha.gov.in

**Sd./- Executive Officer**
**Titilagarh Municipality**

**ରେଲୱେ ବିଦ୍ୟୁତୀକରଣ**
**ଭୁବନେଶ୍ୱର**

**ସଙ୍କେତ ଓ ଦୂରସଂଚାର କାର୍ଯ୍ୟ**

**(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. S-T_RE_BBS_NWP-GNPR_TELE2, ତା: 09.09.2019**

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ୱାଲଟିୟର ମଣ୍ଡଳ ଅନ୍ତର୍ଗତ ନୌପଡ଼ା-ଗୁଣୁପୁର ସେକ୍ସନରେ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (SP) / ସବ୍-ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (SSP) / ଟ୍ରାକ୍ସନ ସବ୍-ଷ୍ଟେସନ (TSS)/ଟାୱାର ୱାଗନ୍ ସେଡ୍ (TWS) ରେ ମହତ୍ୱପୂର୍ଣ୍ଣ ସାମଗ୍ରୀ ଗୁଡ଼ିକର ଯୋଗାଣ ଓ ଏମରଜେନ୍ସି ସକେଟ୍ ଓ ଆର୍ଥିଙ୍ଗ୍ ଇତ୍ୟାଦି ଗୁଡ଼ିକର ସ୍ଥାପନା ସହିତ 6-QUAD, OFC ଏବଂ PIJF କେବୁଲ୍ ନିମନ୍ତେ ଗାତ ଖୋଳିବା , ବିଛାଇବା ଓ ଯୋଡ଼ିବା କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,81,76,398.00, **EMD :** ₹ 2,90,900.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹10,000.00, କାର୍ଯ୍ୟ ସମାପ୍ତିର ଅବଧି : 5(ପାଞ୍ଚ) ମାସ।

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 01.10.2019 ର 1530 ଘ. ପର୍ଯ୍ୟନ୍ତ, **ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ :** ତା 01.10.2019 ର 1530 ଘଟିକା

**(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. S-T_RE_BBS_LJR-JNRD_TELE2, ତା: 10.09.2019**

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ଲାଞ୍ଜିଗଡ଼ ରୋଡ଼ - ଜୁନାଗଡ଼ ରୋଡ଼ ସେକ୍ସନରେ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (SP) / ସବ୍-ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (SSP) / ଟ୍ରାକ୍ସନ ସବ୍-ଷ୍ଟେସନ (TSS)/ଟାୱାର ୱାଗନ୍ ସେଡ୍ (TWS) ରେ ମହତ୍ୱପୂର୍ଣ୍ଣ ସାମଗ୍ରୀ ଗୁଡ଼ିକର ଯୋଗାଣ ଓ ଏମରଜେନ୍ସି ସକେଟ୍ ଓ ଆର୍ଥିଙ୍ଗ୍ ଇତ୍ୟାଦି ଗୁଡ଼ିକର ସ୍ଥାପନା ସହିତ 6-QUAD, OFC ଏବଂ PIJF କେବୁଲ୍ ନିମନ୍ତେ ଗାତ ଖୋଳିବା , ବିଛାଇବା ଓ ଯୋଡ଼ିବା କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,54,60,137.00, **EMD :** ₹ 2,27,300.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹5,000.00, କାର୍ଯ୍ୟ ସମାପ୍ତିର ଅବଧି : 5(ପାଞ୍ଚ) ମାସ।

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 03.10.2019 ର 1530 ଘ. ପର୍ଯ୍ୟନ୍ତ, **ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ :** ତା 03.10.2019 ର 1530 ଘଟିକା

**(3) ଇ-ଟେଣ୍ଡର ବିଜ୍ଞପ୍ତି ସଂ.S-T_RE_BBS_KUR-BLGR_TELE2, ତା: 10.09.2019**

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ଏବଂ ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ଖୋର୍ଦ୍ଧା ରୋଡ଼ - ବଲାଙ୍ଗୀର ସେକ୍ସନରେ ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (SP) / ସବ୍-ସେକ୍ସନିଂ ଏବଂ ପାରାଲେଲିଂ ପୋଷ୍ଟ (SSP) / ଟ୍ରାକ୍ସନ ସବ୍-ଷ୍ଟେସନ (TSS)/ଟାୱାର ୱାଗନ୍ ସେଡ୍ (TWS) ରେ ମହତ୍ୱପୂର୍ଣ୍ଣ ସାମଗ୍ରୀ ଗୁଡ଼ିକର ଯୋଗାଣ ଓ ଏମରଜେନ୍ସି ସକେଟ୍ ଓ ଆର୍ଥିଙ୍ଗ୍ ଇତ୍ୟାଦି ଗୁଡ଼ିକର ସ୍ଥାପନା ସହିତ 6-QUAD, OFC ଏବଂ PIJF କେବୁଲ୍ ନିମନ୍ତେ ଗାତ ଖୋଳିବା , ବିଛାଇବା ଓ ଯୋଡ଼ିବା କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,61,13,297.00, **EMD :** ₹ 2,30,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹5,000.00, କାର୍ଯ୍ୟ ସମାପ୍ତିର ଅବଧି : 6(ଛଅ) ମାସ।

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 10.10.2019 ର 1530 ଘ. ପର୍ଯ୍ୟନ୍ତ, **ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ :** ତା 10.10.2019 ର 1530 ଘଟିକା

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଚଉଦ ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଡେପୁଟି ଚିଫ୍ ସିଗନାଲ୍ ଏବଂ ଟେଲିକମ୍ ଇଞ୍ଜିନିୟର/ ରେଲୱେ ବିଦ୍ୟୁତୀକରଣ/ଭୁବନେଶ୍ୱର

PR-370/K/RE/19-20



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଶେଷରେ ଲେଖନୀର ହିଁ ଜୟ ହୁଏ।
-ନେପୋଲିୟନ

## ସଂକ୍ଷେପରେ

### ଭାଗବତ ଜନ୍ମରେ ଅନ୍ତର୍ମୁଖୀ ପାରାୟଣ

ଗାଇସିଲେଟ, ୧୪।୯(ଡି.ଏନ.ଏ) ଗାଇସିଲେଟ ଜଗନ୍ନାଥ ମନ୍ଦିରରେ ଅନ୍ତର୍ମୁଖି ପାରାୟଣ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ବଡପଣ୍ଡା ଡା. ସାଧୁଚରଣ ପଣ୍ଡାଙ୍କ ସଂଯୋଜନାରେ ଗାଇସିଲେଟ କନ୍ଦୁମୁଣ୍ଡା କୁଦଲା, ବୁରୋମୁଣ୍ଡା ଓ କଲଙ୍ଗାପାଲିର ୩୫ ଜଣ ବ୍ରାହ୍ମଣ ଯୋଗ ଦେଇ ଭାଗବତ ପଠନ କରିଥିଲେ । ମନ୍ଦିର ପୂଜକ ଲଳିତ କୁମାର ପଣ୍ଡା ପୂଜାର୍ଚ୍ଚନା କରିବା ପରେ ପୁରାଣ ପଠନ ଆରମ୍ଭ ହୋଇଥିଲା। ପରାୟଣ ପରେ ହୋମ ହୋଇଥିଲା।

### ବାବେବିରା ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ

ସରଣ୍ଡା, ୧୪।୯ (ଡି.ଏନ.ଏ) ବାବେବିରା ଉଚ୍ଚ ବିଦ୍ୟାଳୟରେ ଶନିବାର ହିନ୍ଦୀ ଦିବସ ପାଳିତ ହୋଇଛି । ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହିନ୍ଦୀ ସାହିତ୍ୟିକ କାଶିନାଥ ଜନପୁରୀ ମୁଖ୍ୟଅତିଥି, ହିନ୍ଦୀ କବି ସୋହେଲ କ୍ୟୁରେସୀ, ସ୍ୱାଗତମ ରଥ, ଜଗତ ଜ୍ୟୋତି ପଟ୍ଟନାୟକ, ରଶ୍ମିରଞ୍ଜନ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ହିନ୍ଦୀ ଶିକ୍ଷକ ଅମୃତ କୁମାର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରବନ୍ଧ ଓ ସଙ୍ଗୀତ ପ୍ରତିଯୋଗିତାର ଦିବ୍ୟାନୀ ନାଗ, ଲିସା ପଧାନ, ଲକ୍ଷ୍ମୀପ୍ରିୟା ନାଗ, ଲିନା ପେରା, ଯଶୋଦା ମହାନନ୍ଦ, ପ୍ରିୟଙ୍କା ନାଗଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଦୀପାଞ୍ଜଳି ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ ।

### ଟ୍ରାନ୍ସଫର୍ମର ପୋଡ଼ି ରାତିସାରା ସହର ଅନ୍ଧାର

ବରପାଲି, ୧୪।୯ (ଡି.ଏନ.ଏ) ବିଦ୍ୟୁତ୍ ଲୋକଙ୍କ ପାଇଁ ଜରୁରୀ ଆବଶ୍ୟକତା ହୋଇଥିବା ବେଳେ ବିଭାଗର ପରିଚାଳନାଗତ ତ୍ରୁଟି ଯୋଗୁଁ ଲୋକଙ୍କୁ ଆବଶ୍ୟକ ବିଦ୍ୟୁତ ସେବା ମିଳୁ ପାରୁନାହିଁ। କେତେବେଳେ ଟ୍ରାନ୍ସଫର୍ମର ପୋଡି ତ କେବେ ଗଛଡାଳ ପଡି ବିଦ୍ୟୁତ ସରବରାହ ବନ୍ଦ ରହୁଛି । ଏଭଳି ସ୍ଥିତିରେ ଶୁକ୍ରବାର ରାତିରେ ଟ୍ରାନ୍ସଫର୍ମର ପୋଡିଯିବାରୁ ରାତିସାରା ସହର ଅନ୍ଧାରରେ ଥିଲା । ପୁଣି ସକାଳ ୧୧ଟାରୁ ୩ଟା ପର୍ଯ୍ୟନ୍ତ ୪ଘଣ୍ଟା କାଳ ବିଦ୍ୟୁତ କାଟ୍ ହୋଇଥିଲା ।

### ଲାଉମୁଣ୍ଡା ହାଇସ୍କୁଲରେ ହିନ୍ଦୀ ଦିବସ

ବିଜେପୁର, ୧୪।୯ (ଡି.ଏନ.ଏ) ବିଜେପୁର ବ୍ଲକ ଲାଉମୁଣ୍ଡା ନୋଡାଲ ହାଇସ୍କୁଲରେ ହିନ୍ଦୀ ଦିବସ ଶନିବାର ପାଳିତ ହୋଇଯାଇଛି । ଏଡି ଅବସରରେ ପ୍ରଧାନଶିକ୍ଷକ ଯଯାତିକେଶରୀ ମିଶ୍ରଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । କବି ଜଗଜ୍ଜୀବନ ରାମ ତନସନା ହିନ୍ଦୀ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ । ରୁବି ପଧାନ, ପିଙ୍କି ମେହେର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ନବମ ଓ ଦଶମ ଶ୍ରେଣୀର ଶିକ୍ଷାର୍ଥୀମାନେ ହିନ୍ଦୀ ଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ସ୍ୱକୀୟ ମତ ଦେଇଥିଲେ। ପ୍ରଶାନ୍ତ ବାରିକ, ସୁବାଷ ଚନ୍ଦ୍ର ଭୋଇ, କେଦାର ସାହୁ, ଦିଲୀପ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ସଞ୍ଜୟ କୁମାର ସାହୁ ସଭା ସଞ୍ଚାଳନ କରିଥିଲେ ।

## ■ ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀ

# ବଢୁଛି ଉପନିର୍ବାଚନ ଉକ୍ରଣ୍ଠା

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍, ୧୪।୯**

ବରଗଡ଼ ଜିଲା ବିଜେପୁର ନିର୍ବାଚନ ମଣ୍ଡଳୀ ଦୁଇବର୍ଷ ମଧ୍ୟରେ କ୍ରମାଗତ ୩ଟି ନିର୍ବାଚନର ସାମ୍ନା କରିବାକୁ ଯାଉଛି। ପୂର୍ବତନ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ଗତ ୨୦୧୮ରେ ଏଠାରେ ଉପନିର୍ବାଚନ ହୋଇଥିଲା ଏବଂ ବିଜେଡ଼ି ପ୍ରାର୍ଥିନୀ ଭାବେ ସୁବଳଙ୍କ ସ୍ତ୍ରୀ ରୀତା ଦଳ ପାଇଁ ବିପୁଳ ବିଜୟ ଆଣିଥିଲେ । ତେବେ ଉପନିର୍ବାଚନକୁ ବର୍ଷେ ବିତି ନ ଥିବବେଳେ ବିଜେପୁରବାସୀ ୨୦୧୯ ସାଧାରଣ ନିର୍ବାଚନ ପାଇଁ ମତଦାନ କରିଥିଲେ । ରେକର୍ଡ଼ ସଂଖ୍ୟକ ଭୋଟ୍ ପାଇ ବିଜେଡ଼ି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାରୁ ବିଜୟୀ ହୋଇଥିଲେ । ମାତ୍ର ବିଜୟ ପରେ ମୁଖ୍ୟମନ୍ତ୍ରୀ ଗତ ଜୁନ୍ ମାସରୁ ଏଠାରୁ ଇସ୍ତଫା ଦେବା ପରେ ଆସନଟି ଖାଲି ପଡ଼ିଛି । ଫଳରେ ଏହି ଆସନରେ ପୁଣି ଉପନିର୍ବାଚନ ହେବା ସ୍ପଷ୍ଟ ହୋଇ ଯାଇଛି । ଆସନ ଖାଲି ପଡ଼ିବାର ତିନିମାସ ବିତିଯାଇଥିବାରୁ କୌଣସି ମୁହୂର୍ତ୍ତରେ ବିଜେପୁର ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇପାରେ । ଏହି କ୍ରମରେ ସମୟ ଯେଭଳି ଗଡ଼ି ଚାଲିଛି, ମତଦାତଙ୍କଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ଆଗାମୀ ଉପନିର୍ବାଚନ ନେଇ ସେଭଳି ଉତ୍କଣ୍ଠା ମଧ୍ୟ ବଢ଼ିବାରେ ଲାଗିଛି । ମତଦାତାମାନେ ଉପନିର୍ବାଚନ ନେଇ ନିରବ ରହିଛନ୍ତି ସତ, ମାତ୍ର ରାଜନେତା ତଥା ନିର୍ବାଚନ କମିଶନଙ୍କ ଆଭିମୁଖ୍ୟରୁ ନିକଟ ଭବିଷ୍ୟତରେ ବିଜେପୁର ଉପନିର୍ବାଚନ ତାରିଖ ଘୋଷଣା ହୋଇପାରେ ବୋଲି ଏବେ ସବୁଠାରେ ଆଲୋଚନା ଆରମ୍ଭ ହୋଇ ଗଲାଣି । ଏହି ପରିପ୍ରେକ୍ଷୀରେ ଆମେ ବିଭିନ୍ନ ରାଜନୈତିକ ଦଳର କିଛି ନେତୃବୃନ୍ଦଙ୍କୁ ଭେଟିଥିଲୁ ।

### ଏମାନେ କୁହନ୍ତି...



“ ବିଜେପୁର ଉପନିର୍ବାଚନ ତାରିଖ ତ ବର୍ତ୍ତମାନ ସୁଦ୍ଧା ଘୋଷଣା ହୋଇନାହିଁ। ତଥାପି ଆମେ ସାଙ୍ଗଠନିକ କାମକୁ ଆଗେଇ ନେଉଛୁ । ଯେକୌଣସି ମୁହୂର୍ତ୍ତରେ ଉପନିର୍ବାଚନକୁ ସାମ୍ନା କରିବା ପାଇଁ ଭାଜପା ପ୍ରସ୍ତୁତ ରହିଛି । ଗୋଟିଏ ପଟେ ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ଏବଂ ଅନ୍ୟପଟେ ବିଜେପୁର ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବହେଳା ଆଗାମୀ ଉପନିର୍ବାଚନର ଫଳାଫଳ ନିର୍ଣ୍ଣୟ କରିବ । -**ଡା. ଅରୂପାନନ୍ଦ ସାହୁ**, ଭାଜପା ନେତା



“ ବିଜେପୁର ନିର୍ବାଚନ ମଣ୍ଡଳୀରେ ବିଜେଡ଼ିର ସ୍ଥିତି ବହୁତ ମଜବୁତ୍ ଅଛି । ନିର୍ବାଚନ ମଣ୍ଡଳୀରେ ୱାର୍ଡ଼ ତଥା ବୁଥ୍‌ସ୍ତରୀୟ ୧୬ଜଣିଆ କମିଟି ଗଠିତ ହୋଇଛି ଏବଂ ସେଥିରେ ଏକ ତୃତୀୟାଂଶ ମହିଳାଙ୍କୁ ସଭ୍ୟ ରଖାଯାଇଛି । ଅପରପକ୍ଷେ ଭାଜପାର ସ୍ଥିତି ଦୁର୍ବଳ ରହିଛି । ଯେକୌଣସି ମୁହୂର୍ତ୍ତରେ ଉପନିର୍ବାଚନ ହେଲେ ମଧ୍ୟ ବିଜେଡ଼ିର ବୃହତ୍ ବିଜୟ ହେବ ଏବଂ ବିଜେଡ଼ି ଏଠାରେ ହ୍ୟାଟ୍ରିକ ଅର୍ଜନ କରିବ ।
-**ନାରାୟଣ ସାହୁ**, ବିଜେଡ଼ି ନେତା



“ ବିଜେପୁରବାସୀଙ୍କୁ ବିଜେଡ଼ି ସରକାର ପ୍ରତାରିତ କରିସାରିଛି । କୌଣସି ପ୍ରତିଶ୍ରୁତିକୁ ବିଜେଡ଼ି ଏପର୍ଯ୍ୟନ୍ତ ପୂରଣ କରି ପାରିନାହିଁ । ଏନଏସି ମଧ୍ୟ ପୂର୍ଣ୍ଣ ଭାବେ କାମ କରୁ ନାହିଁ । ସେହିପରି ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଆସନକୁ ଛାଡ଼ି ବିଜେପୁରବାସୀଙ୍କ ପାଇଁ ବିଶ୍ୱାସଘାତକତା କରିଛନ୍ତି । ଅନ୍ୟପଟେ ବ୍ୟାପକ ମଦ କାରବାର ଯୋଗୁ ଅଞ୍ଚଳର ଲୋକେ ପଥଭ୍ରଷ୍ଟ ହେବା ସହିତ ବେରୋଜଗାର ହୋଇପଡ଼ିଛନ୍ତି । ଏଭଳି ସ୍ଥିତିରେ ଉପନିର୍ବାଚନରେ ବିଜେପୁରବାସୀ କଂଗ୍ରେସ ପ୍ରତି ପୁନଃ ଆସ୍ଥା ପ୍ରକଟ କରିବେ ବୋଲି ଆଶା -**ପ୍ରଦୀପ ଦେବତା**, କଂଗ୍ରେସ ନେତା

# ପବ୍ଲିକ ସ୍କୁଲରେ ହିନ୍ଦୀ ଦିବସ

**ସମ୍ବଲପୁର, ୧୪।୯(ବ୍ୟୁରୋ):**

ଗୁରୁନାନକ ପବ୍ଲିକ ସ୍କୁଲ ପ୍ରେକ୍ଷାଳୟରେ ଶନିବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଦାଶଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଏଥିରେ ଡ. ଦାଶରଥି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ହିନ୍ଦୀ ଭାଷାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ସନ୍ତୋଷ କୁମାର ହୋତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ହିନ୍ଦୀ ଅଧ୍ୟାପକ ରାମନରେଶ ପ୍ରସାଦ ବକ୍ତବ୍ୟ ପ୍ରଦାନ କରିଥିଲେ। ରିଙ୍କି ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱଚ୍ଛତା ପକ୍ଷ ଶୀର୍ଷକ ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତା, ଚିତ୍ରକଳା ପ୍ରଦର୍ଶନୀ ଏବଂ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା ।



ଗୁରୁନାନକ ପବ୍ଲିକ ସ୍କୁଲଠାରେ ହିନ୍ଦୀ ଦିବସ ଅବସରରେ ଛାତ୍ରୀଛାତ୍ର ସଫେଇ କରୁଛନ୍ତି।

# ସ୍କୁଲସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା: ୪୮ ପ୍ରକଳ୍ପ ପ୍ରଦର୍ଶିତ

**ପଡିଆବାହାଲ, ୧୪।୯(ଡି.ଏନ.ଏ.):**

ସ୍ଥାନୀୟ ମୁଣ୍ଡେନପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶନିବାର ସ୍କୁଲସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଉପଦେଷ୍ଟା ଅବିନାଶ ଚନ୍ଦ୍ର ଶର୍ମା, ଡା. ରାଜାରାମ ଷଡଙ୍ଗୀ ମିଳିତ ଭାବେ ମେଳାର ଉଦ୍‌ଘାଟନ କରିଥିଲେ। ଏଥିରେ କୈଳାଶ ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ମେଳାରେ ୪୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥି, ଅଭିଭାବକ ପ୍ରକଳ୍ପ ବୁଲି ଦେଖିବା ସହ ଛାତ୍ରୀଛାତ୍ରମାନଙ୍କୁ ପ୍ରଶଂସା କରିଥିଲେ। ଜ୍ୟୋତିର୍ମୟୀ ବାଘ, ବିଷ୍ଣୁ ପ୍ରିୟା ପ୍ରଧାନ, ଜୁଲି ମେହେର, ରଶ୍ମିତା ସାହୁ, ମନୀଷା ପ୍ରଧାନ, କଲ୍ୟାଣୀ ଷଡଙ୍ଗୀ, ସଙ୍ଗୀତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସଭାପତି ସରୋଜ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।



ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ସମ୍ବଲପୁର ଝିଅ ଚଢ଼ିଲେ ସାଉଥ୍ ଆଫ୍ରିକାର ସର୍ବୋଚ୍ଚ ପର୍ବତ

**ସମ୍ବଲପୁର, ୧୪।୯(ବ୍ୟୁରୋ):**

ସମ୍ବଲପୁରର ଝିଅ ତ୍ରିଶା ଅଗ୍ରୱାଲ ସାଉଥ୍‌ଆଫ୍ରିକା ତାନଜାନିୟାସ୍ଥିତ ମାଉଣ୍ଟ କିଲିମାନଜାରୋ ପର୍ବତ ଆରୋହଣ କରିଛନ୍ତି। ଏହା ବିଶ୍ୱର ଚତୁର୍ଥ ଉଚ୍ଚତମ ପର୍ବତ। ଗୁଆଲିୟର୍ ସିନ୍ଧ୍ୟାକନ୍ୟା ବିଦ୍ୟାଳୟର ୧୭ଜଣ ଛାତ୍ରୀଛାତ୍ର ପର୍ବତ ଆରୋହଣ କରିବାକୁ ମନୋନୀତ ହୋଇଥିଲେ । ଛାତୀଛାତ୍ରମାନେ ସେପ୍ଟେମ୍ବର ୫ତାରିଖରୁ ଗୁଆଲିୟର୍‌ରୁ ବାହାରି ସାଉଦଆଫ୍ରିକା ଯାଇଥିଲେ । ସେଠାରେ ସେମାନେ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ରହି ବିଭିନ୍ନ ପର୍ବତ ଚଢ଼ିବା କାର୍ଯ୍ୟକ୍ରମ ରହିଛି । ୧୬ ତାରିଖ ଗୋଆଲିୟର୍‌ରେ ପହଞ୍ଚିବେ । ସୂଚନାଯୋଗ୍ୟ, ତ୍ରିଶା ସମ୍ବଲପୁର ଗ୍ରୀନ୍ ପାର୍କ ନିବାସୀ ନିତୁ ଓ ସିଦ୍ଧେଶ ଅଗ୍ରୱାଲଙ୍କ ଝିଅ । ସମ୍ପ୍ରତି ସେ ସିନ୍ଧ୍ୟାକନ୍ୟା ବିଦ୍ୟାଳୟ ଯୁକ୍ତ ୨ ବାଣିଜ୍ୟ ବିଭାଗ ପ୍ରଥମ ବର୍ଷ ଛାତ୍ରୀ।




ମାଉଣ୍ଟ କିଲିମାନଜାରୋ ଶୀର୍ଷରେ ତ୍ରିଶା ଅଗ୍ରୱାଲ ।

### ବନ୍ୟଜନ୍ତୁ ସୁରକ୍ଷା ତାଲିମ ଶିବିର

**ଝାରବନ୍ଧ, ୧୪।୯ (ଡି.ଏନ.ଏ)**

ଝାରବନ୍ଧ ବନପାଳଙ୍କ କାର୍ଯ୍ୟାଳୟଠାରେ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଉପରେ ଏକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବନପାଳ ଲବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ଅଶ୍ୱିନୀ କୁମାର ଭୋଇ ମୁଖ୍ୟଅତିଥି, ରାଜେନ୍ଦ୍ର କୁମାର ସିଂ, ନବ କିଶୋର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ତାଲିମ ପ୍ରଦାନ କରିଥିଲେ । ଜଙ୍ଗଲ ସହିତ ବନ୍ୟପ୍ରାଣୀଙ୍କ ସୁରକ୍ଷା ହେଲେ ପୃଥିବୀର ସନ୍ତୁଳନ ଠିକ୍ ରହିବ ବୋଲି ତାଲିମଦାତାମାନେ ମତବ୍ୟକ୍ତ କରିଥିଲେ। ବନରକ୍ଷୀ ପୃଥ୍ୱୀରାଜ ଭୋଇ, ଝରଣା ସାହୁ, ଗିରି ପାଉଲେ ସହଯୋଗ କରିଥିଲେ । ସରଗୁଲ, ଢୁଙ୍ଗୁକିଦାଦର, ସାରମସିଲି, କୁର୍ଲୁପାଲି, ମହଗାଁ, ଦାବପାଲି, ଭଣ୍ଡାରପୁରୀ ଗାଁମାନଙ୍କର ମୋଟ ୧୧ଟି ଜଙ୍ଗଲ ସୁରକ୍ଷା କମିଟିର ସଭ୍ୟମାନେ ଯୋଗଦାନ କରିଥିଲେ ।

# ଭାଗବତ ସପ୍ତାହ ଉଦ୍‌ଯାପିତ

**ବାରକୋଟ, ୧୪।୯(ଡି.ଏନ.ଏ.):**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅସନନାଳୀ ଗ୍ରାମରେ ଚାଲିଥିବା ଭାଗବତ ସପ୍ତାହ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଗ୍ରାମ ମୁଖିଆ ଉଗ୍ରେସନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଭାଗବତ ପାଠ ହୋଇଥିଲା । ଉଦ୍‌ଯାପନୀ ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ପୂର୍ଣ୍ଣାହୁତି ଯଜ୍ଞ ହୋଇଥିଲା। ଏଥିରେ ପୂଜକ ଭାବେ ଉପେନ୍ଦ୍ର ନନ୍ଦ ପୂଜାକାର୍ଯ୍ୟ ତୁଲାଇଥିଲେ । ପୂଜାକର୍ତ୍ତା ଭାବେ ଉଗ୍ରେସନ ପ୍ରଧାନ ଏବଂ ତାଙ୍କ ସ୍ତ୍ରୀ ପ୍ରିୟମ୍ବଦା ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଅସନନାଳୀ ଗ୍ରାମର ସଂକୀର୍ତ୍ତନ୍ୟ ମଣ୍ଡଳୀ ଦ୍ୱାରା ଭଜନ ସମାରୋହ ହୋଇଥିଲା।



ଭାଗବତ ସପ୍ତାହ ଉଦ୍‌ଯାପନୀ ଅବସରରେ ହୋମଯଜ୍ଞ କରାଯାଉଛି।

# ଦେବଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଦେବଗଡ଼, ୧୪।୯(ଡ଼ି.ଏନ.ଏ.):**

ଦେବଗଡ଼ ସିଭିଲ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଲୋକ ଅଦାଲତରେ ଦେବଗଡ଼ର ଆଇନଜୀବୀ, ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୩ଟି ଦୁର୍ଘଟଣା ଜନିତ କ୍ଷତିପୂରଣ ମୋଟ୍ ୧୩,୪୦,୦୦୦ଟଙ୍କା ଆଦାୟ ହୋଇଥିଲା । ସେହିପରି ଅନ୍ୟାନ୍ୟ ୨୬ଟି କ୍ରିମିନାଲ କମ୍ପାଉଣ୍ଡେବଲ କେସ୍‌ରୁ ୫ଟି ମାମଲାର ଫଇସଲା ହୋଇଥିଲା । ବ୍ୟାଙ୍କ ମାମଲା ମଧ୍ୟରୁ ୬ଟି ମାମଲା ଫଇସଲା ହୋଇ ମୋଟ ୯୨,୪୯୧ ଟଙ୍କା ଆଦାୟ ହୋଇଥିଲା । ଏକ ଶ୍ରମିକ ମାମଲାର ସମାଧାନ ହୋଇ କ୍ଷତିପୂରଣ ବାବଦକୁ ମୋଟ ୮,୯୬.୦୦୦ ପ୍ରଦାନ କରାଯାଇଥିଲା। ଲୋକ ଅଦାଲତରେ ଅନ୍ୟମାନଙ୍କ ମଧ୍ୟରେ ଏଡିଜେ ସସ୍ମିତା ପାଢୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଇତିଶ୍ରୀ ମାଳବିକା ଭୂୟାଁ, ସିନିୟର୍ ସିଭିଲ୍ ଜଜ୍ ମିସ୍ ଶିବାନୀ, ରେଜିଷ୍ଟ୍ରାର ରମାକାନ୍ତ ମହାନ୍ତି, ଜିଲା ଆଇନ୍ ସେବା ପ୍ରାଧିକରଣ ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର, ଏସଡିଜେଏମ୍ ସୌଦାମିନୀ ବିଶ୍ୱାଳ, ଜେଏମ୍ଏସ୍‌ସି ସୃଷ୍ଟି ସାମନ୍ତ, ପ୍ରଣତି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଡ଼ିଦୋ ଉଚ୍ଚ ବିଦ୍ୟାଳୟଠାରେ ହିନ୍ଦୀ ଦିବସ ପାଳିତ

ଦେବଗଡ଼, ୧୪।୯(ଡ଼ି.ଏନ.ଏ.):

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦେବଗଡ଼ସ୍ଥିତ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ରିଆମାଳ ବ୍ଲକ ଅଧୀନ ବୁଡିଦୋ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି । ହିନ୍ଦୀ ଭାଷାର ପ୍ରଚାର ପ୍ରସାର ତଥା ବିକାଶ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା । ପ୍ରବନ୍ଧ ପ୍ରତିଯୋଗିତାରେ ତପନ କୁମାର କିଷାନ ପ୍ରଥମ, ତୁଳସୀ ସାହୁ ଦ୍ୱିତୀୟ ଏବଂ ଶେଖର ବେହେରା ଓ ଲିଜା ବେହେରା ତୃତୀୟସ୍ଥାନ ହାସଲ କରିଥିଲେ। ସେହିପରି ତର୍କ ପ୍ରତିଯୋଗିତାରେ ପ୍ରଥମ ସୁମିତ୍ର ପ୍ରଧାନ, ଦ୍ୱିତୀୟ ନଳିନୀ ସାହୁ ଓ ତୁଳସୀ ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ । ନେହେରୁ ଯୁବକେନ୍ଦ୍ରର ପ୍ରଦୀପ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଗଦାନନ୍ଦ ଧଳ, ସହକାରୀ ଶିକ୍ଷକ ହେମନ୍ତ କୁମାର ପ୍ରଧାନ, ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛ ଭାରତ ଓ ପରିବେଶର ସୁରକ୍ଷା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରିଥିଲେ। ଅରବିନ୍ଦ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ ।




ହିନ୍ଦୀ ଦିବସରେ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

### ଜଳ, ପରିମଳ ସୁପରିଚାଳନା ସମ୍ପର୍କିତ କର୍ମଶାଳା

**ବାରକୋଟ, ୧୪।୯(ଡି.ଏନ୍.ଏ.)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଗୁରୁସଙ୍ଗସ୍ଥିତ ପ୍ରକୃତପଲ୍ଲୀଠାରେ ଜିତା ଅନୁଷ୍ଠାନ ପକ୍ଷରୁ ଜଳ ଓ ପରିମଳ ସୁପରିଚାଳନା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିତାର ସମ୍ପାଦିକା ଅନୁପମା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଗୋଳାବନ୍ଦ ସରପଞ୍ଚ ନିହାର ରଞ୍ଜନ ପ୍ରଧାନ ଯୋଗ ଦେଇଥିଲେ। କର୍ମଶାଳାରେ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟା, ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶାକର୍ମୀ, କୃଷୀମିତ୍ର, ପ୍ରାଣୀମିତ୍ର, ପାଣି ପଞ୍ଚାୟତ କର୍ମକର୍ତ୍ତା ଯୋଗଦେଇଥିଲେ। ଏଥିରେ ପ୍ରତ୍ୟେକ ଗ୍ରାମକୁ ପାଇପ୍ ଯୋଗେ ଜଳଯୋଗାଣ, ପ୍ରତ୍ୟେକ ଘରେ ପାଇଖାନା ନିର୍ମାଣ, ପାଇଖାନା ନିର୍ମାଣରୁ ବାଦ୍ ପଡିଥିବା ପରିବାରଙ୍କୁ କିପରି ସାମିଲ କରାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା। ବର୍ଷାଜଳର ସଂରକ୍ଷଣ ପାଇଁ ଜିଲା ସଂଯୋଜକ ସୀମାଞ୍ଚଳ ପଣ୍ଡା ପଞ୍ଚାୟତ ଏବଂ ଜନତାଙ୍କ ଭୂମିକା ଉପରେ ବୁଝାଇଥିଲେ। ହୀରାମଣି ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଦନ୍ତାରିବାହାଲ ଦୁର୍ଗାପୂଜା କମିଟିର ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଦେବଗଡ଼, ୧୪।୯(ଡି.ଏନ୍.ଏ.)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ଦନ୍ତାରିବାହାଲ ପଞ୍ଚାୟତ ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂଜା କମିଟି ସମ୍ପାଦକ କ୍ଷୀରୋଦ ଭୋଇଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ ଓ ଗ୍ରାମବାସୀଙ୍କ ମିଳିତ ଭାବେ ମହାବନ୍ଧର ଚାରିପାଖ, ଗାଧୁଆ ଘାଟ, ଗାଁ ରାସ୍ତା ସଫା କରିଥିଲେ। ସେହିପରି ରାସ୍ତାଘାଟ ତଥା ପୋଖରୀ ହୁଡ଼ା ଆଦିରେ ମଳତ୍ୟାଗ ନ କରିବା, ନିଶା ସେବନ ନ କରିବାକୁ ଲୋକଙ୍କୁ ସଚେତନ କରଯାଇଥିଲା । ବାହାରେ ମଳତ୍ୟାଗ କଲେ ଗ୍ରାମ୍ୟ କମିଟି ଦ୍ୱାରା ଦଣ୍ଡିତ ହେବେ ବୋଲି କଡ଼ା ଚେତାବନୀ ଦିଆଯାଇଥଲା। କାର୍ଯ୍ୟକ୍ରମରେ କମିଟିର ତରୁଣ ସାମଲ, ଡ଼ସ୍କୋ, କାବୁଲି, ମନୋଜ, ତପନ, ପ୍ରଶାନ୍ତ, ଧନଞ୍ଜୟ, ରାଜା, ଅଜୟ ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମବାସୀ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସମସ୍ତ ସଭ୍ୟଙ୍କୁ ପ୍ରଶଂସା କରିଛନ୍ତି।



ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଦୁର୍ଗାପୂଜା କମିଟିର ସଦସ୍ୟମାନେ।

# ଧାନ ଫସଲରେ ବ୍ୟାପୁଛି ରୋଗପୋକ: ଚିନ୍ତାରେ ଚାଷୀ

**ସମ୍ବଲପୁର,୧୪।୯(ବ୍ୟୁରୋ)**

ବର୍ଷାର ଅନିୟମିତତା ଯୋଗୁ ଚଳିତ ଖରିଫ ଋତୁରେ ସମ୍ବଲପୁର ଜିଲାରେ ଚାଷ କାର୍ଯ୍ୟ ବିଳମ୍ବ ହୋଇଥିଲା। ହେଲେ ଚାଷୀ ବହୁ କଷ୍ଟରେ ଶେଷରେ ସମୟରେ ଚାଷ କାର୍ଯ୍ୟ କରିଥିଲେ। ଅଗଷ୍ଟ ଏବଂ ସେପ୍ଟେମ୍ବର ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ଜିଲାରେ ସ୍ୱାଭାବିକ ବର୍ଷା ରେକର୍ଡ କରାଯାଇଛି। ଏନେଇ ଚାଷୀ ସାମାନ୍ୟ ଆଶ୍ୱସ୍ତ ଅନୁଭବ କରୁଥିଲା। ଫସଲ ଭଲ ହୋଇ ଦୁଇପଇସା ମିଳିବ ବୋଲି ଆଶା ବାନ୍ଧିଥିଲା। ହେଲେ ବର୍ତ୍ତମାନ ଜିଲାର ୯ଟି ବ୍ଲକର ବିଭିନ୍ନ ଅଞ୍ଚଳରେ ଧାନ ଫସଲରେ



ସମ୍ବଲପୁର ମହାନଗର ନିଗମ ଅଧୀନ ଏକ ଜମିରେ ହୋଇଥିବା ଧାନଚାଷରେ ରୋଗପୋକ ଲାଗିଥିବାରୁ ଜଣେ ଚାଷୀ ଔଷଧ ସିଞ୍ଚନ କରୁଛନ୍ତି।

ରୋଗପୋକ ବ୍ୟାପିବାରେ ଲାଗୁଥିବା ଅଭିଯୋଗ ହୋଇଛି। ଏନେଇ ଚାଷୀ ଚିନ୍ତାରେ ପଡିଛି। ଧାନ ଫସଲରେ କାଣ୍ଡବିନ୍ଧା, ପତ୍ରମୋଡ଼ା, ପତ୍ରପୋଡ଼ା, ବଙ୍ଗୀ ଆଦି ରୋଗପୋକ ଦିନକୁ ଦିନ ବ୍ୟାପିବାରେ ଲାଗିଛି। ୯୦ ଦିନିଆ ଧାନରେ ଗଛଗୁଡିକ ଗର୍ଭସ୍ଥା ଅବସ୍ଥାରେ ରହିଛି। ଗଛଗୁଡିକ ବୃଦ୍ଧି ହୋଇ ବିଲ ସବୁଜ ସୁନ୍ଦର ହୋଇଛି । ହେଲେ ରୋଗପୋକ ଲାଗି ଚାଷ ଉଜୁଡିବାକୁ ବସିଲାଣି । ଚାଷୀଙ୍କ ଅଭିଯୋଗ କ୍ରମେ କୃଷୀ ବିଭାଗ ଅଧିକାରୀ କିମ୍ବା କର୍ମଚାରୀ ଆସି ରୋଗପୋକ ଉପରେ ପରାମର୍ଶ ଦେଉ ନାହାନ୍ତି । ଦୋକାନରୁ ଯାହା ଔଷଧ ମିଳୁଛି ତାହା ଚାଷୀ ବ୍ୟବହାର କରୁଥିବା ରାସନପୁର ଗ୍ରାମର ଭୀଷ୍ମ ନେଟୀ କହିଛନ୍ତି। ଏନେଇ କୃଷି ଉପନିର୍ଦ୍ଦେଶକ ଖଗେନ୍ଦ୍ର ନାଥ ଜେନାଙ୍କୁ ପଚାରିବାରୁ ଧାନ ଫସଲରେ ରୋଗପୋକ ଲାଗିଥିବା ନେଇ ଅଭିଯୋଗ ପରେ ପ୍ରତ୍ୟେକ ବ୍ଲକରୁ ରିପୋର୍ଟ ସଂଗ୍ରହ କରାଯାଉଛି । କେତେ ପରିମାଣର ଫସଲ ପ୍ରଭାବିତ ହୋଇଛି ରିପୋର୍ଟ ଆସିଲା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡିବ। ଚାଷୀ କୃଷି ଅଧିକାରୀଙ୍କଠାରୁ ପରାମର୍ଶ ନେଇ ଔଷଧ ସିଞ୍ଚନ କରିବାକୁ କହିଥିଲେ।

ସୂଚନା ଯୋଗ୍ୟ, ଜିଲାରେ ୪ ବର୍ଷ ହେଲା ଖରିଫ ଋତୁରେ ଧାନ ଫସଲରେ ରୋଗପୋକ ଲାଗି ନଷ୍ଟ ହେଉଛି। ଫଳରେ ଚାଷୀ ଚିନ୍ତାରେ ରହୁଛି। ଏନେଇ ଜିଲାରେ ଚାଷୀମାନେ ଆତ୍ମହତ୍ୟା କରୁଥିବା ଅଭିଯୋଗ ହେଉଛି। ହେଲେ ଚାଷୀ ପୁଣି ନୂଆଁ ଆଶା ନେଇ କାଳେ ଫସଲ ଭଲ ହେବ ସେନେଇ ଚାଷ କାମ କରୁଛି।

## ସଂକ୍ଷେପରେ

### ଗିରଫ ଯୁବକ ହସ୍ପିଟାଲରୁ ଫେରାର

#### ପୋଲିସ ଗୋଡ଼ାଇ ଗୋଡ଼ାଇ କାବୁକଲା

**ସମ୍ବଲପୁର,୧୪।୯(ବ୍ୟୁରୋ):** ଡକାୟତି ଉଦ୍ୟମ ଅଭିଯୋଗରେ ସମ୍ବଲପୁର ଜିଲା ଧନୁପାଲି ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅମୀର ଚୌଧୁରୀ, ସପନ ଦାସ, ମହମ୍ମଦ କଲିମ। ଶନିବାର କୋର୍ଟ ଚାଲାଣ ପୂର୍ବରୁ ପୋଲିସ ପୂର୍ବାହ୍ନ ୧୧ଟାରେ ଗିରଫ ୩ଜଣଙ୍କୁ ଜିଲା ସଦର ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନେଇଥିଲା। ହେଲେ ମେଡିକାଲ ପରିସରରେ ଡାକ୍ତରଙ୍କୁ ଅପେକ୍ଷା କରିବା ସମୟରେ ଗିରଫ ଅମୀର ପୋଲିସକୁ ଚକମା ଦେଇ ଫେରାର ହୋଇଯାଇଥିଲେ। ପୋଲିସ ଗୋଡାଇ ତାଙ୍କୁ କାବୁ କରିଥିଲା। ପରେ ପୋଲିସ ଗିରଫ ଯୁବକମାନଙ୍କୁ କୋର୍ଟ ଚାଲାଣ କରିଥିଲା। ପୋଲିସର ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ଅଞ୍ଚଳରେ ଚର୍ଚ୍ଚା ହୋଇଛି। ସୂଚନାଯୋଗ୍ୟ, ଶୁକ୍ରବାର ବିଳମ୍ବିତ ରାତିରେ କମିଶନର କଲୋନୀ ନିକଟରେ ଡକାୟତି ଉଦ୍ୟମ ଚାଲିଥିବା ବେଳେ ପୋଲିସ ଚଢାଉ କରି ୩ଜଣଙ୍କୁ ଧରିବାରେ ସଫଳ ହୋଇଥିଲା।

### ଚୋରି ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର,୧୪।୯(ବ୍ୟୁରୋ):** ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପୋଲିସ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସୁମିତ ପଳ। ପୋଲିସ ତାଙ୍କଠାରୁ ଏକ ଚୋରି ଭ୍ୟାନିଟି ବ୍ୟାଗ ଜବତ କରିଛି। ଏନେଇ ଅଇଁଠାପାଲି ଥାନା ପୋଲିସ ଏକ ମାମଲା(ନଂ.୨୯୧/୧୯) ରୁଜୁ କରିଛି। ସୂଚନାଯୋଗ୍ୟ, ଜୁଲାଇ ୧୮ ତାରିଖ ଏସଆର୍ଆଇଟି କଲୋନୀର ପ୍ରତି ଶର୍ମାଙ୍କ ଘରୁ ୮୦ ହଜାର ଟଙ୍କା ମୋବାଇଲ ଫୋନ ଚୋରି ହୋଇଥିଲା। ଏନେଇ ଥାନାରେ ଏକ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ପରେ ସୁମିତଙ୍କୁ ଧରିବାରେ ସଫଳ ହୋଇଥିଲା।

### ଭାଗବତ ଜନ୍ମ, ଇନ୍ଦ୍ରପୂଜା ଉତ୍ସବ

**ରେଙ୍ଗାଲି, ୧୪।୯ (ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ସାଲଡ ଗ୍ରାମରେ ପଞ୍ଚଶାସନୀ ବ୍ରାହ୍ମଣ ସମାଜ ପକ୍ଷରୁ ଭାଗବତ ଜନ୍ମ ଏବଂ ଇନ୍ଦ୍ରପୂଜା ଉତ୍ସବ ପାଳିତ ହୋଇଯାଇଛି। ଶନିବାର ଗ୍ରାମର ଜଗନ୍ନାଥ ମନ୍ଦିର ପରିସରରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ରାହ୍ମଣ ସମାଜର ବରିଷ୍ଠ ସଭ୍ୟ ଯୋଗେଶ ଚନ୍ଦ୍ର ଧରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଭାଗବତ ପାଠ ଶୁଣିବା ପାଇଁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥିରେ ସଭାପତି ଅନ୍ତର୍ଯ୍ୟାମୀ ପାଣି, ଆବାହକ ଭିକାରୀ ବିଶ୍ୱାଳ, ଦୁର୍ଗାପ୍ରସାଦ ନାଥ, ପ୍ରସନ୍ନ ବିଶ୍ୱାଳ, ବିଶ୍ୱକେଶନ ବିଶ୍ୱାଳ, ବିରଞ୍ଚି ବିଶ୍ୱାଳ, ବିପିନ ଚନ୍ଦ୍ର ବିଶ୍ୱାଳ, ସୁଧୀର ଧର, ପ୍ରଶାନ୍ତ ଦାସ ପ୍ରମୁଖ ଅଂଶ ଗ୍ରହଣ କରି କାର୍ଯ୍ୟ ସମ୍ପାଦନ କରିଥିଲେ।

### ଠେମେରାରେ ସାମୂହିକ ଭଗବତ ପାଠ

**ସମ୍ବଲପୁର,୧୪।୯(ବ୍ୟୁରୋ):** ସମ୍ବଲପୁର ଜିଲା ଠେମେରାଠାରେ ଅନନ୍ତମୁଖି ସମାରୋହ ପାଳିତ ହୋଇଯାଇଛି। ଗ୍ରାମର ବ୍ରାହ୍ମଣମାନେ ଏକତ୍ରିତ ହୋଇ ଭାଗବତ ପାଠ କରିଥିଲେ । ସନ୍ଧ୍ୟାରେ ଅନନ୍ତମୁଖି ପୂର୍ଣ୍ଣାହୁତୀ ହୋଇଥିଲା । ଆଶିଷ ନାଥ କାର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ରମାକାନ୍ତ ନାଥ, ଦଧିବାମନ ନାଥ, ଅଶ୍ୱିନୀ ଆଚାର୍ଯ୍ୟ, ତାରାକାନ୍ତ ନାଥ, ଲଳିତ ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିଶାନଭଙ୍ଗାରେ ସ୍ୱାସ୍ଥ୍ୟ ଶିବିର

**ରେଙ୍ଗାଲି, ୧୪।୯ (ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ନିଶାନଭଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ କାରଖାନା ଏବଂ ସମ୍ବଲପୁର ରେଡକ୍ରସର ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଡା. ସି.କେ. କର, ଡା.ଅଭିଜିତ ଶର୍ମା, ଆୟୁଷ ଡା. ଅନ୍ନଲତା ମେହେର, ଡା. ସନ୍ତୋଷ ସିଂ, ଡା. ଜି.ଏସ୍ ସାହୁ, ଡା. କୈଳାଶ ମାଝି ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ମୋଟ ୩୧୫ ଜଣ ରୋଗୀ ନାମ ପଞ୍ଜୀକରଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀମାନଙ୍କୁ ଫାର୍ମାସିଷ୍ଟ ପ୍ରେମାନନ୍ଦ ବାରିକ, ତିଲୋତ୍ତମା ଜେନା ଔଷଧ ବଣ୍ଟନ କରିଥିଲେ । ଶିବିରରେ ନିଶାନଭଙ୍ଗା ସରପଞ୍ଚ ତିଲୋତ୍ତମା ବିଶ୍ୱାଳ, ଶ୍ୟାମ ମେଟାଲିକ୍ସର ଆର୍.କେ. ସିଂ, ଶରତ କୁମାର, ସୁଧୀର ସେଠ, ପ୍ରମୋଦ ସରାଫ, ମନୋଜ ପଣ୍ଡା, ରାଜେଶ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଟିଏ ଦିନରେ ୨ ଲୁଟ୍

**ରେଢାଖୋଲ,୧୪।୯(ଡି.ଏନ.ଏ)**

ସମ୍ବଲପୁର ଜିଲା ଚାରମାଳ ଥାନା ଅଞ୍ଚଳରୁ ଗୋଟିଏ ଦିନରେ ୨ଟି ସ୍ଥାନରୁ ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଚାରମାଳ ଥାନା ଅଧୀନ ଭତରା- ବିଶ୍ୱନାଥପୁର ରାସ୍ତାରେ ଜଣେ ଫାଇନାନ୍ସ କମ୍ପାନୀ ମ୍ୟାନେଜରଙ୍କଠାରୁ ୨୫ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ସେହିପରି ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଭରତାପୁର ଶିବ ମନ୍ଦିର ଭଣ୍ଡାର ଘର ଭାଙ୍ଗି ବିଭିନ୍ନ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ୨ଟି ପୃଥକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟାରେ ଭାରତ ଫାଇନାନ୍ସ କମ୍ପାନୀର ମ୍ୟାନେଜର କାର୍ତ୍ତିକ ଶିଖା ଭରତାପୁର ଅଞ୍ଚଳର ବିଭିନ୍ନ ମହିଳା ଗୋଷ୍ଠୀଙ୍କଠାରୁ ଋଣ ବାବଦ ଟଙ୍କା ସଂଗ୍ରହ କରି ଏକ ବାଇକ୍ ଯୋଗେ ଭତରା- ବିଶ୍ୱନାଥପୁର ରାସ୍ତା ଦେଇ ସୋନପୁର ଫେରୁଥିଲେ। ସେତିକିବେଳେ ରାସ୍ତାରେ ୪ ଜଣ ଯୁବକ ତାଙ୍କୁ ଅଟକାଇ ଜୀବନରେ ମାରିଦେବାର ଧମକ ଦେଇଥିଲେ। ପରେ ଯୁବକମାନେ କାର୍ତ୍ତିକ ଧରିଥିବା ବ୍ୟାଗ ଛଡାଇ ଫେରାର ହୋଇଯାଇଥିଲେ। ବ୍ୟାଗରେ ୨୫ ହଜାର ଟଙ୍କା ଥିବା କାର୍ତ୍ତିକ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସେହିପରି ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଭରତାପୁର ଶିବ ମନ୍ଦିର ଭଣ୍ଡାର ଘର ତାଲା ଭାଙ୍ଗି ଏକ ମାଇକ୍ ସେଟ, ଠାକୁରଙ୍କ ୨ଟି ଗରା ସହ ଅନ୍ୟାନ୍ୟ ପୂଜା ବାସନ ଚୋରି କରି ନେଇଥିବା ମନ୍ଦିର କମିଟି ପକ୍ଷରୁ ଶରତଚନ୍ଦ୍ର ସାହୁ ଚାରମାଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ହେଲେ ପୋଲିସ କାହାରିକୁ ଗିରଫ କରିପାରିନାହିଁ।

## ଛାତ୍ରୀଛାତ୍ରଙ୍କୁ ଟ୍ରାଫିକ ନିୟମ ସଚେତନ କଲା ପୋଲିସ

**ରେଢାଖୋଲ,୧୪।୯(ଡି.ଏନ୍.ଏ.)**

ଭାରତ ସରକାରଙ୍କ ସଂଶୋଧିତ ମୋଟରଯାନ ଆଇନ-୨୦୧୯ ଚଳିତ ମାସ ୧ ତାରିଖରୁ ଲାଗୁ କରାଯାଇଛି। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇବା ସହ ସଚେତନତା ମଧ୍ୟ ବୃଦ୍ଧି ପାଇଛି। ତେବେ ମୁଖ୍ୟମନ୍ତ୍ରୀ ୩ ମାସ ପାଇଁ ଆଇନକୁ କଡାକଡି ଭାବେ ପାଳନ ନ କରି ଲୋକଙ୍କୁ ଆଇନ ସମ୍ପର୍କରେ ସଚେତନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପେକ୍ଷୀରେ ଶନିବାର ରେଢାଖୋଲ ପୋଲିସ ପକ୍ଷରୁ ସ୍ଥାନୀୟ ଭୀମଭୋଇ କଲେଜର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ. ହରପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଏସ୍ଡିପିଓ ହାଡିବନ୍ଧୁ ସ୍ୱାଇଁ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନୂତନ ଟ୍ରାଫିକ ନିୟମ ଓ ଉଲ୍ଲଂଘନକାରୀମାନଙ୍କ ପାଇଁ ରହିଥିବା ଦଣ୍ଡବିଧାନ ସମ୍ପର୍କରେ ସୂଚନା ଦେଇଥିଲେ। ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ଯୋଗଦେଇ ଟ୍ରାଫିକ ପରିଚାଳନା ସମ୍ପର୍କରେ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ର ଶୁଭ୍ରାଂଶୁ ଶେଖର ପାଣିଗ୍ରାହୀ, ସୁନନ୍ଦା ବିଶ୍ୱାଳ, ଜ୍ୟୋତିର୍ମୟୀ ରଥ, ମମତା ମେହେରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜନନୀ ସୁନାନି, ତପସ୍ୟା ଭୋଇ ସହଯୋଗ କରିଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।



ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।



ଶନିବାର ସମ୍ବଲପୁରଠାରେ ଅଠରଗଡ ଫୁଲମାଳି ସମାଜର ନିୟମାବଳୀ ପୁସ୍ତକ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

## ଅଠରଗଡ଼ ଫୁଲମାଳି ସମାଜର ନିୟମାବଳୀ ଉନ୍ମୋଚନ

**ସମ୍ବଲପୁର,୧୪।୯(ବ୍ୟୁରୋ)**

ଅଠରଗଡ଼ ଫୁଲମାଳି ସମାଜର ନିୟମାବଳୀ ପୁସ୍ତକ ଶନିବାର ଉନ୍ମୋଚିତ ହୋଇଯାଇଛି । ବଡବଜାର ଗୌରି ମଣ୍ଡପଠାରେ ସଭାପତି ରଘୁମଣୀ ପଟେଲଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା । ସମ୍ପାଦକ କମଳ ପଟେଲ ମଞ୍ଚ ସଂଯୋଜନା କରିଥିଲେ । ବରଗଡ଼ ଏମ୍ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ରାସେଶ୍ୱରୀ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଓଡ଼ିଶା ପ୍ରାନ୍ତ କାର୍ଯ୍ୟକାରୀ ସଭାପତି ଟଙ୍କଧର ମାଝି, ଛତିଶଗଡ ପ୍ରାନ୍ତ ସଭାପତି ସେବକରାମ ପଟେଲ, ବରଗଡ଼ ମଣ୍ଡଳ ଉପସଭାପତି ଦୀନବନ୍ଧୁ ପଟେଲ, ସମ୍ବଲପୁର ମଣ୍ଡଳ ଉପସଭାପତି ନୃପମଣୀ ପଟେଲ, ଝାରସୁଗୁଡ଼ା ମଣ୍ଡଳ ଉପସଭାପତି ଖେଳାକର ପାଣ୍ଡେ, ସୁନ୍ଦରଗଡ଼ର ରାଜୁ ପଟେଲ, ରାୟଗଡ଼ର ତୋଡାରାମ ମାଲାକାର, ସାରଙ୍ଗଗଡ଼ର ପରଶରାମ ପଟେଲ, ସରିଆର କ୍ଷୀରୋଦ୍ର ପାଣ୍ଡେ, ଶଶିଧର ପାଣ୍ଡେ, ଛତିଶଗଡ଼ର ଭାଗିରଥି ପଟେଲ ଓ କହ୍ନେୟାଲାଲ ପଟେଲ, ଓଡ଼ିଶାର ପୂର୍ବତନ ସଭାପତି ରଘୁବୀର ପାଣ୍ଡେ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।

## ଜିଏମ୍ୟୁରେ ସ୍ୱଚ୍ଛତା ଅଭିଯାନ

**ସମ୍ବଲପୁର,୧୪।୯(ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ) ପରିସରରେ ଶନିବାର ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ରାଜନୀତି ବିଜ୍ଞାନ ଅଧ୍ୟାପିକା ଡ. ଇନ୍ଦିରା ଗଡନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଡ. ପ୍ରଶାନ୍ତ ମିଶ୍ର, ଡ. ପ୍ରଦ୍ୟୁଷ ଆଚାର୍ଯ୍ୟ, ଡ. ଦିଲୀପ ସାହୁ, ଡ. ରାକେଶ ମିଶ୍ର ଯୋଗଦେଇ ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ। ଡ. ପ୍ରଶାନ୍ତି ମିଶ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ସଚେତନତା ସଭା ପରେ ସ୍ୱଚ୍ଛତା ଜାଗୃତି ଅଭିଯାନ ରାଲି ହୋଇଥିଲା। ଅଲଫିଲ୍ ଛୁରୀଆ, ସାଇପ୍ରସାଦ ସାହୁ, ସୁଲଗ୍ନା ଦାଶ, ସୌମ୍ୟରଞ୍ଜନ ବଡପଣ୍ଡା, ସାଶ୍ୱତ ପଣ୍ଡା, ସୁଶାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଅମୃତ ବିହାର ପରିସର ସଫେଇ କରାଯାଇଥିଲା।



ଶନିବାର ଜିଏମ୍ୟୁ ପରିସର ଅମୃତ ବିହାରରେ ଛାତ୍ରୀଛାତ୍ରମାନେ ସଫେଇ କରୁଛନ୍ତି।

## ପଢ଼ିଆବାହାଲରେ ଭାଗବତ ସପ୍ତାହ ପାଳିତ

**ପଢ଼ିଆବାହାଲ,୧୪।୯(ଡି.ଏନ.ଏ.)**

ସମ୍ବଲପୁର ଜିଲା ପଢ଼ିଆବାହାଲ ଅଞ୍ଚଳର ବିଭିନ୍ନ ସ୍ଥାନରେ ଭାଗବତ ସପ୍ତାହ ପାଳିତ ହୋଇଯାଇଛି। ଖଲିଆପାଲିଠାରେ ବ୍ୟାସ ଗୋପାଳମଣି ମିଶ୍ର ଓ ସହଯୋଗୀ ରଣ କୁମାର ଭାଗବତ ପାଠ କରିଥିଲେ। ୧୬ଜଣ ବ୍ରତଧାରୀ ସ୍ରୋତାଙ୍କ ସହ ଶତାଧିକ ଶ୍ରଦ୍ଧାଳୁ ପ୍ରତିଦିନ ସକାଳ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଭାଗବତ ପାଠ ଶୁଣିଥିଲେ। ପରେ ବ୍ରତଧାରୀମାନେ ସୂର୍ଯ୍ୟାସ୍ତ ପୂର୍ବରୁ ହବିଷାନ୍ନ କରୁଥିଲେ। ଶନିବାର ଅପରାହ୍ନ ୪ଟାରେ ଭାଗବତ ପାରାୟଣ ସହ ହୋମଯଜ୍ଞ ସମାପନ ପରେ ଭଜନ ସମାରୋହ ସନ୍ଧ୍ୟା ହୋଇଥିଲା। ସେହିପରି ପଟୁଆମୁହାଣ ସତ୍ସଙ୍ଗ ବିହାରରେ ଗ୍ରାମବାସୀଙ୍କ ଉଦ୍ୟମରେ ସପ୍ତାହବ୍ୟାପି ଭାଗବତ ପାଠ ହୋଇଥିଲା। ଏହି ଅବସରରେ ବିନୋଦ ବିପିନ ବିହାରୀ ସାମଲ ଭାଗବତ ଉପରେ ପ୍ରବଚନ ପ୍ରଦାନ କରିଥିଲେ । ବାହାମ ଜଗନ୍ନାଥ ମନ୍ଦିରଠାରେ ଅଶ୍ୱିନୀ କୁମାର ବିଶ୍ୱାଳ ଭାଗବତ ପାଠ କରିଥିଲେ। ସେହିପରି ଖଲିଆପାଲିଠାରେ ଯୁଗଳ ମିଶ୍ରଙ୍କ ନେତୃତ୍ୱ ଓ ମହେଶ୍ୱର ନାୟକଙ୍କ ପୌରୋହିତ୍ୟରେ ଭାଗବତ ପାଠ ହୋଇଥିଲା। ଏଥିରେ ଗ୍ରାମର ସମସ୍ତେ ସାମିଲ ହୋଇ ପୁରାଣପାଠ କରିଥିଲେ।

## ଫଟୋରେ ଖବର



ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧାପନା ପ୍ରକୋଷ୍ଠ-୧ରେ ହିନ୍ଦୀ ଦିବସ ଉତ୍ସବରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।




ସ୍ୱଚ୍ଛ ଜଳ ଓ ସ୍ୱଚ୍ଛ ପରିବେଶ ବାର୍ତ୍ତା ନେଇ ଶନିବାର ଜେସିଆଇ ସମ୍ବଲପୁର ସିଟି କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବାହାରିଛନ୍ତି ।



ଶନିବାର କାହ୍ନା ଆୟୋଜିତ ନୂଆଁଖାଇ ଭେଟ୍ଘାଟ୍ରେ ଯୋଗଦେଇଥିବା ମହିଳା ଓ ବାଳିକା ମାନେ ।

## କାହ୍ନାର ନୂଆଁଖାଇ ଭେଟ୍ଘାଟ୍

**ସମ୍ବଲପୁର,୧୪।୯(ବ୍ୟୁରୋ)**

କଲ୍ୟାଣ ନଗର ହାଉସ୍ ହୋଲ୍ଡ ଆସୋସିଏଶନ୍(କାହ୍ନା) ପକ୍ଷରୁ ନୂଆଁଖାଇ ଭେଟ୍ଘାଟ୍ ଅନୁଷ୍ଠିତ ହୋଇଯାଇଛି । ସଭାପତି ତ୍ରିଲୋଚନ ରାୟ ଉତ୍ସବରେ ଅଧକ୍ଷତା କରିଥିଲେ । ପ୍ରଫେସର ପଙ୍କଜ ପଟେଲ, ଡା. ଗିରିଶ ଚନ୍ଦ୍ର ସାହୁ, ବେଣୁଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୧ ଶହ ପରିବାର ସମବେତ ହୋଇ ନୂଆଁଖାଇ ପାଳନ କରିଥିଲେ । ପାରମ୍ପାରିକ ପୀଠା, ମଡାରେ ଅଞ୍ଚଳ ମହକି ଉଠିଥିଲା । ବାଳିକା ବାଳକମାନେ ନୃତ୍ୟ ଗୀତ ପରିବେଷଣ କରିଥିଲେ । ସୁଶିଲ ମିଶ୍ର, ଦୀନବନ୍ଧୁ ପଣ୍ଡା, ବିଭୁତିଭୂଷଣ ଦାଶ, ଉମାକାନ୍ତ ପଟେଲ, ରଞ୍ଜିତ ସାହୁ, ସୌମ୍ୟ ମିଶ୍ର, ପ୍ରଫୁଲ୍ଲ ନେପାକ, ଡୋଲାମଣୀ ମେହେର, ନବୀନ ଚନ୍ଦ୍ର କର୍ତ୍ତି, ସ୍ୱରୂପ ବାବୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଶନିବାର ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧାପନା ପ୍ରକୋଷ୍ଠ-୧ରେ ହିନ୍ଦୀ ଦିବସ ଉତ୍ସବରେ ଛାତ୍ରୀଛାତ୍ରମାନେ ।

# ଥମୁନି ଡେଙ୍ଗୁ ଆତଙ୍କ, ପୁଣି ଜଣେ ମୃତ

**କୁତ୍ରା, ୧୪।୯ (ଡି.ଏନ.ଏ)**

- ନିୟନ୍ତ୍ରଣ ପାଇଁ ଲାଗିପଡ଼ିଛି ପ୍ରଶାସନ
- ବହୁ ଆକ୍ରାନ୍ତ ବ୍ୟକ୍ତି ଚିକିତ୍ସିତ ହେଉଛନ୍ତି

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକର ଖତକୁରବାହାଲ ଗ୍ରାମରେ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ଡେଙ୍ଗୁ ଜ୍ୱର ବ୍ୟାପିବା ପରେ ଆତଙ୍କ ଥମୁନାହିଁ। ପ୍ରଶାସନ ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଲାଗିପଡିଥିବା ଦେଖିବାକୁ ମିଳିଛି। ଖତକୁରବାହାଲରେ ୧୫ ଦିନ ତଳେ ଜଣେ ବ୍ୟକ୍ତିଙ୍କ ଘରେ ଜ୍ୱର ଲାଗି ରହିଥିବା ଦେଖି ରାଉରକେଲାଠାରେ ଚିକିତ୍ସିତ ହୋଇ ଡେଙ୍ଗୁ ହୋଇଥିବା ଜାଣିବାକୁ ପାଇଲେ। ପରେ ଗ୍ରାମର ବହୁ ଜ୍ୱରରୋଗୀ ସୁନ୍ଦରଗଡ, ରାଉରକେଲା ଯାଇ ଚିକିତ୍ସିତ ହୋଇଥିଲେ। ସେମାନେ ଡେଙ୍ଗୁଜ୍ୱରରେ ପିଡିତ ଥିବା ଜଣାପଡିଥିଲା। ଚିକିତ୍ସିତ ଅବସ୍ଥାରେ ଜଣେ ଅଙ୍ଗନୱାଡି କର୍ମୀ ଓ ଜଣେ ଗ୍ରାମବାସୀ ମୃତ୍ୟୁବରଣ କରିଥିଲେ। ଖବର ପାଇଲା ପରେ ଜିଲା ସ୍ୱାସ୍ଥ୍ୟବିଭାଗ ତତ୍ପର ଦେଖାଇ ଖତକୁରବାହାଲରେ କ୍ୟାମ୍ପକରି ସଚେତନ କାର୍ଯ୍ୟକ୍ରମ ସାଙ୍ଗକୁ ରକ୍ତ ନମୁନା ସଂଗ୍ରହ କରିବାରେ ଲାଗି ପଡିଛନ୍ତି। ସ୍ୱାସ୍ଥ୍ୟକର୍ମୀମାନେ ଘର ଘର ଯାଇ ଲୋକଙ୍କୁ ସଚେତନ କରିବା ସାଙ୍ଗକୁ ମଶା ମରାତେଲେ ଛିଞ୍ଚନ, ଡିଡିଟି ସ୍ପ୍ରେ ଭଳି କାମରେ ଲାଗି ପଡିଛନ୍ତି। ହେଲେ ମଧ୍ୟ ଡେଙ୍ଗୁ ଥମୁ ନ ଥିବା ଦେଖିବାକୁ ମିଳିଛି। ପ୍ରତିଦିନ କରାଯାଉଥିବା ରକ୍ତ ନମୁନା ପରୀକ୍ଷାରେ ଅନେକ ରୋଗୀଙ୍କ ଡେଙ୍ଗୁ ଜୀବାଣୁ ଦେଖିବାକୁ ମିଳୁଛି। ଶନିବାର ସନ୍ଧ୍ୟାରେ ସୁନ୍ଦରଗଡ ସିଡିଏମଓ ପଙ୍କଜ ପଟେଲ ଖତକୁରବାହାଲ ଗ୍ରାମକୁ ଆସି ସ୍ଥିତି ସମ୍ବନ୍ଧରେ ତଦାରଖ କରିଥିଲେ। ସନ୍ଧ୍ୟାରେ ଗ୍ରାମବାସୀଙ୍କ ସହିତ ବସି ଆଲୋଚନାକରି ପାଣି ଜମିବାକୁ ନ ଦେବା ପାଇଁ, ନିଜ ଘର ପରିସରକୁ ସଫା ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହା ସାଙ୍ଗକୁ ଗ୍ରାମବାସୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଖତକୁରବାହାଲ ଗ୍ରାମର ଏମଡ଼ି ହସିବ, ଏମ ଡ଼ି ରାମଜାନା ଏମଡ଼ି ଜାବୁଲଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ଉପସ୍ଥିତ ରହି ସିଡିଏମଓଙ୍କ ସହିତ ଆଲୋଚନା କରିଥିଲେ। ରକ୍ତ ନମୁନା ପରୀକ୍ଷା ପାଇଁ ଛୋଟ ଛୁଆଙ୍କୁ ସୁନ୍ଦରଗଡ ଯିବାକୁ ପଡୁଥିବାରୁ ଖତକୁରବାହାଲଠାରେ ରକ୍ତ ପରୀକ୍ଷା ପାଇଁ ଦାବି କରିବାରୁ ମଙ୍ଗଳବାର ଦିନଠାରୁ ଏଠାରେ ଛୋଟ ପିଲାଙ୍କ ରକ୍ତ ନମୁନା ସଂଗ୍ରହ ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସିଡିଏମଓଙ୍କୁ ଡେଙ୍ଗୁ ବ୍ୟାପିବାର କାରଣ ପଚାରିବାରୁ ବହୁ ସଂଖ୍ୟାରେ ଅବ୍ୟବହୃତ ଟାୟାର ପଡି ରହିଥିବାରୁ ଡେଙ୍ଗୁ ମଶା ଦେଖାଯିବା ସାଙ୍ଗକୁ ରୋଗ ବ୍ୟାପିବାରେ ସହାୟକ ହେଉଥିବା ପ୍ରକାଶ କରିବା ସାଙ୍ଗକୁ ସ୍ୱାସ୍ଥ୍ୟକର୍ମୀମାନେ ଟାୟାରରେ ପାଣି ଜମିବାକୁ ନଦେବା ପାଇଁ ସଚେତନ କରୁଥିବା ପ୍ରକାଶ କରିଥିଲେ। ଖୁବଶୀଘ୍ର ନିୟନ୍ତ୍ରଣ କରାଯିବ ବୋଲି କହିଥିଲେ। ସ୍ୱାସ୍ଥ୍ୟ ବିଭାଗର ଡିପିଏମ ଓ ଏନଏଚଏମ ଦୀପକ କୁମାର ମହାନ୍ତି, ଭିବିଡି କନ୍ସୁଲେଟନ୍ ମନୋଜ ମହାପାତ୍ର, ଲୋଜିଷ୍ଟିକ ମ୍ୟାନେଜର ଦିଲୀପ କୁମାର ସେଠୀ ସ୍ୱାସ୍ଥ୍ୟ ପରିଦର୍ଶକ ମହେନ୍ଦ୍ର ପୁରୋହିତ, ସ୍ୱାସ୍ଥ୍ୟକର୍ମୀ ସୁନୀତା ଲାକ୍ରା, ମଙ୍ଗଳ ରାଉତ, ଟିକେଶ୍ୱର ନାଏକ, ରକ୍ମଣୀ ତନ୍ତି, ଜିତେନ୍ଦ୍ର ଲାକ୍ରା, ପ୍ରଶାନ୍ତ ସୋରେଙ୍ଗ, ଦିଲୀପ ଲାକ୍ରା, ମୀନରଞ୍ଜନ ନାଏକ, ଭାଦୁଆ ଓରାମ, ବିନୋଦ ଗୋସ୍ୱାମୀ ପ୍ରମୁଖ ଖତକୁରବାହାଲରେ କ୍ୟାମ୍ପ କରି ଲୋକଙ୍କ ରକ୍ତନମୁନା ସଂଗ୍ରହ, ସଚେତନତ କାର୍ଯ୍ୟକ୍ରମରେ ଦାୟୀତ୍ୱ ତୁଲାଇଥିବା ବେଳେ କୁତ୍ରା ଡାକ୍ତରଖାନା ଅଧିକାରୀ ଡା. ଶ୍ରୀକାନ୍ତ ଟପ୍ପୋ ସମସ୍ତ କାର୍ଯ୍ୟ ତଦାରଖ କରୁଥିବା ଜଣାପଡିଛି।



ଗ୍ରାମବାସୀ ସିଡିଏମଓଙ୍କ ସହ ଆଲୋଚନା କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଖାଏ ଲୋ ବାଇଗଣ,**
**ପୁଣି ତ ସେହି ତୁଅଣ;**
**ରୁଷିବାର କେଉଁ ଗୁଣ।**

ତରକାରିରେ ବାଇଗଣ ପଡ଼ି ରୋଷେଇ ହୋଇଥିବା ଦେଖି ରୁଷି କରି ଖାଉ ନ ଥିବା ବ୍ୟକ୍ତି ପୁଣି ସେଇ ତରକାରି ଖାଇବା ଅନେକଙ୍କ ଆଖିରେ ଭ୍ରୂକୁଞ୍ଚନ ସୃଷ୍ଟି କରିଥାଏ। ସେଇ କଥା ତ ହେଲା, ଏତେ ସୁଆଙ୍ଗ କରି ଲାଭ କ'ଣ ? ସାଧାରଣତଃ ଯେଉଁ କଥାପାଇଁ ଜଣେ ରୁଷିଥାଏ ପୁନଶ୍ଚ ସେଇକଥାକୁ ଆଦରିନେବା ବା ସାଦରେ ଗ୍ରହଣ କରିନେବା ବ୍ୟକ୍ତି ପକ୍ଷେ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନଈ ଆଢ଼େ ଚାଷ,**
**ଅନ୍ତୁଡି ପୁଅକୁ ଆଶ।**

ନଈ ବନ୍ଧ ତଳେ କରାଯାଉଥିବା ଚାଷ ଉପରେ ଭରସା ନ ଥାଏ। ନଈରେ ବଢ଼ି ଆସିଲେ ଫସଲ ପାଣିରେ ବୁଡ଼ିଯାଇ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ସେହିପରି ଜନ୍ମିତ ସନ୍ତାନର ଭବିଷ୍ୟତ କ'ଣ ହେବ କିପରି ହେବ ତାହା ଏବେଠୁ କହି ହୋଇ ନ ଥାଏ। ଏପରିସ୍ଥଳେ ତା' ଉପରେ ଆସ୍ଥା ପ୍ରକଟ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ସଂକ୍ଷେପରେ

### ତୁଡାଲଗାର ବାସନ୍ଦ ପରିବାର ଜିଲାପାଳଙ୍କ ଦ୍ୱାରସ୍ଥ

**ବଡଗାଁ, ୧୪।୯ (ଡି.ଏନ.ଏ)-** ବଡଗାଁ ଥାନା ଅନ୍ତର୍ଗତ ତୁଡାଲଗା ଗ୍ରାମର ୨ଜଣ ଯୁବକଙ୍କୁ ଚାରିଚକିଆ ଯାନରେ ଧକ୍କା ଦେଇ ହତ୍ୟା ଉଦ୍ୟମ କରିବା ଘଟଣାର ଅଭିଯୋଗ ପରେ ସେନ ଓ ଜଗତ ପରିବାର ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ସେନ ପରିବାରଙ୍କୁ ଗାଁରେ ବାସନ୍ଦ କରିବା ପରେ ସେମାନେ ଥାନାରେ ଜଣାଇଥିଲେ। ଥାନାରେ ନ୍ୟାୟ ନ ମିଳିବାରୁ ଜିଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। କମଳଲୋଚନ ସେନ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଜୁଲାଇ ୨୧ରୁ ଗ୍ରାମବାସୀ ବାସନ୍ଦ କରିଛନ୍ତି। ଫଳରେ ଆମ ପରିବାର ଶାରିରୀକ ଓ ମାନସିକ ଯନ୍ତ୍ରଣା ଭୋଗୁଛୁ। ପୁଅ ଜଗଦିଶ ସେନ ଷ୍ଟାନ ଷ୍ଟିଲ କାରଖାନାର ଡ୍ରାଇଭର ଭାବେ କାର୍ଯ୍ୟରତ ଥିଲେ। ସେ ଚଳାଉଥିବା ବସରେ ଘଟିଥିବା ଦୁର୍ଘଟଣାକୁ ନେଇ ଆମ ପରିବାରକୁ ଦାୟୀ କରିବା ସହ ବାସନ୍ଦ କରିଛନ୍ତି। ଜୁଲାଇ ୨୬ ତାରିଖ ଏହା ଉପରେ ଥାନାରେ ଜଣାଇଥିଲୁ କିନ୍ତୁ ନ୍ୟାୟ ବିଚାର ଏ ପର୍ଯ୍ୟନ୍ତ ନ ପାଇବାରୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛୁ। ଅଭିଯୋଗପତ୍ରରେ ତାଙ୍କ ପରିବାର ଲୋକଙ୍କୁ ମାଡ ମରାଯାଇଥିବା ଓ କାର ଭଙ୍ଗାରୁଜା କରାଯାଇଥିବା ଘଟଣା ଉଲ୍ଲେଖ କରିବା ସହ ଜୁଲାଇ ୨୫ ତାରିଖ ଗ୍ରାମବାସୀ ବୈଠକ କରି ମୋ ପରିବାରକୁ ନିଆଁ ପାଣି ବାସନ୍ଦ କରିଛନ୍ତି। ସରକାରୀ ନଳକୂଅରୁ ପାଣି ଆଣିବାକୁ ଦେଉନାହାନ୍ତି। ପୋଖରୀକୁ ଗାଧୋଇବାକୁ ମନା, ତାଙ୍କ ଦୋକାନରୁ ଜିନିଷ ନ ଦେବା, ଆମ ଦୋକାନରୁ ଜିନିଷ ନ କିଣିବା, ଗାଁରେ କେହି କଥା ନ ହେବା, ସାମୂହିକ କାର୍ଯ୍ୟକୁ ନ ଡାକିବା, ମନ୍ଦିର ବା ଆନୁଷ୍ଠାନିକ କାର୍ଯ୍ୟରେ ଚାନ୍ଦା ନ ଦେବା, ରାସ୍ତାରେ ଯାତାୟତ କଟକଣା, ଛୋଟ ପିଲାଙ୍କ ଟ୍ୟୁଉସନ୍ ବନ୍ଦ କରିଦିଆଯାଇଛି। ଏଥିପାଇଁ ଗ୍ରାମର କେତେକ ବ୍ୟକ୍ତି ଲୋକଙ୍କୁ ଏକତ୍ରିତ କରି ଏଭଳି କରିଥିବା ଅଭିଯୋଗ କରାଯାଇଛି।

### ସବୁଜ ବନାନୀ କାର୍ଯ୍ୟକ୍ରମ

**ଲଖନପୁର,୧୪।୯ (ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଦଲଗାଁ ପଞ୍ଚାୟତର ବିଜୁ ଯୁବ ବାହିନୀ ତରଫରୁ ସବୁଜ ବନାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେନାମାଲ ୟୁ.ପି.ସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲ ପରିସରରେ ଅଁଳା, ଶିଶୁ, ନିମ୍ବ ଆଦି ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ କଲ୍ୟାଣୀ ସେଠ୍, ବସନ୍ତ ପାଢୀ, ନନ୍ଦଲାଲ ସେନାପତି, ମନୋଜ ପାଢୀ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଜୁ ଯୁବ ବାହିନୀ ସଭାପତି ମହେନ୍ଦ୍ର ସେଠ୍, ସମ୍ପାଦକ ସୁରେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ସଞ୍ଜୀବ ଲୁହା, ସଞ୍ଜୀବ ମିରିଗ୍, ରାମ ପ୍ରସାଦ ବିଶ୍ୱାଳ, ଜ୍ଞାନ ପାଢୀ ପ୍ରମୁଖ ସହଯୋଗ କରିଥିଲେ।

### ଭାଗବତ ସପ୍ତାହ ଉଦ୍‌ଯାପିତ

**ବ୍ରଜରାଜନଗର, ୧୪।୯ (ଡି.ଏନ୍.ଏ.)-** ବ୍ରଜରାଜନଗରସ୍ଥିତ ଜଗନ୍ନାଥ ମନ୍ଦିରରେ ଭାଗବତ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ ଯଜ୍ଞର ପୂର୍ଣ୍ଣାହୂତି ଓ ପରେ ଆଳତି କରାଯାଇଥିଲା। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଯୋଗଦେଇଥିଲେ। ଚଳିତ ବର୍ଷ ବ୍ୟାସଦେବ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ରାମଦାସ ପଣ୍ଡା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।




ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକ ପ୍ରତିନିଧିମାନେ।

# ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

**ବ୍ରଜରାଜନଗର, ୧୪।୯ (ଡି.ଏନ୍.ଏ.)**

ବ୍ରଜରାଜନଗର ପୌର ପରିଷଦ ସଭାଗୃହରେ ଅନୁଷ୍ଠିତ ଏକ ବୈଠକରେ ପୌରାଞ୍ଚଳର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ବିଧାୟକ କିଶୋର ମହାନ୍ତି। ଏହି ବୈଠକରେ ବିଧାୟକଙ୍କ ସହିତ ବରିଷ୍ଠ ଆଇନ୍‌ଜୀବୀ ବିଶ୍ୱନାଥ ନାୟକ, ବିଜେଡି ସଭାପତି ଜୟନ୍ତ ଦୀକ୍ଷିତ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ନିର୍ବାହୀ ଅଧିକାରୀ ଦିଲୀପ ପଟେଲଙ୍କ ସହିତ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଯୋଗଦେଇଥିଲେ। ଦଶହରା ପୂର୍ବରୁ ରାସ୍ତାଘାଟ ମରାମତି, ଲାଇନ ବ୍ୟବସ୍ଥା, ପାଇପ ଲାଇନ ଖୋଳାଯିବା ରାସ୍ତାର ତୁରନ୍ତ ମରାମତି ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ପୌରାଞ୍ଚଳର କିପରି ବିକାଶ ହୋଇପାରିବ ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶେଷରେ ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ଦୂରେଇ ରଖାଯାଇଥିଲା।

# ସାପ କାମୁଡ଼ାରେ ଜଣେ ମୃତ

**ବ୍ରଜରାଜନଗର, ୧୪।୯ (ଡି.ଏନ୍.ଏ.)**

ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ବନମୂର ଆଦିବାସୀ କଲୋନୀର ଲିଙ୍ଗ ଗୌଡ (୨୮)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଲିଙ୍ଗ ସବୁଦିନ ପରି ଶୁକ୍ରବାର ରାତି ୧୨ ଟାରେ ଖାଇପିଇ ଘରେ ଶୋଇଥିଲେ। ଏହି ସମୟରେ ତାଙ୍କ ବାମ ଗୋଡ଼ ଆଙ୍ଗୁଳିକୁ ଏକ ଚିତି ସାପ କାମୁଡି ଦେଇଥିଲା।

ସକାଳୁ ଘଟଣା ସମ୍ପର୍କରେ ଲିଙ୍ଗ ତାଙ୍କ ପଡୋଶୀଙ୍କୁ ଜଣାଇଥିଲେ। ପଡ଼ିଶା ଲୋକ ତାଙ୍କୁ ତୁରନ୍ତ ମଣ୍ଡଳିଆ ଓ ପରେ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ବୁର୍ଲା ନେବା ପାଇଁ ପରାମର୍ଶ ଦେଇଥିଲେ। ସାଙ୍ଗରେ ଯାଇଥିବା ଲୋକମାନେ ତାଙ୍କୁ ବୁର୍ଲା ନେବା ପରିବର୍ତ୍ତେ ଝଡାଫୁଙ୍କା କରିବାକୁ ବ୍ରଜରାଜପୁର ଆଣିବାବେଳେ ଇବ୍ ନଦୀଠାରେ ତାଙ୍କ ମୃତ୍ୟୁ ଘଟିଥିଲା। ଲିଙ୍ଗଙ୍କ ୨ ଗୋଟି ଝିଅ, ପୁଅ ରହିଥିବାବେଳେ ସ୍ତ୍ରୀ ଗର୍ଭବତୀ ଅଛନ୍ତି। ତାଙ୍କ ନିଜ ଘର ଦେବଗଡରେ ହୋଇଥିବାରୁ ଶବ ସତ୍କାର ପାଇଁ ଦେବଗଡ଼ ନିଆଯାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ। କମ୍ ସୁଧ ଏବଂ ସହଜ କିସ୍ତି। କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି।
Office No. 2b/44, Indra Complex, Main Market Road, Ranchi, Jharkhand, 834001
9582606103
9654417419

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଭାରତର ସର୍ବଶ୍ରେଷ୍ଠ କଂପାନୀ ହିନ୍ଦୁସ୍ଥାନ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ। ୨ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9499452368

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ। ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା
ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ପ୍ଲଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 90 ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday







# ସୌନ୍ଦର୍ଯ୍ୟ ଆଲରେ

**ନିଜକୁ ସୁନ୍ଦର ଏବଂ ଷ୍ଟାଇଲିସ୍ ଲୁକ୍ ଦେବା ଲାଗି ବେଶ୍ ଆଗଭର ଆଜିର ଯୁବପିଢି । ଏଥିପାଇଁ ସେମାନେ ବ୍ୟୁଟିପାର୍ଲର, ସ୍ପା ସେଣ୍ଟର ଏବଂ ସେଲୋନ୍ ଯିବାକୁ ପଛାଉ ନାହାନ୍ତି। ହେଲେ ସୌନ୍ଦର୍ଯ୍ୟ ଆଲରେ କେବେ କେବେ ଅନେକେ ଅଜାଣତରେ ଠକାମିର ମାୟାଜାଲରେ ଫସି ଯାଉଥିବାର ନଜିର ରହିଛି...**

ବର୍ତ୍ତମାନ ପାଠ ପଢ଼ା, ଜବ୍ ଠାରୁ ଆରମ୍ଭ କରି ନାଚ, ଗୀତ, ଖେଳ ଇତ୍ୟାଦି ପର୍ଯ୍ୟନ୍ତ ସବୁଥିରେ ଚାଲିଛି ପ୍ରତିଯୋଗିତା। ତେବେ ଏହି ଦୌଡ଼ରୁ ବାଦ୍ ପଡିନି ସୌନ୍ଦର୍ଯ୍ୟ। ଅର୍ଥାତ୍ ନିଜକୁ ସୁନ୍ଦର ଏବଂ ଷ୍ଟାଇଲିସ୍ ଲୁକ୍ ଦେବା ଲାଗି ବର୍ତ୍ତମାନ ଅଧିକାଂଶ ବ୍ୟୁଟିପାର୍ଲର, ସ୍ପା ସେଣ୍ଟର ଏବଂ ସେଲୋନ୍ ଯାଉଥିବା ଦେଖିବାକୁ ମିଳୁଛି। ହେଲେ ସୌନ୍ଦର୍ଯ୍ୟ ବୃଦ୍ଧି ନିଶାରେ ସେମାନେ ଅଜାଣତରେ ବିଭିନ୍ନ ଆକର୍ଷଣୀୟ ଅଫରର ମାୟାଜାଲରେ ଫସି ଆବଶ୍ୟକରୁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି ବୋଲି ଜାଣି ପାରୁନାହାନ୍ତି...

**ମେମ୍ବରଶିପ୍ ଅଫର:** ବର୍ତ୍ତମାନ ଅନେକ ବ୍ୟୁଟିପାର୍ଲର, ସ୍ପା ଏବଂ ସେଲୋନ୍‌ରେ ଏକ ବର୍ଷ, ୨ ବର୍ଷ, ଲାଇଫ୍ ଟାଇମ୍ ଭଳି ବିଭିନ୍ନ ମେମ୍ବରଶିପ୍ ଅଫର ଦିଆଯାଉଛି। ମେମ୍ବରଶିପ୍‌ର ସମୟସୀମା ଯେତେ ଅଧିକ ରହୁଛି ସେହି ଅନୁସାରେ ଟଙ୍କା ମଧ୍ୟ କମ୍ ରହୁଛି। କେବଳ ଏତିକି ନୁହେଁ ମଝିରେ ମଝିରେ ମେମ୍ବରମାନଙ୍କୁ ଫ୍ରି ଫେସିଆଲ, ହେୟାର ଷ୍ଟାଇଲ୍ କିମ୍ବା ସ୍ପା ଆଦି ଯୋଗାଇ ଦେଉଛନ୍ତି। ତେଣୁ ଅଧିକାଂଶ ଯୁବତୀଯୁବକ ମେମ୍ବରଶିପ୍ ନେଉଥିବା ଦେଖିବାକୁ ମିଳୁଛି। ହେଲେ ଏହାଦ୍ୱାରା ସେମାନେ ଏତେ ଦିନ ପାଇଁ ଟଙ୍କା ଦେବାକୁ ବାଧ ବୋଲି ବୁଝିପାରୁନାହାନ୍ତି।

**ଡିସ୍କାଉଣ୍ଟର ଲୋଭ:** ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ସେଲୋନ୍ ଗୁଡିକରେ ବିଭିନ୍ନ ପ୍ରକାରର ଡିସ୍କାଉଣ୍ଟ ଦିଆଯାଉଛି। ଯେଉଁଥିରେ ଏକ ନିର୍ଦ୍ଦିଷ୍ଟରୁ ଅଧିକ ଟଙ୍କାର ଫେସିଆଲ ହେଉ କି ଅନ୍ୟ କିଛି କରାଇବା ଦ୍ୱାରା ୨୦%, ୩୦% ଡିସ୍କାଉଣ୍ଟ କିମ୍ବା ହେୟାର କଟିଂ ସହିତ ଫେସିଆଲ୍, ହେୟାର ସ୍ପା ସହିତ ଫେସ୍ କ୍ଲିନ୍‌ଅପ୍ କିମ୍ବା ପେଡି କିଓର, ମେନି କିଓର୍, ଦାଢି ଟ୍ରିମିଂ ଏବଂ ଶେପିଂ ଆଦି ଭଳି ବିଭିନ୍ନ କମ୍ବୋପ୍ୟାକ୍ ଉପରେ ସ୍ପେଶାଲ ଡିସ୍କାଉଣ୍ଟ ଦେଉଛନ୍ତି। ତେବେ ଏସବୁ ଡିସ୍କାଉଣ୍ଟ ଲୋଭରେ ସେଲୋନ୍ ବା ବ୍ୟୁଟିପାର୍ଲର ଗୁଡିକରେ ସବୁ ବର୍ଗ ବିଶେଷ କରି ଯୁବତୀ ଯୁବକଙ୍କର ଭିଡ ଜମୁଥିବାର ଦେଖିବାକୁ ମିଳୁଛି।

**ଆଡଭାନ୍ସ ପେମେଣ୍ଟ:** ଅନେକ ପାର୍ଲରରେ ଏକାଧିକ ବ୍ୟୁଟି ସଲ୍ୟୁଶନ୍‌ସ ପାଇଁ ଆଡଭାନ୍ସ ପେମେଣ୍ଟ ସିଷ୍ଟମ କରାଯାଇଛି। ସେଠାରେ ଥରେ ଥରେ ପେମେଣ୍ଟ କରି ଅଧିକ ଟଙ୍କା ଖର୍ଚ୍ଚ କରିବା ଅପେକ୍ଷା ଏକାଥରେ ଆଡ୍‌ଭାନ୍ସ ପେମେଣ୍ଟ ଦେଲେ କେତେ ଟଙ୍କାର ରିହାତି ସୁବିଧା ଯୋଗାଇ ଦେଉଥିବାରୁ ଅଧିକାଂଶ ଗ୍ରାହକ ଏହି ଜାଲରେ ଫସି ଯାଉଛନ୍ତି।

**କପୁଲ୍ ଡିସ୍କାଉଣ୍ଟ:** ଦିନଥିଲା ମହିଳା ଏବଂ ପୁରୁଷଙ୍କ ବ୍ୟୁଟିପାର୍ଲର, ସେଲୋନ୍ ଏବଂ ସ୍ପା ଆଦି ସମ୍ପୂର୍ଣ୍ଣ ଅଲଗା ଅଲଗା ଥିଲା। ହେଲେ ବର୍ତ୍ତମାନ ଚାରିଆଡେ ୟୁନିସେକ୍ସ ପାର୍ଲର ଖୋଲିଗଲାଣି। ଯେଉଁଠାରେ ଉଭୟ ପୁଅ ଏବଂ ଝିଅ ନିଜ ନିଜର ଆବଶ୍ୟକତା ଅନୁଯାୟୀ ଫେସିଆଲ୍ ଠୁ ଆରମ୍ଭ କରି ହେୟାର କଟିଂ, କଲରିଂ, ସ୍ପା ପର୍ଯ୍ୟନ୍ତ ବିଭିନ୍ନ ସୁବିଧା ପାଇ ପାରୁଛନ୍ତି। ତେବେ ଏଭଳି ବ୍ୟୁଟି କେୟାର ସେଣ୍ଟରଗୁଡିକ ଅଧିକରୁ ଅଧିକ ଗ୍ରାହକ ଆସିବା ଲାଗି କପ୍‌ଲ ଡିସ୍କାଉଣ୍ଟ ଯୋଗାଇ ଦେଉଛନ୍ତି। ଯେଉଁଥିପାଇଁ ବିବାହିତ ଦମ୍ପତି ହୁଅନ୍ତୁ ଅବା ପ୍ରେମୀଯୁଗଳ ଏଭଳି ଡିସ୍କାଉଣ୍ଟ ପ୍ୟାକ୍‌ର ସୁବିଧା ଅଧିକ ନେଉଥିବାର ଦେଖିବାକୁ ମିଳୁଛି।



ଶୁଭ୍ରାଂଶୁ



ପ୍ରିୟାଙ୍କିଲ୍

## କ'ଣ କରନ୍ତି ଏମାନେ...

**ଶୁଭ୍ରାଂଶୁ ଶେଖର ସେନାପତି** (କର୍ମଜୀବୀ,)- ନିଜର ପର୍ସନାଲିଟି ମେଣ୍ଟେନ୍ କରିବାକୁ ହେଲେ ଗେଟ୍‌ଅପ୍ ସହିତ ଲୁକ୍ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ତେଣୁ ଭଲ ଖାଇବା, ପିନ୍ଧିବା ଭଳି ମୁହଁକୁ ମଧ୍ୟ ଯଥା ସମ୍ଭବ ସୁନ୍ଦର ରଖିବାକୁ ଚେଷ୍ଟା କରେ। ସେଥିପାଇଁ ନିୟମିତ ସମୟ ଅନ୍ତରାଳରେ ସେଲୋନ୍ ଯାଇ ଦାଢି, କେଶ କଟିଂ ଏବଂ ଷ୍ଟାଇଲିଂ କରାଇଥାଏ। ତେବେ ଏସବୁ ପାଇଁ ଯଦି କୌଣସି ସେଲୋନ୍‌ରେ କିଛି ଡିସ୍କାଉଣ୍ଟ ଅବା କମ୍ ଟଙ୍କାରେ କମ୍ବୋ ପ୍ୟାକ୍ ମିଳିଯାଏ ତେବେ ଏହି ସୁଯୋଗ ହାତଛଡା କରେନି।

**ପ୍ରିୟାଙ୍କିଲ୍ ନାୟକ**(କର୍ମଜୀବୀ, ଭୁବନେଶ୍ୱର)- ସୁନ୍ଦରତା ଭଗବାନଙ୍କ ବରଦାନ। ତେଣୁ ଏହାର ଠିକ ଯତ୍ନ ନେବା ଆବଶ୍ୟକ। ଆଉ ଏଥିପାଇଁ ନିୟମିତ ବିୟୁଟିପାର୍ଲର ଯିବାଠୁ ଭଲ ଅପ୍ସନ ଆଉ କ'ଣ ବା ହୋଇପାରେ। ହେଲେ ପାର୍ଲରରେ ବିଭିନ୍ନ ଅଫର ଆଦି ଆଲରେ ଫସି ଯାଇ ଅନାବଶ୍ୟକ ଖର୍ଚ୍ଚ ହେଉ କିମ୍ବା କୌଣସି ସୌନ୍ଦର୍ଯ୍ୟଜନିତ ସମସ୍ୟା ଯେପରି ନ ଭୋଗେ ସେଥିପାଇଁ କେବଳ ବିଶ୍ୱସ୍ତ ତଥା ପରୀକ୍ଷିତ ପାର୍ଲରକୁ ହିଁ ଯାଇଥାଏ।





ୟୁଥ ଆଲର୍ଟ

# ଟାଟୁ କରୁଥିଲେ...

**ବର୍ତ୍ତମାନ ଅନେକଙ୍କ ପାଇଁ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଥିବା ଟାଟୁ ତ୍ୱଚା ସମ୍ବନ୍ଧିତ ବିଭିନ୍ନ ସମସ୍ୟାର କାରଣ ସାଜୁଛି।**

ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଟାଟୁ କ୍ରେଜ୍ ବଢୁଥିବା ଦେଖିବାକୁ ମିଳୁଛି। କେବଳ ନାଁ ନୁହେଁ ଏହା ସହ ଫୁଲ, ଠାକୁରଙ୍କ ଚିତ୍ର, ବାଘ, ସିଂହ ଭଳି ପଶୁ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର କଳାକୃତି ଟାଟୁ କରାଉଛନ୍ତି। ଏମିତି କି ଅନେକ ପ୍ରେମୀଯୁଗଳଙ୍କ ଠାରେ ଟାଟୁ ନିଶା ଏତେ ଅଧିକ ଯେ, ସେମାନେ ପରସ୍ପରର ନାଁ ନିଜ ହାତରେ ଟାଟୁ କରାଇବାକୁ ବି ପଛାଉ ନାହାନ୍ତି। ହେଲେ ଆପଣ ଜାଣନ୍ତି କି, ବର୍ତ୍ତମାନ ଅନେକଙ୍କ ପାଇଁ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ପାଲଟିଥିବା ଟାଟୁ ତ୍ୱଚା ସମ୍ବନ୍ଧିତ ବିଭିନ୍ନ ସମସ୍ୟାର କାରଣ ସାଜୁଛି। ଜାଣି ରଖନ୍ତୁ ସେ ସମ୍ପର୍କରେ...

❖ବର୍ତ୍ତମାନ ଅନେକଙ୍କ ଶରୀରର ବିଭିନ୍ନ ଅଂଶରେ ଟାଟୁ ଦେଖିବାକୁ ମିଳୁଛି। ହେଲେ ଏହା ଯୋଗୁ କେତେକଙ୍କଠାରେ ଲାଲ ପଡି ଫଳିଯିବା, ଫୁଲିବା ଭଳି ସମସ୍ୟ ଉପୁଜୁଛି। ବେଳେ ବେଳେ ଉକ୍ତ ସ୍ଥାନରେ ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍‌ଶନ୍ ବି ହୋଇଥାଏ।

❖ଟାଟୁ କରିବାର ପ୍ରାୟ ୪ ମାସ ପର୍ଯ୍ୟନ୍ତ ରକ୍ତଦାନ କରିବା ମନା।

❖ପରମାନେଣ୍ଟ ଟାଟୁ କଷ୍ଟରୁ ରକ୍ଷା ପାଇବା ଲାଗି ଅନେକେ ଷ୍ଟିକର ଟାଟୁ ବି ବ୍ୟବହାର କରୁଛନ୍ତି। ଏଥିରେ ଦିଆଯାଇଥିବା କେମିକାଲ ତ୍ୱଚା ଉପରେ ହାନିକାର ପ୍ରଭାବ ପକାଉଛି।

❖ଟାଟୁ ପାର୍ଲରରେ ଟାଟୁ କରିବା ଲାଗି ବ୍ୟବହାର ହେଉଥିବା ଛୁଞ୍ଚ, ପଞ୍ଚ ଗନ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଅନେକଙ୍କଠାରେ ବ୍ୟବହାର କରାଯାଇଥାଏ। ଏହାକୁ ଭଲ ଭାବେ ଜୀବାଣୁମୁକ୍ତ କରା ନ ଯାଇଥିବାରୁ ଏଚ୍‌ଆଇଭି, ହେପାଟାଇଟିସ୍ ଭଳି ରୋଗ ସଂକ୍ରମଣର ଆଶଙ୍କା ବଢିଯାଇଥାଏ।

❖ଟାଟୁ କରିବା ଦ୍ୱାରା କେତେକଙ୍କ ଠାରେ କ୍ୟାନ୍ସର ଭଳି ମାରାତ୍ମକ ରୋଗ ବି ସୃଷ୍ଟି ହୋଇଥାଏ।

❖ବର୍ତ୍ତମାନ କେବଳ ଗୋଟିଏ ରଙ୍ଗ(କଳା) ନୁହେଁ ବରଂ ଟାଟୁକୁ ଅଧିକ କଲରଫୁଲ୍ ଲୁକ୍ ଦେବାକୁ ସମସ୍ତେ ପସନ୍ଦ କରୁଛନ୍ତି। ହେଲେ ଜାଣନ୍ତିକି, ଏଥିପାଇଁ ବ୍ୟବହାର ହେଉଥିବା ରଙ୍ଗରେ ଆଲୁମିନିଅମ୍, ଟିଟାନିଅମ୍ ଡାଇଅକ୍ସାଇଡ୍, ଲେଡ୍, କ୍ରୋମିଅମ୍, ନିକେଲ୍, ଆଇରନ୍ ଅକ୍ସାଇଡ୍ ଭଳି ଅନେକ ଉପାଦାନ ରହିଥାଏ ଯାହାକି ପରବର୍ତ୍ତୀ ସମୟରେ ତ୍ୱଚାରେ ଆଲର୍ଜିଠାରୁ ଆରମ୍ଭ କରି ତ୍ୱଚା ସମ୍ବନ୍ଧିତ ବିଭିନ୍ନ ସମସ୍ୟାର କାରଣ ସାଜିଥାଏ।

❖ଟାଟୁରେ କେତେକ ଡିଜାଇନ୍ କରିବା ଲାଗି ଛୁଞ୍ଚିକୁ ତ୍ୱଚାର ଅଧିକ ଭିତର ପର୍ଯ୍ୟନ୍ତ ଫୁଟାଇବାକୁ ହୋଇଥାଏ। ଫଳରେ ରଙ୍ଗ ମଧ୍ୟ ମାଂସପେଷୀ ଭିତରକୁ ଚାଲିଯାଇଥାଏ ଏବଂ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। ବିଶେଷଜ୍ଞଙ୍କ ମତରେ ବିଶେଷ କରି କଳାଜାଇ ବା ତିଳ ଚିହ୍ନ ଥିବା ସ୍ଥାନରେ ଟାଟୁ କରାଇବା ଅଧିକ ସମସ୍ୟା ସୃଷ୍ଟି କରିଥାଏ।



## ଏ ସପ୍ତାହର ପ୍ରଶ୍ନ

୧- .......... ରାଜ୍ୟରେ ମାତ୍ର ଜଣେ ଲୋକ ସଭା ସଦସ୍ୟ ଅଛନ୍ତି ?
୨-ମୁସା ପାରାଡିସିଆକା ........ ର ବୈଜ୍ଞାନିକ ନାମ।
୩-ଓସ୍କାର ପାଇଥିବା ପ୍ରଥମ ଭାରତୀୟ .......... ?
୪- ଦି ଡାଏରୀ ଅଫ୍ ଏ ୟଙ୍ଗ୍ ଗାର୍ଲ ପୁସ୍ତକର ଲେଖିକା........ ?
୫- କୁଇନ୍ ଅଫ୍ ଆରବିଆନ୍ .........ଙ୍କୁ କୁହାଯାଏ ?

## ଗତ ଥରର ଉତ୍ତର

୧ ମେଘାଳୟ
୨ ୧୮୨ ମିଟର
୩ ୩ ପାଉଣ୍ଡ ବା ୧୪୦୦ଗ୍ରାମ୍
୪ ଦିଲ୍ଲୀ
୫ ଚାଣକ୍ୟ

## ଉତ୍ତର ଦାତା



ଅଜିତ୍ ପ୍ରସାଦ, ସୁନ୍ଦରଗଡ଼



ଚନ୍ଦ୍ରମା ହୋତା, ବଲାଙ୍ଗୀର



ଶେଖ୍ ମୋଜାହିଦ୍ ମହତାବ୍, ସୌଦି ଆରବ



ସ୍ୱପ୍ନରଞ୍ଜନ ପାଢ଼ୀଯୋଷୀ, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

# କର୍ମକ୍ଷେତ୍ରରେ ସମୟାନୁବର୍ତ୍ତିତା...

**କର୍ମକ୍ଷେତ୍ରରେ ବିଳମ୍ବରେ ପହଞ୍ଚିବା ଏଭଳି ଏକ ବଦାଭ୍ୟାସ ଯାହା କର୍ମଜୀବୀଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଏହାକୁ କିପରି ସୁଧାରି ପାରିବେ ଜାଣି ରଖନ୍ତୁ ଟିପ୍ସ...**



■ଟାଇମ୍ ମ୍ୟାନେଜ୍‌ମେଣ୍ଟର ଅଭାବ ହିଁ କାର୍ଯ୍ୟସ୍ଥଳରେ ବିଳମ୍ବରେ ପହଞ୍ଚିବାର ମୁଖ୍ୟ କାରଣ। ତେଣୁ ପ୍ରତ୍ୟେକ କାର୍ଯ୍ୟ ଲାଗି ଏକ ସମୟସୀମା ନିର୍ଦ୍ଧାରଣ କରନ୍ତୁ ଏବଂ ସେହି ଅନୁଯାୟ କାର୍ଯ୍ୟ କରନ୍ତୁ।

■ଆଜି ଯଥା ସମୟରେ କାମ ହୋଇଗଲା ଅର୍ଥାତ୍ ସବୁଦିନ ମଧ୍ୟ ହୋଇଯିବ ଭଳି ଭାବନା କେବେ କେବେ ମଣିଷକୁ ଅଳସୁଆ କରିଦିଏ। ତେଣୁ ଏଭଳି ଆଦୌ ନ ଭାବି ପ୍ରତିଦିନର କାମକୁ ଯଥା ସମୟରେ ସାରିଦିଅନ୍ତୁ।

■ବର୍ତ୍ତମାନ ସମୟରେ ମଲ୍ଟି ଟାସ୍କିଂ ହେବା କୌଣସି ଚ୍ୟାଲେଞ୍ଜ ଠୁ କମ୍ ନୁହେଁ। ହେଲେ ଏପରି କଲେ ଆପଣ ଗୋଟିଏ ସମୟରେ ଏକାଧିକ କାର୍ଯ୍ୟ କରିପାରିବା ସହ ଠିକ୍ ସମୟରେ ଅଫିସ୍‌ରେ ପହଞ୍ଚି ପାରିବେ।

■ଦୈନିକ ଶୋଇବା ଏବଂ ଉଠିବାର ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ। ଅଧିକ ରାତିଯାଏ ଟିଭି, ଲ୍ୟାପ୍‌ଟପ୍, ମୋବାଇଲରେ ବ୍ୟସ୍ତ ନ ରହି ଶୀଘ୍ର ଶୁଅନ୍ତୁ। ପର୍ଯ୍ୟାପ୍ତ ନିଦ୍ରା ଆପଣଙ୍କୁ ସକାଳୁ ଠିକ ସମୟରେ ଉଠିବାରେ ସାହାଯ୍ୟ କରିବା ସହ ଦିନଯାକର କାର୍ଯ୍ୟ କରିବା ଲାଗି ସ୍ଫୁର୍ତ୍ତୀ ଯୋଗାଇବ।

■ ଅଫିସ୍‌ରେ ପରବର୍ତ୍ତୀ ଦିନ କେଉଁ କେଉଁ କାର୍ଯ୍ୟ କରିବେ ତାହାକୁ ପୂର୍ବ ରାତିରୁ ଚିନ୍ତା କରି ରଖନ୍ତୁ। ଯେପରିକି ଅଫିସ୍‌ର କୌଣସି ଦରକାରୀ ଫାଇଲ୍ ଆଦି ପୂର୍ବ ରାତିରୁ ହିଁ ପ୍ୟାକ୍ କରିଦିଅନ୍ତୁ।

■ଘରୁ ବାହାରିବା ପୂର୍ବରୁ ସବୁବେଳେ ହାତରେ କିଛି ସମୟ ରଖିଥାନ୍ତୁ। ଫଳରେ ବାଟରେ ଟ୍ରାଫିକ ଜାମ୍ ହେଉ କିମ୍ବା ଅନ୍ୟ କୌଣସି କାରଣ ଯୋଗୁ କାର୍ଯ୍ୟସ୍ଥଳୀରେ ପହଞ୍ଚିବା ଯେପରି ଡେରି ନ ହୁଏ।

■ନିଜର ବ୍ୟକ୍ତିଗତ ତଥା ପାରିବାରିକ କାର୍ଯ୍ୟ କରିବାବେଳେ ଯେଉଁଭଳି ତତ୍ପରତା ଦେଖାଉଛନ୍ତି, ତାହାକୁ ନିଜ ପ୍ରଫେଶନାଲ ଲାଇଫ୍‌ରେ ମଧ୍ୟ କାର୍ଯ୍ୟକାରୀ କରନ୍ତୁ। କାର୍ଯ୍ୟକ୍ଷେତ୍ରରେ ସମୟ ପୂର୍ବରୁ ପହଞ୍ଚନ୍ତୁ ଏବଂ ସେଠାରେ ଛୋଟ ହେଉ କି ବଡ ସମସ୍ତ କାର୍ଯ୍ୟକୁ ଯଥା ସମୟରେ ଶେଷ କରିବାକୁ ଚେଷ୍ଟା କରନ୍ତୁ। ଏହା ଆପଣଙ୍କୁ ଏକ ଦକ୍ଷ କର୍ମୀର ପରିଚୟ ଦେବ।

# SUNDAY classifieds




## BRIDE WANTED

Deserving Khandayat Groom B.Tech, MBA (IIM) working as Software Engineer, (Cast-no-bar). Contact: 9861022751. D-14351

ଆପଣଙ୍କ ପୁଅଙ୍କ ପାଇଁ ଉପଯୁକ୍ତ କନ୍ୟାପାତ୍ରୀ ଖୋଜୁଛନ୍ତି କି for early marriage. 7978736177. D-14290

Son age 30 B.Tech IIT Dhanbad MBA XLRI Jamsedpur working in Manager at Pune salary 20laks 7008986003. (Caste-no-bar). D-14295

Khandayat son age 31 B.Tech IIT Kharagpur M.Tech IIM Bangalore working in Gartner Gurgaon salary 30lacs 8144589551. D-14297

## GROOM WANTED

ଗୋପାଳ କନ୍ୟା, 5'3", 28, Graduation, P.G ପାଇଁ ବର ଆବଶ୍ୟକ। Phone: 8847825195. D-64090

ନୟାଗଡ଼ ବାସିନ୍ଦା ଏକମାତ୍ର ଝିଅ (୨୫ବର୍ଷ) ଓଡ଼ିଆ ଭଣ୍ଡାରି ଜାତି, ମଧ୍ୟବିତ ପରିବାର ପାଇଁ ପୁଅ ଖୋଜୁଛୁ। ମୋ: ୮୮୨୦୪୬୫୨୨୫। ଧ-୧୪୩୪୭

Now Matrimonial ads. only on Wednesday & Sunday Book 1 Get 1 FREE

ଆପଣଙ୍କ ଝିଅଙ୍କ ପାଇଁ ଉପଯୁକ୍ତ ବରପାତ୍ର ଖୋଜୁଛନ୍ତି କି for early marriage. 7978736177. D-14289

Deputy Registrar ଭାବରେ Central Govt.ର ISMରେ କାର୍ଯ୍ୟରତ। ଛାଡପତ୍ରଥିବା ୪୦ବର୍ଷର ଝିଅ ପାଇଁ ସ୍ତ୍ରୀ ନଥିବା ବରପାତ୍ର ଆବଶ୍ୟକ। ୪୦ବର୍ଷ ଉପରକୁ ହୋଇଥିବା ବରପାତ୍ର ଯୋଗାଯୋଗ କରନ୍ତୁ। 8763284487 D-63785

Brahmin looking groom for girl B.Tech NIT MBA IIT Chennai working in MNC Company at Mumbai 6372748613. D-14296




## SALE

**4000 sqft plot sale at Patia (near Big Bazar), Bhubaneswar. Directly buyer Contact Deepak-9937329999.** D-66298

**Gharabari boundary plot Infocity-2 near 200ft. road side. Direct owner-8144391451.** D-66768

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-14319

**କଟକ–ଗୋପାଳପୁର ଧାକୁଲେଇପିଠରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440.** D-66769

2 lacs deposit ଦେଇ Bank loan ମାଧ୍ୟମରେ Bhubaneswarରେ plot କିଣନ୍ତୁ। Registration/possession ନେଇ ଘର କରନ୍ତୁ। Mob: 8917412076. D-14282

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

Simplex 2BHK, Tankapani road, Saitemple, 1500sqft land 27,40,000/, BJEM-(2) simplex 1200sqft 15,80,000/- (Finance available). 7735738102. D-14292

**4800 sft gharabari plot for sale at Pokhariput (Near DAV School), Bhubaneswar. Contact Deepak: 9937329999.** D-66292

New 2BHK flat with parking available for sale at Sundarpada price below 30 lakhs. Ph: 9938810414. D-66299

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

Plot for sale 15420sqft. prime property wall boundary one owner near Dhauli Square, Bhubaneswar. Contact:9867329320, 9699446464. D-67226

**BDA approval ଯୋଗ୍ୟ ପ୍ଲଟ୍ Symphony Mall ପାଖରେ 50,40,000/-ରେ ବିକ୍ରିହେବ। Contact buyer only - 9040059669.** D-67063

3BHK Nos.2 flats sale at Manorama Estate in front of Esplanade, Rasulgarh. 9668678978. D-14349

50'x80' GA plot Sahid Nagar, 3200 sqft. Gajapatinagar, 37000 sqft. IDCO plot KIIT for sale 9439177563. D-14350

**ଭୁବନେଶ୍ୱର ସୁନ୍ଦରପଦା Xavier University ପଛପଟରେ Immediate registration & Possession ସହିତ ସ୍ଥିତିବାନ ପ୍ଲଟ ସୁଲଭମୂଲ୍ୟରେ ମିଳୁଅଛି। Contact: 8249292535.** D-66780

Gharabari plot at Atala near Hanspal Square, Bhubaneswar 30' wideroad, electricity, immediate registration / possession, boundary. 9438419823, 9437286655. D-67062

**Residential plot sale at Patrapada 600mtr from NH, Sqft-2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619.** D-66781

212 decml gharabari sthitiban plot, yellowzone on 60ft road adjacent to 200ft road at a distance of 100mtrs @ 1.1 crore for sale. Contact: Owner -9338342502. D-67390

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14330

ଭୁବନେଶ୍ୱର IIT ଅରଗୁଳ ରେଲଓ୍ୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14331

1500sqft gharabari plot 30ft wideroad 2km. before Xavier University, Bhubaneswar for sale. 9937162220. D-66188

BDA Plot 30' Road, Electricity ସହିତ ମାତ୍ର 7,00,000/-ରେ NH-16ରୁ 200 Mtr. distanceରେ ମିଳୁଅଛି। 9439101373, 7750068828. D-14348




Structural Engineer available for design residential, commercial, also steel building design by professor, GP Meher 9437056486 / 6309629747, Bhubaneswar. D-63957

## GENERAL

## SALE

Nice colour GSD puppies of Kennel club registered parents. 9437205577. D-67501

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767




Cold store size 15x12x10 near Rasulgarh Chhaka, Bhubaneswar. 8917525377, 9777509408. D-14333

3BHK semifurnished modern flat at main road Unit-8, Soubhagya nagar. 9000004523. D-67706

Brick plant on rent. For Flyash brick one plant & machines having plant shed capacity 16000 sqft. land area 22000 sqft. with readymade office, store, staff quarter. Security & rent negotiable. Contact: 9938810414, 9861022444. D-66300

2500sqft. for godown cum office at Bhanpur between Cuttack, Bhubaneswar. Please call: 9437033691. D-65688

25000sqft. open space / stockyard at Gudiapokhari, before Pipili, Puri. 9937443656. D-67228

3BHK, 3bathroom, tiled floor individual house, carshed at Ratnakarbag, Bhubaneswar. 9937024304. D-67227

**ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651.** D-66763

3BHK near Bhagwan Tower, Canal road, Shanti Nagar, Jharpada, Bhubaneswar. Contact: 9885043645. D-67229




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Refresh your mind and soul with best therapy at Orchid Salon/Spa. 9937287222. D-66958

Kajal ayurvedic massage club fully relaxed by smart lady, home service available. 9937637219. D-66960

Ayurvedic herbal body massage trend therapist. Mob: 8018246332. D-66961

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Stitching long term project contract for tailoring, professionals. Gujarat Textile, Bhubaneswar. 7978852917. D-14329

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

## AFFIDAVIT

By virtue of an affidavit before Executive Magistrate, Bhubaneswar I Biswa Ketan Panda changed my daughter's name from Aishawarya @ Divyanshi Panda to Divyanshi Panda. Henceforth she shall be known as Divyanshi Panda for all purposes. D-67065

## କୃତୀ ଛାତ୍ରୀ



**ସିଦ୍ଧିରୂପା ଦଳାଇ**

ଏକାମ୍ର ଶିକ୍ଷା ନିକେତନର ଛାତ୍ରୀ ସିଦ୍ଧିରୂପା ଦଳାଇ ବି.ଏମ୍.ସି ବୃତ୍ତି ପରୀକ୍ଷାରେ ୧ମ ଏବଂ ଭାରତୀୟ ଶିକ୍ଷା ପରିଷଦ ତରଫରୁ ରାଜ୍ୟରେ ୪ର୍ଥ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଛନ୍ତି। ଧ-୬୬୯୬୨

## CLASSIFIED BOOKING STATIONS

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**EUREKA ADVERTISER**
N-6/259, Jaydev Vihar, Bhubaneswar
Nihar Ranjana Mohanty
Ph: 0674-2360820, 9090660177
Email: eureka.advtr@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**ASSET PROPERTIES**
Plot- 3766, Lewis Road, BBSR-751014
Ph: (0674) 2435756 (Tel/Fax) 9337124748, 9439963384
Email: ramaprasad1961@gmail.com

**BISHNUPRIYA COMMUNICATION**
Shop-5, Ground Floor, P.D Market, BBSR
Contact: Chintu Choudhury
Ph: 9338301743, 9853533237

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

### ଆରମ୍ଭ ହେଲା ପିତୃପକ୍ଷ

# ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ତିଳତର୍ପଣ, ପିଣ୍ଡଦାନ



ମାର୍କଣ୍ଡେୟ ପୁଷ୍କରିଣୀରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଉଛି।

ପୁରୀ ଅଫିସ, ୧୪।୯

ଶନିବାରଠାରୁ ଆରମ୍ଭ ହୋଇଛି ପିତୃପକ୍ଷ। ଏହା ୧୫ ଦିନ ଅର୍ଥାତ୍ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ୧୫ ଦିନରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ତିଳ ତର୍ପଣ ଓ ପିଣ୍ଡଦାନ କରାଯାଇଥାଏ। ଏଥିଲାଗି ଶ୍ରୀକ୍ଷେତ୍ରକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି। ପିତୃପକ୍ଷ ପ୍ରଥମ ଦିନରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ସ୍ନାନ କରି ତିଳତର୍ପଣ କରିଛନ୍ତି। ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ ପିତୃପକ୍ଷ କୁହାଯାଏ। ପିତୃ ପୁରୁଷଙ୍କ ମୃତ୍ୟୁ ତିଥିରେ ତାଙ୍କ ଉତ୍ତର ପୁରୁଷ ତିଳତର୍ପଣ ସହ ମହାଳୟା ବିଧିରେ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି। ଯେଉଁମାନେ ତିଥିରେ ଶ୍ରାଦ୍ଧ କରିପାରନ୍ତି ନାହିଁ ସେମାନେ ମହାଳୟା ଦିନ ଶ୍ରାଦ୍ଧ ପ୍ରଦାନ କରିଥାନ୍ତି। ତର୍ପଣ ଓ ଶ୍ରାଦ୍ଧ କରିବା ଦ୍ୱାରା ପିତୃଲୋକ ସନ୍ତୁଷ୍ଟ ହୋଇ ପରିବାରର ସୁଖ, ଶାନ୍ତି, ସମୃଦ୍ଧି ବୃଦ୍ଧି କରିଥାନ୍ତି। ଅନେକ ବ୍ୟକ୍ତି ଯେଉଁମାନେ ଘରେ ଶ୍ରାଦ୍ଧ ଦେଇ ନ ପାରନ୍ତି ସେମାନେ ବାଇଶ ପାହାଚରେ ପିଣ୍ଡଦାନ କରିଥାନ୍ତି। ଏହି ପିତୃପୁରୁଷଙ୍କୁ ଦୀପାବଳି ଅମାବାସ୍ୟା ଦିନ 'ଅନ୍ଧାରରେ ଆସ ଆଲୁଅରେ ଯାଅ' ବୋଲି କୁହାଯାଇ ବିଦାୟ ଦିଆଯାଏ।

# ହୃଦ୍‌ଘାତରେ କଏଦୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୧୪।୯

ସ୍ତ୍ରୀ ହତ୍ୟା ମାମଲାରେ ଅଭିଯୁକ୍ତ ଥାଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଜଣେ କଏଦୀଙ୍କର ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ନକୁଳ ସାହୁ (୩୫)। ତାଙ୍କ ଘର ହିଞ୍ଜିଳିକାଟୁ ଥାନା ଦୁର୍ବନ୍ଧ ଡେରା ସାହି ବୋଲି ମେଡିକାଲ ଫାଣ୍ଡି ପୋଲିସ ସୂଚନା ଦେଇଛି। ଭୋର ୪ଟାରେ ନକୁଳ ମଣ୍ଡଳ କାରାଗାରରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜେଲ କର୍ତ୍ତୃପକ୍ଷ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ନଂ. ୪୮୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୂର୍ବରୁ ତାଙ୍କ ବାପାଙ୍କର ମୃତ୍ୟୁ ହୋଇ ସାରିଥିବା ବେଳେ ମା' ଅକର୍ମଣ୍ୟ। ଭାଇ ମୁମ୍ବାଇରେ କାମ କରୁଛନ୍ତି। ପୋଲିସ ଗ୍ରାମ ଭଦ୍ରଲୋକ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅପରାହ୍ନରେ ତାଙ୍କ ମୃତଦେହ ପଞ୍ଚନାମା କରିଥିବା କହିଛି।

ପ୍ରକାଶ ଯେ, ୨୦୧୪ରେ ନକୁଳ କୌଣସି କାରଣରୁ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ହିଞ୍ଜିଳିକାଟୁ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲାର ବିଚାର ବେଳେ ମାଜିଷ୍ଟ୍ରେଟ ଉପଯୁକ୍ତ ପ୍ରମାଣକୁ ଆଧାର କରି ୨୦୧୫ ସେପ୍ଟେମ୍ବର ୧୯ରେ ଜେଲ ପଠାଇଥିଲେ। ପ୍ରଥମେ ତାଙ୍କୁ ଛତ୍ରପୁର ଉପ କାରଗାରାରେ ରଖାଯାଇଥିଲା। ପରେ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇବାରୁ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ୨୦୧୬ ଜୁଲାଇ ୨୮ରେ ସ୍ଥାନାନ୍ତର କରାଯାଇଥିଲା।

### ପୋଲ ତଳକୁ ଖସିଲା କାର୍

# ଶିଶୁକନ୍ୟା ମୃତ, ୩ ଗୁରୁତର

ବାହାନଗା,୧୪।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଳିଆପାଟଣାସ୍ଥିତ ୧୬ ନମ୍ବର ଜାତୀୟ ରାଜପଥରେ ଥିବା ପୋଲ ଉପରୁ ଶନିବାର ମଧ୍ୟାହ୍ନ ସମୟରେ ଏକ କାର୍ ଭାରସାମ୍ୟ ହରାଇ ୧୬ ଫୁଟ ତଳକୁ ଖସିପଡିଥିଲା। ଏଥିରେ ଥିବା ଜଣେ ଦେଢବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁରୁତରମାନଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ମେଡିକାଲରେ ଭର୍ତ୍ତି କରାଯାଇଛି।

ବାହାନଗା ବ୍ଲକ ପଣପଣା ଗ୍ରାମ ୧୦ ନମ୍ବର ଓ୍ୱାର୍ଡର ପ୍ରଫୁଲ୍ଲ ପଲେଇ, ତାଙ୍କ ସ୍ତ୍ରୀ ସରୋଜିନୀ ଓ ଦେଢବର୍ଷର ଝିଅ ଶିବାଙ୍ଗିନୀଙ୍କ ସହ ସମ୍ପର୍କୀୟ ରତ୍ନାକର ପ୍ରଧାନ, ସ୍ତ୍ରୀ ରଶ୍ମି ଓ ୬ ବର୍ଷର ପୁଅ ସୌମ୍ୟଜିତ୍‌ଙ୍କୁ ନେଇ କାର୍ (ଡିଏଲ-୧୨-ସିଇ ୪୩୨୧)ଯୋଗେ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ଓଳିଆପାଟଣା ପୋଲ ନିକଟରେ କାର୍ ଭାରସାମ୍ୟ ହରାଇ ମଝି ଡିଭାଇଡର ଉପରେ ଚଢ଼ି ଯାଇଥିଲା। ଫଳରେ ମଝିରେ ଲାଗିଥିବା କନିଅର ଗଛରେ କାର୍ ମାଡ ହୋଇ ଦୁଇ ରାସ୍ତାର ମଝିରେ ଥିବା ପୋଲ ତଳକୁ ଓଲଟି ପଡିଥିଲା। ପୋଲ ତଳେ ୪ଫୁଟର ପାଣି ଥିବାରୁ କାର୍‌ଟି ସମ୍ପୂର୍ଣ୍ଣ ବୁଡିଯାଇଥିଲା। ରାସ୍ତାରେ ଯାଉଥିବା କେତେକ ଯୁବକ ପାଣିକୁ ଡେଇଁ କାର ଭିତରୁ ପ୍ରଥମେ ସେମାନଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ସମୟରେ ପ୍ରଫୁଲ୍ଲଙ୍କ ଝିଅ ଶିବାଙ୍ଗିନୀଙ୍କ ମୃତ୍ୟୁ ହୋଇଯାଇଥିଲା। ଗାଡି ଚଳାଉଥିବା ପ୍ରଫୁଲ୍ଲ, ସ୍ତ୍ରୀ ସରୋଜିନୀ ଓ ସମ୍ପର୍କୀୟ ରତ୍ନାକର, ତାଙ୍କ ସ୍ତ୍ରୀ ରଶ୍ମି ଓ ପୁଅ ସୌମ୍ୟଜିତ୍‌ଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ଲୋକମାନେ ଆମ୍ବୁଲାନ୍ସ ଯୋଗେ ଖନ୍ତାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର-୨କୁ ନେଇଯାଇଥିଲେ। ସେଠାରୁ ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ରତ୍ନାକରଙ୍କ ପୁଅ ସୌମ୍ୟଜିତ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଛି। ପ୍ରଫୁଲ୍ଲ ଓ ରତ୍ନାକର ସାମାନ୍ୟ ଆହତ ହୋଇଛନ୍ତି। ଖନ୍ତାପଡ଼ା ପୋଲିସ ପହଞ୍ଚି କ୍ରେନ ଲଗାଇ ପାଣିରୁ କାର୍ ଉଦ୍ଧାର କରି ଥାନାରେ ରଖିଛି।



କ୍ରେନ ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ କାର୍‌କୁ ପାଣି ଭିତରୁ ଉଠାଯାଉଛି।

# ପଲରେ ମିଶିଲା ଗୋଠଛଡ଼ା ହାତୀ ଶାବକ

ପରଜଙ୍ଗ, ୧୪।୯(ଡି.ଏନ.ଏ.)

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ବାଇଗିଣିଆ ଗ୍ରାମ ଦଳିତ ବସ୍ତି ନିକଟ ପଡ଼ିଆରୁ ଶନିବାର ଗ୍ରାମବାସୀ ଉଦ୍ଧାର କରିଥିବା ଅସୁସ୍ଥ ହାତୀ ଶାବକ ଜଙ୍ଗଲକୁ ବାହୁଡ଼ିଛି। ବନ କର୍ମଚାରୀ, ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ ଉପସ୍ଥିତିରେ ହାତୀଛୁଆକୁ ପଲରେ ମିଶାଇବାକୁ ଉଦ୍ୟମ କରାଯାଇଥିଲା। ରାତି ପ୍ରାୟ ସାଢ଼େ ୮ଟାରେ ମା' ହାତୀ ଶାବକକୁ ସାଙ୍ଗରେ ନେଇଯାଇଥିବା ରେଞ୍ଜର ହରମୋହନ ନାୟକ ସୂଚନା ଦେଇଛନ୍ତି। ଉକ୍ତ ଅଞ୍ଚଳରେ ଶୁକ୍ରବାର ରାତିରେ ହାତୀପଲ ବିଚରଣ କରୁଥିଲେ। ହାତୀମାନେ ଫେରିବାବେଳକୁ ଶାବକ ଗୋଠରୁ ଅଲଗା ହୋଇଯାଇଥିଲା। ସକାଳୁ ଗ୍ରାମବାସୀ ଛୁଆକୁ ଉଦ୍ଧାର କରି ବନ ବିଭାଗ ଜିମା ଦେଇଦେଇଥିଲେ।



ଉଦ୍ଧାର ହୋଇଥିବା ହାତୀ ଶାବକ।

ଧରିତ୍ରୀ
DHARITRI
Sunday, 15 September 2019





“ଲିଙ୍ଗ ଭେଦ ବୃଦ୍ଧି ପାଉଥିବାରୁ ଏହାକୁ ରୋକିବା ଲାଗି ବାଧ୍ୟତାମୂଳକ ଭାବେ ୨୫ରୁ ୪୦ ପ୍ରତିଶତ ପାଣ୍ଠି ଉପଲବ୍ଧ କରାଯିବା ଉଚିତ୍।
– ସ୍ମୃତି ଇରାନୀ, କେନ୍ଦ୍ର ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ



“ପର୍ଯ୍ୟଟନ ଶିଳ୍ପରେ ଦେଖାଦେଇଥିବା ଅସୁବିଧା ସମ୍ପର୍କରେ ଆଲୋଚନା କରିବା ଲାଗି ରାଜ୍ୟ ପର୍ଯ୍ୟଟନମନ୍ତ୍ରୀମାନଙ୍କର ବୈଠକ ଥିରୁଭାନନ୍ତପୁରମ୍‌ରେ ୧୬ରେ ଆୟୋଜନ କରାଯିବା।
– ପ୍ରହ୍ଲାଦ ସିଂ ପଟେଲ, କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ

## ସଂକ୍ଷେପରେ

### ରୁପେ ଡେବିଟ କାର୍ଡରେ ଶପିଂ ହେବ ଶସ୍ତା



**ନୂଆଦିଲ୍ଲୀ,୧୪-୯:** ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବାକୁ ଯାଇ ରୁପେ ଡେବିଟ୍ କାର୍ଡ ଜରିଆରେ ନେଣଦେଣ ଉପରେ ମର୍ଚ୍ଚେଣ୍ଟ ଡିସ୍‌କାଉଣ୍ଟ ରେଟ୍(ଏମ୍‌ଡିଆର୍) ହ୍ରାସ କରିଛି। ନୂଆ ଏମ୍‌ଡିଆର୍ ଅକ୍ଟୋବର ୨୦ରୁ ଲାଗୁ ହୋଇଯିବ। ଏନ୍‌ପିସିଆଇର କହିବାନୁଯାୟୀ, ଡେବିଟ୍ କାର୍ଡରେ ନେଣଦେଣରେ ଦିଆଯାଇଥିବା ଛାଡ଼ ସମସ୍ତ ପ୍ରକାର ପଏଣ୍ଟ ଅଫ୍ ସେଲ୍(ପିଓଏସ୍)ରେ ଲାଗୁ ହେବ। ଏହାବ୍ୟତୀତ ଇକମ୍ ଏବଂ ଭାରତକ୍ୟୁଆର୍ କୋଡ୍ ଆଧାରିତ ମର୍ଚ୍ଚେଣ୍ଟ ନେଣଦେଣ ଉପରେ ମଧ ନୂଆ ହାର ଲାଗୁ ହେବ। ପଏଣ୍ଟ ଅଫ୍ ସେଲ୍, ଇକମ୍ ଓ ଭାରତକ୍ୟୁଆର କୋଡ୍ ଆଧାରିତ ବାଣିଜ୍ୟିକ ନେଣଦେଣ ଉପରେ ଏମ୍‌ଡିଆର୍ ସଂଶୋଧିତ ହୋଇଛି। ୨୦୦୦ ଟଙ୍କାରୁ ଅଧିକ ନେଣଦେଣ ଲାଗି ଏମ୍‌ଡିଆର୍ ୦.୬୦% ପର୍ଯ୍ୟନ୍ତ ସଂଶୋଧିତ ହୋଇଛି। ଯେଉଁଥିରେ ସର୍ବାଧିକ ୧୫୦ ଟଙ୍କା ପ୍ରତି ନେଣଦେଣ ରଖାଯାଇଛି। ବର୍ତ୍ତମାନ ଏହା ୧ହଜାର ଟଙ୍କାର ପ୍ରତି ନେଣଦେଣର ସର୍ବୋଚ୍ଚ ସୀମା ସହିତ ୨ ହଜାର ଟଙ୍କାରୁ ଅଧିକ ନେଣଦେଣ ଲାଗି ୦.୯% ଧାର୍ଯ୍ୟ ହୋଇଥିଲା। ଭାରତ କ୍ୟୁଆର୍ କୋଡ୍ ଆଧାରିତ ନେଣଦେଣ ଉପରେ ଏମ୍‌ଡିଆର୍‌କୁ ମଧ କମାଇ ୦.୫% କରାଯାଇଛି। ଏହାର ସର୍ବାଧିକ ଏମ୍‌ଡିଆର୍ ୧୫୦ ଟଙ୍କା ରଖାଯାଇଛି। ଏନ୍‌ପିସିଆଇର କହିବାନୁଯାୟୀ ଏମ୍‌ଡିଆର୍ ହାର କମାଇବା ସହ ସର୍ବାଧିକ ସୀମାକୁ କମାଯିବା ଯୋଗୁ ଲୋକେ ଡେବିଟ କାର୍ଡ ମାଧ୍ୟମରେ ନେଣଦେଣ ଲାଗି ପ୍ରୋତ୍ସାହିତ ହେବେ। ବର୍ତ୍ତମାନ ପର୍ଯ୍ୟନ୍ତ ଅଧିକ ଏମ୍‌ଡିଆର୍ କାରଣରୁ ଲୋକେ ଡେବିଟ୍ କାର୍ଡ ଜରିଆରେ ନେଣଦେଣ ପାଇଁ ପଛଘୁଞ୍ଚା ଦେଉଛନ୍ତି। ଏଥିପୂର୍ବରୁ ଏନ୍‌ପିସିଆଇ ଭୀମ୍ ୟୁପିଆଇ ଜରିଆରେ ନେଣଦେଣ ପାଇଁ ଏମ୍‌ଡିଆର୍‌କୁ ସଂଶୋଧନ କରିଥିଲେ ଏବଂ ଏହାର ସର୍ବୋଚ୍ଚ ସୀମା ୧୦୦ ଟଙ୍କା ରଖାଯାଇଛି। ସେହିପରି ୧୦୦ ଟଙ୍କାରୁ କମ୍ ୟୁପିଆଇ ନେଣଦେଣ ଉପରେ କ୍ୟୁଆର୍ କୋଡ୍ ସ୍କାନ ଦ୍ୱାରା କରାଯାଉଥିଲେ ଏମ୍‌ଡିଆର୍‌କୁ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି।

### ଲେହ୍‌ରେ ଏସ୍‌ବିଆଇ ଖୋଲିଲା ନୂଆ ବ୍ରାଞ୍ଚ

**ଲେହ୍,୧୪-୯:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) କ୍ରମାଗତ ନିଜର ସୁବିଧା ବଢ଼ାଇବା ସହିତ ସୁଦୂର କ୍ଷେତ୍ରରେ ଉପସ୍ଥିତି ଜାହିର କରିବାରେ ଲାଗିଛି। ଏହି କ୍ରମରେ ଲଦାଖ୍‌ର ଲେହ୍‌ରେ ଏକ ବ୍ରାଞ୍ଚ ଖୋଲିଛି। ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ଲେହ୍ ଜିଲ୍ଲାର ନୁବ୍ରା ଉପତ୍ୟକାର ଦିସ୍କିତ୍ ଗାଁରେ ୧୪ତମ ବ୍ରାଞ୍ଚକୁ ଉଦ୍‌ଘାଟନ କରିଛନ୍ତି। ଏହି ଗାଁ ସମୁଦ୍ରପତ୍ତନଠାରୁ ପ୍ରାୟ ୧୦,୩୧୦ଫୁଟ ଉଚ୍ଚରେ ଅବସ୍ଥିତ। ଜମ୍ମୁ-କଶ୍ମୀରରୁ ୩୭୦ ଅନୁଚ୍ଛେଦ ଉଚ୍ଛେଦ ପରେ ଏସ୍‌ବିଆଇ ପକ୍ଷରୁ ପ୍ରଥମ ବ୍ରାଞ୍ଚ ସ୍ଥାପନ କରାଯାଇଛି। ଏହି ଗାଁରେ ପ୍ରାୟ ୧୭୬୦ ଜଣ ବସବାସ କରୁଛନ୍ତି। ନୂଆ ବ୍ରାଞ୍ଚ ଖୋଲିବା ପରେ ଏହି ଗ୍ରାମବାସୀମାନେ ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବା ସହଜରେ ପାଇପାରିବେ।

## ରିଏଲ ଇଷ୍ଟେଟ ଲାଗି ପ୍ୟାକେଜ ଘୋଷଣା

# ଫ୍ଲାଟ୍ କ୍ରେତାଙ୍କ ସ୍ୱପ୍ନ ହେବ ସାକାର

**ନୂଆଦିଲ୍ଲୀ,୧୪-୯**

ଦେଶର ଦେଖାଦେଇଥିବା ଆର୍ଥିକ ମାନ୍ଦାବସ୍ଥାର ପ୍ରଭାବ ରିଏଲ ଇଷ୍ଟେଟ ସେକ୍ଟରରେ ପଡିଛି। ଏହି ସେକ୍ଟର ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ପ୍ୟାକେଜ ଘୋଷଣା କରିଛନ୍ତି। ଅର୍ଦ୍ଧନିର୍ମିତ ଫ୍ଲାଟ୍‌ର ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ସରକାର ୨୦ ହଜାର କୋଟି ଟଙ୍କାର ଏକ ସ୍ପେଶାଲ ୱିଣ୍ଡୋ ଗଠନ କରିଛନ୍ତି। ଏଥିରେ ସରକାର ୧୦ହଜାର କୋଟି ଟଙ୍କା ଦେବେ। ସମ ପରିମାଣ ଅର୍ଥ ଏଲ୍‌ଆଇସି ଓ ଅନ୍ୟ ବାହ୍ୟ ନିବେଶକ ଦେବେ। ଏହାଦ୍ୱାରା ଲକ୍ଷ ଲକ୍ଷ ଲୋକଙ୍କ ଫ୍ଲାଟ୍ କିଣିବା ସ୍ୱପ୍ନ ପୂରା ହୋଇପାରିବ।

ଏହି ପାଣ୍ଠି ସହାୟତାରେ ସାରା ଦେଶରେ ୬୦% ପର୍ଯ୍ୟନ୍ତ କାମ ଶେଷ ହୋଇଥିବା ପ୍ରାୟ ୩.୫ ଲକ୍ଷ ଆଫୋର୍ଡେବଲ ଏବଂ ମିଡିଲ କ୍ଲାସ୍ ହାଉସିଂ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରାଯିବ। ତେବେ ଏନ୍‌ପିଏ ବା ଅନାଦାୟ ଋଣ ହୋଇ ନ ଥିବା, ଦେବାଳିଆ ବା ଆଇବିସି ଅଦାଲତରେ ସମାଧାନ ପାଇଁ ଯାଇ ନ ଥିବା ଏବଂ ନେଟ୍‌ୱର୍ଥ ପଜିଟିଭ ଥିବା ପ୍ରକଳ୍ପଗୁଡ଼ିକୁ ଶେଷ କରିବା ଲାଗି ସରକାର ସହାୟତା ପ୍ରଦାନ କରିବେ ବୋଲି ସର୍ତ୍ତାରୋପ କରାଯାଇଛି।

ଏହାଛଡ଼ା ହାଉସିଂ ଫାଇନାନ୍ସ କମ୍ପାନୀଗୁଡ଼ିକ



ପାଇଁ ବିଦେଶରୁ ଋଣ ଆଣିବା ନିୟମକୁ କୋହଳ କରାଯାଇଛି ବୋଲି ଉଲ୍ଲେଖ କରି ସୀତାରାମନ୍ କହିଛନ୍ତି ଯେ, ହାଉସିଂ ବିଲ୍‌ଡିଂ ଆଡଭାନ୍ସ ଉପରେ ସୁଧ ହାରକୁ ହ୍ରାସ କରାଯାଇଛି। ଏହାଦ୍ୱାରା ଘର କିଣିବାକୁ ଚାହିଁ ବସିଥିବା ସରକାରୀ କର୍ମଚାରୀଙ୍କୁ ଫାଇଦା ମିଳିବ। ଏହାଦ୍ୱାରା ରିଏଲ ଇଷ୍ଟେଟ ସେକ୍ଟରରେ ଚାହିଦା ବଢ଼ିବ। ଅର୍ଥମନ୍ତ୍ରୀ କହିଛନ୍ତି ଯେ, ୪୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଘର କ୍ରୟ ଉପରେ ଟିକସ ଛାଡ଼ର ଫାଇଦା ଦେଖିବାକୁ ମିଳୁଛି। ସେ କହିଛନ୍ତି ଯେ, ଆଫୋର୍ଡେବଲ ହାଉସିଂ ଉପରେ ଏକ୍ସଟର୍ନାଲ କମର୍ସିଆଲ ବରୋଇଙ୍ଗ୍ (ଇସିବି)କୁ ସରଳ କରାଯିବ। ଉଲ୍ଲେଖଥାଉ କି, ଇସିବି ୱିଣ୍ଡୋ ମାଧ୍ୟମରେ ଭାରତୀୟ କମ୍ପାନୀମାନେ ଭିନ୍ନ ଭିନ୍ନ ଇନ୍‌ଷ୍ଟ୍ରୁମେଣ୍ଟ ଜରିଆରେ କେତେକ ବିଶେଷ ସ୍ଥିତିରେ ବିଦେଶରୁ ଋଣ ନେଇପାରୁଛନ୍ତି। ତାଙ୍କର କହିବାନୁଯାୟୀ, ଏ କ୍ଷେତ୍ରରେ ବିଦେଶୀ ଋଣ ନିୟମକୁ ସହଜ କରାଯାଇଛି। ଚାପଗ୍ରସ୍ତ ରିଏଲ ଇଷ୍ଟେଟ ପାଣ୍ଠି ଗଠନ ଲାଗି ସରକାରଙ୍କ ଘୋଷଣାକୁ ରିଏଲ ଇଷ୍ଟେଟ ସେକ୍ଟର ସ୍ୱାଗତ କରିଛି। ରିଏଲ ଇଷ୍ଟେଟ ଡେଭଲପର ସଂଗଠନ କ୍ରେଡାଇ ଅଧ୍ୟକ୍ଷ ଜକ୍ଷୟ ଶାହ କହିଛନ୍ତି ଯେ, ସଦ୍ୟତମ ଘୋଷଣା ଦ୍ୱାରା ସରକାର କେବଳ ଜମି ଯାଇଥିବା ଧୂଳିକୁ ହଟାଇଛନ୍ତି। ସରକାର ଏହି ସେକ୍ଟରର ପରିସ୍ଥିତି ଗମ୍ଭିରତା ବୁଝିପାରିନାହାନ୍ତି। ତେବେ ଏହା ସ୍ୱାଗତ ଯୋଗ୍ୟ। ସେହିପରି ନାରେଡକୋ ଅଧ୍ୟକ୍ଷ ନିରଞ୍ଜନ ହିରାନନ୍ଦାନି କହିଛନ୍ତି ଯେ, ୨୦ ହଜାର କୋଟି ଟଙ୍କାର ପାଣ୍ଠି ଗଠନ ନିଶ୍ଚିତ ଭାବେ ସ୍ୱାଗତ କରାଯାଇପାରେ। ଅନୁରୂପ ଭାବେ ଏନରକ୍ ଅଧ୍ୟକ୍ଷ ଅନୁଜ ପୁରି କହିଛନ୍ତି ଯେ, ଏହି ପାଣ୍ଠି ଯୋଗୁ ଶସ୍ତା ଘର ଓ ମଧ୍ୟବିତ୍ତ ଆୟକାରୀଙ୍କୁ ପାର୍ବଣର ଉପହାର କୁହାଯାଇପାରେ। ସମ୍ପତ୍ତି ପରାମର୍ଶଦାତା କମ୍ପାନୀ ନାଇଟ ଫ୍ରାଙ୍କ ଇଣ୍ଡିଆ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଶିଶିର ବଜାଜ କହିଛନ୍ତି ଯେ, ସରକାର ଉଚିତ ଦିଗରେ ପଦକ୍ଷେପ ନେଇଛନ୍ତି। ରିଏଲ ଇଷ୍ଟେଟ କ୍ଷେତ୍ରରେ ଦେଖାଦେଇଥିବା ଅସୁବିଧାକୁ ଅନେକାଂଶରେ ଦୂର କରିପାରିବ।

## ଦୁବାଇ ଢାଞ୍ଚାରେ ମେଗା ଶପିଂ ଫେଷ୍ଟିଭାଲ

**ନୂଆଦିଲ୍ଲୀ,୧୪-୯**

ମାନ୍ଦାବସ୍ଥାକୁ ଦୂର କରିବା ଲକ୍ଷ୍ୟରେ ରପ୍ତାନି କ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ଯାଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୫୦ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ତେବେ ସରକାର ଦୁବାଇ ଷ୍ଟାଇଲରେ ନୂଆ କରି ମାର୍ଚ୍ଚ ୨୦୨୦ରୁ ଦେଶରେ ଶପିଂ ଫେଷ୍ଟିଭାଲ ଆରମ୍ଭ କରିବାକୁ ଯାଉଛନ୍ତି। ଦେଶର ୪ ବଡ଼ ସହରରେ ଏହାକୁ ଆୟୋଜନ କରାଯିବ। ଜେମ୍ସ ଆଣ୍ଡ ଜୁଏଲେରି, ଯୋଗ ଏବଂ ପର୍ଯ୍ୟଟନ, ବୟନଶିଳ୍ପ ଏବଂ ଚମଡା ଉଦ୍ୟୋଗ ସହ ସମ୍ପର୍କିତ ଫେଷ୍ଟିଭାଲ ଆୟୋଜନ କରାଯିବ। ଦିଲ୍ଲୀର ପ୍ରଗତି ମଇଦାନରେ ଯେପରି ପ୍ରତିବର୍ଷ ଟ୍ରେଡ୍ ଫେୟାର ଆୟୋଜନ କରାଯାଉଛି, ଠିକ୍ ସେହି ଢଙ୍ଗରେ ଶପିଂ ଫେଷ୍ଟିଭାଲ ଆୟୋଜନ କରାଯିବ। ଦୁବାଇରେ ଏଭଳି ଶପିଂ ଫେଷ୍ଟିଭାଲ ପ୍ରତିବର୍ଷ ଆୟୋଜନ କରାଯାଇଥାଏ।

ସେହିପରି ରପ୍ତାନି ପାଇଁ ଲାଗୁଥିବା ସମୟକୁ କମାଇବାକୁ ସରକାର ଚାହୁଁଛନ୍ତି। ଅର୍ଥାତ୍ ବନ୍ଦରଗୁଡ଼ିକରେ ରପ୍ତାନି ପାଇଁ ଆପଣାଯାଉଥିବା ପଦ୍ଧତିକୁ ଅଧିକ ସରଳ କରାଯିବ। ବର୍ତ୍ତମାନ ସାମଗ୍ରୀର କ୍ଲିୟରିଂ ଲାଗି ଅଧିକ ସମୟ ଲାଗିଥାଏ। ଏହାକୁ କମାଇ ଦିଆଯିବ। ନିର୍ମଳା ଆମେରିକା ଓ ଚାଇନାର ଉଦାହରଣ ଦେଇ କହିଛନ୍ତି ଯେ, ସେଠାରେ ବନ୍ଦରରେ ସାମଗ୍ରୀର କ୍ଲିୟରାନ୍ସ ଲାଗି ଗୋଟିଏ ଦିନରୁ କମ୍ ସମୟ ଲାଗିଥାଏ। କିନ୍ତୁ ଭାରତରେ ଏଥିପାଇଁ ୧ରୁ ଅଧିକ ଦିନ ଲାଗିଯାଏ। ସେହିପରି ରପ୍ତାନିକୁ ପ୍ରୋତ୍ସାହିତ କରିବା ଲାଗି ସରକାର ରପ୍ତାନି ଉତ୍ପାଦ ଉପରେ ଲାଗୁଥିବା ଶୁଳ୍କ ଏବଂ ଟିକସ ଛାଡ଼(ଆର୍‌ଓଡିଟିଇପି) ସ୍କିମ୍‌କୁ ଲାଗୁ କରିବାକୁ ଯାଉଛନ୍ତି। ଏହାଦ୍ୱାରା ସରକାରଙ୍କୁ ପ୍ରାୟ ୫୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ। ଆର୍‌ଓଡିଟିଇପି ସ୍କିମ୍ ୨୦୨୦ ଜାନୁୟାରୀ ପହିଲାରୁ ମର୍ଚ୍ଚାଣ୍ଡାଇଜ ଏକ୍ସପୋର୍ଟସ ଫ୍ରମ୍ ଇଣ୍ଡିଆ ସ୍କିମ୍(ଏମ୍‌ଇଆଇଏସ୍)ର ସ୍ଥାନ ନେବ। ପୁରୁଣା ସ୍କିମ୍ ଅଧୀନରେ ସରକାର ସାମଗ୍ରୀ ଏବଂ ଦେଶ ଆଧାରରେ ଶୁଳ୍କ ଉପରେ ଲାଭ ଉପଲବ୍ଧ କରାଇଥାଏ। ଦେଶର ରପ୍ତାନି ୬% ହ୍ରାସ ପାଇଥିବା ବେଳେ ଏହାକୁ ବୃଦ୍ଧି କରିବା ପାଇଁ ସରକାର ପ୍ୟାକେଜ ଘୋଷଣା କରିଛନ୍ତି। ବିଶେଷଜ୍ଞଙ୍କ ମତରେ ସରକାର ନିଷ୍ପତ୍ତି ନେବାରେ ବିଳମ୍ବ କରିଦେଇଛନ୍ତି। ସୀତାରାମନ୍ କହିଛନ୍ତି ଯେ, ରପ୍ତାନି କ୍ଷେତ୍ରରେ ଇ-ରିଫଣ୍ଡ ଶୀଘ୍ର ଲାଗୁ କରାଯିବ। ଏଥିସହିତ ଏକ୍ସପୋର୍ଟ କ୍ରେଡିଟ୍ ସ୍କିମ୍(ଇସିଜିସି)ର ରପ୍ତାନି ଋଣ ବୀମା ଯୋଜନା ପରିସରକୁ ବୃଦ୍ଧି କରାଯିବ। ଏହାଦ୍ୱାରା ସରକାର ବାର୍ଷିକ ୧୭୦୦ କୋଟି ଟଙ୍କା ଅଧିକ ଖର୍ଚ୍ଚ କରିବେ। ପ୍ରାଥମିକତା ଥିବା ସେକ୍ଟର ଅଧୀନରେ ଏକ୍ସପୋର୍ଟ କ୍ରେଡିଟ ଲାଗି ୩୬ହଜାର କୋଟି ଟଙ୍କାରୁ ୬୮ ହଜାର କୋଟି ଟଙ୍କାର ଅତିରିକ୍ତ ପାଣ୍ଠି ଜାରି କରାଯିବ ବୋଲି ସୀତାରାମନ୍ କହିଛନ୍ତି। ରପ୍ତାନି କ୍ଷେତ୍ର ଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ପ୍ୟାକେଜ ଘୋଷଣାକୁ ଉଦ୍ୟୋଗ ଜଗତ ସ୍ୱାଗତ କରିଛି।

## ୨୦ରେ ଜିଏସ୍‌ଟି ପରିଷଦ ବୈଠକ

# ଟିକସ ହ୍ରାସ ନେଇ ହୋଇପାରେ ନିଷ୍ପତ୍ତି

**ନୂଆଦିଲ୍ଲୀ,୧୪-୯**

ଜିଏସ୍‌ଟି ପରିଷଦ ବୈଠକ ଚଳିତ ମାସ ୨୦ରେ ଗୋଆରେ ଅନୁଷ୍ଠିତ ହେବ। କାର ଏବଂ ବିସ୍କୁଟ ଉପରେ ଲାଗୁ ହେଉଥିବା ଜିଏସ୍‌ଟି ହ୍ରାସ କରିବା ଲାଗି ଶିଳ୍ପଜଗତ ପକ୍ଷରୁ ଦାବି ହେଉଥିବା ବେଳେ ଏ ଉପରେ ପରିଷଦ ନିଷ୍ପତ୍ତି ନେଇପାରେ। ଏହି ନିଷ୍ପତ୍ତିରେ ରାଜକୋଷ ଉପରେ ପ୍ରଭାବ କଣ ରହିବ ସେ ନେଇ ମଧ ବିଚାର କରାଯିବ। ଅପରପକ୍ଷରେ ଯଦି ଟିକସ ହ୍ରାସ ନେଇ ପରିଷଦ ନିଷ୍ପତ୍ତି ନିଏ ତେବେ ଏହାର ସିଧାସଳଖ ପ୍ରଭାବ ରାଜ୍ୟଗୁଡିକର ଆୟ ଉପରେ ପଡିବ ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅର୍ଥନୀତିରେ ବର୍ତ୍ତମାନ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଚାହିଦା ବଢାଇବା ଲାଗି ଶିଳ୍ପ ଜଗତ ଟିକସ ହ୍ରାସ ସପକ୍ଷରେ ରହିଛି। ଏହି ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅଧ୍ୟକ୍ଷତା କରିବାକୁ ଥିବା ବେଳେ ଦେଶର ବିଭିନ୍ନ ରାଜ୍ୟରୁ ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକର ପ୍ରତିନିଧିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଦେଶର ଜିଡିପି ଅଭିବୃଦ୍ଧି ୫ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବା ବେଳେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ସରକାର କେତେକ ଘୋଷଣା କରିଛନ୍ତି। ଢାଞ୍ଚାଗତ ଏବଂ ଚକ୍ରିୟ ଦୃଷ୍ଟିକୋଣରୁ ମାନ୍ଦାବସ୍ଥା ଆସିଥିବାରୁ ଜିଏସ୍‌ଟି ହ୍ରାସ ନେଇ କିଛି ରାଜ୍ୟ ଯୁକ୍ତି ବାଢିଛନ୍ତି। ପ୍ରଥମେ ରାଜସ୍ୱ ହ୍ରାସ ପ୍ରସଙ୍ଗକୁ ବିଚାର କଲାପରେ ଜିଏସ୍‌ଟି ହ୍ରାସ ନେଇ ଚିନ୍ତା କରାଯିବ ବୋଲି ଅଧିକାରୀ କହିଛନ୍ତି।

### ରାଜ୍ୟଗୁଡିକର ଦାବି: ୩ ବର୍ଷ ବଢୁ ଜିଏସ୍‌ଟି ସେସ୍



ଏନ୍.କେ. ସିଂ

ଦେଶରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରେ ରାଜସ୍ୱ କ୍ଷତି ସହୁଥିବା ଅଧିକାଂଶ ରାଜ୍ୟ ଜିଏସ୍‌ଟି ସେସ୍ ବଢ଼ାଇବା ଲାଗି ଦାବି କରୁଛନ୍ତି। ଏହାକୁ ଆଉ ୩ ବର୍ଷ ବଢ଼ାଇବା ଲାଗି ଦାବି ହେଉଥିବା ପଞ୍ଚଦଶ ଅର୍ଥକମିଶନ ଅଧ୍ୟକ୍ଷ ଏନ୍.କେ. ସିଂ ଶନିବାର କହିଛନ୍ତି। ଅଟୋମୋବାଇଲ, ମୃଦୁପାନୀୟ, କୋଇଲା, ତମାଖୁ, ପାନ ମସଲା ଭଳି କ୍ଷେତ୍ରରେ ଏହି ସେସ୍ ଲାଗୁ ହେଉଛି। ଏହା ହେଲେ ଖାଉଟିଙ୍କ ଉପରେ ପ୍ରଭାବ କ'ଣ ରହିବ ସେ ଉପରେ ସିଂ ଗୁରୁତ୍ୱାରୋପ କରିଛନ୍ତି। ଯେଉଁ ରାଜ୍ୟଗୁଡିକର ବାର୍ଷିକ ରାଜସ୍ୱ ଆଦାୟ ୧୪% ହାରରେ ବଢୁ ନାହିଁ ଉକ୍ତ କ୍ଷେତ୍ରରେ କ୍ଷତିପୂରଣ ଦେବାକୁ ୨୦୧୭ରେ ଜିଏସ୍‌ଟି ଲାଗୁ କରିବା ବେଳେ କେନ୍ଦ୍ର ସରକାର କହିଥିଲେ। ପଞ୍ଚଦଶ ଅର୍ଥ କମିଶନ କାର୍ଯ୍ୟ ଲାଗି ଭେଟିଥିବା ଅଧିକାଂଶ ରାଜ୍ୟ ଜିଏସ୍‌ଟି ସେସ୍ ବଢ଼ାଇବା ଲାଗି ଇଚ୍ଛୁକ ଥିବା ସିଂ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଜିଏସ୍‌ଟି ହ୍ରାସ ଲାଗି ଅଧିକାଂଶ ଶିଳ୍ପ ସଂସ୍ଥା ଦାବି କରୁଛନ୍ତି। ଏହା ହେଲେ ଚାହିଦା ବଢ଼ିବା ଦିଗରେ ସହାୟକ ହେବ ବୋଲି ସେମାନେ ଯୁକ୍ତି ବାଢିଛନ୍ତି। ସିଂଙ୍କର ଏହି ମନ୍ତବ୍ୟ ଶିଳ୍ପ ସଂସ୍ଥାଜଗତ ପାଇଁ କ'ଣ ରହିବ ତାହା ଦେଖିବାକୁ ବାକି ରହିଲା।



### ରାଜ୍ୟଗୁଡିକୁ ୧.୭୫ ଲକ୍ଷ କୋଟିର ଜିଏସ୍‌ଟି କ୍ଷତିପୂରଣ

ଚଳିତ ବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା କେନ୍ଦ୍ର ସରକାର ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣ ବାବଦକୁ ୧.୭୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି। ୨୦୧୭-୨୦୧୯ ମଧ୍ୟରେ ସରକାର ଜିଏସ୍‌ଟି କ୍ଷତିପୂରଣ ସେସ୍ ବାବଦକୁ ୧.୯୮ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଥିଲେ। ଏବେ କ୍ଷତିପୂରଣ ବାବଦ ପ୍ରଦାନ କରିବାକୁ ଥିବା ପାଣ୍ଠିରେ ୨୩,୩୯୧ କୋଟି ଟଙ୍କା ବଳକା ରହିଛି। ଏହି ପ୍ରସଙ୍ଗକୁ ମଧ ବୈଠକରେ ବିଚାର କରାଯିବ। ଟିକସ ସଂଗ୍ରହ କମୁଥିବାରୁ ପାଣ୍ଠିକୁ ଅର୍ଥ ଆସିବା ମଧ କମିଛି।

## ଜିଏସ୍‌ଟି ଠକେଇ ରୋକିବା ଉଦ୍ୟମ

# ନୂଆ ଡିଲରଙ୍କ ପାଇଁ ଆଧାର ଯାଞ୍ଚ ହେବ ବାଧ୍ୟତାମୂଳକ

**ବାଙ୍ଗାଲୋର,୧୪-୯**



- ପୂର୍ବରୁ ଇଚ୍ଛାଧୀନ ଥିଲା ଆଧାର
- ଜାଲ୍ ଇନ୍‌ଭଏସ ଦ୍ୱାରା ହେଉଛି ଠକେଇ

ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥାରେ ହେଉଥିବା ଟିକସ ଠକେଇ ରୋକିବା ଦିଗରେ ସରକାର ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଧାରାରେ ୨୦୨୦ ଜାନୁୟାରୀଠାରୁ ନୂଆ ଡିଲରଙ୍କ ଲାଗି ଆଧାର ଯାଞ୍ଚ ବାଧ୍ୟତାମୂଳକ କରାଯିବ। ପୂର୍ବରୁ ଏହା ଇଚ୍ଛାଧୀନ ରହିଥିବା ବେଳେ ଆଧାର ପ୍ରମାଣନ(ଅଥେଣ୍ଟିକେଶନ)କୁ ବର୍ତ୍ତମାନ ଅନିବାର୍ଯ୍ୟ କରାଯାଇଥିବା ଜିଏସ୍‌ଟି ନେଟ୍‌ୱର୍କ ମନ୍ତ୍ରୀ ଗୋଷ୍ଠୀର ମୁଖ୍ୟ ତଥା ବିହାର ଉପମୁଖ୍ୟମନ୍ତ୍ରୀ ସୁଶୀଲ ମୋଦି କହିଛନ୍ତି। ଜାଲ୍ ଇନ୍‌ଭଏସ ଦ୍ୱାରା ଲୋକମାନେ ଜିଏସ୍‌ଟିରେ ଠକେଇ କରୁଥିବା ଗତ ଦୁଇବର୍ଷ ହେବ ଦେଖିବାକୁ ମିଳୁଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଧାରରେ ନୂଆ ପଦକ୍ଷେପ ନିଆଯାଇଛି ବୋଲି ମୋଦି ଏଠାରେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଯେଉଁମାନେ ଆଧାର ପ୍ରମାଣନ କରିବାକୁ ଅନିଚ୍ଛୁକ ସେମାନେ ଦସ୍ତାବିଜ ଭାବେ ଏହାକୁ ଦର୍ଶାଇ ପାରିବେ। ଏହି ପ୍ରକ୍ରିୟା ଲାଗି ୩ ଦିନ ସମୟ ଲାଗିବ। ରିଫଣ୍ଡିଂ ବର୍ତ୍ତମାନ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଚଳିତ ବର୍ଷ ସେପ୍ଟେମ୍ବର ୨୪ଠାରୁ ଏକକ ସୋର୍ସରୁ ଅନ୍‌ଲାଇନ ରିଫଣ୍ଡ ଧାରାକୁ ଶେଷ କରିବାକୁ ଜିଏସ୍‌ଟିଏନ୍ ନିଷ୍ପତ୍ତି ନେଇଛି। କେନ୍ଦ୍ରୀୟ ଜିଏସ୍‌ଟି ବା ରାଜ୍ୟ ଜିଏସ୍‌ଟିକୁ ବିଚାରକୁ ନେଇ ଏହା କରିବାକୁ ଯୋଜନା କରାଯାଇଛି। ୨୦୨୦ ଜାନୁୟାରୀ ପହିଲାଠାରୁ ନୂଆ ସରଳୀକୃତ ଜିଏସ୍‌ଟି ରିଟର୍ନ ସିଷ୍ଟମ ଶୁଭାରମ୍ଭ କରିବାକୁ ଜିଏସ୍‌ଟିଏନ୍ ପକ୍ଷରୁ ଯୋଜନା ଚୂଡାନ୍ତ କରାଯାଇଛି।

## ଅର୍ଥ କମିଶନଙ୍କ ବିଷୟ, ସର୍ତ୍ତ ବଦଳ ପ୍ରସଙ୍ଗ

# ସରକାର ମୁଖ୍ୟମନ୍ତ୍ରୀମାନଙ୍କ ସହ ପରାମର୍ଶ କରନ୍ତୁ: ମନମୋହନ

**ନୂଆଦିଲ୍ଲୀ,୧୪-୯**

ମୋଦି ସରକାର ୧୫ତମ ଅର୍ଥ କମିଶନଙ୍କ ବିଷୟ ଓ ସର୍ତ୍ତରେ ପରିବର୍ତ୍ତନ କରିବା ଲାଗି ଏକତରଫା ପଦକ୍ଷେପ ନେଉଛନ୍ତି ବୋଲି ଅଭିଯୋଗ କରି ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡ.ମନମୋହନ ସିଂ କହିଛନ୍ତି ଯେ, ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ସରକାର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରନ୍ତୁ। ଅର୍ଥ କମିଶନଙ୍କ ନିକଟରେ ଉପସ୍ଥାପିତ ଅତିରିକ୍ତ ବିଷୟ ଏବଂ ରାଜ୍ୟଗୁଡ଼ିକ ଉପରେ ପଡିବାକୁ ଥିବା ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମନମୋହନ କହିଛନ୍ତି ଯେ, ସରକାରଙ୍କ ଏକଚାଟିଆ ଚିନ୍ତାଧାରା ସଂଘୀୟ ନୀତି ଏବଂ ସହଯୋଗୀ ମହାସଂଘବାଦ ଲାଗି ଠିକ୍ ନୁହେଁ। ସେ କହିଛନ୍ତି ଯେ, ସରକାର ଅର୍ଥ କମିଶନଙ୍କ ବିଚାରଣୀୟ ବିଷୟ ଓ ସର୍ତ୍ତରେ ପରିବର୍ତ୍ତନ କରିବାକୁ ଚାହୁଁଥିଲେ ମୁଖ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀ ଡାକି ସେମାନଙ୍କ ସହ ଆଲୋଚନା କରିବା ଉଚିତ ହେବ। କାରଣ ଏଥିଲାଗି ସେମାନଙ୍କର ସମର୍ଥନ ନେବା ନିହାତି ଜରୁରୀ। ଏହା କରା ନ ଗଲେ ପାଣ୍ଠି ଆବଣ୍ଟନ ମାମଲାରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକର ଅଧିକାର ଛଡ଼ାଇ ନେଉଛନ୍ତି ବୋଲି ବାର୍ତ୍ତା ଯିବ। ମନମୋହନ କହିଛନ୍ତି ଯେ, କମିଶନଙ୍କ ରିପୋର୍ଟ ଅର୍ଥ ମନ୍ତ୍ରଣାଳୟ ନିକଟକୁ ପଠାଯାଇଥାଏ। ଏହାପରେ ଏହାକୁ କ୍ୟାବିନେଟ ନିକଟରେ ଉପସ୍ଥାପନ କରାଯାଏ। ଏଭଳି ସ୍ଥିତିରେ ବର୍ତ୍ତମାନର ମୋଦି ସରକାର ରାଜ୍ୟଗୁଡ଼ିକ ବାବଦରେ କମିଶନ ଉପରେ ଏକତରଫା ଭାବେ ନିଜର ଦୃଷ୍ଟିକୋଣକୁ ଲଦିବା ବନ୍ଦ କରନ୍ତୁ। ଏହା ବଦଳରେ ପାର୍ଲାମେଣ୍ଟର ନିର୍ଦ୍ଦେଶକୁ ସରକାର ପାଳନ କରିବା ଉଚିତ୍ ହେବ।

# ଆଇଟି ରିଟର୍ନର ହେବ ଫେସ୍‌ଲେସ ଇ-ଆସେସ୍‌ମେଣ୍ଟ

**ମୁମ୍ବାଇ,୧୪-୯**

ଆୟକର ରିଟର୍ନ ପ୍ରକ୍ରିୟାରେ ଫେସ୍‌ଲେସ୍ (ସାମ୍ନାସାମ୍ନି ନ ହୋଇ) ଆସେସମେଣ୍ଟ କରାଇବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଇ-ଆସେସ୍‌ମେଣ୍ଟ ସ୍କିମ୍‌ର ବିଜ୍ଞପ୍ତି ଜାରି କରାଯାଇଛି। ନୂଆ ବ୍ୟବସ୍ଥା ଦ୍ୱାରା ଆୟକର ଅଧିକାରୀଙ୍କୁ ସାମ୍ନା ନ କରି ଟିକସଦାତାଙ୍କ ରିଟର୍ନ ଯାଞ୍ଚ ତଥା ଅନ୍ୟାନ୍ୟ କାର୍ଯ୍ୟ କରାଯାଇ ପାରିବ। ଏହାଦ୍ୱାରା ବ୍ୟବସ୍ଥାରେ ସ୍ୱଚ୍ଛତା, ସମୟ ସଞ୍ଚୟ ହୋଇ ପାରିବ। ନୂଆ ବ୍ୟବସ୍ଥାରେ ଏସବୁ ସୁବିଧା ସତ୍ତ୍ୱେ ଟିକସ ବିଶେଷଜ୍ଞମାନେ ଏଥିରେ ଚ୍ୟାଲେଞ୍ଜ ରହିଥିବା ପ୍ରକାଶ କରିଛନ୍ତି। ସାରା ଦେଶରେ ଇ-ଆସେସ୍‌ମେଣ୍ଟ ବ୍ୟବସ୍ଥା ଲାଗୁ କରାଇବା ଲାଗି ଆୟକର ବିଭାଗ ପ୍ରସ୍ତୁତ ଥିବା ୨୦୧୮ ଫେବୃୟାରୀରେ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ବଜେଟ ଭାଷଣରେ ଘୋଷଣା କରିଥିଲେ। ଏହା ଦ୍ୱାରା ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ବିନା କୌଣସି ସାମ୍ନାସାମ୍ନି ସମ୍ପର୍କରେ ରିଟର୍ନର ତର୍ଜମା କରାଯିବ। ବ୍ୟବସ୍ଥା ଦୃଢୀକରଣ ତଥା ସ୍ୱଚ୍ଛତା ଆଣିବାରେ ଏହା ସହାୟକ ହେବ ବୋଲି ଜେଟ୍‌ଲୀ କହିଥିଲେ। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଗତ ୨ ବର୍ଷ ହେବ ଏହି ବ୍ୟବସ୍ଥାକୁ ପରୀକ୍ଷାମୂଳକ ଭାବେ ଦେଶର ୧୦୨ ସହରରେ ବଛାବଛା ଟିକସଦାତାଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ କରାଇଛି।

ନୂଆ ବ୍ୟବସ୍ଥା ଅନ୍ତର୍ଗତ ସିବିଡିଟି ଜାତୀୟ ଏବଂ ଆଞ୍ଚଳିକ ସ୍ତରରେ ଇ-ଆସେସମେଣ୍ଟ ସେଣ୍ଟର ସ୍ଥାପନ କରିବ। ଏହା ବାଦ ଇ-ଆସେସ୍‌ମେଣ୍ଟର ଅନ୍ୟାନ୍ୟ ଆନୁଷଙ୍ଗିକ ୟୁନିଟ୍ ମଧ ସ୍ଥାପନ କରାଯିବାର ବ୍ୟବସ୍ଥା ରହିଛି। ଟିକସ ଅଧିକାରୀ ଏବଂ ଟିକସଦାତାଙ୍କ ମଧ୍ୟରେ ସମ୍ପର୍କ କେବଳ ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ହିଁ ହେବ। କୌଣସି ବ୍ୟକ୍ତିଙ୍କୁ ଆଇଟି ଅଫିସ ଯିବାକୁ ପଡିବ ନାହିଁ। କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଭିଡିଓ କନଫରେନ୍ସ ଯୋଗେ ମାମଲାର ଫଇସଲା କରାଯିବାକୁ ନିୟମରେ ଉଲ୍ଲେଖ ରହିଛି। କୌଣସି ମାମଲାର ଆସେସ୍‌ମେଣ୍ଟ ଅର୍ଡର ଚୂଡାନ୍ତ ହେବା ପରେ ଜାତୀୟ ଇ-ଆସେସ୍‌ମେଣ୍ଟ ସେଣ୍ଟର ସମସ୍ତ ଇଲେକଟ୍ରୋନିକ୍ ତଥ୍ୟକୁ ଜୁଡିସିଆଲ ଆଇଟି ଅଧିକାରୀଙ୍କୁ ପ୍ରଦାନ କରିବେ। ଏହି ଆଧାରରେ ଟିକସ ସଂଗ୍ରହ କିମ୍ବା ଜରିମାନା ଆଦାୟ ନେଇ ଅର୍ଡର ଜାରି କରାଯିବ। ଯଦି ଟିକସଦାତାଙ୍କର କୌଣସି ଅଭିଯୋଗ ଆସେ ତେବେ ଆଇଟି ଅଧିକାରୀ ଏଥି ସଂକ୍ରାନ୍ତ ରିପୋର୍ଟକୁ ଆପିଲେଟ୍ କମିଶନରଙ୍କୁ ପ୍ରଦାନ କରିବେ।

### ବିଜ୍ଞପ୍ତି ଜାରି କଲା ଅର୍ଥ ମନ୍ତ୍ରଣାଳୟ

- ଆୟକର ଅଧିକାରୀଙ୍କ ପାଖକୁ ଦୌଡ଼ିବାକୁ ପଡିବନି
- ଇଲେକ୍‌ଟ୍ରୋନିକ୍ ହେବ ସବୁ ଯୋଗାଯୋଗ
- ସମୟ ବଞ୍ଚିବ, ବ୍ୟବସ୍ଥାରେ ଆସିବ ସ୍ୱଚ୍ଛତା
- ଲାଗୁ କରାଇବା ହେବ ଚ୍ୟାଲେଞ୍ଜ: ବିଶେଷଜ୍ଞ



### କ'ଣ ରହିଛି ପ୍ରକ୍ରିୟା

- ନ୍ୟାଶନାଲ ଇ-ଆସେସ୍‌ମେଣ୍ଟ ସେଣ୍ଟର(ଏନ୍‌ଏସି) ଟିକସଦାତାଙ୍କୁ ଧାରା ୧୪୨(୨) ଅନୁସାରେ ନୋଟିସ ଜାରି କରିବ। ଆସେସ୍‌ମେଣ୍ଟ ସମୟରେ ରହିଥିବା ସମସ୍ୟାକୁ ଏଥିରେ ବିଭାଗ ଜଣାଇବ। ପଞ୍ଜୀକୃତ ଇ-ମେଲ ଆକାଉଣ୍ଟରେ ଟିକସଦାତା ବିଭାଗକୁ ଉତ୍ତର ରଖିବେ।
- ଏନ୍‌ଏସି କୌଣସି ଆସେସ୍‌ମେଣ୍ଟ ମାମଲାକୁ ନିର୍ଦ୍ଦିଷ୍ଟ ଆଞ୍ଚଳିକ ଇ-ଆସେସ୍‌ମେଣ୍ଟ ସେଣ୍ଟର (ଆର୍‌ଏସି)କୁ ପ୍ରଦାନ କରିବ। ଏହା ସ୍ୱୟଂକ୍ରିୟ ସିଷ୍ଟମ ଦ୍ୱାରା ହେବ।
- ଆସେସ୍‌ମେଣ୍ଟର ଯାଞ୍ଚ,ଟେକ୍ନିକାଲ, ରିଭ୍ୟୁ ୟୁନିଟ ଏନ୍‌ଏସି ସହ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବେ। କେଉଁ କାର୍ଯ୍ୟ କାହା ପରିସରରେ ଆସିବ ତାହା ସ୍ୱୟଂକ୍ରିୟ ଭାବେ ନିର୍ଦ୍ଧାରଣ ହେବ।
- ଆର୍‌ଏସି ଡ୍ରାଫ୍ଟ ଆସେସ୍‌ମେଣ୍ଟ ଅର୍ଡର ପ୍ରସ୍ତୁତ କରିବା ସହ ଏହାକୁ ଏନ୍‌ଏସିକୁ ପଠାଇବ। ଉକ୍ତ ସେଣ୍ଟର ଏହାକୁ ଚୂଡ଼ାନ୍ତ କରିପାରେ କିମ୍ବା ଏହାର ପୁନଶ୍ଚ ତର୍ଜମା ଲାଗି ଅନ୍ୟ ରିଭ୍ୟୁ ୟୁନିଟକୁ ପଠାଇବ। ଦିଗରେ ଟିକସଦାତାଙ୍କୁ ସୁଯୋଗ ଦିଆଯିବ।
- ଯଦି ଡ୍ରାଫ୍ଟ ଅର୍ଡର ତର୍ଜମା ପ୍ରସଙ୍ଗ ପରିସରଭୁକ୍ତ ହୋଇଥାଏ ଏହାକୁ ପୁନଶ୍ଚ ଆସେସ୍‌ମେଣ୍ଟ ୟୁନିଟକୁ ପଠାଯିବ। ପରେ ଏହା ଏନ୍‌ଏସିକୁ ଆସିବ।
- ଆସେସ୍‌ମେଣ୍ଟ ଥରେ ସମ୍ପୂର୍ଣ୍ଣ ହେବା ପରେ ସମସ୍ତ ଇଲେକ୍‌ଟ୍ରୋନିକ୍ସ ରେକର୍ଡ ଆଇଟି ଅଧିକାରୀଙ୍କୁ ପ୍ରଦାନ କରାଯିବ। ସେହି ଅନୁଯାୟୀ ସେ ଟିକସ ଡିମାଣ୍ଡ ଅସୁଲ କରିବେ।



"ଆମ ଦଳ ଏବେ ବେଶ୍ ସଂଗଠିତ। ଆମେରିକା ବିପକ୍ଷ ଅଲିମ୍ପିକ୍ସ କ୍ୱାଲିଫାୟାର ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବୁ ।"
–ସବିତା ପୁନିଆ
ଭାରତୀୟ ମହିଳା ହକି ଦଳ ଉପଅଧିନାୟିକା



"ଲୋକେ ମୋତେ ଭଲ ଅବା ମନ୍ଦ ଯାହା କୁହନ୍ତୁ ମୋ ପାଇଁ ଫରକ ନ ଥାଏ। ଦଳ ପାଇଁ କିପରି ମୁଁ ଶ୍ରେଷ୍ଠ ପ୍ରଦର୍ଶନ କରିବି ସେଥିପ୍ରତି ମୋର ଧ୍ୟାନ ଥାଏ ।"
–ଷ୍ଟିଭ୍ ସ୍ମିଥ୍, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ଫାଇନାଲରେ ଲକ୍ଷ୍ୟ, ସୌରଭ

**ଲେଉଭେନ (ବେଲଜିୟମ), ୧୪।୯(ପିଟି):** ଉଦୀୟମାନ ଭାରତୀୟ ଶଟଲର ଲକ୍ଷ୍ୟ ସେନ ଏଠାରେ ଚାଲିଥିବା ବେଲଜିୟମ ଅନ୍ତର୍ଜାତୀୟ ଚ୍ୟାଲେଞ୍ଜ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୧୮ ବର୍ଷୀୟ ଲକ୍ଷ୍ୟ ଡେନମାର୍କର କିମ ବ୍ରୁନଙ୍କୁ ହରାଇ ଦେଇଛନ୍ତି। ଶୁକ୍ରବାର ରାତିରେ ଅନୁଷ୍ଠିତ ମ୍ୟାଚ୍‌କୁ ସେ ୨୧-୧୮, ୨୧-୧୧ ଗେମ୍‌ରେ ଜିତି ନେଇଥିଲେ। ସିଧାସଳଖ ବିଜୟ ପାଇଁ ତାଙ୍କୁ ୪୮ ମିନିଟ୍ ଲାଗିଥିଲା। ଏସିଆନ ଜୁନିୟର ଚାମ୍ପିୟନ ଲକ୍ଷ୍ୟ ଫାଇନାଲରେ ଦ୍ୱିତୀୟ ସିଡ୍ ଭିକ୍ଟର ସ୍ୱେଣ୍ଡସେନଙ୍କୁ ଭେଟିବେ। ଅନ୍ୟପକ୍ଷରେ ଭିଏତନାମର ହୋ ଚି ମିନ ସିଟିଠାରେ ଚାଲିଥିବା ଭିଏତନାମ ଓପନ ଫାଇନାଲରେ ସୌରଭ ବର୍ମା ପ୍ରବେଶ କରିଛନ୍ତି। ଦ୍ୱିତୀୟ ସିଡ୍ ସୌରଭ ୨୨-୨୦, ୨୧-୧୫ ଗେମ୍‌ରେ ଜାପାନର କୋଗାକୁ ହରାଇଛନ୍ତି। ଚଳିତ ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗେମ୍ ହାରି ନ ଥିବା ସୌରଭ ଫାଇନାଲରେ ଚାଇନାର ସୁନ ଫେଇ ଜିଆଙ୍ଗଙ୍କୁ ଭେଟିବେ।

### ଆଜି ସରୋଜ ମହାସୁଆର ପୁରସ୍କାର ପ୍ରଦାନ

**ଭୁବନେଶ୍ୱର, ୧୪।୯ (ସ୍ପୋର୍ଟ୍ସ ବ୍ୟୁରୋ):** ସରୋଜ ମହାସୁଆର ପୁରସ୍କାର ପ୍ରଦାନ ଉତ୍ସବ ରବିବାର ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ କ୍ଲବ ପଡ଼ିଆରେ ଅନୁଷ୍ଠିତ ହେବ। ଯୁବ କ୍ରିକେଟର୍ ସ୍ୱସ୍ତିକ ସାମଲ ଓ ରାଜ୍ୟର ଦୁଇ ପ୍ରତିଷ୍ଠିତ ଅମ୍ପାୟର ସତ୍ୟେନ୍ଦ୍ର ମୋହନ ମହାନ୍ତି ଓ ଅନନ୍ତ ବାସୁଦେବ ମିଶ୍ରଙ୍କୁ ଏହି ଅବସରରେ 'ସରୋଜ ମହାସୁଆର ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ଗତ ୧୬ ବର୍ଷ ଧରି ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ରବିବାର ସନ୍ଧ୍ୟା ୫ଟାରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।

### ଆଡଭାନୀ ଫାଇନାଲରେ

**ମଣ୍ଡାଲେ (ମ୍ୟାନମାର), ୧୪।୯ (ପି.ଟି.):** ଭାରତର ଟପ୍ କ୍ୟୁଇଷ୍ଟ ପଙ୍କଜ ଆଡଭାନୀ ଏଠାରେ ଚାଲିଥିବା ଆଇବିଏସ୍ଏଫ୍ ୱାର୍ଲ୍ଡ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଇଂଲଣ୍ଡର ମାଇକ୍ ରସେଲଙ୍କୁ ସେ ୫-୨ରେ ହରାଇ ଦେଇଛନ୍ତି। କ୍ୟାରିୟରର ୨୨ତମ ବିଶ୍ୱ ଟାଇଟଲ ଲକ୍ଷ୍ୟରେ ଥିବା ଆଡଭାନୀ ଫାଇନାଲରେ ସ୍ଥାନୀୟ ଖେଳାଳି ନେ ଥ୍ୱେ ଓ'ଙ୍କୁ ଭେଟିବେ। ସୂଚନାଯୋଗ୍ୟ, ଥ୍ୱେ ଓ' ଗତବର୍ଷ ଫାଇନାଲରେ ଆଡଭାନୀଙ୍କଠାରୁ ପରାସ୍ତ ହେବା ପୂର୍ବରୁ ରସେଲଙ୍କୁ ସେମିଫାଇନାଲରେ ପରାସ୍ତ କରିଥିଲେ।

# ମଜଭୁତ ସ୍ଥିତିରେ ଇଂଲଣ୍ଡ

## ଆଶେସ୍ ପଞ୍ଚମ ଟେଷ୍ଟ

**ଲଣ୍ଡନ, ୧୪।୯**

ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟରେ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଥିବା ଘରୋଇ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଛି। ଦ୍ୱିତୀୟ ଇନିଂସରେ ଓପନର ଜୋ ଡେନ୍ଲି, ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଓ ଜୋଶ ବଟଲରଙ୍କ ଲଢୁଆ ବ୍ୟାଟିଂ ସହାୟତାରେ ଇଂଲଣ୍ଡ ବୃହତ୍ ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ଼ କରିଛି। ପ୍ରଥମ ଇନିଂସରେ ୬୯ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଇଂଲଣ୍ଡ ଶନିବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୯୧ ଓଭରରେ ୮ ଉଇକେଟ ହରାଇ ୩୧୩ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ୨ ଦିନ ବାକି ଥିବା ବେଳେ ଇଂଲଣ୍ଡ ୨ ଉଇକେଟ ହାତରେ ରଖି ୩୮୨ ରନର ବୃହତ୍ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଟେଲଏଣ୍ଡର ଜୋଫ୍ରା ଆର୍ଚର ୩ ଓ ଜ୍ୟାକ ଲିଚ୍ ୫ ରନ କରି ଅପରାଜିତ ରହିଛନ୍ତି।

ଦ୍ୱିତୀୟ ଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯/୦ରୁ ଇଂଲଣ୍ଡ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ରୋରି ବର୍ନ୍ସ ୪ରୁ ଖେଳ ଆରମ୍ଭ କରି ୨୦ ରନ କରି ଆଉଟ ହୋଇଥିଲେ। ସେହିପରି ଓପନର ଜୋ ଡେନ୍ଲି ୧ ରନରୁ ଖେଳ ଆରମ୍ଭ କରି ୯୪ ରନର ପାଳି ଖେଳି ଆଉଟ ହେବା ସହ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ୬୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଜୋଶ ବଟଲର ୪୭, ଅଧିନାୟକ ଜୋ ରୁଟ ୨୧, ଜନି ବେୟାରଷ୍ଟୋ ୧୪, ସାମ କୁରାନ ୧୭ ଓ କ୍ରିସ ୱୋକ୍ସ ୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ସ୍ପିନର ନାଥନ ଲିୟନ ୩, ପିଟର ସିଡଲ ଓ ମିଚେଲ ମାର୍ଶ ଦୁଇଟି ଲେଖାଏ ଓ ପ୍ୟାଟ କମିନ୍ସ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ଅର୍ଦ୍ଧ ଶତକୀୟ ଇନିଂସ୍ ଅବସରରେ ଷ୍ଟ୍ରେଟ୍ ଡ୍ରାଇଭ୍ ସଟ୍ ଖେଳୁଛନ୍ତି ଜୋ ଡେନ୍ଲି।

**ସଂକ୍ଷିପ୍ତ ସ୍କୋର**

- ଇଂଲଣ୍ଡ ପ୍ରଥମ ଇନିଂସ- ୮୭.୧ ଓଭରରେ ୨୯୪ ଅଲଆଉଟ୍।
- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୬୮.୫ ଓଭରରେ ୨୨୫ ଅଲଆଉଟ୍
- ଇଂଲଣ୍ଡ ଦ୍ୱିତୀୟ ଇନିଂସ- ୯୧ ଓଭରରେ ୩୧୩/୮, (ଡେନଲି- ୯୪, ଷ୍ଟୋକ୍ସ- ୬୭, ବଟଲର- ୪୭, ଲିୟନ- ୩/୬୫, ସିଡଲ- ୨/୫୨, ମିଚେଲ ମାର୍ଶ୨/୪୦)

# ଜିମ୍ବାୱେକୁ ହରାଇଲା ଆଫଗାନିସ୍ତାନ



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ନାଜିବୁଲ୍ଲା ଜାଡ୍ରାନ

**ଢାକା, ୧୪।୯ (ଏଏଫ୍‌ପି):** ନାଜିବୁଲ୍ଲା ଜାଡ୍ରାନଙ୍କ ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଆଫଗାନିସ୍ତାନ ଏଠାରେ ଚାଲିଥିବା ଅନ୍ତର୍ଜାତୀୟ ଟି୨୦ ତ୍ରିରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଜିମ୍ବାୱେକୁ ୨୮ରନରେ ପରାସ୍ତ କରିଛି। ନାଜିବୁଲ୍ଲା ୩୦ ବଲ୍ ସାମ୍ନା କରି ୫ ଚୌକା ଓ ୬ ଛକା ସହ ୬୯ ରନ କରି ଅପରାଜିତ ରହିଥିଲେ। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ୧୯୮ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଜିମ୍ବାୱେ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୬୯ରନ ସଂଗ୍ରହ କରିବାରେ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ରେଗିସ୍ ଚାକାବ୍ୱା ୪୨ରନ କରି ଅପରାଜିତ ରହିଥିଲେ। ଉଇକେଟକିପର ତଥା ଓପନର ବ୍ରେଣ୍ଡନ ଟେଲର ୨୭, ର୍ୟାନ ବୁରି ୨୫ରନ କରିଥିଲେ। ଆଫଗାନିସ୍ତାନ ତରଫରୁ ଫରିଦ ମଲିକ ଓ ଅଧିନାୟକ ରଶିଦ ଖାଁ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ଓଭରରେ ୫ଉଇକେଟ ବିନିମୟରେ ୧୯୭ରନ କରିଥିଲା। ଦଳ ପକ୍ଷରୁ ନାଜିବୁଲ୍ଲାଙ୍କ ଦ୍ରୁତ ଅର୍ଦ୍ଧଶତକ ବ୍ୟତୀତ ଓପନର ତଥା ଉଇକେଟକିପର ରହମାନୁଲ୍ଲା ଗୁର୍‌ବାଜ ୪୩, ମହମ୍ମଦ ନବି ୩୮ରନ କରିଥିଲେ। ଜିମ୍ବାୱେ ତରଫରୁ ଟେଣ୍ଡାଇ ଚାଟରା ଏବଂ ସିନ୍ ୱିଲିୟମ୍ସ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

- ଆଫଗାନିସ୍ତାନ: ୨୦ ଓଭରରେ ୧୯୭/୫ (ନାଜିବୁଲ୍ଲା-୬୯*, ସିନ୍ ୱିଲିୟମ୍ସ-୨/୧୬, ଟେଣ୍ଡାଇ ଚାଟରା-୨/୫୩)।
- ଜିମ୍ବାୱେ: ୨୦ ଓଭରରେ ୧୬୯/୭ (ରେଗିସ୍ ଚାକାବ୍ୱା-୪୨*, ବ୍ରେଣ୍ଡନ ଟେଲର-୨୭, ରଶିଦ ଖାଁ-୨/୨୯, ଫରିଦ ମଲିକ-୨/୩୫)।

# ପ୍ରଥମ ଦିବସରେ ଓଡ଼ିଶାକୁ ୨୩ ପଦକ






ଭୀମସେନ ଜାଙ୍ଗା, ସ୍ୱାଧୀନ ମାଝି, ଲକରୁମାନ ଶର୍ମା ଓ ଦୀପାଳି ମହାପାତ୍ର।

**କଟକ ଅଫିସ,୧୪।୯:** ରାଞ୍ଚିର ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମରେ ୩୧ତମ ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ ଚାମ୍ପିୟନଶିପ ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଆ ଆଥ୍‌ଲେଟମାନଙ୍କ ପ୍ରଭାବୀ ପ୍ରଦର୍ଶନ ଦେଖିବାକୁ ମିଳିଛି। ଓଡ଼ିଆ ଆଥ୍‌ଲେଟମାନେ ଶନିବାର ୨୩ଟି ପଦକ ଜିତିଛନ୍ତି ।ଏହା ମଧ୍ୟରେ ୫ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଓ ୬ଟି ବ୍ରୋଞ୍ଜ ପଦକ ରହିଛି। ୧୮ବର୍ଷରୁ କମ୍ ବାଳକ ଶଟ୍‌ପୁଟରେ ଲକରୁମାନ ଶର୍ମା, ୨୦ବର୍ଷରୁ କମ୍ ବାଳକ ହାଇଜମ୍ପରେ ସ୍ୱାଧୀନ କୁମାର ମାଝି, ୨୦ବର୍ଷରୁ କମ ବାଳିକା ୧୦୦ମିଟର ଦୌଡ଼ରେ ଦୀପାଳି ମହାପାତ୍ର, ୨୦ବର୍ଷରୁ କମ ବାଳକ ୧୫୦୦ମିଟର ଦୌଡ଼ରେ ଭୀମସେନ ଜାଙ୍ଗା ଓ ୨୦ବର୍ଷରୁ କମ୍ ବାଳକ ୪୦୦ମିଟର ରିଲେ ଦୌଡ଼ରେ ଶାନ୍ତନୁ ପଟିଆର, ସରୁଣ ପାୟାସିଂ, ବିଜୟ ଖାଲକୋ, ସାହିଲ କିରୋଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିଲା । ଦୁଇ ଦିନିଆ ଏହି ଚାମ୍ପିୟନଶିପରେ ୩୫ ବାଳିକା ଓ ୨୫ ବାଳକଙ୍କୁ ମିଶାଇ ମୋଟ ୬୦ଜଣିଆ ଓଡ଼ିଆ ଆଥଲେଟ ଏଥିରେ ଅଂଶଗ୍ରହଣ କରିଛନ୍ତି। ଚିତ୍ତରଞ୍ଜନ ମହାପାତ୍ର ବାଳକ ଦଳ ଓ ସସ୍ମିତା ସେଠୀ ବାଳିକା ଦଳ କୋଚ୍ ଭାବେ ଦଳରେ ରହିଛନ୍ତି। ବିଭୂତିଭୂଷଣ ପଣ୍ଡା ଓ ସୁସ୍ମିତା ଦତ୍ତ ଯଥାକ୍ରମେ ବାଳକ ଓ ବାଳିକା ଦଳର ମ୍ୟାନେଜର ଭାବେ ଗସ୍ତ କରିଛନ୍ତି।

# ଫାଇନାଲରେ ନାଗାଲ

**ବଞ୍ଜା ଲୁକା, ୧୪।୯ (ପି.ଟି):** ବୋସନିଆ ଓ ହର୍ଜଗୋଭିନାର ବଞ୍ଜା ଲୁକାଠାରେ ଚାଲିଥିବା ଚ୍ୟାଲେଞ୍ଜର ଟେନିସ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଯୁବ ଖେଳାଳି ସୁମିତ ନାଗାଲ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ସେ ସ୍ଲୋଭାକିଆର ଫିଲିପ୍ ହୋରାନ୍‌ସ୍କିଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ କ୍ୟାରିୟର ଶ୍ରେଷ୍ଠ ୧୭୪ତମ ସ୍ଥାନରେ ଥିବା ନାଗାଲ ପଞ୍ଚମ ସିଡ୍ ହୋରାନ୍‌ସ୍କିଙ୍କୁ ୭-୬, ୬-୨ ସେଟରେ ହରାଇ ଫାଇନାଲକୁ ଉଠିଛନ୍ତି। ବିଜୟୀ ହେବାପାଇଁ ନାଗାଲଙ୍କୁ ଏକ ଘଣ୍ଟା ୪୪ ମିନିଟ ସମୟ ଆବଶ୍ୟକ ହୋଇଥିଲା। ଟାଇଟଲ ପାଇଁ ସେ ଫାଇନାଲରେ ନେଦରଲାଣ୍ଡର ଟାଲୋନ ଗ୍ରିକ୍ସପୁଅରଙ୍କୁ ଭେଟିବେ।

ଗତମାସ ନାଗାଲ ୟୁଏସ୍ ଓପନ୍‌ରେ କ୍ୟାରିୟରରେ ପ୍ରଥମଥର ପାଇଁ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଖେଳିବାର ସୁଯୋଗ ପାଇଥିଲେ। ହରିୟାଣାର ୨୨ ବର୍ଷୀୟ ନାଗାଲ କ୍ୱାଲିଫାଇଙ୍ଗ ରାଉଣ୍ଡରେ ଦମ୍‌ଦାର ପ୍ରଦର୍ଶନ କରି ମୁଖ୍ୟ ଡ୍ରରେ ସାମିଲ ହୋଇଥିଲେ। ସେ ପ୍ରଥମ ରାଉଣ୍ଡରେ ସୁଇଜରଲାଣ୍ଡର ଅଭିଜ୍ଞ ଖେଳାଳି ରୋଜର ଫେଡରରଙ୍କୁ ପ୍ରଥମ ସେଟ୍‌ରେ ହରାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ପରେ ଫେଡରର ପ୍ରତ୍ୟାବର୍ତ୍ତନ କରିଥିଲେ ଓ ନାଗାଲ ୬-୪, ୧-୬, ୨-୬, ୪-୬ ସେଟରେ ପରାସ୍ତ ହୋଇଥିଲେ। ଅନ୍ୟପଟେ ସାଙ୍ଘାଇରେ ଚାଲିଥିବା ଚ୍ୟାଲେଞ୍ଜର ଟୁର୍ଣ୍ଣାମେଣ୍ଟରେ ଭାରତର ଅନ୍ୟତମ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେ ଜାପାନର ୟାସୁଟାକା ଉଚିୟାମାଙ୍କଠାରୁ ୬-୭, ୪-୬ ସେଟରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

# ନିର୍ବାଚନ ଅଧିକାରୀଙ୍କୁ ଭେଟିଲେ ୩ ୟୁନିଟ୍

**କଟକ ଅଫିସ,୧୪।୯:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାରଙ୍କୁ ଶନିବାର ଅପରାହ୍ଣରେ ତିନି ଅନୁବନ୍ଧିତ ୟୁନିଟର କର୍ମକର୍ତ୍ତା ଭେଟିଛନ୍ତି। ଶୁକ୍ରବାର ପ୍ରକାଶ ପାଇଥିବା ପ୍ରଥମ ଭୋଟର ତାଲିକାକୁ ବିରୋଧ କରି ଏହି ୩ ୟୁନିଟ ଭେଟିଥିବା ଜଣାପଡ଼ିଛି। ଉକ୍ତ ୩ ଅନୁବନ୍ଧିତ ୟୁନିଟ ହେଲେ ଓଡ଼ିଶା ସରକାରୀ ମୁଦ୍ରଣାଳୟ(ଓଜିପି), ଏସ୍‌ବିଆଇ ଓ ଗଞ୍ଜାମ ଜିଲା। ଏମାନଙ୍କ କର୍ମକର୍ତ୍ତା ଦୀର୍ଘ ସମୟ ଧରି ନିର୍ବାଚନ ଅଧିକାରୀ ମାଖନଲାଲଙ୍କ ସହ ଆଲୋଚନା କରିଥିଲେ। ତେବେ ସେମାନଙ୍କ ଅଭିଯୋଗ ଗ୍ରହଣ କରାଯାଇଛି। ରବିବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ବୋଲି ନିର୍ଦ୍ଧାରଣ ହୋଇଥିବା ବେଳେ ସେମାନଙ୍କ ଅଭିଯୋଗକୁ ଆଧାର କରି କିଛି ପରିବର୍ତ୍ତନ ହେବାର ଆଶା ରହିଛି।

# ବାଏଙ୍କାଙ୍କୁ ଡବ୍ଲ୍ୟୁଡବ୍ଲ୍ୟୁଇ ବେଲ୍ଟ

**ନୂଆଦିଲ୍ଲୀ, ୧୪।୯:** ନୂଆକରି ୟୁଏସ୍ ଓପନ ଜିତିଥିବା କାନାଡାର ବାଏଙ୍କା ଆଣ୍ଡ୍ରେସ୍କୁଙ୍କୁ ବିଶ୍ୱ ରେଶଲିଂ ଚାମ୍ପିୟନଶିପ (ଡବ୍ଲ୍ୟୁଡବ୍ଲ୍ୟୁଇ)ର ମହିଳା ଡିଭିଜନ ଚାମ୍ପିୟନ ବେଲ୍ଟ ମିଳିଛି। ୨୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ସେରେନା ୱିଲିୟମ୍ସଙ୍କୁ ହରାଇ ଦେଇଥିବା ୧୯ ବର୍ଷୀୟ ଖେଳାଳି ଶୁକ୍ରବାର ଟୁଇଟ୍ କରି ଡବ୍ଲ୍ୟୁଡବ୍ଲ୍ୟୁଇକୁ ଉପହାର ପାଇଁ ଧନ୍ୟବାଦ୍ ଜଣାଇଛନ୍ତି। ଏଥିସହ ବେଲ୍ଟ ଧରିଥିବା ଫଟୋ ମଧ୍ୟ ଶେୟାର କରିଛନ୍ତି। ଏହାର ଜବାବ ଦେଇଛନ୍ତି ଡବ୍ଲ୍ୟୁଡବ୍ଲ୍ୟୁଇ ସୁପରଷ୍ଟାର ଟ୍ରିପଲ ଏଚ୍। ଡବ୍ଲ୍ୟୁଡବ୍ଲ୍ୟୁଇକୁ ତୁମକୁ ସର୍ବଦା ସ୍ୱାଗତ କରୁଛି। କିନ୍ତୁ ସେହି ଟାଇଟଲ ପାଇଁ ତୁମେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ୟୁଏସ୍ ଓପନ ପାଇଁ ପୁଣି ଥରେ ଶୁଭେଚ୍ଛା ବୋଲି ଟ୍ରିପଲ ଏଚ୍ ଟୁଇଟ୍ କରିଛନ୍ତି। ଉକ୍ତ ଡବ୍ଲ୍ୟୁଡବ୍ଲ୍ୟୁଇ ବେଲ୍ଟରେ ଆଣ୍ଡ୍ରେସ୍କୁଙ୍କ ସମ୍ପୂର୍ଣ୍ଣ ନାମ ସହିତ ୟୁଏସ୍ ଓପନର ଲୋଗୋ ରହିଛି।





ଉଦ୍‌ଘାଟନୀ ଅବସରରେ ଅତିଥି ଓ ଅଫିସିଆଲ୍‌ଙ୍କ ଗହଣରେ ଦୁଇ ଦଳର ଖେଳାଳି।

# ନାଲ୍‌କୋ କପ୍ ହକି ଉଦ୍‌ଘାଟିତ

**କଟକ ଅଫିସ, ୧୪।୯:** ବାରବାଟୀ ଷ୍ଟାଡିୟମରେ ନାଲକୋ କପ୍ ରାଜ୍ୟ ହକି ଚାମ୍ପିୟନଶିପର ସପ୍ତଦଶ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ୩ଟି ମ୍ୟାଚ୍ ଖେଳାଯାଇଥିଲା। କନ୍ଧମାଳ ୬-୦ ଗୋଲରେ ଅନୁଗୋଳକୁ ପରାସ୍ତ କରିଛି। କନ୍ଧମାଳ ପକ୍ଷରୁ ପ୍ରଥମ କ୍ୱାର୍ଟରରେ ଗୋଟିଏ, ଦ୍ୱିତୀୟ କ୍ୱାର୍ଟରରେ ୨ଟି ଓ ୪ର୍ଥ କ୍ୱାର୍ଟରରେ ୩ଟି ଗୋଲ ହୋଇଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ଝାରସୁଗୁଡ଼ା ୨-୧ ଗୋଲରେ କିଟକୁ ହରାଇଥିଲା। ପ୍ରଥମ ୩ଟି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ପ୍ରାରମ୍ଭରୁ ଝାରସୁଗୁଡ଼ା ପକ୍ଷରୁ ୨ଟି ଗୋଲ ହୋଇଥିବା ବେଳେ ଅନ୍ତିମ କିଛି ମିନିଟରେ କିଟ ଗୋଟିଏ ଗୋଲ ଦେବାକୁ ସକ୍ଷମ ହୋଇଥିଲା। ସେହିଭଳି ପାରାଦୀପ ପୋର୍ଟ ଟ୍ରଷ୍ଟ ୫-୧ ଗୋଲରେ ସିଆର୍‌ପିଏଫ ଭୁବନେଶ୍ୱରକୁ ହରାଇଛି। ପ୍ରଥମ କ୍ୱାର୍ଟରର ୪ର୍ଥ ମିନିଟରେ ସିଆର୍‌ପିଏଫ ଭୁବନେଶ୍ୱର ପ୍ରଥମ ଗୋଲ ଦେଇଥିଲା। ପରେ ପାରାଦୀପ ୫ଟି ଗୋଲ ସ୍କୋର କରି ସହଜ ବିଜୟ ହାସଲ କରିନେଇଥିଲା।

ଉଦ୍‌ଘାଟନୀ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଡ.ସୌମେନ୍ଦ୍ର ମୋହନ ପଟ୍ଟନାୟକ, ନାଲକୋର ଫାଇନାନ୍ସ ଡିରେକ୍ଟର ଶ୍ରୀଧର ପାତ୍ର, ପୂର୍ବତନ ମନ୍ତ୍ରୀ ସମୀର ଦେ ଅତିଥି ଭାବେ ଯୋଗ ଦେଇଥିଲେ। ହକି ଓଡ଼ିଶା ସଭାପତି ଜଷ୍ଟିସ ଏ.ଏସ ନାଇଡୁ, ସମ୍ପାଦକ ପ୍ରତାପ ଶତପଥୀ, ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରା, ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଅଲିମ୍ପିୟାନ ଅନୁରାଧା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ପାରାଦୀପ ପୋର୍ଟ ଓ ସିଆର୍‌ପିଏଫ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

“ଟେଷ୍ଟ ଓପନର ଭାବେ ରୋହିତ ଶର୍ମା ସଫଳ ହେଲେ ଭାରତକୁ ବଡ଼ ବିଜୟ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ ।
– ସଞ୍ଜୟ ବାଙ୍ଗର, ପୂର୍ବତନ ସହକାରୀ କୋଚ୍



“ଟି ୨୦ ସିରିଜରେ ଭାରତର ୩ ଅନଭିଜ୍ଞ ପେସ୍ ବୋଲର ନବଦୀପ, ଖଲିଲ ଓ ଦୀପକ ଖେଳିବାକୁ ଥିବାରୁ ଆମେ ତାହାର ଫାଇଦା ନେବୁ ।
–ଲାନ୍ସ କ୍ଲୁଜନର, ଦକ୍ଷିଣ ଆଫ୍ରିକା ସହକାରୀ ବ୍ୟାଟିଂ କୋଚ୍



## ସଂକ୍ଷେପରେ

### ରେକର୍ଡ ଲକ୍ଷ୍ୟରେ କୋହଲି, ରୋହିତ

**ଧର୍ମଶାଳା,୧୪।୯:** ଏଠାରେ ରବିବାର ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଉପ-ଅଧିନାୟକ ରୋହିତ ଶର୍ମା ବ୍ୟକ୍ତିଗତ ରେକର୍ଡ ଅଧିକାରୀ ହୋଇପାରନ୍ତି। ରୋହିତ ବର୍ତ୍ତମାନ ଟି୨୦ ଫର୍ମାଟରେ ସର୍ବାଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନ। ତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି କୋହଲି। ଦୁହିଁଙ୍କ ମଧ୍ୟରେ ୫୩ ରନ୍‌ର ବ୍ୟବଧାନ ରହିଛି। ରୋହିତ ୮୮ ଇନିଂସରେ ୨୪୨୨ ରନ୍ କରିଥିବାବେଳେ ୬୫ ଇନିଂସରେ କୋହଲି ୨୩୬୯ ରନ୍ କରିଛନ୍ତି। ଏଣୁ ରୋହିତ ଏକ ବଡ଼ ଇନିଂସ ଖେଳି ନିଜର ଅଗ୍ରଣୀ ବ୍ୟବଧାନକୁ ଅଧିକ ଦୂରକୁ ନେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଅନ୍ୟପକ୍ଷରେ କୋହଲି ଏକ ଜବରଦସ୍ତ ଇନିଂସ ଖେଳି ରୋହିତଙ୍କୁ ପଛରେ ପକାଇବାକୁ ଚାହିଁବେ। କେବଳ ଏତିକି ନୁହେଁ ଆଉ ଏକ ତାଲିକାରେ ମଧ ଦୁହେଁ ଆଗପଛ ହୋଇ ରହିଛନ୍ତି। କୋହଲି ଓ ରୋହିତ ଏବେ ଟି୨୦ ଫର୍ମାଟରେ ସବୁଠୁ ଅଧିକ ଅର୍ଦ୍ଧଶତକ ଲଗାଇଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାର ଶୀର୍ଷରେ ରହିଛନ୍ତି। ରୋହିତ ଏପର୍ଯ୍ୟନ୍ତ ୧୭ ଅର୍ଦ୍ଧଶତକ ଓ ୪ ଶତକ ଲଗାଇସାରିଛନ୍ତି। କୋହଲିଙ୍କ ନାମରେ ୨୧ ଅର୍ଦ୍ଧଶତକ ରହିଛି, ଯାହାକି ଟି୨୦ରେ ସବୁଠୁ ଅଧିକ।

### କପିଳ ଦେବ ହେଲେ କୁଳପତି

**ଚଣ୍ଡିଗଡ଼, ୧୪।୯ (ପି.ଟି.):** ସୋନିପତ ଜିଲାର ରାଇଠାରେ ଅବସ୍ଥିତ ହରିୟାଣା ସ୍ପୋର୍ଟ୍ସ ୟୁନିଭର୍ସିଟିର ପ୍ରଥମ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି କ୍ରିକେଟ କିମ୍ବଦନ୍ତୀ କପିଳ ଦେବ। ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ଅନିଲ ଭିଜ୍ ଶନିବାର ଏବିଷୟରେ ଟୁଇଟ୍ କରିଛନ୍ତି। କୌଣସି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଏହା ହେଉଛି ଦେଶର ତୃତୀୟ ସ୍ପୋର୍ଟ୍ସ ୟୁନିଭର୍ସିଟି। ଅନ୍ୟ ଦୁଇଟି ହେଲା ସ୍ୱର୍ଣ୍ଣିମ ଗୁଜରାଟ ସ୍ପୋର୍ଟ୍ସ ୟୁନିଭର୍ସିଟି(ଗାନ୍ଧୀ ନଗର) ଏବଂ ତାମିଲନାଡୁ ଫିଜିକାଲ ଏଜୁକେଶନ ଆଣ୍ଡ୍ ସ୍ପୋର୍ଟ୍ସ ୟୁନିଭର୍ସିଟି(ଚେନ୍ନାଇ)। ରାଇ(ସୋନିପତ୍) ସ୍ଥିତ ସ୍ପୋର୍ଟ୍ସ ସ୍କୁଲକୁ ଏକ କ୍ରୀଡ଼ା ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ବୋଲି ଭିଜ୍ ପୂର୍ବରୁ ଘୋଷଣା କରିଥିଲେ। ନିକଟରେ ରାଜ୍ୟ କ୍ୟାବିନେଟରେ ଏହି ପ୍ରସ୍ତାବ ଅନୁମୋଦନ ଲାଭ କରିଥିଲା। ଭିଜ୍ କହିଛନ୍ତି, ବିଶ୍ୱବିଦ୍ୟାଳୟରେ ଶାରୀରିକ ଶିକ୍ଷା ଏବଂ ଖେଳ ବିଜ୍ଞାନରେ ଏକାଡେମିକ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେବ, ଯେଉଁଥିରେ ସ୍ପୋର୍ଟ୍ସ ଟେକ୍ନୋଲୋଜି ଅନ୍ତର୍ଭୁକ୍ତ। ପାଠ୍ୟକ୍ରମରେ ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ ଟ୍ରେନିଂ, ସ୍ପୋର୍ଟ୍ସ ଇନ୍‌ଫ୍ରାଷ୍ଟ୍ରକ୍ଚର ଇଞ୍ଜିନିୟରିଂ, ସ୍ପୋର୍ଟ୍ସ ସାଇକୋଲୋଜି, ସ୍ପୋର୍ଟ୍ସ ନ୍ୟୁଟ୍ରିଶନ, ସ୍ପୋର୍ଟ୍ସ ଜର୍ନାଲିଜମ ଏବଂ ସ୍ପୋର୍ଟ୍ସ ମାର୍କେଟିଂ ସାମିଲ କରାଯାଇଛି।।

# ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ ଆଜି

**ଧର୍ମଶାଳା, ୧୪।୯ (ପି.ଟି.)**

**ବିଶ୍ୱକପ୍ ପ୍ରସ୍ତୁତି ଲକ୍ଷ୍ୟରେ ଭାରତ**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ। ସ୍ଥାନୀୟ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ) ଷ୍ଟାଡିୟମରେ ରବିବାର ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିବାରୁ ଏହି ସିରିଜ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଏକ ଉଚ୍ଚକୋଟୀର ପ୍ରତିଭାସମ୍ପନ୍ନ ଭାରତୀୟ ଦଳ ବିଶ୍ୱକପ୍ ପ୍ରସ୍ତୁତି ଲକ୍ଷ୍ୟରେ ପଡିଆକୁ ଓହ୍ଲାଇବ। ଦିନିକିଆ ବିଶ୍ୱକପ୍‌ରେ ସେମିଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହେବା ପରେ ଭାରତ ଏହି ତିକ୍ତ ଅନୁଭୂତିକୁ ଅବଶ୍ୟ ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜରେ ଭୁଲିଥିଲା। ଟି୨୦ ସିରିଜରେ ଭାରତ ୩-୦ରେ ଘରୋଇ ୱେଷ୍ଟଇଣ୍ଡିଜକୁ ହରାଇଥିଲା। ଯୁବ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳ କ୍ୱିଣ୍ଟନ ଡିକକ୍‌ଙ୍କ ଦକ୍ଷିଣ ଆଫ୍ରିକା ବିପକ୍ଷ ଏହି ସିରିଜରେ ଅବଶ୍ୟ ଚାପର ସମ୍ମୁଖୀନ ହେବ। ଦକ୍ଷିଣ ଆଫ୍ରିକା ଦଳରେ କ୍ୱିଣ୍ଟନ ଡିକକ୍ ଓ କାଗିସୋ ରାବାଡ଼ାଙ୍କ ଭଳି ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ରାବାଡ଼ା କିମ୍ବା ଡେଭିଡ ମିଲରଙ୍କ ଗୋଟିଏ ଭଲ ସ୍ପେଲ୍ ଭାରତକୁ ସମସ୍ୟାରେ ପକାଇପାରେ। ସେହିପରି ଫାଫ୍ ଡୁପ୍ଲେସି ଓ ହାସିମ ଅମଲାଙ୍କ ଭଳି ଅଭିଜ୍ଞ ଖେଳାଳିଙ୍କ ଅନୁପସ୍ଥିତିରେ ଟେଷ୍ଟ ସ୍ପେଶାଲିଷ୍ଟ ଟେମ୍ବା ବଭୁମା ଓ ଅନରିଚ୍ ନୋର୍ଜଙ୍କୁ ନିଜର ଦକ୍ଷତା ପ୍ରମାଣ କରିବାକୁ ହେବ। ଆସନ୍ତା ବର୍ଷ ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବା ପୂର୍ବରୁ ଭାରତ ପାଖାପାଖି ୨୦ଟି ମ୍ୟାଚ୍ ଖେଳିବାର ସୁଯୋଗ ହାସଲ କରିବ। ତେଣୁ ଅଧିନାୟକ କୋହଲିଙ୍କ ସମେତ ହେଡ୍ କୋଚ ରବି ଶାସ୍ତ୍ରୀ ଏକ ଶକ୍ତିଶାଳୀ ତଥା ସନ୍ତୁଳିତ ଦଳ ଗଠନ ଉପରେ ଗୁରୁତ୍ୱ ଦେବା ଆଶା କରାଯାଉଛି। ଆଗାମୀ ୧୩ ମାସ ମଧ୍ୟରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳାଯିବ। ତେବେ ଏହି ସମୟ ଅବଧିରେ ଟିମ୍ ମ୍ୟାନେଜମେଣ୍ଟକୁ ଏକାଧିକ ପ୍ରଶ୍ନର ଉତ୍ତର ଦେବାକୁ ହେବ।



ନୂଆ ଜର୍ସି ଉନ୍ମୋଚନ ଅବସରରେ ଡାହାଣରୁ ଭାରତୀୟ ଦଳର କୋଚ୍ ରବି ଶାସ୍ତ୍ରୀ, ଅଧିନାୟିକ ବିରାଟ କୋହଲି ଓ ରୋହିତ ଶର୍ମା।

■ **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟ- କିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଜେଡା, କ୍ରୁନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଖଲିଲ ଅହମ୍ମଦ, ଦୀପକ ଚହର ଓ ନବଦୀପ ସଇନି।

■ **ଦକ୍ଷିଣ ଆଫ୍ରିକା ଦଳ:** କ୍ୱିଣ୍ଟନ ଡିକକ୍ (ଅଧିନାୟକ), ରାସି ଭାନ ଡେର ଡୁସେନ, ଟେମ୍ବା ବଭୁମା, ଜୁନିୟର ଡାଲା, ବିଜର୍ନ ଫର୍ଚ୍ୟୁନ୍, ବେଉରାନ ହେଣ୍ଡ୍ରିକ୍ସ, ରିଜା ହେଣ୍ଡ୍ରିକ୍ସ, ଡେଭିଡ ମିଲର, ଅନରିଚ୍ ନୋର୍ଜେ, ଆଣ୍ଡିଲ ଫେଲୁକ୍ୱାଓ, ଡ୍ୱେନ ପ୍ରିଟୋରିୟସ, କାଗିସୋ ରାବାଡ଼ା, ତାବରେଜ ଶାମସି ଓ ଜର୍ଜ ଲିଣ୍ଡେ।

**ସ୍ଥାନ: ଧର୍ମଶାଳା, ସମୟ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ତଥା କାର୍ଯ୍ୟଭାର ଯୋଗୁ କୋହଲି, ତାଙ୍କ ଡେପୁଟି ରୋହିତ ଶର୍ମା, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ଯଥେଷ୍ଟ ବିଶ୍ରାମ ଦେବାର ଆବଶ୍ୟକତା ରହିଛି। ମହେନ୍ଦ୍ର ସିଂ ଧୋନୀ ଅବସର ନେଇ ନିଜେ ନିଷ୍ପତ୍ତି ନେବେ। ତେବେ ତାଙ୍କୁ ଦଳରେ ସାମିଲ କରାଯିବ କି ନା ସେ ନେଇ ଟିମ୍ ମ୍ୟାନେଜମେଣ୍ଟ ସହ ଚୟନ କମିଟି ନିଶ୍ଚିତ ଭାବେ ଦ୍ୱନ୍ଦ୍ୱରେ ଥିବେ। ରିଷଭ ପନ୍ତଙ୍କ ବେପରୁଆ ବ୍ୟାଟିଂ କୋହଲି ଓ ଶାସ୍ତ୍ରୀଙ୍କୁ ଚିନ୍ତାରେ ପକାଇଛି। ମନୀଷ ପାଣ୍ଡେ ପ୍ରତିଭା ସମ୍ପନ୍ନ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଆଶାନୁରୂପ ବ୍ୟାଟିଂ କରିବାରେ ବିଫଳ ହୋଇଛନ୍ତି। ତେଣୁ ୪ ନମ୍ବରରେ ପାଣ୍ଡେ କିମ୍ବା ୱେଷ୍ଟଇଣ୍ଡିଜ୍ ଗସ୍ତରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଶ୍ରେୟାସ ଆୟାର ବ୍ୟାଟିଂ କରିବା ଆଶା କାରଯାଉଛି। ସ୍ପିନ୍ ଯୋଡି ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ପୁଣି ଦମ୍ ଦେଖାଇବା ଆଶା କରାଯାଉଛି। ସେହିପରି ରାଜସ୍ଥାନ ଯୁବ ସ୍ପିନର ରାହୁଲ ଚହରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କୁହାଯାଉଛି। ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ଭଲ ଫର୍ମରେ ଅଛନ୍ତି। ରବୀନ୍ଦ୍ର ଜାଡେଜା ମଧ ଅଭିଜ୍ଞତାରୁ ଫାଇଦା ଉଠାଇବା ଆଶା କରାଯାଉଛି। ଉଭୟ ଭଲ ବ୍ୟାଟିଂ କରିବା ସହ ଭଲ ସ୍ପିନ୍ ମଧ ବୋଲିଂ କରିଥାନ୍ତି। ଦଳରେ ମଧ ବ୍ୟାକ୍‌ଅପ୍ ଫିଙ୍ଗର ସ୍ପିନ୍ନର ୱାଶିଂଟନ ସୁନ୍ଦର ରହିଛନ୍ତି। ଦ୍ରୁତ ବୋଲିଂରେ ଯଶପ୍ରୀତ ବୁମ୍‌ରାଙ୍କ ଅନୁପସ୍ଥିତିରେ ଦୀପକ ଚହର, ନବଦୀପ ସଇନି, ଖଲିଲ ଅହମ୍ମଦ ଦାୟିତ୍ୱ ସମ୍ଭାଳିବେ। ବିଶ୍ୱକପ୍ ପୂର୍ବରୁ ଆଗାମୀ ୧୩ ମାସ କୋହଲି ଓ ଶାସ୍ତ୍ରୀଙ୍କ ପାଇଁ ଏକ ପ୍ରକାର ଆହ୍ୱାନ ସୃଷ୍ଟି କରିଛି। ସିରିଜ ତଥା ଗସ୍ତର ପ୍ରଥମ ମ୍ୟାଚ୍ ହୋଇଥିବାରୁ ଉଭୟ ଦଳ ବିଜୟୀ ହେବା ପାଇଁ ପ୍ରୟାସ କରିବେ।

## ପୂଜାରା, ରାହୁଲ, ଜାଡେଜା ଘୋଷଣା କରିବେ କେଉଁଠି ଦେବେ ଡୋପ ଟେଷ୍ଟ

**ନୂଆଦିଲ୍ଲୀ, ୧୪।୯:** ଭାରତୀୟ କ୍ରିକେଟରଙ୍କ ଲାଗି ଜାତୀୟ ଆଣ୍ଟି ଡୋପିଂ ସଂସ୍ଥା (ନାଡା) ପକ୍ଷରୁ ପ୍ରଥମ ଥର ରେଜିଷ୍ଟର ଟେଷ୍ଟିଂ ପୁଲ (ଆରଟିପି) ପ୍ରସ୍ତୁତ କରାଯାଇଛି। ଏହି ତାଲିକାରେ ୫ ଷ୍ଟାର ପୁରୁଷ ଓ ମହିଳା ଖେଳାଳି ରହିଛନ୍ତି। ଏଥିରେ ଚେତେଶ୍ୱର ପୂଜାରା, ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜା ଏବଂ ମହିଳା କ୍ରିକେଟର ସ୍ମୃତି ମନ୍ଧାନା ଓ ଦୀପ୍ତି ଶର୍ମା ରହିଛନ୍ତି। ଏମାନେ ପ୍ରଥମ ସେଟ୍ କ୍ରିକେଟର ଭାବେ କେଉଁଠାରେ ଡୋପ୍ ଟେଷ୍ଟ ଦେବେ, ତାହା ନାଡା ଡିସିଓଙ୍କୁ ଜଣାଇବେ। ନାଡାର ମୁଖ୍ୟ କାର୍ଯ୍ୟାଳୟରେ ଚଳିତ ମାସ 'ହ୍ୱେୟାରଏବାଉଟ୍' କ୍ଲଜ ସମ୍ପର୍କରେ ଏକ କର୍ମଶାଳା ଆୟୋଜନ ହେବ। ଆସନ୍ତା ୩ ମାସ ପର୍ଯ୍ୟନ୍ତ ଉପରୋକ୍ତ କ୍ରିକେଟରମାନଙ୍କୁ ପ୍ରତ୍ୟେକ ଦିନ ଏକ ଘଣ୍ଟାର ସ୍ଲଟ ନାଡାକୁ ଦେବାକୁ ପଡ଼ିବ। ଉକ୍ତ ସ୍ଲଟରେ ସେମାନେ ଡୋପ ନମୂନା ଦେବା ପାଇଁ ଉପଲବ୍ଧ ରହିବେ। ଆରଟିପି ଅନୁଯାୟୀ, ନାଡା ଡୋପ ନମୂନା ସଂଗ୍ରହ କରିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ନିଜର ଏକ ରେଜିଷ୍ଟର ଭାରତୀୟ କ୍ରିକେଟରଙ୍କ ପୁଲ ରହିଛି। ସେଥିରେ ଜାଡେଜା, ପୂଜାରା, ରାହୁଲ, ମନ୍ଧାନା ଓ ଦୀପ୍ତିଙ୍କ ନାମ ସ୍ଥାନ ପାଇ ନାହାନ୍ତି। ଏମାନଙ୍କ ବ୍ୟତୀତ ଆଇସିସି ଆରଟିପି ତାଲିକାରେ ଥିବା ଖେଳାଳିଙ୍କ ନମୂନା ଆଇସିସି ଅନୁମତି ପରେ ସଂଗ୍ରହ କରାଯିବ। ନାଡାର ଟେଷ୍ଟିଂ ଲାବ୍ରୋଟୋରି ଏନ୍‌ଡିଟିଏଲ ୬ ମାସ ବାସନ୍ଦ ହୋଇଛି। ହେଲେ ନାଡା କ୍ରିକେଟରଙ୍କ ନମୂନା ସଂଗ୍ରହ କରିବା ଜାରି ରଖିଛି।

# ରାୟୁଡୁ ହାଇଦ୍ରାବାଦ ଅଧିନାୟକ ନିଯୁକ୍ତ

**ହାଇଦ୍ରାବାଦ, ୧୪।୯**



ଅବସର ନିଷ୍ପତ୍ତିରୁ ଓହରିବାର ପାଖାପାଖି ୨ ସପ୍ତାହ ପରେ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁଙ୍କୁ ଆଗାମୀ ବିଜୟ ହଜାରେ ଟ୍ରଫି ଲାଗି ହାଇଦ୍ରାବାଦ କ୍ରିକେଟ୍ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଚଳିତ ମାସ ଅନ୍ତିମ ଭାବରେ ୫୦ ଓଭର ବିଶିଷ୍ଟ ଘରୋଇ କ୍ରିକେଟ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫି ଆରମ୍ଭ ହେବ। ଗତ ବିଶ୍ୱକପ୍‌ରେ ଭାରତର ୪ ନମ୍ବର ସ୍ଥାନରେ ବ୍ୟାଟିଂ ପାଇଁ ରାୟୁଡୁ ଦୌଡ଼ର ସର୍ବାଗ୍ରେ ରହିଥିଲେ ମଧ ତାଙ୍କୁ ଅଣଦେଖା କରାଯାଇଥିଲା। ତେବେ ଷ୍ଟାଣ୍ଡବାଏ ଖେଳାଳି ତାଲିକାରେ ରହିଥିଲେ ମଧ ବିଜୟ ଶଙ୍କରଙ୍କ ବଦଳ ଖେଳାଳି ଭାବେ ମୟଙ୍କ ଅଗ୍ରୱାଲଙ୍କୁ ପ୍ରାଧାନ୍ୟ ଦିଆଯିବା ପରେ ରାୟୁଡୁ ଚୟନକର୍ତ୍ତାଙ୍କ ନିଷ୍ପତ୍ତିରେ କ୍ଷୋଭ ପ୍ରକାଶ କରି ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ଘୋଷଣା କରିଥିଲେ। କିନ୍ତୁ ପରେ ପ୍ରାକ୍ତନ ହାଇଦ୍ରାବାଦ ବ୍ୟାଟ୍ସମ୍ୟାନ ଭି.ଭି.ଏସ୍. ଲକ୍ଷ୍ମଣ, ନୋଏଲ୍ ଡେଭିଡ୍ ଓ ଚେନ୍ନାଇ ସୁପର୍ କିଙ୍ଗ୍ସର ଅଫିସିଆଲ ପ୍ରମୁଖ ରାୟୁଡୁଙ୍କୁ ମନାଇବାରେ ସଫଳ ହେବାପରେ ସେ ପୁନର୍ବାର କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଚଳିତ ବର୍ଷ ମୋଟ ୩୭ ଦଳ ବିଜୟ ହଜାରେ ଟ୍ରଫିରେ ଅଂଶଗ୍ରହଣ କରୁଥିବାବେଳେ ମୁମ୍ବାଇ ଡିଫେଣ୍ଡିଂ ଚାମ୍ପିୟନ ରହିଛି। ଗ୍ରୁପ୍-ବି'ରେ ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ଦିଲ୍ଲୀ, ହରିୟାଣା, କେରଳ, ସୌରାଷ୍ଟ୍ର ଓ ଉତ୍ତର ପ୍ରଦେଶ ସହ ହାଇଦ୍ରାବାଦ ସ୍ଥାନ ପାଇଛି।



## ଅମିତ ପଙ୍ଘାଲଙ୍କ ସହଜ ବିଜୟ

**ଏକାଟରିନବର୍ଗ (ରୁଷିଆ), ୧୪।୯ (ପି.ଟି.):** ଏସିଆନ ଚାମ୍ପିୟନ ଅମିତ ପଙ୍ଘାଲ ସହଜ ବିଜୟ ସହ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ତାଙ୍କ ପଦକ ଅଭିଯାନ ଆରମ୍ଭ କରିଛନ୍ତି। ଶନିବାର ସେ ଚାଇନିଜ ତାଇପେର ତୁ ପୋ-ୱେଁଙ୍କ ବିପକ୍ଷ ତାଙ୍କ ଓପନିଂ ବାଉଟରେ ବିଜୟ ଲାଭ କରିଛନ୍ତି। ଏଠାରେ ଦ୍ୱିତୀୟ ସିଡ୍ ତଥା ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ୨୩ବର୍ଷୀୟ ପଙ୍ଘାଲ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୫-୦ରେ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତୀୟ ବକ୍ସରଙ୍କୁ ପ୍ରଥମ ରାଉଣ୍ଡରେ ବାଇ ମିଳିଥିଲା। ପୋ-ୱେଁଙ୍କ ବିପକ୍ଷରେ ପଙ୍ଘାଲ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ ସହ ପ୍ରାଧାନ୍ୟ ବିସ୍ତାର କରିଥିଲେ। ପ୍ରଥମ ରାଉଣ୍ଡ ସହଜରେ ଜିତିନେଇଥିଲେ। ତାଇପେ ବକ୍ସର ଅଧିକାଂଶ ସମୟ ପଙ୍ଘାଲଙ୍କୁ ମୁହାଁମୁହିଁ ହେବାକୁ ଏଡାଇଯାଉଥିବା ଦେଖି ରେଫରି ତାଙ୍କୁ ତାଗିଦ କରିବାକୁ ବାଧ୍ୟ ହୋଇଥିଲେ। ହମବର୍ଗଠାରେ ବିଶ୍ୱ ଚାମ୍ପିୟନଶିପ୍‌ର ଗତ ସଂସ୍କରଣ କ୍ୱାର୍ଟରଫାଇନାଲିଷ୍ଟ ପଙ୍ଘାଲଙ୍କୁ ଚ୍ୟାଲେଞ୍ଜ କରିବାରେ ପୋ-ୱେଁ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ପଙ୍ଘାଲ ତାଙ୍କ ଓଜନ କାଟେଗୋରି ୪୯କେଜିରୁ ୫୨କେଜିକୁ ପରିବର୍ତ୍ତନ କରିଥିଲେ।

# ଶାହାବାଜ ଜିତିଲେ ଇଷ୍ଟ ଜୋନ୍ ସ୍ନୁକର



ବାମରୁ ଟୁର୍ନାମେଣ୍ଟ କୋଅର୍ଡିନେଟର ଗୋବିନ୍ଦ ଶର୍ମା, 'ରନର୍ସଅପ୍ ସୁବ୍ରତ ଦାସ, ମିଶାଲ ସ୍ୱାଇଁ, କୁନାଲ ଅଗ୍ରୱାଲ, ଚାମ୍ପିୟନ ଶାହାବାଜ ଆଦିଲ ଖାଁ ଓ ୬ ପକେଟ୍ସ କ୍ଲବ୍ ମାଲିକ ଜିତେନ ଷଡ଼ଙ୍ଗୀ।

**ଭୁବନେଶ୍ୱର,୧୪।୯(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଫାଲ୍‌କନ ଚିଲିକା ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍ ଶନିବାର ଶେଷ ହୋଇଛି। ପଶ୍ଚିମବଙ୍ଗର ଶାହାବାଜ ଆଦିଲ ଖାଁ ଟାଇଟଲ ହାସଲ କରିଛନ୍ତି। ପ୍ରତିଯୋଗିତାର ଦଶମ ଦିବସରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ସେ ଓଡ଼ିଶାର ସୁବ୍ରତ ଦାସଙ୍କୁ ୬-୪ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଫାଇନାଲ ମ୍ୟାଚ୍‌ରେ ସଂଘର୍ଷ ଦେଖିବାକୁ ମିଳିଥିଲା। ତେବେ ଶାହାବାଜ ୫୮-୬୩, ୪୨-୬୮, ୬୩- ୨୫, ୫୮-୧୪, ୬୭-୦, ୪୩- ୫୭, ୬୯- ୪୩, ୬୫- ୯୧, ୫୮- ୦୧, ୭୧-୧୭ ଫ୍ରେମ୍‌ରେ ବିଜୟୀ ହୋଇ ବାଜି ମାରିଛନ୍ତି।

ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଶାହାବାଜ ନିଜ ରାଜ୍ୟର ମନୀଷ ଜୈନଙ୍କୁ ୫-୩ (୬୨- ୨୭, ୪୭- ୭୬, ୩୦- ୫୬, ୪୭- ୩୪, ୭୨-୦, ୪୨- ୭୨, ୧୨୦-୦, ୬୯- ୨୬)ରେ ହରାଇ ଫାଇନାଲକୁ ଉଠିଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ସୁବ୍ରତ ଓଡ଼ିଶାର ଅନ୍ୟତମ ଖେଳାଳି ଆକାଶ ମହାପାତ୍ରଙ୍କୁ ୫-୧ (୫୯- ୫୭, ୫୯- ୩୨, ୬୩- ୬୭, ୬୦- ୩୫, ୬୧- ୧୭, ୪୦- ୧୪)ରେ ହରାଇ ଫାଇନାଲରେ ପ୍ରବେଶ କରଥିଲେ। ୧୦ ଦିନ ଧରି ଚାଲିଥିବା ଏହି ସ୍ନୁକର ଟୁର୍ନାମେଣ୍ଟ ସଫଳତାର ସହ ଅନୁଷ୍ଠିତ ହୋଇଛି।

ଟୁର୍ନାମେଣ୍ଟ କୋଅର୍ଡିନେଟର ଗୋବିନ୍ଦ ଶର୍ମା ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରିଥିଲେ। ଏହି ଅବସରରେ ସମସ୍ତ ପ୍ରାୟୋଜକ ଓ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କୁ ୬ ପକେଟ୍ସ କ୍ଲବ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

# ଭାରତୀୟ ଦଳକୁ ରେକର୍ଡ ଟାଇଟଲ୍

**କଲମ୍ବୋ,୧୪।୯**



ଟ୍ରଫି ସହ ଚାମ୍ପିୟନ ଭାରତୀୟ ଦଳ ଖେଳାଳି ।

ବାମହାତୀ ସ୍ପିନର ଅଥର୍ବ ଆଙ୍କୋଲେକରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତୀୟ ଦଳ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। ସ୍ଥାନୀୟ ଆର୍. ପ୍ରେମଦାସ ଷ୍ଟାଡିୟମରେ ଅନୁଷ୍ଠିତ ଏକ ଲୋ ସ୍କୋରିଂ ମ୍ୟାଚ୍‌ରେ ଭାରତୀୟ ଦଳ ୫ ରନ୍‌ରେ ବାଂଲାଦେଶକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭାରତ ଇନିଂସ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଳରେ ଦଳ ମାତ୍ର ୩୨.୪ ଓଭରରେ ୧୦୬ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ୩ ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନ ଥିବାବେଳେ ୫ ଜଣ ଦୁଇ ଅଙ୍କ ସ୍କୋର ଛୁଇଁପାରି ନ ଥିଲେ। କେବଳ କରନ ଲାଲ ୩୭, ଅଧିନାୟକ ଧ୍ରୁବ ଜୁରେଲ ୩୩ ଓ ଶାଶ୍ୱତ ରାୱତ ୧୯ ରନ୍ କରିଥିଲେ। ବାଂଲାଦେଶ ପକ୍ଷରୁ ମୃତ୍ୟୁଞ୍ଜୟ ଚୌଧାରୀ ଓ ଶାମିମ ହୋସେନ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବାଂଲାଦେଶ ବ୍ୟାଟିଂ ଲାଇନ ଅପ୍ ମଧ ସମାନ ଦଶା ଭୋଗିଥିଲା। ୧୦୭ ରନ୍‌ର ଛୋଟିଆ ଟାର୍ଗେଟ ନେଇ ଓହ୍ଲାଇଥିବା ବାଂଲାଦେଶ ୩୩ ଓଭରରେ ୧୦୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଅଧିନାୟକ ଆକବର ଅଲି ୨୩, ମୃତ୍ୟୁଞ୍ଜୟ ୨୧, ତାନ୍‌ଜିମ ହାସନ ସାକିବ ୧୨ ଓ ରକିବୁଲ ହାସନ ୧୧ ରନ୍ କରିଥିଲେ। ୧୮ ବର୍ଷୀୟ ଆଙ୍କୋଲେକର ୮ ଓଭର ବୋଲିଂ କରି ୨୮ ରନ୍ ବ୍ୟୟରେ ୫ ଉଇକେଟ ନେଇ ବିଜୟରେ ନାୟକ ସାଜିଥିଲେ। ତାଙ୍କୁ ଭରପୂର ସହାୟତା କରିଥିଲେ ଆକାଶ ସିଂ। ସେ ୩ ଉଇକେଟ ନେଇଥିବାବେଳେ ବିଦ୍ୟାଧର ପାଟିଲ ଓ ସୁଶାନ୍ତ ମିଶ୍ର ଗୋଟିଏ ଲେଖାଏ ସଫଳତା ପାଇଥିଲେ। ଭାରତୀୟ ଦଳ ରେକର୍ଡ ୭ମ ଥର ପାଇଁ ଏସିଆ କପ୍ ଜିତିଛି।

**୧୯ ବର୍ଷରୁ କମ୍ ଏସିଆ କପ୍ ବିଜେତା**
୧୯୮୯: ଭାରତ
୨୦୦୩: ଭାରତ
୨୦୧୨: ଭାରତ ଓ ପାକିସ୍ତାନ (ଯୁଗ୍ମ)
୨୦୧୪: ଭାରତ
୨୦୧୬: ଭାରତ
୨୦୧୭: ଆଫଗାନିସ୍ତାନ
୨୦୧୮: ଭାରତ
୨୦୧୯: ଭାରତ

**ସଂକ୍ଷିପ୍ତ ସ୍କୋର**
**୧୯ ବର୍ଷରୁ କମ୍ ଭାରତ ଦଳ:** ୩୨.୪ ଓଭରରେ ୧୦୬/ଅଲଆଉଟ୍ (ଧ୍ରୁବ ଜୁରେଲ ୩୩, କରନ ଲାଲ ୩୭, ଶାଶ୍ୱତ ରାୱତ ୧୯, ଶମିମ ହୋସେନ ୩/୮, ମୃତ୍ୟୁଞ୍ଜୟ ଚୌଧାରୀ ୩/୧୮)।
**୧୯ ବର୍ଷରୁ କମ୍ ବାଂଲାଦେଶ ଦଳ:** ୩୩ ଓଭରରେ ୧୦୧/ଅଲଆଉଟ୍ (ଆକବର ଅଲି ୨୩, ମୃତ୍ୟୁଞ୍ଜୟ ଚୌଧାରୀ ୨୧, ଆଙ୍କୋଲେକର ୫/୨୮, ଆକାଶ ୩/୧୨)।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ସେପ୍ଟେମ୍ବର ୧୫/୨୦୧୯ Sambalpur, Sunday, September 15 / 2019

## ସଂକ୍ଷେପରେ

### ଭିତରକନିକାରେ ଦେଶୀୟ ପକ୍ଷୀ ଗଣନା ୧୮ରୁ

**ରାଜନଗର,୧୪।୯(ଡି.ଏନ୍.ଏ.):** କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ଭିତରକନିକା ଜାତୀୟଉଦ୍ୟାନରେ ପକ୍ଷୀଗଣନା କାର୍ଯ୍ୟ ଚଳିତ ମାସ ୧୮ରୁ ଆରମ୍ଭ ହୋଇ ୨୪ ପର୍ଯ୍ୟନ୍ତ ଚାଲିବ। ଏନେଇ ରାଜନଗର ଡିଏଫଓ ବିକାଶ ରଞ୍ଜନ ଦାଶ ଶନିବାର ସୂଚନା ଦେଇଛନ୍ତି। ଏହି ସମୟରେ ଭିତରକନିକା ଅନ୍ତର୍ଗତ ମଠଆଡିଆ ଓ ଲକ୍ଷ୍ମୀପ୍ରସାଦଡ଼ିଆରେ ଗଣନା କରିବା ଲାଗି ସ୍ଥିର କରାଯାଇଛି। ବନବିଭାଗର ୩ଟି ଟିମ୍ ପକ୍ଷରୁ ଏହି ଗଣନା କରାଯିବ। ଲକ୍ଷ୍ମୀପ୍ରସାଦଡିଆରେ ଥିବା ଓରୁଅ ଗଛରେ ଅଧିକ ସଂଖ୍ୟାରେ ଗେଣ୍ଡାଳିଆ ଓ ବଗ ବସା ବାନ୍ଧିଥିବା ସୂଚନା ମିଳିଛି। ସେଠାରେ ଅଞ୍ଜନା, ଖଇରା, ଦାବେଣ୍ଟିଆ ଆଦି ବିଭିନ୍ନ କିସମର ପକ୍ଷୀଙ୍କ ବସା ଦେଖିବାକୁ ମିଳୁଛି। ସେହିପରି ମଠଆଡିଆରେ ଗୁଆଁ ଓ ବନିଗଛରେ କପରଖାଇ, ପାଣିକୁଆ, ଦାବେଣ୍ଟିଆ ପକ୍ଷୀ ବସା ବାନ୍ଧିଥିବା ନେଇ ବନ ବିଭାଗ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଅଗଷ୍ଟ ୨୩ରୁ ସେହି ମାସ ୨୯ ପର୍ଯ୍ୟନ୍ତ ପକ୍ଷୀଗଣନା କରିବା ଲାଗି ବନବିଭାଗ ପକ୍ଷରୁ ପୂର୍ବରୁ ସ୍ଥିର କରାଯାଇଥିଲା। ଏନେଇ ଗଣନାକାରୀ ଟିମ୍ ମଠଆଡିଆରେ ପହଞ୍ଚିଥିଲେ। ସେଠାରେ ସେତେବେଳେ ଅଳ୍ପ ସଂଖ୍ୟକ ପକ୍ଷୀ ବସା ବାନ୍ଧିଥିବା ବେଳେ ଅଧିକ ସଂଖ୍ୟାରେ ପକ୍ଷୀ କୁଟା କାଠି ଧରି ଉଡୁଥିବା ଦେଖିବାକୁ ମିଳିଥିଲା।

# ବେଆଇନ କରତକଳ ଉପରେ ଚଢ଼ାଉ, ୭ ଗିରଫ

**ସୁନ୍ଦରଗଡ଼,୧୪।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ଉଜ୍ଜ୍ୱଳପୁର ରେଞ୍ଜ ସର୍ଗିପାଲି ଢେଲସରାଠାରେ ଦୀର୍ଘଦିନ ଧରି ବେଆଇନ ଭାବେ ଚାଲୁଥିବା ଏକ କରତକଳ ଉପରେ ବନବିଭାଗ ପକ୍ଷରୁ ଶନିବାର ଚଢାଉ କରିଛି। ସେଠାରେ ଗଚ୍ଛିତ ଥିବା ମୂଲ୍ୟବାନ ଚୋରା କାଠପଟା ଜବତ କରାଯାଇଛି। ଏହି ଚୋରାକାଠ କାରବାରରେ ସମ୍ପୃକ୍ତ ତଥା କରତକଳର ମାଲିକ ତରୁଣ ଦାସଙ୍କ ସମେତ ୭ଜଣଙ୍କୁ ବନବିଭାଗ ଗିରଫ କରିଛି। ସେମାନେ ହେଲେ କାଠ କାରିଗର ସଫାଉଲ ଅନସାରୀ, ନିଜାମ ଅନ୍‌ସାରୀ, ଲିଆକତ ଅନସାରୀ, ସଫରୁଦ୍ଦିନ୍, ଆତାଉଲ ଅନସାରୀ, ତାହିର୍ ଅନସାରୀ। ଏମାନେ ସମସ୍ତେ ଝାଡଖଣ୍ଡ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡିଛି।

ଚୋରା କରତକଳ ଚାଲୁଥିବା ସମ୍ପର୍କରେ କୌଣସି ସୂତ୍ରରୁ ସୂଚନା ପାଇ ସୁନ୍ଦରଗଡ ଡିଏଫ୍‌ଓ ଡ. ଅରୁଣ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା । ଏଥିପାଇଁ ସହକାରୀ ବନସଂରକ୍ଷକ ଟଙ୍କଧର ବେହେରାଙ୍କ ନେତୃତ୍ୱରେ ଉଜ୍ଜ୍ୱଳପୁର ରେଞ୍ଜ ଅଫିସର ସଂଗ୍ରାମ କେଶରୀ ମନହୀରାଙ୍କ ସମେତ ବନବିଭାଗ ଓ ପୋଲିସ ବିଭାଗର କର୍ମଚାରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲା । ମାଜିଷ୍ଟ୍ରେଟ ସାରିକା ରାଣୀ ଢମେଲଙ୍କ ଉପସ୍ଥିତିରେ ସ୍କ୍ୱାଡ୍ ଚଢାଉ କରିଥିଲା। ସ୍କ୍ୱାଡ ଘଟଣାସ୍ଥଳରୁ ଶାଗୁଆନ, ଶାଳ, ପିଆଶାଳ ଆଦି ବିଭିନ୍ନ କିସମର କାଠପଟା ଜବତ କରିଛି । ଜବତ କାଠ ପଟା ୨ଶହ ଘନଫୁଟ, ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। କାଠ ସହିତ କରତ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ ହୋଇଛି। ଅଭିଯୁକ୍ତ ତରୁଣ ଦାସ ସୁନ୍ଦରଗଡ଼ ତଥା ଆଖପାଖ ଜଙ୍ଗଲରୁ ଏହି ମୂଲ୍ୟବାନ କାଠ ଆଣି କରତକଳରେ ସାଇଜ କରୁଥିଲେ। ସୁନ୍ଦରଗଡ଼ ଓ ପଡୋଶୀ ଝାରସୁଗୁଡ଼ା ତଥା ଛତିଶଗଡ଼ ଅଞ୍ଚଳକୁ ଚାଲାଣ କରି ନିଜର ବ୍ୟବସାୟ ଚଳାଇ ଆସୁଥିଲେ। ଗିରଫ ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।



କରତକଳରୁ ଜବତ ମୂଲ୍ୟବାନ ଚୋରାକାଠ।

- ୨ ଲକ୍ଷ ଟଙ୍କାର ଚୋରା କାଠପଟା ଜବତ
- କରତକଳ ଯନ୍ତ୍ରାଂଶକୁ ବି ଜବତ କଲା ବନ ବିଭାଗ

## ଆଜି ଥିଲା ଭାଗବତ ଜନ୍ମ

# ଦୁଇ ଶୁଆ ଶୁଣୁଛନ୍ତି ଭାଗବତ ପାଠ

**ବଲାଙ୍ଗୀର ଅଫିସ,୧୪।୯**

ବଲାଙ୍ଗୀର ସହରରେ ଏବେ ଦୁଇଟି ଶୁଆ ଚର୍ଚ୍ଚାରେ ରହିଛନ୍ତି । ଏହି ଦୁଇ ଶୁଆ ଭାଗବତ ପାରାୟଣ ହେଲେ ମନଧ୍ୟାନ ଦେଇ ଶୁଣୁଛନ୍ତି। ବଲାଙ୍ଗୀର ସହର ପ୍ୟାଲେସଲାଇନ୍ ଅଞ୍ଚଳର ଗିରିଶ ଚନ୍ଦ୍ର ପଣ୍ଡାଙ୍କ ଘରେ ଶୁଆ ଦୁଇଟି ଶନିବାର ଭାଗବତ ଶୁଣୁଥିବା ପ୍ରଚାର ହେବା ପରେ ପଡାବାସୀଙ୍କ ଭିତରେ ଉତ୍ସୁକତା ବଢ଼ିଥିଲା । ପ୍ରାୟ ୬ ମାସ ତଳେ ଗିରିଶଙ୍କ ଘରେ ପୁରାଣ ପାଠ ଚାଲିଥିବାବେଳେ ଘର ଭିତରକୁ ଦୁଇଟି ଶୁଆ ପଶି ଆସିଥିଲେ। ସେହିଦିନୁ ଦୁଇ ଶୁଆ ଆଉ ସେଠାରୁ ଯାଇ ନ ଥିଲେ । ଗିରିଶଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ସେମାନଙ୍କୁ ପାଳି ପୋଷିଛନ୍ତି। ଗିରିଶଙ୍କ ଘରେ ଭାଗବତ ପାରାୟଣ ଚାଲିଲେ ଏହି ଦୁଇ ଶୁଆ ଚୁପ୍‌ଚାପ ସେଠାରେ ବସି ଭାଗବତ୍ ଶୁଣିଥାନ୍ତି। ଶନିବାର ଭଜନ, ଜଣାଣ, କୀର୍ତ୍ତନ ଭିତରେ ଭାଗବତ ପାରାୟଣ ଚାଲିଲେ ମଧ୍ୟ ଏହି ଦୁଇ ଶୁଆ ସ୍ଥିତପ୍ରଜ୍ଞ ଭଳି ସେଠାରେ ଭାଗବତ ଶୁଣୁଥିବା ପ୍ରଚାରିତ ହେବା ପରେ ଅନେକ ଲୋକ ଏହି ଦୃଶ୍ୟ ଦେଖିବାକୁ ପଣ୍ଡାଙ୍କ ଘରକୁ ଯାଇଥିଲେ। ଦୁଇ ଶୁଆ ସେଠାରେ ଚୁପ୍‌ଚାପ ଭାଗବତ ଶୁଣିବା ମୁଦ୍ରାରେ ରହିବା ଅନେକଙ୍କୁ ବିସ୍ମିତ କରିଥିଲା। କଳିଯୁଗରେ ଧର୍ମ, ପୁରାଣଠାରୁ ମଣିଷ ଦୂରେଇ ଯାଉଥିବାବେଳେ ଦୁଇପକ୍ଷୀ ଏଭଳି ଭଗବତ ଶୁଣିବା ଚର୍ଚ୍ଚାର ବିଷୟ ହୋଇଛି । ଏକାଦଶୀ ଦିନ ଭାଗବତ ପାରାୟଣ ବେଳେ ଏହି ଦୁଇ ଶୁଆ କିଛି ବି ଖାଆନ୍ତି ନାହିଁ ବୋଲି ପୁଷ୍ପାଞ୍ଜଳି ଗଣମାଧ୍ୟମକୁ କହିଛନ୍ତି।



ଦୁଇ ଶୁଆ ଭାଗବତ୍ ପାରାୟଣ ବେଳେ ସେଠାରେ ଚୁପ୍‌ଚାପ ବସି ରହିଛନ୍ତି ।

# ଦୁର୍ଦ୍ଧାନ୍ତ ମାଓବାଦୀ ମଙ୍ଗଳ ସିଂଙ୍କ ଆତ୍ମସମର୍ପଣ

**ରାଉରକେଲା ଅଫିସ, ୧୪।୯**

ସମ୍ବଲପୁର-ଦେବଗଡ଼-ସୁନ୍ଦରଗଡ଼ (ଏସ୍‌ଡିଏସ୍) ଜୋନରେ ସକ୍ରିୟ ଥିବା ହାର୍ଡକୋର (ଦୁର୍ଦ୍ଧାନ୍ତ) ମାଓବାଦୀ ମଙ୍ଗଳ ସିଂ ମୁଣ୍ଡା ଓରଫ ଅଲିନ୍ଦର ଶନିବାର ରାଉରକେଲା ଏସ୍‌ପି କେ.ଶିବା ସୁବ୍ରାମଣୀ ଓ ସମ୍ବଲପୁର ଏସ୍‌ପି କେ.ଭି.ସିଂଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି। ଶନିବାର ସନ୍ଧ୍ୟାରେ ରାଉରକେଲା ଏସ୍‌ପି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉଭୟ ଏସ୍‌ପି ଏହା କହିଛନ୍ତି। ଏହାସହ ମାଓବାଦୀ ମଙ୍ଗଳଙ୍କ ପାଖରୁ କୌଣସି ଅସ୍ତ୍ରଶସ୍ତ୍ର ଜବତ ହୋଇ ନ ଥିବା ସୂଚନା ଦେଇଛନ୍ତି। ମଙ୍ଗଳ ୮ବର୍ଷ ବୟସରେ ଘରୁ ଚାଲିଯାଇଥିଲେ। କୁନ୍ଦନ ପୁହାନ ଟିମର କିଶୋର ନାମକ ଜଣେ ଯୁବକ ମଙ୍ଗଳଙ୍କୁ ମାଓବାଦୀରେ ସାମିଲ କରିଥିଲେ। ପରେ ମଙ୍ଗଳ ମାଓବାଦୀ ସନ୍ଦୀପ ଓ ପ୍ରଶାନ୍ତଙ୍କ ନେତୃତ୍ୱରେ ଅସ୍ତ୍ରଶସ୍ତ୍ର ତାଲିମ ନେଇଥିଲେ। ତାଲିମ ପରେ ୨୦୧୨ରେ ବୁଣ୍ଡୁ, ଚାଣ୍ଡିଲ, କୋଲହାନ ଓ ସରଣ୍ଡା ଜଙ୍ଗଲରେ କେତେଜଣ ହାର୍ଡକୋର ମାଓବାଦୀ ପ୍ରବେଶ କରିଥିଲେ। ଏହାସହ ୨୦୧୩ରେ ଅନମୋଲର ନେତୃତ୍ୱରେ ସେ ସୁନ୍ଦରଗଡ଼ ଜିଲାରେ ପ୍ରବେଶ କରିଥିଲେ। ମଙ୍ଗଳ ଜଣେ ଏରିଆ କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ। ଏପରିକି କୋର କମିଟି ସଦସ୍ୟ ମିସିର ବେଶରାର ବଡିଗାର୍ଡ ଭାବେ ମଧ୍ୟ କାମ କରିଛନ୍ତି। ମଙ୍ଗଳଙ୍କ ନାମରେ ଅନୁଗୋଳ, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଜିଲାରେ ଏକାଧିକ ମାମଲା ରହିଛି। ଏପରିକି ରାଜ୍ୟ ସରକାର ମଙ୍ଗଳଙ୍କ ନାମରେ ୪ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ବୋଲି ଏସପି କହିଛନ୍ତି। ହାର୍ଡକୋର ମାଓବାଦୀ ମଙ୍ଗଳଙ୍କୁ ବାରମ୍ବାର ଧମକ ଦେବା ଏବଂ ମାଓବାଦୀ ଚିନ୍ତାଧାରାରେ ବ୍ୟତିବ୍ୟସ୍ତ ହୋଇ ସେ ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଆତ୍ମସମର୍ପଣ କରିଥିବା ଏସପି କେ.ଶିବା ସୁବ୍ରାମଣୀ କହିଛନ୍ତି। ଏହାସହ ଆତ୍ମସମର୍ପଣ କରିଥିବା ମାଓବାଦୀ ମଙ୍ଗଳଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ୫୦ହଜାର ଟଙ୍କା ପ୍ରଦାନ କରାଯିବ । ଏଥିସହ ୧ଲକ୍ଷ ୫୦ ହଜାର ଟଙ୍କା ୩ ବର୍ଷ ପାଇଁ ଫିକ୍ସଡ ଡିପୋଜିଟ କରି ତାଙ୍କ ନାମରେ ରଖାଯିବ। ସରକାରଙ୍କ ତରଫରୁ ଘର ଜମି ପାଇଁ ୨୫ ହଜାର ଟଙ୍କା, ଘର ତିଆରି ପାଇଁ ୪୫ ହଜାର ଟଙ୍କା, ନିଜ ବିବାହ ପାଇଁ ୨୫ହଜାର ଟଙ୍କା ଓ ପଢ଼ିବା ପାଇଁ ୩ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ଉଭୟ ଏସପି କହିଛନ୍ତି।



ଖବରଦାତା ସମ୍ମିଳନୀରେ ରାଉରକେଲା ଓ ସମ୍ବଲପୁର ଏସ୍‌ପିଙ୍କ ସହ ହାର୍ଡକୋର ମାଓବାଦୀ ମଙ୍ଗଳ ସିଂ ମୁଣ୍ଡା।

- ୪ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା ହୋଇଥିଲା
- ବିଭିନ୍ନ ଥାନାରେ ରହିଛି ଏକାଧିକ ମାମଲା
- ୮ବର୍ଷ ବୟସରୁ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ

## ପୂର୍ବତନ ମୁଖ୍ୟ ଶାସନ ସଚିବ ନଳିନୀକାନ୍ତ ପଣ୍ଡାଙ୍କ ପରଲୋକ

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

ଓଡ଼ିଶାର ଦ୍ୱିତୀୟ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ଅଫିସର ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ନଳିନୀକାନ୍ତ ପଣ୍ଡାଙ୍କର ଶନିବାର ପରଲୋକ ହୋଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା। ସେ ଯାଜପୁରରେ ଜନ୍ମଗ୍ରହଣ କରିଥିଲେ। ରେଭେନ୍ସା କଲେଜରେ ସ୍ନାତକ କରିବା ପରେ ସେ ଦିଲ୍ଲୀ ସ୍କୁଲ ଅଫ ଇକୋନୋମିକ୍ସରୁ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ପଣ୍ଡା ଇଷ୍ଟ ଆଫ୍ରିକାରେ ଜାତିସଂଘର ମୁଖ୍ୟ ଉପଦେଷ୍ଟା ଭାବେ ୮ ବର୍ଷ ଦାୟିତ୍ୱ ତୁଲାଇଥିଲେ। ସେ ୫ ଅଗଷ୍ଟ ୧୯୮୭ରୁ ୩୧ ମେ ୧୯୮୯ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ସୁଧା ପଣ୍ଡା ଓ ୩ ପୁଅ, ଗୋଟିଏ ଝିଅ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଓ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଶ୍ରୀ ପଣ୍ଡାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।







## ୭ ହଜାର ଟଙ୍କା ଲାଞ୍ଚ

# ସିନାପାଲି ସ୍ୱାସ୍ଥ୍ୟ ଅଧିକାରୀ ଗିରଫ

**ସିନାପାଲି,୧୪।୯(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁକାନ୍ତି ପଣ୍ଡା ଶନିବାର ଜଣେ କର୍ମଚାରୀଙ୍କଠାରୁ ୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡିଛନ୍ତି। ଡାକ୍ତର ପଣ୍ଡାଙ୍କ ସିନାପାଲିସ୍ଥିତ ଭଡାଘର ଏବଂ ତାଙ୍କ ନିଜ ଗାଁ କଳାହାଣ୍ଡି ଜିଲା ଏମ୍. ରାମପୁର ବାସଭବନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଇଛି । ଏହି ଘଟଣାର ତଦନ୍ତ ଚାଲୁଥିବା ଡିଏସ୍‌ପି ସତ୍ୟବାନ ମହାନନ୍ଦ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସୁଇପର୍ ମହେଶ ସହିସ ଛୁଟିରେ ରହିଥିଲେ। ସେହି ସମୟର ଛୁଟିକୁ ଇଏଲ୍ କରି ଦରମା ମଞ୍ଜୁର କରାଇ ଦେବା ପାଇଁ ଡାକ୍ତର ପଣ୍ଡା ମହେଶଙ୍କୁ ୭ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ହେଲେ ମହେଶ ୭ ହଜାର ଟଙ୍କା ଦେବାକୁ ସକ୍ଷମ ନ ହୋଇ ଶେଷରେ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ଶନିବାର ପୂର୍ବାହ୍ନ ୯ଟାରେ ପୂର୍ବ ଯୋଜନା ମୁତାବକ ମହେଶ ଡାକ୍ତର ପଣ୍ଡାଙ୍କୁ ତାଙ୍କ ଭଡ଼ାଘରେ ରାସାୟନିକ ପ୍ରଲୋପ ଦିଆ ୭ ହଜାର ଟଙ୍କା ଦେଉଥିବା ବେଳେ ପୂର୍ବ ଯୋଜନା ଅନୁଯାୟୀ ଭିଜିଲାନ୍ସ ଟିମ୍ ଡାକ୍ତର ପଣ୍ଡାଙ୍କୁ ଗିରଫ କରିଥିଲା। କଳାହାଣ୍ଡି ଓ ନୂଆପଡ଼ା ଭିଜିଲାନ୍ସ ଡିଏସ୍‌ପି ମହାନନ୍ଦଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା । ଇନ୍ସପେକ୍ଟର କଳାବତୀ ବାଗ, ନବରଙ୍ଗପୁର ଇନ୍ସପେକ୍ଟର ଦୀନବନ୍ଧୁ ବେହେରା ଏଥିରେ ସାମିଲ ଥିଲେ। ସୂଚନାଯୋଗ୍ୟ, ଡାକ୍ତର ପଣ୍ଡା ଏହା ପୂର୍ବରୁ ମଧ୍ୟ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡି ଜେଲ୍ ଯାଇଥିଲେ।



ଗିରଫ ଡାକ୍ତର ସୁକାନ୍ତି ପଣ୍ଡା।

### କଲେଜ ପରିସରରେ ଛାତ୍ରଙ୍କୁ ମାଡ, ହତ୍ୟା ଧମକ : ୨ ଗିରଫ

**ସୋନପୁର,୧୪।୯(ନି.ପ୍ର.):** ସୋନପୁର କଲେଜର ଯୁକ୍ତତିନି ଦ୍ୱିତୀୟ ବର୍ଷ କଳା ଛାତ୍ର ଦେବଦତ୍ତ ମହଲାଙ୍କୁ ମାଡ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଦେବଦତ୍ତ କଲେଜ ପରିସରରେ ଶନିବାର ଗୁପ୍‌ଚୁପ୍ ଖାଉଥିଲେ। ଏହି ସମୟରେ ତାଙ୍କୁ ସହରର ଆମ୍ବେଡକର ଛକ ଅଞ୍ଚଳର ପ୍ରୀତମ ବେହେରା(୨୩) ଓ ଆଶିସ ସା(୨୨) ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ । ଏପରିକି ତାଙ୍କୁ ହତ୍ୟା ଧମକ ଦେଇଥିବା ଦେବଦତ୍ତ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ପ୍ରୀତମ ଓ ଆଶିସଙ୍କୁ ଗିରଫ କରିଛି। ରବିବାର ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏକାଦୋଶିଆ ପ୍ରଧାନ ସୂଚନା ଦେଇଛନ୍ତି ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ରାସ୍ତା ମରାମତି କଲେ ସାମାଜିକ କର୍ମୀ

**ବିନିକା,୧୪।୯(ଡି.ଏନ୍.ଏ):** ବିନିକା ବ୍ଲକ ଗଡଗଡବାହାଲଠାରୁ-ଗଙ୍ଗାସାଗର ବନ୍ଧ ମୁଣ୍ଡ ପର୍ଯ୍ୟନ୍ତ ୨ଶହ ମିଟର ରାସ୍ତା ଶୋଚନୀୟ ହୋଇ ପଡିଥିଲା। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନିର୍ମାଣ ପାଇଁ ବାରମ୍ବାର ଦାବି ହେଲେ ହେଁ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିଲା। ଅଞ୍ଚଳର ସାମାଜିକ କର୍ମୀ ଆଦିକନ୍ଦ ବାବୁ ନିଜସ୍ୱ ଉଦ୍ୟମରେ ଏହି ୨ଶହ ମିଟର ଆବଡା ଖାବଡା ରାସ୍ତାକୁ ମରାମତି କରିଛନ୍ତି। ତେବେ ସ୍ଥାୟୀଭାବେ ଏହି ରାସ୍ତାର ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

### ସ୍ୱଚ୍ଛତା ପକ୍ଷ ପାଳନ

**ତରଭା, ୧୪।୯(ଡି.ଏନ.ଏ.):** ତରଭା ସରକାରୀ ବାଳିକା ହାଇସ୍କୁଲ ପରିସରରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି। ସେପ୍ଟେମ୍ବର ୧ରୁ ଏହି ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରାଯାଇଥିଲା । ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି, ପ୍ରଜ୍ଞା ପରିମିତା ବାରିକ, ସ୍ମିତାଞ୍ଜଳୀ ପଟ୍ଟନାୟକ, କବିତା ବରେଇ, ନବଘନ ସାହୁ, ଗତିକୃଷ୍ଣ ଗୁରୁ ପ୍ରମୁଖ ସହଯୋଗ କରିଥିଲେ । ସିଆରସିସି ଭରତ ମଲ୍ଲିକ ଉପସ୍ଥିତ ଥିଲେ ।

ଓଡ଼ିଶା ଭୂଚେତନା ପ୍ରକଳ୍ପ ଦ୍ୱାରା କୃଷି ଅଧିକାରୀଙ୍କ ଦକ୍ଷତା ବିକାଶ

# ସ୍ୱଳ୍ପ ଖର୍ଚ୍ଚରେ କୃଷି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ

**ସୋନପୁର,୧୪।୯(ନି.ପ୍ର.)**

ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏବଂ ଇକ୍ରିସାଟ୍(ଇଣ୍ଟରନ୍ୟାଶନାଲ କ୍ରପ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଫର ଫେମିଏରିଡ ଟ୍ରୋପିକ୍ସ)ର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସୁବର୍ଣ୍ଣପୁର ଜିଲା କୃଷି ଭବନ ଏବଂ କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ କୃଷି ବିଭାଗରେ କାର୍ଯ୍ୟରତ ଅଧିକାରୀ ଯଥା କୃଷି ଉପନିର୍ଦ୍ଦେଶକ, ଜିଲା କୃଷି ଅଧିକାରୀ, ମୃତ୍ତିକା ରାସାୟନବିତ୍, ସହକାରୀ କୃଷି ଅଧିକାରୀ ଓ ବ୍ଲକ ବୈଷୟିକ ପରିଚାଳକ ପ୍ରମୁଖଙ୍କୁ ନେଇ ମୋଟ ୨୫ଜଣ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଦିନରେ ଜିଲାର ସମସ୍ତ କୃଷି ଅଧିଦର୍ଶକ ଓ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ନେଇ ମୋଟ ୭୫ଜଣ ଅଂଶଗ୍ରହଣ କରିଥିଲେ। ସୁବର୍ଣ୍ଣପୁର ଜିଲା କୃଷି ଉପନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭୂଚେତନା ପ୍ରକଳ୍ପର ଲକ୍ଷ୍ୟ ସମ୍ପର୍କରେ ଜେନା ଆଲୋଚନା କରିଥିଲେ। ଇକ୍ରିସାଟ୍‌ର ବୈଜ୍ଞାନିକ ତଥା ଭୂଚେତନା ପ୍ରକଳ୍ପର ଜିଲା ସମନ୍ୱୟନକାରୀ ଅଧିକାରୀ ଡ. ରାଜେଶ ନୁନେ, ମହାଶକ୍ତି ଫାଉଣ୍ଡେସନର ସମ୍ପାଦକ ଯୋଗାନନ୍ଦ ବେହେରା, ଇକ୍ରିସାଟ୍‌ର ସାଇଣ୍ଟିଫିକ୍ ଅଫିସର ତାପସ ପାଣିଗ୍ରାହୀ ଏବଂ ଭୂଚେତନା ପ୍ରକଳ୍ପର ରିସର୍ଚ୍ଚ ଟେକ୍‌ନିସିଆନ ମଦନ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

କାର୍ଯ୍ୟକ୍ରମରେ ମୁଖ୍ୟତଃ ୫ଟି ବିଭାଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲାରେ ଭୂଚେତନା ପ୍ରକଳ୍ପ ଦ୍ୱାରା କରାଯାଇଥିବା ବିଭିନ୍ନ ମାଟି ଏବଂ କୃଷି ଜନିତ କାର୍ଯ୍ୟକ୍ରମ, ମୃତ୍ତିକାର ଠିକ୍ ସ୍ୱାସ୍ଥ୍ୟ ପରୀକ୍ଷା ଓ ତାର ପରିଚାଳନା, ଉନ୍ନତ ମାନର ଫସଲ ପରିଚାଳନା, ସମନ୍ୱିତ ରୋଗ ଓ ପୋକ ପରିଚାଳନା ଏବଂ ଚାଷରେ ରାସାୟନିକ ପଦାର୍ଥର ସୁରକ୍ଷିତ ପ୍ରୟୋଗ। ସୋନପୁର ଜିଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ ଉନ୍ନତମାନର ଫସଲ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ମୃତ୍ତିକା ରାସାୟନବିତ୍ ଅନୀଲ କୁମାର ପ୍ରହରାଜ ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ତାର ପରିଚାଳନା ଉପରେ ବକ୍ତବ୍ୟ ରଖିଥିଲେ। ସହକାରୀ କୃଷି ଅଧିକାରୀ ତୁଷାର ରଞ୍ଜନ ମିଶ୍ର ସମନ୍ୱିତ ପୋକ ପରିଚାଳନା ଓ ରାସାୟନିକ ପଦାର୍ଥର ସୁରକ୍ଷିତ ବ୍ୟବହାର ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଶେଷଭାଗରେ ସହକାରୀ କୃଷି ଅଧିକାରୀ ସୁଶ୍ରୀ ସ୍ୱାତା ପଣ୍ଡା ସମନ୍ୱିତ ରୋଗ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଭୂଚେତନା ପ୍ରକଳ୍ପଟି ୨୦୧୮ମସିହାରୁ ଓଡିଶାର ସମସ୍ତ ଜିଲାରେ କାଯର୍ଯ୍ୟକାରୀ ହେଉଛି। ମାଟିର ନମୂନା ସଂଗ୍ରହ କରି ମାଟିର ସଠିକ୍ ପରୀକ୍ଷା କରିବା ଏବଂ ମୃତ୍ତିକା ପରୀକ୍ଷାର ଫଳାଫଳ ଅନୁଯାୟୀ ବିଭିନ୍ନ ଫସଲ ମାଟିରେ ଆବଶ୍ୟକ କରୁଥିବା ସାରର ପରିମାଣ ନିର୍ଦ୍ଧାରଣ କରିବା ହେଉଛି ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ। ଏହାବ୍ୟତୀତ ନୂଆ ଉନ୍ନତ କିସମଗୁଡିକର ଚାଷୀଙ୍କ ଜମିରେ ପ୍ରଦର୍ଶନ ସହିତ ସନ୍ତୁଳିତ ସାର ପ୍ରୟୋଗର ଉପକାରିତାକୁ ଦର୍ଶାଇବା ମଧ୍ୟ ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ । ଫଳରେ ଚାଷରେ ଖର୍ଚ୍ଚ କମ ହେବା ସାଙ୍ଗକୁ ୧୫ରୁ ୨୦ ପ୍ରତିଶତ ଉତ୍ପାଦନ ବୃଦ୍ଧି ହୋଇ ପାରିବ। ପ୍ରକଳ୍ପ ମାଧ୍ୟମରେ ଭୁବନେଶ୍ୱର ଏବଂ ସମ୍ବଲପୁରରେ ଆନ୍ତର୍ଜାତୀୟ ସ୍ତରର ମୃତ୍ତିକା ପରୀକ୍ଷାଗାରର ନିର୍ମାଣ କରାଯିବାର ବ୍ୟବସ୍ଥା ରହିଛି। ଯାହାଫଳରେ ବହୁତ କମ୍ ଖର୍ଚ୍ଚରେ ଏବଂ ଦ୍ରୁତ ଗତିରେ ଗଛ ଆବଶ୍ୟକ କରୁଥିବା ୧୪ ଉପାଦାନର ପରୀକ୍ଷା କରା ଯାଇପାରିବ। ସୁବର୍ଣ୍ଣପୁର ଜିଲାରେ ଭୂଚେତନା ପ୍ରକଳ୍ପ ମାଧ୍ୟମରେ ୮୦୦ମାଟିର ନମୂନା ସଂଗ୍ରହ କରାଯାଇ ଇକ୍ରିସାଟ୍ ମୃତ୍ତିକା ପରୀକ୍ଷାଗାରରେ ପରୀକ୍ଷା କରା ଯାଇଥିଲା। ମାଟି ପରୀକ୍ଷାର ଫଳାଫଳ ଅନୁଯାୟୀ ଗତ ଖରିଫ ଓ ରବି ଋତୁରେ ମାଟି ପରୀକ୍ଷା ଜନିତ ସାର ପ୍ରୟୋଗ ସହିତ ଉନ୍ନତ ମରୁଡି ସହନଶୀଳ ଧାନ କିସମ ଯଥା ଧାନ-୪୩, ଧାନ-୪୪, ଦାନ-୪୬ ଓ ଏମଟିୟୁ ୧୦୧୦ର ପ୍ରଦର୍ଶନୀ ମାନ ଚାଷୀଙ୍କ ଜମିରେ କରାଯାଇଥିଲା। ଏହି କିସମଗୁଡିକର ଅମଳ ମଧ୍ୟ ଦେଶୀ କିସମଠାରୁ ଅଧିକ ହୋଇଛି। ଏହି ପଳାଫଳକୁ କୃଷି ବିଭାଗର ଅଧିକାରୀଙ୍କ ଦ୍ୱାରା ସମସ୍ତ ଚାଷୀଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଭୂଚେତନା ପ୍ରକଳ୍ପ ତରଫରୁ ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।



### କଫସିରପ, ନିଶା ବଟିକା ଜବତ: ବ୍ୟବସାୟୀ ଗିରଫ

**ସୋନପୁର,୧୪।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ବହୁଳ ଭାବେ ଚାଲିଛି ବେଆଇନ କଫସିରପ୍ କାରବାର। ଯୁବକମାନେ ଏହାକୁ ନିଶା ପାଇଁ ବହୁଳ ଭାବେ ବ୍ୟବହାର କରି ପଥଭ୍ରଷ୍ଟ ହେଉଛନ୍ତି। ସଦର ପୋଲିସ ଶନିବାର କଫ୍‌ସିରପ ବ୍ୟବସାୟୀ ଆସିକ୍ ରସୁଲ ଖାନ(୨୮)ଙ୍କୁ ଗିରଫ କରିଛି। ଆସିକ୍‌ଙ୍କ ଘର ତରଭା ଥାନା ଶିବଶଙ୍କରପଡାରେ। ସେ ବାଇକ୍ ନଂ ଓଡି୩୧ଏ-୯୧୩୨ରେ କଫ୍ ସିରପ୍ ଆଣି ସୋନପୁର ଉପକାରାଗାର ସମ୍ମୁଖରେ ବିକ୍ରି କରୁଥିଲେ । ତାଙ୍କ ନିକଟରୁ ୧୦୦ମିଲି. ବିଶିଷ୍ଟ ୫୦ ବୋତଲ ଏସ୍‌କଫ୍ କମ୍ପାନୀର କଫ୍ ସିରପ, ୮ଟି ଖୋଲା ବୋତଲ, ୩ ଷ୍ଟ୍ରିପ୍ ଆଲଫ୍ରା ଜୋଲାମ ଟାବ୍‌ଲେଟ(ନିଶା ବଟିକା), ବ୍ୟବହୃତ ବାଇକ୍, ନଗଦ ୨ହଜାର ୬୦ଟଙ୍କା ଓ ମୋବାଇଲ ଜବତ ହୋଇଛି। ଆସିକ୍ ଅପମିଶ୍ରିତ କଫସିରପ ବିକ୍ରିକରୁଥିବା ପୋଲିସ କହିଛି। ସୋନପୁର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଏଏସଆଇ ସବ୍ୟସାଚୀ ପ୍ରଧାନ ମାମଲାର ତଦନ୍ତ କରୁଛନ୍ତି ।

## ମଡେଲ ଥାନା ନିର୍ମାଣ ପାଇଁ ଭୂମିପୂଜନ

**ତରଭା, ୧୪।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ପରିସରରେ ନୂତନ ମଡେଲ ଥାନା ନିର୍ମାଣ ପାଇଁ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି । ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ୧୦ ଗୋଟି ଥାନା ମଧ୍ୟରେ ତରଭା ଥାନା ୪ନମ୍ବର ସ୍ଥାନ ରଖିଥିବା ବେଳେ ଓଡିଶାରେ ୧ ନଂ. ଥାନା ଭାବେ ପୁରସ୍କୃତ ହୋଇଛି । ଏଥିପାଇଁ ଓଡିଶା ପୋଲିସ ପ୍ରଶାସନ ତରଭା ଥାନାକୁ ଏକ ମଡେଲ ଥାନା ଭାବେ ନିର୍ମାଣ କରିବା ପାଇଁ ରାଜ୍ୟ ପୋଲିସ ହାଉସିଂବୋର୍ଡ ଦ୍ୱାରା ଏକ କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ମଡେଲ ପୋଲିସ ଷ୍ଟେଶନ ନିର୍ମାଣ ପାଇଁ ତରଭା ଥାନା ଆଇଆଇସି ଡୋଳାମଣୀ ଭୋଇ ନଡିଆ ଭାଙ୍ଗି ନିର୍ମାଣ କାର୍ଯ୍ୟର ଭୂମି ପୂଜନ କରିଥିଲେ । ଏହି ସମୟରେ ପୋଲିସ ହାଉସିଂବୋର୍ଡର ଡିଏମ ସୁଦାମ ଚରଣ ପୃଷ୍ଟି, ଏଡିଏମ ପ୍ରଭାତୀ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ ।



ତରଭା ଥାନା ପରିସରରେ ନୂତନ ମଡେଲ ଥାନା ନିର୍ମାଣ ପାଇଁ ଭୂମିପୂଜନ କରାଯାଉଛି।

## ସ୍ୱଚ୍ଛ ବୀରମହାରାଜପୁର ପାଇଁ ଶୋଭାଯାତ୍ରା

**ଅମରପାଲି, ୧୪।୯ (ଡି.ଏନ.ଏ)**

ସୁସ୍ଥ ଓ ସ୍ୱଚ୍ଛ ବୀରମହାରାଜପୁର ପାଇଁ ତାଲୁକ ଆଇନ ସେବା ସମିତି ଓ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଶନିବାର ଏକ ସଚେତନତା ଶୋଭାଯାତ୍ରା କରାଯାଇଛି। ଏଥିରେ ସ୍ଥାନୀୟ ମହାବିଦ୍ୟାଳୟ ଏନସିସି ଗ୍ରୁପ, ସରକାରୀ ବାଳିକା ହାଇସ୍କୁଲ, ସରକାରୀ ବାଳକ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଚକାଦର ସ୍କୁଲ, ଟାଙ୍ଗରସାଇ ୟୁପି ସ୍କୁଲ ଓ ଗଣପତି ଆଦର୍ଶ ଶିକ୍ଷା ନିକେତନର ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀ ଓ ଶିକ୍ଷକମାନେ ସାମିଲ ଥିଲେ। ଶୋଭାଯାତ୍ରାକୁ ସ୍ଥାନୀୟ ସବଜଜ୍ ଅବକାଶ ଚୌଧୁରୀ ମେଳନ ପଡିଆରେ ଉଦ୍‌ଘାଟନ କରିଥିଲେ। ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରମାନେ ନିଜ ନିଜ ସ୍କୁଲରୁ ଶୋଭାଯାତ୍ରାରେ ଆସି ମେଳନ ପଡିଆରେ ଏକାଠି ହୋଇଥିଲେ। ସେଠାରୁ ସମସ୍ତେ ଏକାଠି ହୋଇ ଏକ ଶୋଭାଯାତ୍ରାରେ ବସ୍ତି ପରିକ୍ରମା କରିଥିଲେ। ସୂଚନାଯୋଗ୍ୟ, ସମଗ୍ର ବୀରମହାରାଜପୁରରୁ ପ୍ଲାଷ୍ଟିକ ମୁକ୍ତ କରିବା ନେଇ ଘୋଷଣା କରାଯାଇଛି। ଗୁରୁ ଦିବସରୁ ଏହାକୁ କାର୍ଯ୍ୟକାରୀ କରାଯାଇଛି। ଶୋଭାଯାତ୍ରାରେ ଲୋକଙ୍କୁ ପ୍ଲାଷ୍ଟିକ ବ୍ୟବହାର ନକରିବାକୁ କହିବା ସହିତ ଆଗକୁ ପ୍ଲାଷ୍ଟିକ ବ୍ୟବହାରକୁ ବନ୍ଦ କରିବା ପାଇଁ କଡା ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଉଥିଲେ। ଉକ୍ତ ଶୋଭାଯାତ୍ରାରେ ଭାରପ୍ରାପ୍ତ ଉପଜିଲାପାଳ ତଥା ରାଜସ୍ୱ ଅଧିକାରୀ ଅମୂଲ୍ୟ କୁମାର ସାହୁ, ଉପଖଣ୍ଡ ଖବରଦାତା ସଂଘର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଶିକ୍ଷାବିତ ଭୂଷଣ ପାତ୍ର, ଭଗବାନ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ସୁବଳୟା ସମିତି ସଭ୍ୟ ରଞ୍ଜିତ ରଥ, ଯୁଗଳ କିଶୋର ମିଶ୍ରଙ୍କ ସମେତ ଅଞ୍ଚଳର ବିଭିନ୍ନ ସାମାଜିକ ସଂଗଠନ ସାମିଲଥିଲେ ।





ସୁସ୍ଥ ଓ ସ୍ୱଚ୍ଛ ବୀରମହାରାଜପୁର ପାଇଁ ସଚେତନତା ଶୋଭାଯାତ୍ରା ।

## ତରଭାରେ ହିନ୍ଦୀ ଦିବସ ପାଳିତ

**ତରଭା, ୧୪।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ସରକାରୀ ବାଳିକା ହାଇସ୍କୁଲ ପରିସରରେ ରାଷ୍ଟ୍ରଭାଷା ସେବୀ ସଂସ୍ଥା ତରଭା ଆନୁକୂଲ୍ୟରେ ହିନ୍ଦୀ ଦିବସ ଶନିବାର ପାଳିତ ହୋଇଯାଇଛି। ସଂସ୍ଥାର ସଭାପତି ଡ. ରମେଶ ପତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ନଗରପାଳ ଶୈଳେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତରଭା ସରକାରୀ ବାଳକ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରବୀର କୁମାର ପଣ୍ଡା, ତରଭା ସରକାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମିତା ପାଣିଗ୍ରାହୀ ଓ ପୂର୍ବତନ ଶିକ୍ଷକ ଜୟପ୍ରକାଶ ନାରାୟଣ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷକ ବନବାସ ମେହେର ଯୋଗଦେଇଥିଲେ । ପ୍ରାରମ୍ଭରେ ହିନ୍ଦୀ ଶିକ୍ଷୟିତ୍ରୀ ପ୍ରଜ୍ଞା ପରିମିତା ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍ଥାର ସମ୍ପାଦକ ଅକ୍ଷୟ କୁମାର ବାଘ ହିନ୍ଦୀ ଦିବସ ପାଳନର ତାତ୍ପର୍ଯ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ତାଙ୍କର ବକ୍ତବ୍ୟରେ ହିନ୍ଦୀର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ୨୦୧୯ ମାଟ୍ରିକ ବୋର୍ଡ ପରୀକ୍ଷାରେ ତରଭା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ପ୍ରେରଣା ସାହୁ ହିନ୍ଦୀରେ ଶତ ପ୍ରତିଶତ ମାର୍କ ରଖିଥିବାରୁ ସଂସ୍ଥା ତରଫରୁ ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାପତିଙ୍କ ଅଭିଭାଷଣ ପରେ ଜୟକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ହିନ୍ଦୀରେ ଶତ ପ୍ରତିଶତ ମାର୍କ ରଖିଥିବା ତରଭା ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ପ୍ରେରଣା ସାହୁଙ୍କୁ ସମ୍ମାନିତ କରାଯାଉଛି।

## ସ୍ୱଚ୍ଛତାର ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

**ବିନିକା,୧୪।୯(ଡି.ଏନ୍.ଏ)**

ବିନିକା ବ୍ଲକ ସିଂଘିଯୁବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନକୁ ନେଇ ବିଦ୍ୟାର୍ଥୀମାନେ ଶନିବାର ଏକ ଶୋଭାଯାତ୍ରା ବାହାର କରିଥିଲେ। ପ୍ରଥମେ ସ୍କୁଲ ପରିସରରେ ପ୍ରଧାନଶିକ୍ଷକ ରାଜାରାମ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପିଲାଙ୍କୁ ସ୍ୱଚ୍ଛତା ବିଷୟରେ ଦିଗଦର୍ଶନ ଦିଆଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସିଂଘିଯୁବା ଗ୍ରାମପରିକ୍ରମା କରି ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହକାରୀ ଶିକ୍ଷକ ଭରତ ସାହୁ, ପଦ୍ମନାଭ ମାହାଣା, ମୁରଲୀ ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟ ସଂହତି, ସଂସ୍କୃତିର ବାହକ ରାଜଭାଷା ହିନ୍ଦୀ

**ଅମରପାଲି, ୧୪।୯ (ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ରଥପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ କେଦାରନାଥ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ତଥା ହିନ୍ଦୀ ସାହିତ୍ୟକ ବ୍ରଜସୁନ୍ଦର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସୋନପୁର ଆଦର୍ଶ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଦେବାଶିଷ ବାଘ, ଉଲୁଣ୍ଡା ଆଦର୍ଶ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରାଧାମୋହନ ପୂଜାହାରୀ ଓ ସ୍କୁଲ ପରିଚାଳନା କମିଟିର ସଭାପତି ଯୁଗଳ କିଶୋର ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ। ଅତିଥିମାନେ ହିନ୍ଦୀ ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ହିନ୍ଦୀ ଆମର ରାଷ୍ଟ୍ରଭାଷା ଏହା ଜାତୀୟ ସଂହତି ଓ ସଂସ୍କୃତିର ବାହକ ଅଟେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ହେମନ୍ତ ନାରାୟଣ ସିଂଦେଓ ହିନ୍ଦୀ କବିତା ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରିତମ ସାହୁ, ପ୍ରିୟଦର୍ଶନୀ ମହାକୁର, ସୌମଶ୍ରୀ ମହାକୁର, ସୁଚିସ୍ମିତା ଦାସ ଓ ଦେବସ୍ମିତା ଦାଶ ହିନ୍ଦୀ ଦିବସ ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିବନ୍ଧ ଲିଖନ, ହିନ୍ଦୀ ତର୍କ ଓ ହିନ୍ଦୀ କବିତା ଆବୃତ୍ତି ପ୍ରତିଯୋଗୀତା କରାଯାଇଥିଲା । ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଅନିମା ରଥ, ସୀମା ସିଂ, ସ୍ୱାଗତିକା ଗର୍ଡିଆ, ପଦ୍ମଲୋଚନ ସାହୁ, ପ୍ରିତମ ସାହୁ, ସବୁଜିମା ପ୍ରଧାନ, ସଦଭାବନା ତ୍ରିପାଠୀ, ସ୍ମିତାରାଣୀ ପଣ୍ଡା, ଅନ୍ତର୍ଯାମୀ ମିଶ୍ର, ଆଦ୍ୟାଶା ସାମନ୍ତରା, ଦେବସ୍ମିତା ଦାଶ, ବିପାଶା ପଣ୍ଡା, ସ୍ମିତାରାଣୀ ଡାଙ୍ଗ, ଜେଏସ ଯଶସ୍ୱିନୀ, ରିତୁସ୍ମିତା ରଥ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଡୁଙ୍ଗୁରିପାଲି,୧୪।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟରେ ନୂତନ ଭାବେ ପାଦ ରଖିଥିବା ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସାମନ୍ତ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଡ.ସରୋଜ କୁମାର ଦାଶ ସଂଯୋଜନା କରିଥିଲେ । ମାମୀନା ନାଏକ ପ୍ରାରମ୍ଭିକ ସଂଗୀତ ଗାନ ପରେ ବିଦ୍ୟାଳୟ ଅଧ୍ୟକ୍ଷ ନବାଗତଙ୍କୁ ସ୍ୱାଗତ କରିଥିଲେ । ଅଧ୍ୟାପକ ଡ.ଭଗିରଥ ପୁରୋହିତ, ଡ. ସରୋଜ କୁମାର ଦାଶ,କ୍ରୀଡା ଶିକ୍ଷକ ରସାନନ୍ଦ ଥପା ନବାଗତଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ନୂତନ ଛାତ୍ରଛାତ୍ରୀ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ।

## ଗଣ୍ଡାବାହାଲ ସ୍କୁଲରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଉଲୁଣ୍ଡା, ୧୪।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ଗାଁଠାରେ ଥିବା ଗଣ୍ଡାବାହାଲ ଉଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହରିଚରଣ ପାଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରାଯିବା ସହିତ ଶପଥ ପାଠ କରାଯାଇଥିଲା । ପରେ ସେମାନେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ଗଣ୍ଡାବାହାଲ ଗ୍ରାମ ପରିକ୍ରମା କରିଥିଲେ। ଏହି ଉପଲକ୍ଷେ ରବିବାର ପୁରସ୍କାର ବିତରଣୀ ଉତ୍ସବ ଆୟୋଜନ କରାଯିବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ଦିଆଯାଇଛି। ଏହି ଶୋଭାଯାତ୍ରାରେ ଶିକ୍ଷକ ଚିତ୍ତରଞ୍ଜନ ପୂଝାରୀ, ଶିକ୍ଷୟିତ୍ରୀ ସୁପ୍ରଭା ପାଣିଗ୍ରାହୀ, ରାଧାରାଣୀ ପାଢୀ, ଶକ୍ତିଶିବାନୀ ମଲ୍ଲିକ, ମିତାମୟୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ।



ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ଗଣ୍ଡାବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ।

ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

## ୫୭ ମାମଲାର ଫଇସଲା, ୨୦.୪୬ ଲକ୍ଷ ଆଦାୟ

**ସୋନପୁର,୧୪।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେୱାନୀ, ଫୌଜଦାରୀ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମିଜମା ଓ ଚେକ୍ ବାଉନ୍ସ ଇତ୍ୟାଦିମକଦ୍ଦମାର ଆପୋଷ ସହମତିରେ ସମାଧାନ ହୋଇଥିଲା। ମୋଟ ୫୭ ମାମଲାର ଫଇସଲା ହୋଇ ସର୍ବମୋଟ ୨୦ଲକ୍ଷ ୪୬ହଜାର ୭୬୩ଟଙ୍କା ଆଦାୟ କରାଯାଇଛି। ସେଥିମଧ୍ୟରୁ ୧୪ଟି ପ୍ରି-ଲିଟିଗେସନ ମାମଲାର ବିଚାର କରି ୩ଲକ୍ଷ ୫୨ହଜାର ୨୯୭ଟଙ୍କା, ବିଭିନ୍ନ ଅଦାଲତରେ ବିଚାରଧୀନ ଥିବା ୪୩ଟି ବକେୟା ମାମଲାର ବିଚାର କରି ୧୬ଲକ୍ଷ ୯୪ହଜାର ୪୬୬ଟଙ୍କା ଆଦାୟ କରାଯାଇଛି।





ଲୋକ ଅଦାଲତରେ ଜିଲା ଦୌରାଜଜ ଓ ଆଇନଜୀବୀ ବୃନ୍ଦ ।

ଜିଲା ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ରାଜକୁମାର ସାହୁ, ଜଜ୍ ପରିବାର ଅଦାଲତ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଅତିରିକ୍ତ ଜିଲା ଦୌରାଜଜ୍ ମାନସ କୁମାର ପଣ୍ଡା, ସିଜେଏମ ମାନସ ରଞ୍ଜନ ରଥ, ବରିଷ୍ଠ ସିଭିଲ ଜଜ୍ ଚିନ୍ମୟ ଗୋଛାୟତ, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ସୀମା ତ୍ରିପାଠୀ, ଏସଡିଜେଏମ ସୁକାନ୍ତ କିଶୋର ଜେନା, ଜେଏମଏଫସି ଅଙ୍କିତା ଶର୍ମା, କୋର୍ଟ ମ୍ୟାନେଜର ଅଚ୍ୟୁତ ସାମନ୍ତରା, କିର୍ତ୍ତୀ ରଞ୍ଜନ ଘଡେଇ, ସରକାରୀ ଓକିଲଙ୍କ ସହ ବିଭିନ୍ନ ମାମଲାର ସମାଧାନ ପାଇଁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନିଯୁକ୍ତ ଆଇନଜୀବୀମାନେ ଯୋଗଦେଇଥିଲେ। ଏଥିରେ ଜିଲା ଅଦାଲତ ସମେତ ଜିଲା ଆଇନସେବା ପ୍ରାଧିକରଣର ରଘୁନାଥ ସାହୁ, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଅର୍ଜୁନ ବେହେରା, ଜୟପ୍ରକାଶ ମିଶ୍ର, ଇତିଶ୍ରୀ ଥନାପତି, କମଳ ଲୋଚନ ବେହେରା, ସିଦ୍ଧାନ୍ତ କୁମାର ବାଗ, ସୁନିଲ କୁମାର ପ୍ରେମ ଓ ରଞ୍ଜନ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ ।



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଶେଷରେ ଲେଖନୀର ହିଁ ଜୟ ହୁଏ।
-ନେପୋଲିୟନ



## ସଂକ୍ଷେପରେ

### ଭାଗବତ ଜନ୍ମରେ ଅନ୍ତର୍ମୁଖୀ ପାରାୟଣ

ଗାଇସିଲେଟ, ୧୪।୯(ଡି.ଏନ.ଏ) ଗାଇସିଲେଟ ଜଗନ୍ନାଥ ମନ୍ଦିରରେ ଅନ୍ତର୍ମୁଖୀ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ବଡପଣ୍ଡା ଡା. ସାଧୁଚରଣ ପଣ୍ଡାଙ୍କ ସଂଯୋଜନାରେ ଗାଇସିଲେଟ କନ୍ଦୁମୁଣ୍ଡା କୁଦଲା, ବୁରୋମୁଣ୍ଡା ଓ କଲଙ୍ଗାପାଲିର ୩୫ ଜଣ ବ୍ରାହ୍ମଣ ଯୋଗ ଦେଇ ଭାଗବତ ପଠନ କରିଥିଲେ । ମନ୍ଦିର ପୂଜକ ଲଳିତ କୁମାର ପଣ୍ଡା ପୂଜାର୍ଚ୍ଚନା କରିବା ପରେ ପୁରାଣ ପଠନ ଆରମ୍ଭ ହୋଇଥିଲା। ପରାୟଣ ପରେ ହୋମ ହୋଇଥିଲା।

### ବାବେବିରା ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ

ସରଣ୍ଡା, ୧୪।୯ (ଡି.ଏନ.ଏ) ବାବେବିରା ଉଚ୍ଚ ବିଦ୍ୟାଳୟରେ ଶନିବାର ହିନ୍ଦୀ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହିନ୍ଦୀ ସାହିତ୍ୟକ କାଶିନାଥ ଜନପୁରୀ ମୁଖ୍ୟଅତିଥି, ହିନ୍ଦୀ କବି ସୋହେଲ କ୍ୟୁରେସୀ, ସ୍ୱାଗତମ ରଥ, ଜଗତ ଜ୍ୟୋତି ପଟ୍ଟନାୟକ, ରଶ୍ମିରଞ୍ଜନ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ହିନ୍ଦୀ ଶିକ୍ଷକ ଅମୃତ କୁମାର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରବନ୍ଧ ଓ ସଙ୍ଗୀତ ପ୍ରତିଯୋଗିତାର ଦିବ୍ୟାନୀ ନାଗ, ଲିସା ପଧାନ, ଲକ୍ଷ୍ମୀପ୍ରିୟା ନାଗ, ଲିନା ପେରା, ଯଶୋଦା ମହାନନ୍ଦ, ପ୍ରିୟଙ୍କା ନାଗଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଦୀପାଞ୍ଜଳି ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ ।

### ଟ୍ରାନ୍ସଫର୍ମର ପୋଡ଼ି ରାତିସାରା ସହର ଅନ୍ଧାର

ବରପାଲି, ୧୪।୯ (ଡି.ଏନ.ଏ) ବିଦ୍ୟୁତ୍ ଲୋକଙ୍କ ପାଇଁ ଜରୁରୀ ଆବଶ୍ୟକତା ହୋଇଥିବା ବେଳେ ବିଭାଗର ପରିଚାଳନାଗତ ତ୍ରୁଟି ଯୋଗୁଁ ଲୋକଙ୍କୁ ଆବଶ୍ୟକ ବିଦ୍ୟୁତ ସେବା ମିଳୁ ପାରୁନାହିଁ। କେତେବେଳେ ଟ୍ରାନ୍ସଫର୍ମର ପୋଡି ତ କେବେ ଗଛଡାଳ ପଡି ବିଦ୍ୟୁତ ସରବରାହ ବନ୍ଦ ରହୁଛି । ଏଭଳି ସ୍ଥିତିରେ ଶୁକ୍ରବାର ରାତିରେ ଟ୍ରାନ୍ସଫର୍ମର ପୋଡିଯିବାରୁ ରାତିସାରା ସହର ଅନ୍ଧାରରେ ଥିଲା । ପୁଣି ସକାଳ ୧୧ଟାରୁ ୩ଟା ପର୍ଯ୍ୟନ୍ତ ୪ଘଣ୍ଟା କାଳ ବିଦ୍ୟୁତ କାଟ୍ ହୋଇଥିଲା ।

### ଲାଉମୁଣ୍ଡା ହାଇସ୍କୁଲରେ ହିନ୍ଦୀ ଦିବସ

ବିଜେପୁର, ୧୪।୯ (ଡି.ଏନ.ଏ) ବିଜେପୁର ବ୍ଲକ ଲାଉମୁଣ୍ଡା ନୋଡାଲ ହାଇସ୍କୁଲରେ ହିନ୍ଦୀ ଦିବସ ଶନିବାର ପାଳିତ ହୋଇଯାଇଛି । ଏଡି ଅବସରରେ ପ୍ରଧାନଶିକ୍ଷକ ଯଯାତିକେଶରୀ ମିଶ୍ରଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । କବି ଜଗଜ୍ଜୀବନ ରାମ ଡନସନା ହିନ୍ଦୀ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ । ରୁବି ପଧାନ, ପିଙ୍କି ମେହେର ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ନବମ ଓ ଦଶମ ଶ୍ରେଣୀର ଶିକ୍ଷାର୍ଥୀମାନେ ହିନ୍ଦୀ ଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ସ୍ୱକୀୟ ମତ ଦେଇଥିଲେ। ପ୍ରଶାନ୍ତ ବାରିକ, ସୁବାଷ ଚନ୍ଦ୍ର ଭୋଇ, କେଦାର ସାହୁ, ଦିଲୀପ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ସଞ୍ଜୟ କୁମାର ସାହୁ ସଭା ସଞ୍ଚାଳନ କରିଥିଲେ ।

## ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀ

# ବଢୁଛି ଉପନିର୍ବାଚନ ଉତ୍କଣ୍ଠା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୧୪।୯

ବରଗଡ଼ ଜିଲା ବିଜେପୁର ନିର୍ବାଚନ ମଣ୍ଡଳୀ ଦୁଇବର୍ଷ ମଧ୍ୟରେ କ୍ରମାଗତ ୩ଟି ନିର୍ବାଚନର ସାମ୍ନା କରିବାକୁ ଯାଉଛି। ପୂର୍ବତନ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ଗତ ୨୦୧୮ରେ ଏଠାରେ ଉପନିର୍ବାଚନ ହୋଇଥିଲା ଏବଂ ବିଜେଡ଼ି ପ୍ରାର୍ଥିନୀ ଭାବେ ସୁବଳଙ୍କ ସ୍ତ୍ରୀ ରୀତା ଦଳ ପାଇଁ ବିପୁଳ ବିଜୟ ଆଣିଥିଲେ। ତେବେ ଉପନିର୍ବାଚନକୁ ବର୍ଷେ ବିତି ନ ଥିବବେଳେ ବିଜେପୁରବାସୀ ୨୦୧୯ ସାଧାରଣ ନିର୍ବାଚନ ପାଇଁ ମତଦାନ କରିଥିଲେ। ରେକର୍ଡ଼ ସଂଖ୍ୟକ ଭୋଟ୍ ପାଇ ବିଜେଡ଼ି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାରୁ ବିଜୟୀ ହୋଇଥିଲେ । ମାତ୍ର ବିଜୟ ପରେ ମୁଖ୍ୟମନ୍ତ୍ରୀ ଗତ ଜୁନ୍ ମାସରୁ ଏଠାରୁ ଇସ୍ତଫା ଦେବା ପରେ ଆସନଟି ଖାଲି ପଡ଼ିଛି। ଫଳରେ ଏହି ଆସନରେ ପୁଣି ଉପନିର୍ବାଚନ ହେବା ସ୍ପଷ୍ଟ ହୋଇ ଯାଇଛି । ଆସନ ଖାଲି ପଡ଼ିବାର ତିନିମାସ ବିତିଯାଇଥିବାରୁ କୌଣସି ମୁହୂର୍ତ୍ତରେ ବିଜେପୁର ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇପାରେ। ଏହି କ୍ରମରେ ସମୟ ଯେଭଳି ଗଡ଼ି ଚାଲିଛି, ମତଦାତଙ୍କଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ଆଗାମୀ ଉପନିର୍ବାଚନ ନେଇ ସେଭଳି ଉତ୍କଣ୍ଠା ମଧ୍ୟ ବଢ଼ିବାରେ ଲାଗିଛି। ମତଦାତାମାନେ ଉପନିର୍ବାଚନ ନେଇ ନିରବ ରହିଛନ୍ତି ସତ, ମାତ୍ର ରାଜନେତା ତଥା ନିର୍ବାଚନ କମିଶନଙ୍କ ଆଭିମୁଖ୍ୟରୁ ନିକଟ ଭବିଷ୍ୟତରେ ବିଜେପୁର ଉପନିର୍ବାଚନ ତାରିଖ ଘୋଷଣା ହୋଇପାରେ ବୋଲି ଏବେ ସବୁଠାରେ ଆଲୋଚନା ଆରମ୍ଭ ହୋଇ ଗଲାଣି । ଏହି ପରିପ୍ରେକ୍ଷୀରେ ଆମେ ବିଭିନ୍ନ ରାଜନୈତିକ ଦଳର କିଛି ନେତୃବୃନ୍ଦଙ୍କୁ ଭେଟିଥିଲୁ ।

### ଏମାନେ କୁହନ୍ତି...



“ ବିଜେପୁର ଉପନିର୍ବାଚନ ତାରିଖ ତ ବର୍ତ୍ତମାନ ସୁଦ୍ଧା ଘୋଷଣା ହୋଇନାହିଁ। ତଥାପି ଆମେ ସାଙ୍ଗଠନିକ କାମକୁ ଆଗେଇ ନେଉଛୁ । ଯେକୌଣସି ମୁହୂର୍ତ୍ତରେ ଉପନିର୍ବାଚନକୁ ସାମ୍ନା କରିବା ପାଇଁ ଭାଜପା ପ୍ରସ୍ତୁତ ରହିଛି । ଗୋଟିଏ ପଟେ ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ଏବଂ ଅନ୍ୟପଟେ ବିଜେପୁର ପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବହେଳା ଆଗାମୀ ଉପନିର୍ବାଚନର ଫଳାଫଳ ନିର୍ଣ୍ଣୟ କରିବ । -**ଡା. ଅରୂପାନନ୍ଦ ସାହୁ**, ଭାଜପା ନେତା



“ ବିଜେପୁର ନିର୍ବାଚନ ମଣ୍ଡଳୀରେ ବିଜେଡ଼ିର ସ୍ଥିତି ବହୁତ ମଜବୁତ୍ ଅଛି । ନିର୍ବାଚନ ମଣ୍ଡଳୀରେ ୱାର୍ଡ଼ ତଥା ବୁଥ୍‌ସ୍ତରୀୟ ୧୬ଜଣିଆ କମିଟି ଗଠିତ ହୋଇଛି ଏବଂ ସେଥିରେ ଏକ ତୃତୀୟାଂଶ ମହିଳାଙ୍କୁ ସଭ୍ୟ ରଖାଯାଇଛି । ଅପରପକ୍ଷେ ଭାଜପାର ସ୍ଥିତି ଦୁର୍ବଳ ରହିଛି । ଯେକୌଣସି ମୁହୂର୍ତ୍ତରେ ଉପନିର୍ବାଚନ ହେଲେ ମଧ୍ୟ ବିଜେଡ଼ିର ବୃହତ୍ ବିଜୟ ହେବ ଏବଂ ବିଜେଡ଼ି ଏଠାରେ ହ୍ୟାଟ୍ରିକ ଅର୍ଜନ କରିବ ।
-**ନାରାୟଣ ସାହୁ**, ବିଜେଡ଼ି ନେତା



“ ବିଜେପୁରବାସୀଙ୍କୁ ବିଜେଡ଼ି ସରକାର ପ୍ରତାରିତ କରିସାରିଛି । କୌଣସି ପ୍ରତିଶ୍ରୁତିକୁ ବିଜେଡ଼ି ଏପର୍ଯ୍ୟନ୍ତ ପୂରଣ କରି ପାରିନାହିଁ । ଏନଏସି ମଧ୍ୟ ପୂର୍ଣ୍ଣ ଭାବେ କାମ କରୁ ନାହିଁ । ସେହିପରି ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଆସନକୁ ଛାଡ଼ି ବିଜେପୁରବାସୀଙ୍କ ପାଇଁ ବିଶ୍ୱାସଘାତକତା କରିଛନ୍ତି । ଅନ୍ୟପଟେ ବ୍ୟାପକ ମଦ କାରବାର ଯୋଗୁ ଅଞ୍ଚଳର ଲୋକେ ପଥଭ୍ରଷ୍ଟ ହେବା ସହିତ ବେରୋଜଗାର ହୋଇପଡ଼ିଛନ୍ତି । ଏଭଳି ସ୍ଥିତିରେ ଉପନିର୍ବାଚନରେ ବିଜେପୁରବାସୀ କଂଗ୍ରେସ ପ୍ରତି ପୁନଃ ଆସ୍ଥା ପ୍ରକଟ କରିବେ ବୋଲି ଆଶା -**ପ୍ରଦୀପ ଦେବତା**, କଂଗ୍ରେସ ନେତା

## ସଂସ୍କାର ସ୍କୁଲରେ ଖେଳଣା ପ୍ରଦର୍ଶନୀ

ବରଗଡ଼ ଅଫିସ୍,୧୪।୯

ବରଗଡ଼ର ସଂସ୍କାର ଆନ୍ତର୍ଜାତିକ ସ୍କୁଲରେ ପ୍ରାକ୍ ପ୍ରାଥମିକ ବିଭାଗ ଦ୍ୱାରା ଖେଳଣା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଅଧ୍ୟକ୍ଷ କରନ ସାହୁ ପ୍ରମୁଖ ପ୍ରଦର୍ଶନୀରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ଆଧୁନିକ ଶୈଳୀରେ ନିର୍ମିତ ଖେଳଣା ପ୍ରଦର୍ଶନ କରିଥିଲେ। ଉପସ୍ଥିତ ଅତିଥିମାନେ ଜୈବ ପଦାର୍ଥରେ ନିର୍ମିତ ପୁରୁଣା ଖେଳଣାର ପୁନଃଚକ୍ରଣ ଅପେକ୍ଷା ପୁନଃ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ମଧ୍ୟ ଯୋଗ ଦେଇଥିଲେ।



ଛାତ୍ରୀଛାତ୍ରଙ୍କ ଖେଳଣା ପ୍ରଦର୍ଶନୀ ।

## ଆଞ୍ଚଳିକସ୍ତରୀୟ ବିଜ୍ଞାନମେଳା



ବିଜ୍ଞାନମେଳାକୁ ଉଦ୍‌ଘାଟନ କରାଯାଉଛି ।

ବରଗଡ଼ ଅଫିସ୍,୧୪।୯

ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ଜୟ ଜଗନ୍ନାଥ ହାଇସ୍କୁଲରେ ଆଞ୍ଚଳିକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖଣ୍ଡହଥା ସମେତ ଗାଇସୀମା, ଧାଙ୍ଗେର, ଅଡ଼ଗାଁ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଜୟ ଜଗନ୍ନାଥ ହାଇସ୍କୁଲର ପ୍ରଧାନଶିକ୍ଷକ ମୋହନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଖଣ୍ଡହଥା ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ସୁଗ୍ରୀବର ବିଶି ସଭାପତିତ୍ୱ କରିଥିବାବେଳେ ସୁବୋଧ ଗଡ଼ତିଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଭକ୍ତବନ୍ଧୁ ଧରେଇ ସଭା ପରିଚାଳନା କରିଥିଲେ । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ବନ୍ୟଜନ୍ତୁ ସୁରକ୍ଷା ତାଲିମ ଶିବିର

ଝାରବନ୍ଧ, ୧୪।୯ (ଡି.ଏନ.ଏ)
ଝାରବନ୍ଧ ବନପାଳଙ୍କ କାର୍ଯ୍ୟାଳୟଠାରେ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଉପରେ ଏକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବନପାଳ ଲବ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ଅଶ୍ୱିନୀ କୁମାର ଭୋଇ ମୁଖ୍ୟଅତିଥି, ରାଜେନ୍ଦ୍ର କୁମାର ସିଂ, ନବକିଶୋର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ତାଲିମ ପ୍ରଦାନ କରିଥିଲେ । ଜଙ୍ଗଲ ସହିତ ବନ୍ୟପ୍ରାଣୀଙ୍କ ସୁରକ୍ଷା ହେଲେ ପୃଥିବୀର ସନ୍ତୁଳନ ଠିକ୍ ରହିବ ବୋଲି ତାଲିମଦାତାମାନେ ମତବ୍ୟକ୍ତ କରିଥିଲେ। ବନରକ୍ଷୀ ପୃଥ୍ୱୀରାଜ ଭୋଇ, ଝରଣା ସାହୁ, ଗିରି ପାଉଲେ ସହଯୋଗ କରିଥିଲେ । ସରଗୁଲ, ଢୁଢୁକିଦାଦର, ସାରମସିଲି, କୁର୍ଲୁପାଲି, ମହଗାଁ, ଦାବପାଲି, ଭଣ୍ଡାରପୁରୀ ଗାଁମାନଙ୍କର ମୋଟ ୧୧ଟି ଜଙ୍ଗଲ ସୁରକ୍ଷା କମିଟିର ସଭ୍ୟମାନେ ଯୋଗଦାନ କରିଥିଲେ ।

## ଡିପ୍ଲୋମା ପାଠ୍ୟକ୍ରମରେ ବିକାଶର ସଫଳତା

ବରଗଡ଼ ଅଫିସ୍,୧୪।୯

ଷ୍ଟେଟ୍ କାଉନସିଲ ଅଫ୍ ଟେକ୍ନିକାଲ ଏଜୁକେଶନ ଆଣ୍ଡ୍ ଭୋକେଶନାଲ ଟ୍ରେନିଂ ଦ୍ୱାରା ପରିଚାଳିତ ଡିପ୍ଲୋମା ପାଠ୍ୟକ୍ରମ ୨୦୧୮-୧୯ ପରୀକ୍ଷାରେ ରାଜ୍ୟସ୍ତରୀୟ ର୍‍ୟାଙ୍କରେ ବିକାଶ ପଲିଟେକ୍ନିକ୍ ଛାତ୍ରୀଛାତ୍ରଙ୍କୁ ସଫଳତା ମିଳିଛି। କମ୍ପ୍ୟୁଟର ସାଇନ୍ସ ବିଭାଗର ପଞ୍ଚମ ସେମିଷ୍ଟାର ପରୀକ୍ଷାରେ ଛାତ୍ରୀ ଇଲା ସାହୁ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଷଷ୍ଠ ସେମିଷ୍ଟାର ପରୀକ୍ଷାରେ ଅନିମେଶ ବେହେରା ରାଜ୍ୟସ୍ତରରେ ଚତୁର୍ଥ ଏବଂ ତୃତୀୟ ସେମିଷ୍ଟାର ପରୀକ୍ଷାରେ ପଦ୍ମିନୀ ଦୀପ ସପ୍ତମ ସ୍ଥାନ ଅଧିକାର କରିଛନ୍ତି । ବିକାଶ ପଲିଟେକ୍ନିକ୍‌ର ବିଭିନ୍ନ ବିଭାଗର ୨୪ଜଣ ଛାତ୍ରୀଛାତ୍ର ବିଭିନ୍ନ ସେମିଷ୍ଟାରରେ ରାଜ୍ୟରେ ଟପ୍‌ଟେନ୍ ତାଲିକାରେ ରହିବା ଉକ୍ତ ଅନୁଷ୍ଠାନ ପାଇଁ ଏକ ଅନନ୍ୟ ସଫଳତା ବୋଲି ବିକାଶ ଶିକ୍ଷାନୁଷ୍ଠାନର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ କହିଛନ୍ତି । ସେହିପରି ଉକ୍ତ ଶିକ୍ଷାନୁଷ୍ଠାନର ପ୍ରଭାତ କୁମାର ବୋଷ, ଉମାକାନ୍ତ ବିଭାର, ଈଶ୍ୱରର୍ଦନ ବାରିକ, ହିମାଂଶୁ ଶେଖର ନାଏକ, ସ୍ୱନ୍ଦିତା ସରାଫ, ଜିତେଶ ସାହୁ, ରୁଦ୍ରପ୍ରତାପ ପ୍ରଧାନ, ଜିତେନ୍ଦ୍ର କୁମାର, ରାଜେଶ୍ୱରୀ ଦୀପ, ମନ୍ଦାକିନୀ ଦେହୁରୀ, ସୁଜାତା ହରିପାଲ, ଚନ୍ଦ୍ରିକା ରଣବୀର, ମୋନାଲିସା ମହାପାତ୍ର, ଅମର କୁମାର, ଅବନୀଶ ବେହେରା ପ୍ରମୁଖ ଏଭଳି କୃତିତ୍ୱ ଅର୍ଜନ କରିଥିବା ଅନୁଷ୍ଠାନର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସୂଚନା ଦେଇଛନ୍ତି । କୃତିତ୍ୱ ଅର୍ଜନ କରିଥିବା ଉପରୋକ୍ତ ଛାତ୍ରୀଛାତ୍ର ଇବିଏମଏସ ଶିକ୍ଷାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଯୋଗୁ ବିକାଶ ପଲିଟେକନିକ୍‌ର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅନୁଷ୍ଠାନର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ସମସ୍ତ ଅଭିଭାବକ ତଥା କଠୋର ପରିଶ୍ରମ କରିଥିବା ଛାତ୍ରୀଛାତ୍ର, ଆଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର, ସମସ୍ତ ବିଭାଗୀୟ ମୁଖ୍ୟ, ଏକାଡ଼େମିକ୍ କୋଅର୍ଡ଼ିନେଟର, ଅଧ୍ୟାପିକା, ଅଧ୍ୟାପକଙ୍କୁ ସାଧୁବାଦ ଜଣାଇଛନ୍ତି। ଏଭଳି ସଫଳତା ବିକାଶ ପଲିଟେକ୍‌ନିକ୍‌ରେ ବୈଷୟିକ ଶିକ୍ଷାର ଭିତ୍ତିଭୂମି ଓ ଶିକ୍ଷା ବ୍ୟବସ୍ଥାର ପ୍ରତିଫଳନ ବୋଲି ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ କହିବା ସହିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଫୁଟବଲ: ସେମିରେ ଭବାନିପାଟଣା, ଭୁବନେଶ୍ୱର ଦଳ

ଭେଡ଼େନ,୧୪।୯(ଡି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ସ୍ଥିତ ରଣଜିତା ଷ୍ଟାଡ଼ିୟମରେ ଚାଲିଥିବା ତୃତୀୟ ମାନସ ମେମୋରିଆଲ ଫୁଟବଲ ପ୍ରତିଯୋଗିତାର ଶନିବାର ଦ୍ୱିତୀୟ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ଭବାନୀପାଟଣା ଏବଂ ଭୁବନେଶ୍ୱର ଦଳ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛନ୍ତି। ଏହି ଦିନ ଖେଳା ହୋଇଥିବା ପ୍ରଥମ ମ୍ୟାଚରେ ଭବାନୀପାଟଣାର ସ୍ପୋର୍ଟସ ହଷ୍ଟେଲ ବଲାଙ୍ଗୀରର ମର୍ଣ୍ଣିଙ୍ଗ ଷ୍ଟାର ଦଳକୁ ୩-୦ ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା । ବିଜୟୀ ଦଳର ଆସାମ କେରକେଟାଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି। ଦ୍ୱିତୀୟ ମ୍ୟାଚରେ ଭୁବନେଶ୍ୱରର ଜଟଣୀ କ୍ଲବ ବୀର ମହାରାଜପୁରର ଟାଉନ କ୍ଲବ ଏକାଦଶକୁ ୧-୦ ଗୋଲ ବ୍ୟବଧାନରେ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଥିଲା । ଭୁବନେଶ୍ୱର ଦଳର ପପୁ ମାଝୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ଭେଡ଼େନ ବିଡ଼ିଓ ମୁରଲିଧର ନାୟକ, ଆଇଆଇସି ହେମନ୍ତ ରାଓ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସୁଶାନ୍ତ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳଗୁଡ଼ିକୁ ରେଫରୀ ଶିବୁ ଛେତ୍ରୀ, ଅରୁଣ ଭୋଇ, ନୀଲ ନାଏକ, ସୁଶାନ୍ତ ଓରାମ ଏବଂ ସୁଧାଂଶୁ ସେଠ ପ୍ରମୁଖ ପରିଚାଳନା କରିଥିଲେ। ରବିବାର ଉଭୟ ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ ହେବାର କାର୍ଯ୍ୟକ୍ରମ ରହିଛି ।

## ଶ୍ରମ କମିଶନଙ୍କ ପଦ୍ମପୁର ଗସ୍ତ

ପଦ୍ମପୁର, ୧୪।୯ (ଡି.ଏନ.ଏ)
ରାଜ୍ୟ ଶ୍ରମ କମିଶନର ନିରଞ୍ଜନ ସାହୁ ଶୁକ୍ରବାର ଦିନିକିଆ ପଦ୍ମପୁର ଗସ୍ତରେ ଆସି ଦାଦନ ଶ୍ରମିକ ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ। ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରମ କମିଶନର ସାହୁ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା, ସେମାନଙ୍କ କଲ୍ୟାଣ ପାଇଁ ସରକାରଙ୍କ ତରଫରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଓ ଯୋଜନା ଉପରେ ଆଲୋଚନା କରିଥିଲେ । ଏହାସହିତ ଶ୍ରମିକମାନଙ୍କୁ ନିଜ ଅଞ୍ଚଳରେ କାମଧନ୍ଦା ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଯେପରି ତୃଣମୂଳ ସ୍ତରରେ ପହଞ୍ଚି ପାରିବ ତାହା ଉପରେ ଦୃଷ୍ଟିଦେବା ପାଇଁ ସେ ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେବା ସହିତ ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଉକ୍ତ ବୈଠକରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂବରିହା, ବରଗଡ ଜିଲାପାଳ ଜ୍ୟୋତି ରଞ୍ଜନ ପ୍ରଧାନ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଏପିଡି ଦୌଲତ ଚନ୍ଦ୍ରାକର ଉପସ୍ଥିତ ଥିଲେ ।

## ବିଜୁ ଯୁବ ବାହିନୀର ଚାରାରୋପଣ

ବରଗଡ଼ ଅଫିସ୍,୧୪।୯
ବରଗଡ଼ ଜିଲା ବିଜୁ ଯୁବ ବାହିନୀ ପକ୍ଷରୁ ଶନିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲାପାଳ ଅଫିସ ସମ୍ମୁଖରେ ଯୁବ ବାହିନୀର ସଭ୍ୟମାନେ ଏକାଠି ହୋଇ ବିଭିନ୍ନ ପ୍ରକାର ବୃକ୍ଷ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀର ସକ୍ରିୟ ସଦସ୍ୟ ସୁକଦେବ ଭୋଇ, ଅର୍ଜୁନ ମହାନନ୍ଦ, କାହ୍ନା ବାଗ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଉଚ୍ଚଶିକ୍ଷା ପାଇଲେ ଅସହାୟ ଝିଅ ଲିପିକା

ବରଗଡ଼ ଅଫିସ୍,୧୪।୯
ବରଗଡ଼ ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି)ର ପ୍ରୟାସ ଯୋଗୁ ଅସହାୟ ଝିଅ ଲିପିକା ମହାନନ୍ଦ (୧୮) ଉଚ୍ଚଶିକ୍ଷା ପାଇବାରେ ସଫଳ ହୋଇଛନ୍ତି । ସ୍ଥାନୀୟ ବିକାଶ ଶିକ୍ଷାନୁଷ୍ଠାନର ବାଣିଜ୍ୟ ବିଭାଗରେ ସେ ପାଠ ପଢୁଥିବାବେଳେ ସେଠାକାର ଛାତ୍ରୀନିବାସରେ ରହୁଛନ୍ତି । ବିକାଶ କର୍ତ୍ତୃପକ୍ଷ ଲିପିକାଙ୍କ ସମସ୍ତ ଖର୍ଚ୍ଚ ବହନ ଭାର ନିଜ ହାତକୁ ନେଇ ଥିବାବେଳେ ସେ ଆଗକୁ ଆହୁରି ପଢ଼ିବାକୁ ଚାହିଁଲେ, ସେ ଦିଗରେ ମଧ୍ୟ ଏହି ଅନୁଷ୍ଠାନ ସହଯୋଗ କରିବ ବୋଲି ବିକାଶ ଗ୍ରୁପର ଡାଇରେକ୍ଟର ଡି. ନାଗେଶ୍ୱର ରାଓ କହିଛନ୍ତି ।

ଲିପିକା ପିଲାବେଳୁ ଅନାଥ । ସେତେବେଳେ ସିଡବ୍ଲୁସି ତାଙ୍କୁ ଉଦ୍ଧାର କରି ସହର ଉପକଣ୍ଠ ସିମେଣ୍ଟନଗର ନିକଟ ଖଲିଆପାଲିସ୍ଥିତ ବିମଳାଦେବୀ ବାଲ୍ୟାଶ୍ରମରେ ଆଶ୍ରୟ ଦେଇଥିଲା। ବିମଳାଦେବୀ ବାଲ୍ୟାଶ୍ରମର ପରିଚାଳକ ସୁଶୀଲ ଅଗ୍ରୱାଲ ଲିପିକାଙ୍କ ଯତ୍ନ ନେଉଥିବାବେଳେ ସିଡବ୍ଲୁସି ସହଯୋଗରେ ତାଙ୍କ ପାଠପଢ଼ା ବ୍ୟବସ୍ଥା କରିଥିଲେ । ଫଳରେ ଲିପିକା



ବିକାଶ କର୍ତ୍ତୃପକ୍ଷଙ୍କ ଗହଣରେ ଲିପିକା ।

ପାଠପଢ଼ିବାର ସୁଯୋଗ ପାଇବା ସହିତ ବରଗଡ଼ ମହିଳା କଲେଜରୁ ଯୁକ୍ତଦୁଇ ବାଣିଜ୍ୟ ବିଭାଗର ୬୮ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ଏହାପରେ ସିଡବ୍ଲୁସି ଲିପିକାଙ୍କ ଉଚ୍ଚଶିକ୍ଷା କଥା ଚିନ୍ତା କରିଥିଲା । ସିଡବ୍ଲୁସିର ଚେୟାରମ୍ୟାନ ସୁଜିତ କୁମାର ଦାଶ, ସଭ୍ୟା ଅଞ୍ଜୁ ଅଗ୍ରୱାଲ, କବିତା ମେହେର, ସଭ୍ୟ ବିଦ୍ୟୁତ ଦାଶ, ବିରେନ୍ଦ୍ର ମେହେର ପ୍ରମୁଖ ବିକାଶ ଶିକ୍ଷାନୁଷ୍ଠାନ ସହିତ ଯୋଗାଯୋଗ କରିଥିଲେ । ବିକାଶ କର୍ତ୍ତୃପକ୍ଷ ଲିପିକାଙ୍କ ଉଚ୍ଚଶିକ୍ଷା ତଥା ଛାତ୍ରୀନିବାସ ରହଣୀ, ଖାଦ୍ୟପେୟ ଆଦି ଖର୍ଚ୍ଚ ବହନ କରିବ ବୋଲି କହିଥିଲେ । ସିଡବ୍ଲୁସି କର୍ତ୍ତୃପକ୍ଷ ଲିପିକାଙ୍କୁ ଛାତ୍ରୀନିବାସକୁ ଛାଡ଼ିବାକୁ ଯାଇଥିଲେ ଏବଂ ବିକାଶ ଗ୍ରୁପର ଡାଇରେକ୍ଟର(ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା ପ୍ରମୁଖ ଲିପିକାଙ୍କୁ ସାଦରେ ଗ୍ରହଣ କରିଥିଲେ । ଏହାପରେ ଲିପିକା ସେଠାରେ ପାଠପଢ଼ି ବେଶ ଖୁସି ଅନୁଭବ କରୁଥିବା କହିଛନ୍ତି ।

## ଶିକ୍ଷାଜିଲାସ୍ତରୀୟ ଲୋକନୃତ୍ୟ, ଲଘୁ ନାଟକ ପ୍ରତିଯୋଗିତା

ବରଗଡ଼ ଅଫିସ୍,୧୪।୯
ବରଗଡ଼ ଶିକ୍ଷାଜିଲାସ୍ତରୀୟ ଲୋକନୃତ୍ୟ ଓ ଲଘୁ ନାଟକ ପ୍ରତିଯୋଗିତା ଶୁକ୍ରବାର ସ୍ଥାନୀୟ ରାଣାପ୍ରତାପ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସୋହେଲା ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ହେମସାଗର ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବ୍ଲକରୁ ୯ଟି ଲୋକନୃତ୍ୟ ଦଳ ଅଂଶଗ୍ରହଣ କରିଥିବା ବେଳେ ୭ଟି ଲୋକ ଲଘୁ ନାଟକ ଦଳ ଭାଗ ନେଇଥିଲେ। ସଙ୍ଗୀତ ନାଟକ ଏକାଡ଼େମୀ ସଭ୍ୟ ଚୈତନ୍ୟ ପାଇକ, ଇଜେଡ଼ସିସି ସଭ୍ୟ ଗୋପାଳ ଦାଶ, ଗୋପାଳ ମିଶ୍ର ବିଚାରକ ଥିଲେ । ଲୋକ ଲଘୁ ନାଟକ ପ୍ରତିଯୋଗିତାରେ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ଜର୍ଜ ହାଇସ୍କୁଲର ନାଟକ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନିତ ହୋଇଥିଲା। ସେହିପରି ଅତାବିରା ସରକାରୀ ବାଳିକା ହାଇସ୍କୁଲ ଦ୍ୱିତୀୟ ଏବଂ ରାଣାପ୍ରତାପ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଲୋକନୃତ୍ୟ ପ୍ରତିଯୋଗିତାରେ ସରକାରୀ ବାଳିକା ହାଇସ୍କୁଲ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନିତ ହୋଇଥିବା ବେଳେ ରାଣାପ୍ରତାପ ହାଇସ୍କୁଲ ଦ୍ୱିତୀୟ ଓ ଜର୍ଜ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଭାର୍ଗବ ନାଏକ, ଭାବନା ସାହୁ, ସଦାନନ୍ଦ ଜାଲ, କୃପାସିନ୍ଧୁ ପ୍ରଧାନ, ଅର୍ଜୁନ ପ୍ରଧାନ, ବୃଷଭାନୁ ଥପା, ମୁରଲି ଦାଶ, ରାଜେଶ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ରାଗିବା ପୂର୍ବରୁ ହଠାତ୍ ସ୍ଥିର ହୋଇଯାଅ। ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।
- କନ୍‌ଫୁସିୟସ

## ସଂକ୍ଷେପରେ



### ଆମ୍ବୁଲାନ୍ସ-କାର୍ ମୁହାଁମୁହିଁ ଧକ୍କା

**ପୁରୁଣାକଟକ,୧୪।୯(ଡି.ଏନ.ଏ)**

ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ମାଧପୁର ନିକଟରେ ଶନିବାର ମଧ୍ୟାହ୍ନରେ ଆମ୍ବୁଲାନ୍ସ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସ ଚାଳକ ଆହତ ହୋଇଛନ୍ତି। ସୂଚନା ଅନୁସାରେ, ଏକ ଆମ୍ବୁଲାନ୍ସ (ନଂ.ଓଡି୦୫ଏଏନ/୮୫୧୨) ବୌଦ୍ଧ ପଟୁ ରୋଗୀ ନେଇ ଭୁବନେଶ୍ୱର ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା କାର୍ (ନଂ.ଓଡି୦୨ଏୱାଇ/୫୧୬୪) ସହ ମାଧପୁର ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ହରଭଙ୍ଗା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ରୋଗୀ ଏବଂ ଆମ୍ବୁଲାନ୍ସ ଚାଳକଙ୍କୁ ଉଦ୍ଧାର କରିଥିଲା। ଏଥିରେ ଆମ୍ବୁଲାନ୍ସ ଚାଳକ ଗୁରୁତର ଆହତ ହେବା ସହ ରୋଗୀ ସୁରକ୍ଷିତ ଥିବା ଜଣାପଡିଛି। ସୁଇଫ୍ଟ ଡିଜାଇର କାର୍ କନ୍ଧମାଳ ଜିଲା ଖଜୁରିପଡା ଅଞ୍ଚଳକୁ ଯାଉଥିଲା।

### ବୌଦ୍ଧରେ ଜାତୀୟ ଲୋକ ଅଦାଲତ

ବୌଦ୍ଧ,୧୪।୯(ସ୍ୱ.ପ୍ର)

ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର କୋର୍ଟ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଅରବିନ୍ଦ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲା ଦୌରାଜଜ ସତ୍ୟନାରାୟଣ ଷଡଙ୍ଗୀ, ପରିବାର ଅଦାଲତ ବିଚାରପତି ଗୌରିମାଲି ମହାରଣା, ସିଜେଏମ ଅଜୟ କୁମାର ପ୍ରଧାନ, ସବଜଜ ଦୁର୍ବାସା ଦୁର୍ଗା, ଏସଡିଜେଏମ ସୂର୍ଯ୍ୟ ଦାସ, ଜେଏମଏଫସି ଶିବାନୀ ମିଶ୍ର ଓ ସୁନୀତା ବିଶ୍ୱାଳ ଯୋଗଦେଇ ମାମଲାଗୁଡିକର ବିଚାର କରିଥିଲେ। ଏହି ଲୋକ ଅଦାଲତରେ ସମୁଦାୟ ୪୧ଟି ବିଚାରାଧୀନ ଓ ପ୍ରାକ୍ ମକଦମା ଯଥା କ୍ରିମିନାଲ କମ୍ପାଉଣ୍ଡ, ମନି ରିକଭରି, ମୋଟରଯାନ ଦୁର୍ଘଟଣା, ପାରିବାରିକ ଓ ବ୍ୟାଙ୍କ ମାମଲାଗୁଡିକର ଫଇସଲା ହେବା ସହ ଜରିମାନା ବାବଦକୁ ୨୯,୮୫,୨୫୩ ଟଙ୍କା ଆଦାୟ ହୋଇଥିଲା। ଏହି ଲୋକ ଅଦାଲତରେ ସରକାରୀ ଓକିଲ ଯୋଗେଶ ପ୍ରସାଦ ନାଏକ, ଜୁଲିୟସ ସିଜର ମହାକୁଲ ଓ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### ପୋଲିସ ଅଧିକାରୀସ୍ତରରେ ଅଦଳବଦଳ

**ବରଗଡ଼ ଅଫିସ୍,୧୪।୯**

ବରଗଡ଼ ଜିଲା ପୋଲିସ ଅଧିକାରୀସ୍ତରରେ ଶନିବାର ଏକ ବଡ଼ଧରଣର ବଦଳି କରାଯାଇଛି। ଏସ୍‌ପି ପଦ୍ମିନୀ ସାହୁ କରିଥିବା ଏହି ବଦଳି ପ୍ରକ୍ରିୟାରେ ୬ ଇନ୍ସପେକ୍ଟର, ୬ ସବଇନ୍ସପେକ୍ଟରଙ୍କୁ ଅଦଳବଦଳ କରାଯାଇଛି। ବୁଢ଼େନ ଥାନର ଟି. କେର୍କେଟାଙ୍କୁ ବରଗଡ଼ ଆଇୟୁସିଏଡକୁ ବଦଳି ହୋଇଛି। ଇନ୍ସପେକ୍ଟର ଠାକୁର ପ୍ରସାଦ ମୁର୍ମୁଙ୍କୁ ଗାଇସିଲେଟରୁ ଝାରବନ୍ଧ, ସୁନୀତିଲତା ପାଣିଗ୍ରାହୀଙ୍କୁ ବରଗଡ଼ ପୋଲିସ ମୁଖ୍ୟାଳୟରୁ ଆଇୟୁସିଏଡକୁ, ବୀରବର ଭଗତଙ୍କୁ ପୋଲିସ ମୁଖ୍ୟାଳୟରୁ ବୁଢ଼େନ, ବିରଳ ଚନ୍ଦ୍ର ସାହିସଙ୍କୁ ବରଗଡ଼ ପୋଲିସ ମୁଖ୍ୟାଳୟରୁ ବରଗଡ଼ ଆଇଏଏଚଟିୟୁ, ସବିତା ଠେମେରିଆଙ୍କୁ ପୋଲିସ ମୁଖ୍ୟାଳୟରୁ ବରଗଡ଼ ଟ୍ରାଫିକ ଇନ୍ସପେକ୍ଟର ଇନଚାର୍ଜ ଭାବେ ବଦଳି ହୋଇଛି। ଇନ୍ସପେକ୍ଟର ରଞ୍ଜିତ ନାଏକଙ୍କୁ ପୋଲିସ ମୁଖ୍ୟାଳୟରୁ ଭଟଲି ଥାନା ଏବଂ ଇନ୍ସପେକ୍ଟର ସୁଷମା କୁଅଁରଙ୍କୁ ପୋଲିସ ମୁଖ୍ୟାଳୟରୁ ବରଗଡ଼ ଟାଉନ ଥାନାକୁ ବଦଳି କରାଯାଇଛି। ସବଇନ୍ସପେକ୍ଟର ସ୍ତରରେ ହରିବନ୍ଧୁ ଗଡ଼ତିଆଙ୍କୁ ଝାରବନ୍ଧରୁ ଗାଇସିଲେଟ୍, ସୌମ୍ୟରଞ୍ଜନ ପାତ୍ରଙ୍କୁ ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟର ଏଏନ ସେଲ୍ ସହିତ ଆଟେଚଡ୍ କରାଯାଇଛି। ସୁଷମା ପଶାୟତଙ୍କୁ ପୋଲିସ ମୁଖ୍ୟାଳୟରୁ ଅତାବିରା, ଜ୍ୟୋତିପ୍ରକାଶ ତାଣ୍ଡିଙ୍କୁ ବରପାଲିରୁ ପଦ୍ମପୁର, ଟଙ୍କଧର ନାୟକଙ୍କୁ ପଦ୍ମପୁରରୁ ବରଗଡ଼ ଟାଉନ ଥାନା, ସୁଶାନ୍ତ ପଣ୍ଡାଙ୍କୁ ବରଗଡ଼ ଟାଉନ ଥାନାରୁ ବରପାଲି, ଅନିମା ଏକ୍କାଙ୍କୁ ଅତାବିରାରୁ ବିଜେପୁର ଏବଂ କାମାକ୍ଷା କମଳେଶ୍ୱରୀ ହେମ୍ବ୍ରମଙ୍କୁ ଭେଡ଼େନରୁ ଅତାବିରାକୁ ବଦଳି ହୋଇଛି।

## ■ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

**ବୌଦ୍ଧ,୧୪।୯(ସ୍ୱ.ପ୍ର)**

ବୌଦ୍ଧ ଜିଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଟାଉନହଲ ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ତଥା କଣ୍ଟାମାଳ ବିଧାୟକ ମହୀଧର ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳୀୟ ପର୍ଯ୍ୟବେକ୍ଷକ ତଥା ବିଧାୟକ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ଜିଲା ପର୍ଯ୍ୟବେକ୍ଷକ କୃତିବାସ ପାତ୍ର, ଜୋନାଲ ସଭାପତି ଅଶୋକ କୁମାର ସାହୁ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷା ରେବତୀ ମହାଲିକ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ ଓ ପୂର୍ବତନ ଏନଏସି ଅଧ୍ୟକ୍ଷା ଦୀପ୍ତିପ୍ରଭା ସ୍ୱାଇଁଙ୍କ ସମେତ ବ୍ଲକ ସଭାପତି ଓ କାର୍ଯ୍ୟକାରୀ ସଦସ୍ୟମାନେ ଯୋଗ ଦେଇଥିଲେ।




ବିଜେଡିର କାର୍ଯ୍ୟକାରିଣ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ଜିଲା ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଜିଲାରେ ତୃଣମୂଳ ସ୍ତରରୁ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସାରା ରାଜ୍ୟରେ ଆରମ୍ଭ ହୋଇଥିବା ବିଜେଡିର ସଦସ୍ୟତା ଅଭିଯାନକୁ ଶୃଙ୍ଖଳିତ ଭାବେ ସମ୍ପାଦନ କରିବାକୁ ଦଳୀୟ ନେତା ଓ କର୍ମୀମାନଙ୍କୁ ସେ ଅନୁରୋଧ କରିଥିଲେ। ଏହାସହ ଦଳର ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ କରିଥିଲେ। ବୈଠକରେ ବରିଷ୍ଠ ନେତା ତାରେଣୀ କୁମାର ମହାପାତ୍ର ନିର୍ବାଚିତ ପ୍ରତିନିଧିମାନଙ୍କୁ ବିଜୟୀ କରାଇବା ପାଇଁ ଦଳୀୟ କର୍ମୀମାନେ ଦିନରାତି ପରିଶ୍ରମ କରିଥିବା ବେଳେ ଦଳର କର୍ମୀମାନଙ୍କୁ ସମସ୍ତ କାର୍ଯ୍ୟକ୍ରମରେ ଉପଯୁକ୍ତ ସମ୍ମାନ ଦେବାକୁ ଉପସ୍ଥିତ ଦଳୀୟ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟଅତିଥି ଦେବ ଏହାକୁ ସମର୍ଥନ କରିବା ସହିତ ସଦସ୍ୟତା ଅଭିଯାନର ମୂଳଲକ୍ଷ୍ୟ ଏବଂ ଦଳୀୟ କର୍ମୀଙ୍କୁ ଏକଜୁଟ କରି ସେମାନଙ୍କ ମତାନୁଯାୟୀ ତୃଣମୂଳସ୍ତରରେ ସମସ୍ତ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ପ୍ରକାଶ କରିଥିଲେ। ବୈଠକରେ ବୌଦ୍ଧ ଓ କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

# ମହାନଦୀରେ ଚାପ ଖେଳିଲେ ରାଧାକୃଷ୍ଣ

**ବୌଦ୍ଧ,୧୪।୯(ସ୍ୱ.ପ୍ର)**

ବୌଦ୍ଧ ସହରରେ ଭିନ୍ନ ଧରଣର ଭାଗବତ ଜନ୍ମ ପାଳିତ ହୋଇଆସୁଛି। ଏହିଦିନ ରାଧାକୃଷ୍ଣଙ୍କ ଚାପ ଖେଳ ମହାନଦୀର ଜଳରାଶିରେ କରାଯାଇଥାଏ। ସମସ୍ତ ନୀତିକାନ୍ତି ପରେ ବିଗ୍ରହଙ୍କୁ ସୁସଜ୍ଜିତ ବିମାନରେ ବସାଇ ସହର ପରିକ୍ରମା ପରେ ମହାନଦୀ ଗର୍ଭକୁ ନିଆଯାଇଥାଏ। ଏହି କ୍ରମରେ ବୌଦ୍ଧ ସହରର କେଉଟସାହି, ରାଜନପାଲି, ନୂଆସାହି, ପୋଡାପଡା ଆଦି ସାହିରୁ ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ବସାଇ ସାହି ପରିକ୍ରମା ପରେ ମହାନଦୀର ଚନ୍ଦ୍ରଚୂଡ ଘାଟକୁ ନିଆଯାଇଥିଲା। ସେଠାରେ ସଜ୍ଜିତ ହୋଇ ରହିଥିବା ଡଙ୍ଗାରେ ବସାଇ ମହାନଦୀର ହନୁମାନ ଘାଟ ପର୍ଯ୍ୟନ୍ତ ପାଣିରେ ଚାପ ଖେଳାଯାଇଥିଲା। ଚାପ ଖେଳ ପରେ ପୁନର୍ବାର ମହାପ୍ରଭୁ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।



ଚାପ ଖେଳ ପାଇଁ ବିଗ୍ରହଙ୍କୁ ଡଙ୍ଗାରେ ନିଆଯାଉଛି।

# ଏସଏଚଜି ମହିଳାଙ୍କ ନାଁରେ ମାମଲା

**ବୌଦ୍ଧ,୧୪।୯(ସ୍ୱ.ପ୍ର)**

ଏକ ମାଇକ୍ରୋ ଫାଇନାନ୍ସ କମ୍ପାନୀରୁ ଋଣ ନେଇ ପରିଶୋଧ ନ କରିବାରୁ ବୌଦ୍ଧ ଜିଲା ହରଭଙ୍ଗା ପୋଲିସ ସ୍ୱୟଂ ସହାୟିକା ଗୋଷ୍ଠୀର ୪ ଜଣ ସଦସ୍ୟାଙ୍କ ନାମରେ ଏକ ମାମଲା (ନଂ.୫୭/୧୯) ରୁଜୁ କରିଛି। ସୂଚନା ଅନୁସାରେ, ଉକ୍ତ ମହିଳାମାନେ କମ୍ପାନୀରୁ ଋଣ ନେଇ ପରିଶୋଧ କରୁ ନ ଥିଲେ। କମ୍ପାନୀର ଅଧିକାରୀମାନେ କୁକୁଟି ଗ୍ରାମରେ ପହଞ୍ଚି ଋଣ ଟଙ୍କା ପରିଶୋଧ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ସମ୍ପୃକ୍ତ ମହିଳା ଟଙ୍କା ପରିଶୋଧ କରିବା ବଦଳରେ ଅନ୍ୟ କିଛି ଲୋକଙ୍କ ସହାୟତାରେ କମ୍ପାନୀର ଅଧିକାରୀମାନଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନିକଟରେ ଅଭିଯୋଗ ହେବା ପରେ ମଧ୍ୟ କୌସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଫଳରେ କମ୍ପାନୀ ଓଡିଶା ଉଚ୍ଚ ନ୍ୟାୟଳୟରେ ଦ୍ୱାରସ୍ଥ ହୋଇଥିଲା ଏବଂ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁସାରେ ହରଭଙ୍ଗା ପୋଲିସ ମାମଲା ରୁଜୁ କରିଛି। ଏ ନେଇ ମାମଲାର ତଦନ୍ତ କାରୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର କିସାନଙ୍କୁ ପଚାରିବାରୁ ଅଭିଯୁକ୍ତମାନଙ୍କୁ ନୋଟିସ କରାଯାଇଛି। ସେମାନେ ଆସିଲା ପରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଖାଏ ଲୋ ବାଇଗଣ,**
**ପୁଣି ତ ସେହି ତୁଅଣ;**
**ରୁଷିବାର କେଉଁ ଗୁଣ।**

ତରକାରିରେ ବାଇଗଣ ପଡ଼ି ରୋଷେଇ ହୋଇଥିବା ଦେଖି ରୁଷି କରି ଖାଉ ନ ଥିବା ବ୍ୟକ୍ତି ପୁଣି ସେଇ ତରକାରି ଖାଇବା ଅନେକଙ୍କ ଆଖିରେ ଭ୍ରୂକୁଞ୍ଚନ ସୃଷ୍ଟି କରିଥାଏ। ସେଇ କଥା ତ ହେଲା, ଏତେ ସୁଆଙ୍ଗ କରି ଲାଭ କ'ଣ ? ସାଧାରଣତଃ ଯେଉଁ କଥାପାଇଁ ଜଣେ ରୁଷିଥାଏ ପୁନଶ୍ଚ ସେଇକଥାକୁ ଆଦରିନେବା ବା ସାଦରେ ଗ୍ରହଣ କରିନେବା ବ୍ୟକ୍ତି ପକ୍ଷେ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନଈ ଆଡ଼େ ଚାଷ,**
**ଅନ୍ତୁଡି ପୁଅକୁ ଆଶ।**

ନଈ ବନ୍ଧ ତଳେ କରାଯାଉଥିବା ଚାଷ ଉପରେ ଭରସା ନ ଥାଏ। ନଈରେ ବଢ଼ି ଆସିଲେ ଫସଲ ପାଣିରେ ବୁଡ଼ିଯାଇ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ସେହିପରି ଜନ୍ମିତ ସନ୍ତାନର ଭବିଷ୍ୟତ କ'ଣ ହେବ କିପରି ହେବ ତାହା ଏବେଠୁ କହି ହୋଇ ନ ଥାଏ। ଏପରିସ୍ଥଳେ ତା' ଉପରେ ଆସ୍ଥା ପ୍ରକଟ କରିବା ମୁର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# CLASSIFIED DISPLAY

## MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ। କମ୍ ସୁଧ ଏବଂ ସହଜ କିସ୍ତି। କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି।
Office No. 2b/44, Indra Complex, Main Market Road, Ranchi, Jarkhand, 834001
9582606103
9654417419

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଭାରତର ସର୍ବଶ୍ରେଷ୍ଠ କଂପାନୀ ହିନ୍ଦୁସ୍ଥାନ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ। ୨ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9499452368

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ। ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା
ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ଫ୍ଲାଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ ୨୦ ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday



ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଗଜବାହାଲ ଦୁର୍ଗାପୂଜା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ

ରିଷିଡା,୧୪।୯ (ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲଠାରେ ଆଗାମୀ ୩୪ତମ ସାର୍ବଜନୀନ ଦୁର୍ଗାପୂଜା ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ । ଏଥିରେ ଲୋଇସିଂହାର ଦୁଲଦୁଲି, ବୈଠକ କୀର୍ତ୍ତନ, ଡ୍ୟାନ୍ସ ଧମାକା, ସୁରମୋହନୀ ହରଣ ବିଭିନ୍ନ ଦିବସରେ ଆୟୋଜିତ ହେବ ବୋଲି ଦୁର୍ଗାପୂଜା କମିଟି ତରଫରୁ ଜଣାଯାଇଛି। ଚଳିତବର୍ଷ ଦୁର୍ଗାପୂଜାରେ ସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ ଦାମୋଦର ପଧାନ ଏବଂ କୋଷାଧକ୍ଷ ଶିଶିର ଗହୀର ରହିଛନ୍ତି ।

### ନାବାଳିକାଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଜୁନାଗଡ,୧୪।୯(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ଭର୍ଇଁରୀଗୁଡା ଗ୍ରାମରେ ଶନିବାର କବିତା ନାଏକ (୧୭) ଜଣେ ନାବାଳିକା ଆତ୍ମହତ୍ୟା କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ ସହରସ୍ଥିତ ମଦଭାଟି ପଡାର କବିତା ଗତ ୩ ମାସ ହେବ ଭର୍ଇଁରୀଗୁଡା ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ଶନିବାର ପରିବାର ଲୋକେ କାମ ଅନ୍ୱେଷଣରେ ବାହାରକୁ ଯାଇଥିଲେ। ଏହି ସମୟରେ ଘରେ କେହି ନ ଥିବାବେଳେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ସମ୍ପର୍କୀୟ ଘରକୁ ଆସିବା ପରେ ଏହି ଘଟଣାକୁ ଦେଖିଥିଲେ। ପରେ ତାଙ୍କ ପରିବାରବର୍ଗଙ୍କୁ ଖବର ଦିଆଯିବା ସହ ଆତ୍ମହତ୍ୟା କରିଥିବା ନେଇ ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ଜୁନାଗଡ ପୋଲିସ ଘଟଣା ସ୍ଥଳକୁ ପହଞ୍ଚିଥିଲେ। ରାତି ହୋଇଥିବାରୁ ରବିବାର ତାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ତେବେ କେଉଁ କାରଣରୁ ବବି ଆତ୍ମହତ୍ୟା କଲେ ତାହାର କାରଣ ଏବେ ବି ଅସ୍ପଷ୍ଟ ରହିଛି।

### କଳାହାଣ୍ଡି କଳାକାର ସଂଘର ନୂଆଁଖାଇ ଭେଟଘାଟ୍

ଭବାନୀପାଟଣା,୧୪।୯ (ଡି.ଏନ.ଏ.)- କଳାହାଣ୍ଡି କଳାକାର ସଂଘର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଭବାନୀପାଟଣା ଓଡିଶୀ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସତ୍ୟ ନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଚିତ୍ରଶିଳ୍ପୀ ପ୍ରବାସଚନ୍ଦ୍ର ମିଶ୍ର, ପୂର୍ବ ସଭାପତି ଅବଦୁଲ କାଦିର, ଭବେନ୍ଦ୍ର ପଣ୍ଡା ଯୋଗ ଦେଇ ନୂଆଁଖାଇ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଜୟଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଦସ୍ୟ ଦେବାଶିଷ ତ୍ରିପାଠୀ, ଉମାକାନ୍ତ ବାଗ, ରିଆଜ ଖାନ, ବିଶ୍ୱରଞ୍ଜନ ଧଙ୍ଗଡାମାଝି, ଦେବରାଜ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ।

# ବାର୍‌ହା ମାରିବା ଗୁଳିରେ ଶିକାରୀ ମୃତ

କେସିଙ୍ଗା,୧୪।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଧୀନ ପଲମ ଫାଣ୍ଡି ଅନ୍ତର୍ଗତ ଟର୍କଲା ଗ୍ରାମପଞ୍ଚାୟତ ରାଏଧୁନିପଦର ଗ୍ରାମରେ ସଂଘବଦ୍ଧ ହୋଇ ନିକଟସ୍ଥ ବଜରଗଡ ଜଙ୍ଗଲକୁ ବାର୍‌ହା ଶିକାର କରିବାକୁ ଯାଇଥିଲେ। ବାର୍‌ହାକୁ ମାରିବା ଗୁଳି ବାଜିବାରୁ ଜଣେ ଶିକାରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ରାଜୁ ମାଝି (୪୫)। ପୋଲିସକୁ ନ ଜଣାଇ ରାଜୁଙ୍କ ମୃତଦେହକୁ ପୋଡି ଦେଇଥିଲେ। ଏହି ଘଟଣା ଗତ ମଙ୍ଗଳବାର ଘଟିଥିବା ବେଳେ ମୃତକଙ୍କ ଭଉଣୀ ନିର୍ମଳା ମାଝି ଏହି ଘଟଣା ଶୁଣିବା ପରେ ଗତ ଶୁକ୍ରବାର ପଲମ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପଲମ ଫାଣ୍ଡିରେ ଏକ ମାମଲା (ନଂ. ୨୪୭/୧୯) ରୁଜୁ ହୋଇଛି। ପରେ ପଲମ ଫାଣ୍ଡି ଅଧିକାରୀ ଅଶିତ କୁମାର କେସିଙ୍ଗା ଥାନା ଆଇଆଇସି ଏ.କେ. ମହାପାତ୍ର ଏବଂ ଏସଡିପିଓ ଗୁପ୍ତେଶ୍ୱର ଭୋଇଙ୍କୁ ଜଣାଇଥିଲେ। ଶନିବାର ଏକ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛନ୍ତି।



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ପାଉଁଶ ଉଦ୍ଧାର କରୁଛି।

- ମୃତଦେହ ପୋଡ଼ିଲେ, ୮ ଅଟକ
- ୨ ଦେଶୀ ବନ୍ଧୁକ ଜବତ, ପୋଲିସର ତଦନ୍ତ ଜାରି

ସେଠାରୁ ପାଉଁଶ ସହ ୨ଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ୮ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ ପଲମ ଫାଣ୍ଡିଠାରୁ ୩ କି.ମି. ଦୂର ରାଇଧୁନିପଦର ଗ୍ରାମର ୭ଜଣ ଶିକାର ମିଶି ଗତ ମଙ୍ଗଳବାର ନିକଟସ୍ଥ ବଜ୍ରଗଡ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ସେଠାରେ ଗୋଟିଏ ବାର୍‌ହାକୁ ଶିକାରୀ ଜଣକ ବନ୍ଧୁକରେ ଗୁଳି ମାରିବାବେଳେ ବାର୍‌ହାକୁ ନ ବାଜି ଶିକାରୀଙ୍କୁ ବାଜିଥିଲା। ଫଳରେ ଘଟଣାସ୍ଥଳରେ ରାଜଙ୍କ ମୃତ୍ୟୁ ଘଟିଥିଲା । ଗ୍ରାମରେ ଏହି ଘଟଣା ଶୁଣିବା ପରେ ଚହଳ ପଡିଯାଇଥିଲା। ଗ୍ରାମରେ ଶିକାରୀମାନେ ଏକ ବୈଠକ ବସି ପୋଲିସକୁ ନ ଜଣାଇ ଶବ ଦାହ କରିବାକୁ ନିଷ୍ପତ୍ତି ନେଇ ଉକ୍ତ ଦିନ ହିଁ ନିକଟସ୍ଥ ପଥର କୁପଲି ଜାଗାରେ ରାଜୁଙ୍କ ମୃତଦେହକୁ ପୋଡି ଦେଇଥିଲେ। ରାଜୁଙ୍କ ଭଉଣୀ ନିର୍ମଳା ଏହି ଘଟଣା ଶୁଣିବା ପରେ ଗତ ଶୁକ୍ରବାର ପଲମ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ।

# ସବୁଜ ବନାନୀ କାର୍ଯ୍ୟକ୍ରମ

ରିଷିଡା,୧୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ବ୍ଲକ ଯୁବ ବାହିନୀ ତରଫରୁ ସବୁଜ ବନାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଡାକ୍ତରଖାନାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଧନେଶ୍ୱର ମାଝି, ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂଦେଓ, ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା ଯୋଗଦେଇଥିଲେ। ଯୁବବାହିନୀ ବ୍ଲକ ସଂଯୋଜକ ଦେବେନ୍ଦ୍ର କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଭାପତି ତ୍ରିଶଙ୍କର ରଣା, ସମ୍ପାଦକ ମୁକେଶ ନାଏକ, ନାଏବ ସରପଞ୍ଚ କୈଳାଶ ଚନ୍ଦ୍ର ପାତ୍ର, ଡା. ପ୍ରଶାନ୍ତ କୁମାର ସାମଲ ସମେତ ଯୁବ ବାହିନୀ ସଭ୍ୟ ଏବଂ ଡାକ୍ତରଖାନା କର୍ମଚାରୀମାନେ ଯୋଗଦେଇଥିଲେ ।





ରିଷିଡାଠାରେ ସବୁଜ ବନାନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଗଣଙ୍କ ସମେତ ଯୁବ ବାହିନୀ କର୍ମକର୍ତ୍ତା ବୃନ୍ଦ ।



ଅଧିକାରୀମାନେ ଚାଷଜମି ବୁଲି ଦେଖୁଛନ୍ତି।

ଭୁଲ୍ କ୍ରପ୍‌କଟିଂ ରିପୋର୍ଟ

# ୨୦୧୮-୧୯ ବର୍ଷ ଫସଲ ବୀମାରୁ ବଞ୍ଚିତ ଚାଷୀ

କେଗାଁ,୧୪।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସିନାପାଲି ଗ୍ରାମପଞ୍ଚାୟତରେ ଭୁଲ କ୍ରପ୍‌କଟିଙ୍ଗ ରିପୋର୍ଟ ଯୋଗୁ ୨୦୧୮-୧୯ ଫସଲ ବୀମା ପାଇବାରୁ ଚାଷୀମାନେ ବଞ୍ଚିତ ହୋଇଛନ୍ତି। ସିନାପାଲି ଗ୍ରାମପଞ୍ଚାୟତ ଚାଷୀମାନେ ଫସଲ ବୀମାରୁ ବଞ୍ଚିତ ହେବା ଜାଣିବା ପରେ ଜିଲାପାଳଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, କୃଷି ମନ୍ତ୍ରୀ, କୃଷି ସଚିବ ଓ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ବିଷୟର ତଦନ୍ତ କରିବା ପାଇଁ ଜିଲାପାଳଙ୍କୁ ଜଣାଇବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର କୃଷି ବିଭାଗ ଏକ ପ୍ରତିନିଧି ଦଳ କଳାହାଣ୍ଡି ଡିଡିଏ ଅନ୍ତର୍ଯ୍ୟାମି ମଲ୍ଲିକଙ୍କ ନେତୃତ୍ୱରେ ସିନାପାଲି ଗ୍ରାମପଞ୍ଚାୟତ ଆସି ଲାଞ୍ଜି ଓ ସିନାପାଲି ଗ୍ରାମ ଚାଷୀମାନଙ୍କ ସହିତ ଜଳନିଧି ଯୋଜନାରେ ମୋଟର ପାଇପରେ ଚାଷ କରିଥିବା ଚାଷୀଙ୍କ ଜମି ଏବଂ ନିଜସ୍ୱ ଗଭୀର କୂପରେ ଚାଷ କରାଯାଇଥିବା ଚାଷ ଜମିକୁ ଯାଇ ତଦନ୍ତ କରିଥିଲେ। ସିନାପାଲି ଗ୍ରାମପଞ୍ଚାୟତ କୃଷି କର୍ମଚାରୀ ଏବଂ ରୋୟଲ ସୁନ୍ଦରମ ବୀମା କମ୍ପାନୀର ଜଣେ କର୍ମଚାରୀ ଭୁଲ କ୍ରପକଟିଙ୍ଗ ରିପୋର୍ଟ ଯୋଗୁ ଫସଲ ବୀମାରୁ ବଞ୍ଚିତ ହୋଇଥିବା ସିନାପାଲି ଗ୍ରାମପଞ୍ଚାୟତ ସିନାପାଲି, ମହେନ୍ଦ୍ରପୁର, ଲାଞ୍ଜି ଗ୍ରାମ ଚାଷୀମାନଙ୍କ ଅଭିଯୋଗ କରିଛନ୍ତି । ଏହି ପ୍ରତିନିଧି ଦଳରେ ଜଗନ୍ନାଥ ନନ୍ଦ ଜିଲା କୃଷି ଅଧିକାରୀ ଧର୍ମଗଡ, ନିହାର ନାଏକ ସହ କୃଷି ଅଧିକାରୀ ଗୋଲାମୁଣ୍ଡା, ପ୍ରକାଶ ରାଉତ ଜିଲା ଷ୍ଟାଟିକାଲ ଅଧିକାରୀ ଓ ରୋୟଲ ସୁନ୍ଦରମ ବୀମା କମ୍ପାନୀ ଜିଲା ସଂଯୋଜକ ପ୍ରମୁଖ ସାମିଲ ହୋଇ ତଦନ୍ତ କରିଥିଲେ । ଉକ୍ତ ତଦନ୍ତ ରିପୋର୍ଟ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଇଥିବା ଜଣାପଡିଛି ।

## ବିପଦସଙ୍କୁଳ ପାଲଟିଛି କାଲିଗଙ୍ଗା ପୋଲ

ମୋହନଗିରି,୧୪।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରୁ ବାଲିଗୁଡାକୁ ସଂଯୋଗ ରାସ୍ତା ଗତ ୧୨ ତାରିଖ ବନ୍ୟାରେ ଅନେକ ସ୍ଥାନରେ ଧୋଇ ଯାଇ ବିପଦସଙ୍କୁଳ ଭାବେ ପଡିରହିଛି । ବିଶେଷ କରି ମୋହନଗିରିଠାରୁ ୩ କି.ମି. ଦୂର କାଲିଗଙ୍ଗା ପୋଲ ଏବେ ସାଧାରଣ ଯାତ୍ରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ବନ୍ୟାରେ ଏହାର ଗୋଟିଏ ପାଶ୍ୱର ଗାର୍ଡୱାଲ୍ ଭାଙ୍ଗି ଯାଇ ରାସ୍ତାର ଅଧା ପର୍ଯ୍ୟନ୍ତ ବିପଦପୂର୍ଣ୍ଣ ଭାବେ ଝୁଲି ରହିଛି। ଗତ ୨୦୦୮-୦୯ ବନ୍ୟାରେ ଏହି ପୋଲର ଉଭୟ ପାର୍ଶ୍ୱ ସୁରକ୍ଷା ବାଡ ଭାଙ୍ଗି ଯାଇ ଏଯାବତ ପଡି ରହିଥିବା ବେଳେ ବର୍ତ୍ତମାନ ଏହା ଆହୁରି ବିପଦ ସୃଷ୍ଟି କରୁଛି । ଏହି ରାସ୍ତା ବର୍ତ୍ତମାନ ପୂର୍ତ୍ତ ବିଭାଗ ଅଧୀନରେ ଥିବା ବେଳେ ବନ୍ୟା ହେବାର ଏକ ମାସରୁ ଅଧିକ ବିତି ଯାଇଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ । ଏପରିକି ଉକ୍ତ ବିପଦପୂର୍ଣ୍ଣ ସ୍ଥାନରେ ବିଭାଗ ତରଫରୁ କୌଣସି ସର୍ତ୍ତକ ସୂଚନା ମଧ ଦିଆଯାଇ ନାହି। ଦୈନିକ ଏହି ରାସ୍ତା ଦେଇ ଯାତ୍ରିବାହୀ ସହ ଶତାଧିକ ଯାନବାହନ ଚଲାଚଳ କରୁଛି। ଯଦି ସାମାନ୍ୟ ଅସାବଧାନ ହେଲେ ଦୁର୍ଘଟଣା ଘଟିବା ସୁନିଶ୍ଚିତ। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ମ.ରାମପୁର ଜେଇଙ୍କୁ ଅବଗତ କରାଯିବାରୁ ଅସ୍ଥାୟୀ ଭାବେ ଏହାରି କିଛି ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ।

# ଔଷଧ ବ୍ୟବସାୟୀ ସଂଘ ସାଧାରଣ ପରିଷଦ ବୈଠକ

ଜୁନାଗଡ,୧୪।୯ (ଡି.ଏନ.ଏ.)

କଳାହାଣ୍ଡିଜିଲା ଜୁନାଗଡ ସହର ଅଗ୍ରସେନ ଭବନଠାରେ ଶନିବାର କଳାହାଣ୍ଡି ଔଷଧ ବ୍ୟବସାୟୀ ସଂଘର ତ୍ରୟୋବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା ବିଭିନ୍ନ କୋଣ ଅନୁକୋଣରୁ ଶତାଧିକ ଔଷଧ ବ୍ୟବସାୟୀ ଯୋଗଦେଇଥିଲେ। ଜୁନାଗଡ ୟୁନିଟ ସଭାପତି ରମେଶ କୁମାର ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶକ୍ତି, ଶିଳ୍ପ, ଏମଏସ୍‌ଏମଇ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଡ୍ରଗ୍ସ ଇନ୍‌ସ୍ପେକ୍ଟର ବେନଜାମିନ ଦାଶ, ରାଜ୍ୟ ସଭାପତି ପି.ସତ୍ୟ ନାରାୟଣ, ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ପଶ୍ଚିମାଞ୍ଚଳ ଜୋନ ସଭାପତି ମନମୋହନ ରଥ, ଦକ୍ଷିଣାଞ୍ଚଳ ଜୋନର ଯୁଗ୍ମ ସମ୍ପାଦକ କାଳି ପ୍ରସାଦ ପଟ୍ଟନାୟକ, କେନ୍ଦ୍ରାଞ୍ଚଳ ଜୋନର ଯୁଗ୍ମ ସମ୍ପାଦକ ଦୀପକ ରଞ୍ଜନ ମହାନ୍ତି, କଳାହାଣ୍ଡି ଜିଲା ସଭାପତି ବିଜୟ କୁମାର ଜୈନ, କୋଷାଧକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ନୂଆପଡା ଜିଲା ସଭାପତି ଇନ୍ଦର ଚନ୍ଦ୍ର ଜୈନ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଔଷଧ ବ୍ୟବସାୟ କ୍ଷେତ୍ରରେ ଆସୁଥିବା ନୂଆ ଆଇନ, ଅନଲାଇନ ଔଷଧ ଉପରେ ଆଲୋଚନା କରାଯାଇଥିଲା। ଏହାସହ ସଙ୍ଗଠନ କର୍ମକର୍ତ୍ତା ନିର୍ବାଚନ ମଧ ହୋଇଥିଲା। କାର୍ଯ୍ୟକ୍ରମକୁ ଜିଲା ସମ୍ପାଦକ ହୃଷିକେଶ ମିଶ୍ର ପରିଚାଳନା କରିଥିବାବେଳେ ଜୁନାଗଡ ୟୁନିଟ ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁକେଶ ଅଗ୍ରୱାଲ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ମାନସ ସାହୁ ଧନ୍ୟବାଦ ଦେଇଥିଲେ।





ଜୁନାଗଡ ଅଗ୍ରସେନ ଭବନଠାରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅତିଥି।

# ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୧୭ ମାମଲା ଫଇସଲା

ଭବାନୀପାଟଣା,୧୪।୯(ଡି.ଏନ.ଏ.)

କଳାହଣ୍ଡି ଜିଲାରେ ସମସ୍ତ ବିଚାର ବିଭାଗୀୟ ଅଦାଲତଗୁଡିକରେ ଚଳିତ ବର୍ଷର ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଛି। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ପ୍ରଦୀପ କୁମାର ପଟ୍ଟନାୟକ ଏବଂ ସଚିବ ସ୍ୱିଟି ସାମନ୍ତ ରାୟଙ୍କ ଆନୁକୁଲ୍ୟରେ ୧୪୯ଟି ପ୍ରାକ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୪୪, ୮୯,୩୬୧ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୮ଟି ଫୌଜଦାରୀ ମାମଲା ଫଇସଲା କରାଯାଇଥିଲା। ୧୨ଟି ମଟର ଦୁର୍ଘଟଣା ଜନିତ ମକଦ୍ଦମା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୫୪,୩୦,୦୦ ଟଙ୍କା ପ୍ରଦାନ କରାଯାଇଥିଲା। ୯ଟି ବୈବାହିକ ବିବାଦ ଏବଂ ୨୮ଟି ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଫଇସଲା କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ଜିଲା ଓ ଦୌରା ଜଜ୍ ତଥା ପ୍ରଥମ ମଟର ଯାନ ଦୁର୍ଘଟଣା ନ୍ୟାୟାଧିକାରୀ ପ୍ରଦୀପ କୁମାର ପଟ୍ଟନାୟକ, ସ୍ୱତନ୍ତ୍ର ଜଜ୍ ଦୁର୍ନୀତି ନିବାରଣ ବିଧାନ କୁମାର ଚାନ୍ଦ, ଜଜ୍ ପରିବାର ଅଦାଲତ ଶୁଶାନ୍ତ ପଟେଲ, ଅତିରିକ୍ତ ଜିଲାଜଜ୍ ତଥା ୪ର୍ଥ ମୋଟରଯାନ ଦୁର୍ଘଟଣା ନ୍ୟାୟାଧିକାରୀ ରଶ୍ମିତା ଦଲାଇ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରଞ୍ଜନ କୁମାର ସୂତାର, ବରିଷ୍ଠ ଦେୱାନୀ ଜଜ୍ ମୋନାଲିସା ମହାନ୍ତି, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସଙ୍ଗୀତା ମଲ୍ଲିକ, କନିଷ୍ଠ ଦେୱାନୀ ଜଜ୍ ଅନୁଶୀଲା ରଏ ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଦୀପକ କୁମାର ସାଥୁଆ ପ୍ରମୁଖ ଉପସ୍ଥିତ ରହି ନିଜ କୋର୍ଟ ପରିଚାଳନା କରିଥିଲେ। ୨ୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ନିତ୍ୟାନନ୍ଦ ଚୌବେ ଏବଂ ଅନୁରାଗ ଦେହୁରୀ ନିଜ କୋର୍ଟରେ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତରେ ରେଜିଷ୍ଟ୍ରର ସିଭିଲ କୋର୍ଟ ଶ୍ରୁତି ସ୍ନିଗ୍ଧା ଦାସ, କୋର୍ଟ ମ୍ୟାନେଜର ଦେବାନନ୍ଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିକ୍ଷା ଚେତନା ଅଭିଯାନ କାର୍ଯ୍ୟକ୍ରମ

ଜୁନାଗଡ,୧୪।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଶିକ୍ଷା ଚେତନା ଅଭିଜାନ କାର୍ଯ୍ୟକ୍ରମ ତଥା ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତପିମଣି ଜାନିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦିଲ୍ଲୀ ସ୍ନାୟୁରୋଗ ବିଶେଷଜ୍ଞ ଡା.ଅଲଡ୍ରିନ ଆନଥୋନି, ସମ୍ମାନିତ ଅତିଥି ଭାବେ ଜୁନାଗଡ ବିସିସିବି ବ୍ୟାଙ୍କ ପରିଚାଳକ ଶେଷଦେବ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ନାଏକ, ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇ ଜେସନ ସଙ୍ଗଠନ ପୂର୍ବତନ ସଭାପତି ଚିନ୍ମୟ ବେହେରା, ବାନେର ସମବାୟ ସମିତି ସଭାପତି ଭାରତେନ୍ଦୁ ବେହେରା, ପ୍ରଭାତ ଦାଶ, ଦେବରାଜ ଗହୀର, ମନୋରଞ୍ଜନ ପାଣିଗ୍ରାହୀ, ସୁଧିର ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା ଉପରେ ବକ୍ତବ୍ୟ ଦେଇଥିଲେ। ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନ ସଙ୍ଗଠନ ସମ୍ପାଦକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମର ଲକ୍ଷ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସେହିପରି ଚିନ୍ମୟ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ପଦ୍ମାବତୀ ପଟେଲ ଅତିଥି ପରିଚୟ ଓ ଶୁଭେନ୍ଦୁ ବାଗ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭୂଗୋଳ, ଇତିହାସ, ବିଜ୍ଞାନ, ପୁରାଣ, ସଂସ୍କୃତି ସମ୍ବନ୍ଧୀୟ ସାଧାରଣ ଜ୍ଞାନ ପ୍ରତିଯୋଗୀତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ସଭାକୁ ଶିକ୍ଷକ ସଞ୍ଜୀବ କୁମାର ପଣ୍ଡା ପରିଚାଳନା କରିଥିଲେ। ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନ, ମଥୁରା ରାଧାକୃଷ୍ଣ କ୍ଲବ ଓ ଜୁନାଗଡ ଉଚ୍ଚ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।





କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଜୁନାଗଡ଼ ସିଟିଜେନ ଫୋରମର ବୈଠକ

# ବିଭିନ୍ନ ସମସ୍ୟା ଉପରେ ଦାବିପତ୍ର

ଜୁନାଗଡ଼,୧୪।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ଆରଏମସି ସଭାଗୃହରେ ଜୁନାଗଡ ସିଟିଜେନ ଫୋରମର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପାତ୍ର ଅଧକ୍ଷତା କରିଥିଲେ। ସର୍ବସମ୍ମତିକ୍ରମେ ଏହି ସଟିଜେନ ଫୋରମକୁ ପରିଚାଳନା କରିବା ପାଇଁ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଅଶୋକ କୁମାର ପାତ୍ର, ଉପସଭାପତି ଡା. ତ୍ରିଭୁବନ ପଣ୍ଡା, ସମ୍ପାଦକ ବିଜୟ କୁମାର ବେହେରା, ସହସମ୍ପାଦକ ସନ୍ତୋଷ କୁମାର ସିଂହଦେଓ, କୋଷାଧକ୍ଷ ଆଦିତ୍ୟ କୁମାର ପାଢି, ଉପଦେଷ୍ଟା ବେଦ ପ୍ରକାଶ ଗୋଏଲ, ରାଧେଶ୍ୟାମ ପଣ୍ଡା, କୃଷ୍ଣ ମୋହନ ପାଢି, ସଭ୍ୟ ଯୁଗୋଲ କିଶୋର ନାଏକ, ସୁଖବିନ୍ଦର ସିଂହ, ଭୁବନେଶ୍ୱର ସାହୁ, ଜଗବନ୍ଧୁ ନାଏକ, ସୁରେନ୍ଦ୍ର ମୋହନ ମାଝି, ନବ କିଶୋର ବେହେରା ପ୍ରମୁଖ ମନୋନୀତ ହୋଇଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଅତିଥି ଭାବେ ଜୁନାଗଡ ତହସିଲଦାର ତଥା ସ୍ଥାନୀୟ ଏନଏସି ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଉପେନ୍ଦ୍ର ଲୁହା, ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଜୁନାଗଡ ସହରର ମଇଳା ସଫେଇ, ବୁଲା ଗାଈଗୋରୁ, କୁକରକୁ ଆୟତ୍ୱ କରିବା, ପ୍ରଗତୀନ ଗରରେ ନାଳ ଓ ରାସ୍ତା ନିର୍ମାଣ କରିବା, ପୁରୁଣା ବସଷ୍ଟାଣ୍ଡ, ନୂଆବସ୍‌ଷ୍ଟାଣ୍ଡ, କଲେଜଛକଠାରେ ସର୍ବସାଧାରଣଙ୍କ ପାଇଁ ଶୌଚାଳୟ ନିର୍ମାଣ, ଶିଶୁ ପାର୍କର ଉନ୍ନତୀକରଣ, ଏକ ନୂତନ ପାର୍କ ନିର୍ମାଣ ଓ ପାଠାଗାରର ପୁନଃ ପ୍ରଚଳନ ଆଦି ଉପରେ ଏକ ଦାବିପତ୍ର ସ୍ଥାନୀୟ ଭାରପ୍ରାପ୍ତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଉପେନ୍ଦ୍ର ଲୁହାଙ୍କୁ ପ୍ରଦାନ କରାଯାଇଥିଲା। ଏହାସହ ତହସିଲ ସମ୍ବନ୍ଧୀୟ ବିଭିନ୍ନ ଅସୁବିଧା ଯଥା ବକେୟା ଦାଖଲ ଖାରଜ ମାମଲା, ପଟ୍ଟାପ୍ରେରଣ, ନଜୁଲ ବନ୍ଦୋବସ୍ତ ଓ ସହାୟତା କେନ୍ଦ୍ର ଉପରେ ବରିଷ୍ଠ ଆଇନଜୀବୀ ହିମାଂଶୁ ଶେଖର ବରାଡ ଏକ ଦାବିପତ୍ର ଜୁନାଗଡ ତହସିଲଦାର ଲୁହାଙ୍କୁ ପ୍ରଦାନ କରିଥିଲେ। ସେହିପରି ସ୍ୱାସ୍ଥ୍ୟ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଫୋରମର ସହ ସମ୍ପାଦକ ସନ୍ତୋଷ ସିଂହଦେଓ ଏକ ଦାବିପତ୍ର ଦେଇଥିଲେ। ତେବେ ତହସିଲଦାର ଲୁହା ଓ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପଣ୍ଡା ଏହି ସମସ୍ୟାର ଆଶୁ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।





ଜୁନାଗଡ଼ ସିଟିଜେନ ଫୋରମର ବୈଠକ ।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।

- ସିସେରା



## ସଂକ୍ଷେପରେ

### କଣ୍ଟାବାଞ୍ଜିରେ ଜାତୀୟ ଲୋକ ଅଦାଲତ

କଣ୍ଟାବାଞ୍ଜି, ୧୪।୯(ଡି.ଏନ.ଏ.): କଣ୍ଟାବାଞ୍ଜି ସିଭିଲ କୋର୍ଟରେ ଜାତୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ୧୮ଟି କ୍ରିମିନାଲ, ୧ଟି ସିଭିଲ ସହ ୧୫ଟି ବିଭିନ୍ନ ବ୍ୟାଙ୍କର ଋଣ ଆଦାୟ ମାମଲା ବିଚାର କରାଯାଇ ମୋଟ ୬ଲକ୍ଷ ୬୦ହଜାର ୭୦୦ଟଙ୍କା ଅସୁଲି ହୋଇଛି। ମାମଲାଗୁଡିକ ସ୍ଥାନୀୟ ଅତିରିକ୍ତ ଜିଲା ଦୌରାଜଜ ଦାମୋଦର ରଥ, ସବ୍‌ଜଜ୍ ବିନୋଦ ବିହାରୀ ସାହୁ, ଜେଏମଏଫସି ଲିଙ୍କିପ୍ରିୟା ସାହୁ ପରିଚାଳନା କରିଥିଲେ।

### ନକଲି ସାମଗ୍ରୀକୁ ନେଇ କଣ୍ଟାବାଞ୍ଜିରେ ଅତର୍କିତ ଚଢ଼ାଉ

କଣ୍ଟାବାଞ୍ଜି,୧୪।୯(ଡି.ଏନ୍.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ଶନିବାର ସନ୍ଧ୍ୟାରେ ପୋଲିସ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇଛି। ହିନ୍ଦୁସ୍ଥାନ ଲିଭର କମ୍ପାନୀ ନାଁରେ କେତେକ ବିକ୍ରେତା ନକଲି ତଥା ଜାଲ ସାମଗ୍ରୀ ବିକ୍ରି କରୁଥିବା ସନ୍ଦେହ ହେବାରୁ ଏଭଳି ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ କଣ୍ଟାବାଞ୍ଜି ଏସଡିପିଓ ସରୋଜ ମହାପାତ୍ର, କଣ୍ଟାବାଞ୍ଜି ଥାନା ଅଧିକାରୀ ବିଜୟ କରକରା ଓ ପୋଲିସ ଟିମ୍ ସାମିଲ ହୋଇଛନ୍ତି। ହିନ୍ଦୁସ୍ଥାନ ଲିଭର କମ୍ପାନୀର ଲିଗାଲ ଏଟର୍ନି ନୟନ ତାରା ମଧ ଉପସ୍ଥିତ ଥିଲେ। ସହରର ପ୍ରାୟ ୬ଟି ଦୋକାନ୍‌ରେ ଅତିର୍କିତ ଚଢ଼ାଉ କରାଯାଇ କମ୍ପାନୀର ବିଭିନ୍ନ ସାମଗ୍ରୀ ଯାଞ୍ଚ କରାଯାଇଛି। ଖବର ପ୍ରଚାରିତ ପରେ ସହରରେ ଅନ୍ୟ ଦୋକାନୀମାନେ ସେମାନଙ୍କ ଦୋକାନ ବନ୍ଦ କରିଦେଇଥିବା ଦେଖାଯାଇଛି।

### ୨୬୦ଜଣଙ୍କ ଚକ୍ଷୁ ଚିକିତ୍ସା

ଲାଠୋର, ୧୪।୯ (ଡି.ଏନ.ଏ.) : ଖପ୍ରାଖୋଲ ବ୍ଲକ ଲାଠୋର ବସଷ୍ଟାଣ୍ଡ ନିକଟରେ ଶନିବାର ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୬୦ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୫ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚୟନ କରି ଟିଟିଲାଗଡ ଚକ୍ଷୁ ହସପିଟାଲକୁ ନିଆଯାଇଛି। ଚକ୍ଷୁ ପରୀକ୍ଷା କରିଥିଲେ ଟେକ୍ନିସିଆନ ପ୍ରାଣରଞ୍ଜନ ସଗରିଆ, ରମେଶ ବାଗ, ନର୍ସ ବବିତା ମାଝୀ। ସାମାଜିକ କର୍ମୀ ସୁଶୀଲ କୁମାର ଅଗ୍ରୱାଲଙ୍କ ଆବାହକତ୍ୱରେ ଆୟୋଜିତ ଶିବିରରେ ଆନନ୍ଦ କୁମାର ଅଗ୍ରୱାଲ, ସତ୍ୟନାରାୟଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁ ମନ୍ଦିରରେ ମାତୃ କର୍ମଶାଳା

ଲାଠୋର, ୧୪।୯ (ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ଲାଠୋର ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ବିଭାଗର ମାତୃ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଯୁଗ୍ମ ସମ୍ପାଦକ ସଦାନନ୍ଦ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସମ୍ପାଦକ ଗୋବିନ୍ଦରାମ ଅଗ୍ରୱାଲ, କୋଷାଧକ୍ଷ ଘନଶ୍ୟାମ ଅଗ୍ରୱାଲ, ସସ୍ମିତା ମାଝୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି କୋମଳମତି ଶିଶୁଙ୍କୁ ଗଢ଼ି ତୋଳିବାରେ ମା'ମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁବାଟିକାର ଶୈକ୍ଷିକ କାଳାଂଶଗୁଡିକ ସହିତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ମା'ମାନଙ୍କ ଦ୍ୱାରା ତିଆରି ଘରୋଇ ଖାଦ୍ୟର ମଧ ପ୍ରଦର୍ଶନୀ ହୋଇଥିଲା।

## ମୁରିବାହାଲରେ ଜେଏମ୍ଏଫ୍‌ସି କୋର୍ଟ ଉଦ୍‌ଘାଟିତ

# ଅଞ୍ଚଳବାସୀ ପାଇବେ ତ୍ୱରିତ ନ୍ୟାୟ

ମୁରିବାହାଲ, ୧୪।୯ (ଡି.ଏନ.ଏ)

ବଲାଙ୍ଗୀର ଜିଲା ମୁରିବାହାଲଠାରେ ଅନେକ ବର୍ଷର ପ୍ରତୀକ୍ଷା ପରେ ଜେଏମଏଫସି କୋର୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବଲାଙ୍ଗୀର ଜିଲା ଓ ଦୌରାଜଜ ଶ୍ୟାମସୁନ୍ଦର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ଲକ ପରିସରସ୍ଥ ମାଡା କୋଠାରେ ହୋଇଥିବା କୋର୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରେ ଅନୁଷ୍ଠିତ ସଭାରେ ବକ୍ତବ୍ୟ ରଖି ଦାସ କହିଥିଲେ ଯେ, ନୂତନ କୋର୍ଟ ସ୍ଥାପନ ଦ୍ୱାରା ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ଓ ଏହାର ସୁଫଳ ଅଞ୍ଚଳବାସୀ ପାଇପାରିବେ। ସମ୍ମାନିତ ଅତିଥିଭାବେ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ପ୍ରଶାନ୍ତ ଦାସ ମଞ୍ଚାସୀନ ଥିଲେ। ମୁରିବାହାଲ ଓକିଲ ସଂଘ ସଭାପତି ବିଶ୍ୱନାରାୟଣ ବହିଦାର ଅଧକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ମୁରିବାହାଲ ଜେଏମ୍ଏଫ୍‌ସି ରେଜିଷ୍ଟ୍ରାର ସନ୍ତୋଷ କୁମାର ଦାସରାୟ, କଣ୍ଟାବାଞ୍ଜି ଅତିରିକ୍ତ ଜିଲାଜଜ ଦାମୋଦର ରଥ, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ ଆୟୁବ ଖାଁ, ବିଜେଡି ନେତା ଅଜୟ ଦାସ, ଭାଜପା ନେତା ଲକ୍ଷ୍ମଣ ବାଗ, ବିଡିଓ ଶିପକ୍



ମୁରିବାହାଲ ଜେଏମଏଫସି କୋର୍ଟକୁ ଶନିବାର ବଲାଙ୍ଗୀର ଜିଲା ଓ ଦୌରାଜଜ ଶ୍ୟାମସୁନ୍ଦର ଦାସ ଉଦ୍‌ଘାଟନ କରୁଛନ୍ତି।

କୁମାର ପାତ୍ର, ତହସିଲଦାର ଅମୃତଲାଲ ବେହେରା, ତୁରେକେଲା ବ୍ଲକ ଅଧକ୍ଷ ହଂସରାଜ ଜୈନ, କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, ମୁରିବାହାଲ ଥାନା ଅଧିକାରୀ ରଞ୍ଜନ କୁମାର ବରିହା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ନବନିଯୁକ୍ତ ଜେଏମ୍ଏଫ୍‌ସି ବିଚାରପତି ଲୋକନାଥ ମିଶ୍ର ପ୍ରଥମ ଦିବସରେ ମୁରିବାହାଲ ଥାନା ଅଞ୍ଚଳର ୩ ମାମଲାର ବିଚାର କରିଥିଲେ। ମୁରିବାହାଲ ଓକିଲ ସଂଘ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ

- ଦୀର୍ଘ ପ୍ରତୀକ୍ଷାର ଅନ୍ତ
- ପ୍ରଥମ ଦିନରେ ୩ ମାମଲାର ବିଚାର ହେଲା
- ନୂତନ କୋର୍ଟ ଖୋଲିବାକୁ ସବୁ ମହଲରେ ସ୍ୱାଗତ

ପ୍ରମୋଦ ପାଣିଗ୍ରାହୀ, ଅଶୋକ ଦାସ, ମୋହନଲାଲ ଜୈନ, ବିଜୟ ମିଶ୍ର, ପ୍ରଫୁଲ୍ଲ କୁମାର ନାଏକ, ଦୁଃଖୀଶ୍ୟାମ ଗୁରୁ ଓ କଣ୍ଟାବାଞ୍ଜି, ଟିଟିଲାଗଡ, ସଇଁନ୍ତଲା, ବଙ୍ଗୋମୁଣ୍ଡା ଓକିଲ ସଂଘର ଶତାଧିକ ଓକିଲ ଯୋଗଦେଇଥିଲେ। ମୁରିବାହାଲ ଓକିଲ ସଂଘ ସାଧାରଣ ସମ୍ପାଦକ ଜୟଦେବ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। କୁମାର ଚନ୍ଦ୍ର ଖମାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପୂର୍ବରୁ ଏହି ଅଞ୍ଚଳର ଲୋକେ ସଇଁତଲା, କଣ୍ଟାବାଞ୍ଜି, ଟିଟିଲାଗଡ କୋର୍ଟ ଉପରେ ନିର୍ଭର କରୁଥିଲେ। ଏହି କୋର୍ଟ ଉଦ୍‌ଘାଟନ ଯୋଗୁ ସେମାନଙ୍କର ଦୀର୍ଘଦିନର ଦାବି ପୂରଣ ହୋଇଛି।

## ବସ୍-ସ୍କୁଟି ଧକ୍କା, ଅଧାପିକା ଗୁରୁତର

ବଲାଙ୍ଗୀର ଅଫିସ,୧୪।୯

ବଲାଙ୍ଗୀର ସହର ସିଡିଏମ୍‌ଓ ଅଫିସ ସମ୍ମୁଖରେ ଶନିବାର ଅପରାହ୍ନରେ ରାଜ୍ୟ ସଡକ ପରିବହନ ନିଗମର ଏକ ଯାତ୍ରୀବାହୀ ବସ ସହ ଏକ ସ୍କୁଟି ଧକ୍କା ହୋଇଛି। ଏଥିରେ ସ୍କୁଟି ଆରୋହୀ ଅଧାପିକା ରଶ୍ମି ସାହୁ ଗୁରୁତର ଆହତ ହୋଇଛନ୍ତି। ପେଟ୍ରୋଲ ପମ୍ପରୁ ତେଲ ପକାଇ ସ୍କୁଟିରେ ଆସୁଥିବାବେଳେ ଏକ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ପରେ ସେଠାରେ କିଛି ସମୟ ଧରି ଉତ୍ତେଜନା ଦେଖାଯାଇଥିଲା। ଘଟଣାସ୍ଥଳରେ ଟାଉନ୍ ଥାନା ପୋଲିସ ପହଞ୍ଚିଥିଲେ। ଆହତ ଅଧାପିକାଙ୍କୁ ଭୀମଭୋଇ ମେଡିକାଲ ହସପିଟାଲ ଓ ପରେ ବରଗଡର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତରଣ କରାଯାଇଛି। ପୋଲିସ ସରକାରୀ ଯାତ୍ରୀବାହୀ ବସକୁ ଥାନାକୁ ଆଣିଥିଲା। ପରେ ବସକୁ ଛାଡି ଦିଆଯାଇଛି। ସହର ଭିତରେ ବେପରୁଆ ଗାଡି ଚାଳନାରୁ ଏଭଳି ଦୁର୍ଘଟଣା ଘଟୁଥିବା ଜଣାପଡିଛି।

## ଡିଗ୍ରୀ ମହାବିଦ୍ୟାଳୟରେ ଅଭିଭାବକ କର୍ମଶାଳା

ମୁରିବାହାଲ, ୧୪।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ପ୍ରଥମ ବାର୍ଷିକ ଛାତ୍ରୀଛାତ୍ରମାନଙ୍କର ଅଭିଭାବକଙ୍କୁ ନେଇ ଏକ କର୍ମଶାଳା ଶନିବାର କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡିଶା ସରକାରଙ୍କର ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀ, ଶିକ୍ଷାର ବିକାଶ ଉପରେ ଅଭିଭାବକମାନଙ୍କୁ ଅଧକ୍ଷ ନାୟକ ଅବଗତ କରାଇଥିଲେ। ୨୦୧୯-୨୦ ଶିକ୍ଷାବର୍ଷରେ ଛାତ୍ରୀଛାତ୍ରମାନେ ନିୟମିତ କଲେଜକୁ ଆସି ଶିକ୍ଷା ଅଧୟନ କରିବା ତଥା ଅତିକମ୍‌ରେ ୭୫ ପ୍ରତିଶତ ଉପସ୍ଥାନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ସାମ୍ପ୍ରତିକ ପ୍ରତିଯୋଗିତାମୂଳକ ପରିସ୍ଥିତିରେ କିପରି ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ଏବଂ ଏଥିରେ ଅଭିଭାବକମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଅଭିଭାବକ ପ୍ରବୀର କର୍ଣ୍ଣ ଉଚ୍ଚଶିକ୍ଷାର ଆବଶ୍ୟକତା ଓ ଏଥିରେ ଅଧାପକଙ୍କ ଭୂମିକା ଉପରେ କହିଥିଲେ। କାର୍ଯ୍ୟକ୍ରମରେ ୬୮ଜଣ ଅଭିଭାବିକା ଓ ଅଭିଭାବକ ଯୋଗଦେଇଥିଲେ। ଅଧାପକ ଦିଲୀପ କୁମାର ପଶାୟତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧାପକ ଗୁଣସାଗର ମେହେର, ଫିରୋଜ କୁମାର ସାହୁ, ଫାଲ୍‌ଗୁନୀ ଦାସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ।

## ସ୍ୱଚ୍ଛତା ପାଇଁ ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା

ଖପ୍ରାଖୋଲ, ୧୪।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସ୍ୱଚ୍ଛତା ପାଇଁ ଏକ ସଚେତନତା ଶୋଭାଯାତ୍ରା ଶନିବାର କରିଥିଲେ। ପଲିଥିନ୍ ବ୍ୟବହାର ବନ୍ଦ କରିବା, ଘର ଚାରିପାଖ ସଫାସୁତୁରା ରଖିବା, ପାଇଖାନା ବ୍ୟବହାର କରିବା ଆଦି ସ୍ଲୋଗାନ ଦେଇ ସେମାନେ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କ୍ଷିରୋଦିନି ଭୋଇ, ଦିବାକର ମହାପାତ୍ର, ମନୋରମା ନାଏକ, ନମିତା ମଣ୍ଡଳ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଥିଲେ।

## ଭାଷା, ପ୍ରଦେଶକୁ ସାମ୍ବିଧାନିକ ମାନ୍ୟତା ଦାବିରେ ଦିଲ୍ଲୀ ଗସ୍ତ

ବଲାଙ୍ଗୀର ଅଫିସ,୧୪।୯

କୋସଲୀ ଭାଷା ଓ ସ୍ୱତନ୍ତ୍ର କୋସଲ ପ୍ରଦେଶକୁ ସାମ୍ବିଧାନିକ ମାନ୍ୟତା ଦାବିନେଇ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ଓ କୋସଲ ହେରିଟେଜ୍ ଟ୍ରଷ୍ଟର ଏକ ପ୍ରତିନିଧି ଦଳ ଶନିବାର ଦିଲ୍ଲୀ ଗସ୍ତ କରିଛନ୍ତି। ଏକାଡେମୀର ସଭାପତି ତଥା ବିଶିଷ୍ଟ ସାହିତ୍ୟିକ ପଦ୍ମଶ୍ରୀ ଡ ଶ୍ରୀନିବାସ ଉଦ୍‌ଗାତା, ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ, ଯୁଗ୍ମସମ୍ପାଦକ ବ୍ରଜମୋହନ ଦାନୀ ଶନିବାର ବଲାଙ୍ଗୀର ରେଳଷ୍ଟେଶନ୍‌ରୁ ଝାରସୁଗୁଡ଼ା ଅଭିମୁଖେ ଯାତ୍ରା କରିଥିଲେ। ସେମାନେ ସେଠାରୁ ଦିଲ୍ଲୀଗସ୍ତରେ ଯିବେ। କୋସଲୀ ଭାଷା ସଂସ୍କୃତି ଗବେଷକ କୃଷ୍ଣଚନ୍ଦ୍ର ବାରିକ, ଏସ୍ ଏ ମସଜିଦ୍, ମିନତୀ ମହାରଣା ଓ ଅନ୍ୟମାନେ ଏହି ପ୍ରତିନିଧି ଦଳକୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ପ୍ରତିନିଧି ଦଳ ଦିଲ୍ଲୀରେ କୋସଲୀ ଭାଷା ଓ ପ୍ରଦେଶକୁ ସାମ୍ବିଧାନିକ ମାନ୍ୟତା ଦାବି କରି ବିଭିନ୍ନ ଶାସକ, ପ୍ରଶାସକ ଓ ଅନ୍ୟ ପ୍ରତିନିଧିଙ୍କୁ ସାକ୍ଷାତ କରିବେ ବୋଲି ଜଣାପଡିଛି।



ଦିଲ୍ଲୀ ଗସ୍ତ କରୁଥିବା ପ୍ରତିନିଧିଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଉଛି।

## ଭାଗବତ ପାରାୟଣ

ମୁରିବାହାଲ, ୧୪।୯ (ଡି.ଏନ.ଏ.)

ମୁରିବାହାଲ ବ୍ଲକ ବ୍ରାହ୍ମଣ ସମାଜ ପକ୍ଷରୁ ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଭାଗବତ ଜନ୍ମ ଓ ଅନନ୍ତ ବ୍ରତ ପାରାୟଣ ସମ୍ପନ୍ନ ହୋଇଛି। ଶ୍ରୀମଦ୍ ଭାଗବତର ପ୍ରଥମରୁ ଦ୍ୱାଦଶ ଅଧ୍ୟାୟ ପର୍ଯ୍ୟନ୍ତ ୧୪ଜଣ ବ୍ରାହ୍ମଣ ପାଠ କରିଥିଲେ। କର୍ତ୍ତା ରହିଥିଲେ ସବ୍ୟସାଚୀ ମିଶ୍ର। ବ୍ରାହ୍ମଣ ସମାଜ ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଦେବ ବାରିକ, କେଶବ ଷଡଙ୍ଗୀ, ବୈଚନ୍ଦ୍ର ବର୍ଗର୍ତ୍ତି, କ୍ଷେତ୍ରବାସୀ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ଖପ୍ରାଖୋଲରେ ଭାଗବତ ଜନ୍ମ

ଖପ୍ରାଖୋଲ, ୧୪।୯(ଡି.ଏନ.ଏ.)

ଖପ୍ରାଖୋଲ ଜଗନ୍ନାଥ ମନ୍ଦିର ପରିସରରେ ଭାଗବତ ଜନ୍ମ ଉତ୍ସବ ଓ ଅନନ୍ତମୁଖୀ ପୂଜା ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ମନ୍ଦିର ପରିସରରେ ଅଷ୍ଟାଦଶ ପୁରାଣ ସହିତ ଦ୍ୱାଦଶ ସ୍କନ୍ଦ ପଠନ କରାଯାଇଥିଲା। ୩୦ରୁ ଉର୍ଦ୍ଧ୍ୱ ବ୍ରାହ୍ମଣ ଏକା ସଙ୍ଗରେ ବାରସ୍କନ୍ଦ ଭାଗବତ ପାଠ କରିଥିଲେ। ସନ୍ଧ୍ୟାରେ ପୂର୍ଣ୍ଣାହୂତି ହୋଇଥିଲା। କର୍ତ୍ତାଭାବେ ପୂର୍ବତନ ସରପଞ୍ଚ ନିରାକାର ବାରିକ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜକ ରମେଶ ଦାଶ, ଯଶୋବନ୍ତ ଦାଶ, ସତ୍ୟପ୍ରିୟ ତ୍ରିପାଠୀ, ସୁଲଭ ଦାଶ, ଜଗଦୀଶ ଷଡଙ୍ଗୀ, ଫାଲଗୁନି ଦାଶ, ଧ୍ରୁବ ଚାନ୍ଦ, ସୁବଲ ହୋତା ପ୍ରମୁଖ ଭାଗବତ ପୁରାଣ ପାଠ କରିଥିଲେ।

## ରୋଲ ପ୍ଲେ, ଲୋକନୃତ୍ୟ ପ୍ରତିଯୋଗିତା

# ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟ ପ୍ରଥମ



ପୃଥ୍ୱୀରାଜ ହାଇସ୍କୁଲ ସମ୍ମିଳନୀ କକ୍ଷରେ କୃତୀ ଛାତ୍ରୀଛାତ୍ରୀଙ୍କ ସହ ଅତିଥି ଓ ଆୟୋଜକ।

ବଲାଙ୍ଗୀର ଅଫିସ, ୧୪।୯

ବଲାଙ୍ଗୀର ପୃଥ୍ୱୀରାଜ ଉଚ୍ଚବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଟିଇ ଓ ଏସ୍‌ସିଇଆରଟି, ଭୁବନେଶ୍ୱରଙ୍କ ନିର୍ଦ୍ଦେଶରେ ତଥା ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲାସ୍ତରୀୟ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ରୋଲ ପ୍ଲେ ଓ ଲୋକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରୋଲ ପ୍ଲେ ପ୍ରତିଯୋଗିତାରେ ଜିଲାର ୧୦ଟି ଦଳ ଓ ଲୋକନୃତ୍ୟ ପ୍ରତିଯୋଗିତାରେ ୬ଟି ଦଳ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ଅଧକ୍ଷତା କରିଥିଲେ। ଅତିଥି ଭାବେ ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ନନ୍ଦ, ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଛାୟାକାନ୍ତ ସାହୁ, ଶିକ୍ଷାବିତ୍ ସନାତନ୍ ଠାକୁର ଯୋଗ ଦେଇଥିଲେ। ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ସୁରେନ୍ଦ୍ର ତ୍ରିପାଠୀ, ସିନେ ଅଭିନେତା ରତନ ମେହେର, ବିଜ୍ଞାନ ସୋସାଇଟି ର ନିର୍ଦ୍ଦେଶକ ପଦ୍ମଚରଣ ଆଚାର୍ଯ୍ୟ ଓ ଚିତ୍ରଶିଳ୍ପୀ ବାସୁଦେବ ମେହେର ବିଚାରକ ଭାବେ ଯୋଗ ଦେଇଥିଲେ। ରୋଲ ପ୍ଲେରେ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟ ପ୍ରଥମ ସ୍ଥାନ, ଭଇଁଷା ଆଦର୍ଶ ବିଦ୍ୟାଳୟ ଦ୍ୱିତୀୟ ଓ ଗଙ୍ଗାସାଗର ଉନ୍ନୀତ ଉଚ୍ଚବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଲୋକନୃତ୍ୟ ପ୍ରତିଯୋଗିତାରେ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟ ପ୍ରଥମ, ଲୋଇସିଂହା ହରେକୃଷ୍ଣ ମହତାବ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ମୁରିବାହାଲ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ ଗବେଷଣା ତଥା ପ୍ରତିଷ୍ଠାନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଏହି ବିଜେତା ଦଳ ଅଂଶଗ୍ରହଣ କରିବେ। ଉଦ୍‌ଯାପନୀ ଉତ୍ସବରେ ପୁଇଁତଲା ବିଇଓ ନେପାଳ ବାଗ, ପ୍ରଧାନ ଶିକ୍ଷକ ରାଘବ ପାଣିଗ୍ରାହୀ, ଡିଏସଏସ ନୀଳମଣି ପଟେଲ, ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ଉଭୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ସରୋଜ ନାୟକ, ଶିବ ତ୍ରିପାଠୀ ଓ ଆନନ୍ଦ ବଡପଣ୍ଡା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ସୋସାଇଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଦିଗାମ୍ବର ନାଏକ ଧନ୍ୟବାଦ ଦେଇଥିଲେ।

## ଦଳରେ ଅଣଦେଖା ଅଭିଯୋଗକୁ ନେଇ ବଚସା

ଲୋଇସିଂହା,୧୪।୯(ଡି.ଏନ.ଏ) ଶନିବାର ମଧ୍ୟାହ୍ନରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦୁଇ ଭାଜପା କର୍ମୀଙ୍କ ମଧରେ ବଚସା ଓ ଧସ୍ତାଧସ୍ତି ହୋଇଛି। ଭାଜପାରେ ଥିବା ଗୋଷ୍ଠୀ କନ୍ଦଳ ପଦାରେ ପଡିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସ ପାଳନ ଅବସରରେ ଲୋଇସିଂହା ବାବାମଠଠାରେ ଏକପ୍ରସ୍ତୁତି ବୈଠକ ରହିଥିଲା। ବୈଠକ ସାରି ଭାଜପା ପ୍ରତିନିଧି ଦଳ ଏମ୍‌ପିଙ୍କ ଦ୍ୱାରା ମନୋନୀତ ରୋଗୀ କଲ୍ୟାଣ ସମିତି ପ୍ରତିନିଧି ଶମ୍ଭୁ ପ୍ରସାଦ ସାହୁଙ୍କ ସ୍ୱୀକୃତି ପତ୍ର ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀଙ୍କୁ ଦେବାକୁ ଆସିଥିଲେ। ସ୍ୱୀକୃତିପତ୍ର ଦେଇ ସାରି ଫେରିଲା ବେଳେ କ୍ୟାମ୍ପସ ଔଷଧ ଦୋକାନ ନିକଟରେ ଜିଲା ଯୁବମୋର୍ଚ୍ଚା ସମ୍ପାଦକ ବୁଲୁ ବାଦି ତାଙ୍କୁ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଅଣଦେଖା କରାଯାଉଥିବା ଗୌରାଙ୍ଗ ନାଏକଙ୍କ ନିକଟରେ ଅଭିଯୋଗ କରିଥିଲେ। ନିର୍ବାଚନ ପୂର୍ବରୁ ସମସ୍ତ ସୂଚନା ମିଳୁଥିବାବେଳେ ଏବେ କାହିଁକି କୌଣସି ସୂଚନା ଦିଆଯାଉ ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ବରିଷ୍ଠ କର୍ମୀ ସରୋଜ ସାହୁ ହସ୍ତକ୍ଷେପ କରିଥିଲେ ବି ସୁଫଳ ମିଳି ନ ଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଭାଜପା ମଣ୍ଡଳ ସଭାପତି ଜ୍ୟୋତିର୍ମୟ ରାଉତ, ଯତିନ୍ଦ୍ର କୁମାର ପଟେଲ, ନେପାଳ ସା, ଲଳିତ ପଧାନ ପ୍ରମୁଖଙ୍କ ହସ୍ତକ୍ଷେପ ପରେ ପରିସ୍ଥିତ ଶାନ୍ତ ପଡିଥିଲା। ପରେ ଏହି ଘଟଣାକୁ ନେଇ ବ୍ଲକ ଅଧ୍ୟକ୍ଷାଙ୍କ ଚ୍ୟାମ୍ବରରେ ଆଲୋଚନା ହୋଇଥିଲା। ସର୍ବସାଧାରଣସ୍ଥାନରେ ଦଳୀୟ କଥା ଉଠାଇଥିବାରୁ ଯୁବମୋର୍ଚ୍ଚା ସମ୍ପାଦକ ଭୁଲ ସ୍ୱୀକାର କରିଥିଲେ। ହେଲେ ଏଭଳି ଅଣଦେଖାକୁ ସହିବେ ନାହିଁ ବୋଲି ଶୁଣାଇଥିଲେ। ଏ ନେଇ ଏମପିଙ୍କ ବ୍ଲକ ପ୍ରତିନିଧି ବାଳକୃଷ୍ଣ ଧରୁଆଙ୍କୁ ପଚାରିବାରୁ ଏକ ରାଜନୈତିକ ଦଳରେ ମତଭେଦ ରହିବା ସାଧାରଣ କଥା। ଉଭୟ ପକ୍ଷଙ୍କୁ ଡାକି ଘଟଣାର ସମାଧାନ ହୋଇଯାଇଛି ବୋଲି ସେ କହିଛନ୍ତି।

## ଇନ୍‌ଟାକ୍ ବଲାଙ୍ଗୀର ଚାପ୍‌ଟର ପକ୍ଷରୁ ୧୫୦ତମ ଗାନ୍ଧୀ ଜନ୍ମବାର୍ଷିକୀ ପାଳନ

# ବିଶ୍ୱ ଇତିହାସରେ ଗାନ୍ଧୀ ବିରଳ ମଣିଷ

ବଲାଙ୍ଗୀର ଅଫିସ,୧୪।୯

ଇନ୍‌ଟାକ୍ ବଲାଙ୍ଗୀର ଚାପ୍‌ଟର ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଶନିବାର ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ ପକ୍ଷରେ ଏକବିଂଶ ଶତାବ୍ଦୀରେ ଗାନ୍ଧୀବାଦ୍‌ର ପ୍ରାସଙ୍ଗିକତା ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଇନ୍‌ଟାକ୍ ଚାପଟରର ଆବାହକ ଡ ଶିବପ୍ରସାଦ ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି ଓ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ ନଚିକେତା ଖମାରୀ ଶର୍ମା ଆଲୋଚକ ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଡ ନନ୍ଦ ଆଲୋଚନା ପ୍ରସଙ୍ଗରେ ସୂଚନା ଦେଇ ଗାନ୍ଧୀଙ୍କ ମହତାଦର୍ଶ




ଇନ୍‌ଟାକ୍ ବଲାଙ୍ଗୀର ପକ୍ଷରୁ ୧୫୦ତମ ଗାନ୍ଧୀ ଜନ୍ମବାର୍ଷିକୀ ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ର।

ଓ ସାମ୍ପ୍ରତିକ ପ୍ରାସଙ୍ଗିକତା ଉପରେ କହିଥିଲେ। ଆଧୁନିକ ବିଶ୍ୱରେ ଗାନ୍ଧୀ ହିଁ ଆମର ଗୌରବମୟ ପରିଚୟ ବୋଲି ସେ କହିଥିଲେ। ଗାନ୍ଧୀଜୀ ସ୍ୱରାଜ, ସତ୍ୟାଗ୍ରହ, ସ୍ୱଦେଶୀ ଓ ସର୍ବୋଦୟ ଉପରେ ଗୁରୁତ୍ୱାରୋପ କରି କାର୍ଯ୍ୟ କରିଛନ୍ତି ବୋଲି କହିଥିଲେ। ଆଲୋଚକ ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ସମଗ୍ର ବିଶ୍ୱ ଇତିହାସରେ ଗାନ୍ଧୀ ଭଳି ବ୍ୟକ୍ତି ବିରଳ ବୋଲି କହିଥିଲେ। ଗାନ୍ଧୀ ଅହିଂସା ଉପରେ ବିଶ୍ୱାସ କରିବା ସହ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କୁ ପ୍ରେମ କରିବା, ଭଲ ପାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଗାନ୍ଧୀଙ୍କ ଉପଯୁକ୍ତ ସମ୍ମାନ ଦେବା ସହ ଆମର ନିଜ ସମାଜ ଓ ଦେଶକୁ ବଞ୍ଚାଇବାକୁ ହେଲେ ବସ୍ତୁବାଦୀ ମାନସିକତାକୁ ପରିହାର କରିବାକୁ ପଡିବ ବୋଲି ସେ କହିଥିଲେ। ଅନ୍ୟତମ ଆଲୋଚକ ଡ ଖମାରୀ ଶର୍ମା ଗାନ୍ଧୀଙ୍କୁ ଗୁଳି କି ଗାଳି କିଛି ଭେଦ କରିପାରେନାହିଁ ବୋଲି କହିଥିଲେ। ଗାନ୍ଧୀ ଏକବିଂଶ ଶତାବ୍ଦୀରେ ନୁହେଁ ଯୁଗେ ଯୁଗେ ପ୍ରସଙ୍ଗିକ ହୋଇ ରହିବେ ବୋଲି କହିଥିଲେ। ସଭା ଶେଷରେ ବାଞ୍ଛାନିଧି ରଥ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ସହରର ବିଭିନ୍ନ ସ୍କୁଲ, କଲେଜ, ଉଡାନ୍ ଅନୁଷ୍ଠାନର ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଗାନ୍ଧୀ ପ୍ରେମୀ ଯୋଗଦାନ କରିଥିଲେ।

## ଲୋଇସିଂହା ଭାଜପାର ପ୍ରସ୍ତୁତି ବୈଠକ

ଲୋଇସିଂହା,୧୪।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ବାବାମଠଠାରେ ଭାଜପାର ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ନେତା ଭୂତନାଥ ନାଏକ ଅଧ୍ୟକ୍ଷତା କରିଥିଲେ। ରଙ୍କ ପଣ୍ଡା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଦାୟିତ୍ୱ ସମ୍ପର୍କରେ ବୈଠକରେ ସୂଚନା ଦେଇଥିଲେ। ଯତିନ୍ଦ୍ର କୁମାର ପଟେଲ, ବାଳକୃଷ୍ଣ ଧରୁଆ, ଲଳିତ ପଧାନ, ସୁଦୀପ ସା, ସାରଙ୍ଗ ଭୋଇ, ସଞ୍ଜୀବ ସାହୁଙ୍କ ସମେତ ବହୁ କର୍ମୀ ବୈଠକରେ ଉପସ୍ଥିତ ଥିଲେ। ସଭା ପରେ କର୍ମୀମାନେ ଏମପିଙ୍କ ଦ୍ୱାରା ମନୋନୀତ ଲୋଇସିଂହା ରୋଗୀ କଲ୍ୟାଣ ସମିତି ପ୍ରତିନିଧି ଶମ୍ଭୁ ପ୍ରସାଦ ସାହୁଙ୍କ ସ୍ୱୀକୃତି ପତ୍ର ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ସ୍ମିତା ଶତପଥୀଙ୍କୁ ପ୍ରଦାନ କରିଥିଲେ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଡ଼ ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ସାର ଅଭାବୀ ବିକ୍ରି ଅଭିଯୋଗ ଆଣିଲା କଂଗ୍ରେସ

#### ୟୁରିଆ ସାର ଯୋଗାଣ ଦାବି

**ନୂଆପଡା ଅଫିସ,୧୪।୯-** ଜିଲାରେ ବର୍ତ୍ତମାନ ଚାଷୀଙ୍କୁ ଦରକାର ମୁତାବକ ବର୍ଷା ମିଳିଛି । ଚାଷ କାର୍ଯ୍ୟ ଆଗକୁ ଯାଉଥିବାବେଳେ ସରକାର ଧାର୍ଯ୍ୟ ପରିମାଣର ସାର ଯୋଗାଣ କରୁ ନ ଥିବାରୁ ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ଚଢ଼ା ଦରରେ ବିକ୍ରି କରି ମୁନାଫା ନେଉଥିବା ଅଭିଯୋଗ କରିଛି ଜିଲା କଂଗ୍ରେସ । ଏହାକୁ ଅଙ୍କୁଶ ଲଗାଇବାକୁ ତୁରନ୍ତ ଦରକାର ମୁତାବକ ସାର ଯୋଗାଇଦେବାକୁ ଦାବି କରିଛନ୍ତି । ଏହାକୁ ନେଇ ଏକ ଦାବି ପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଜିଲା କଂଗ୍ରେସ ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଭେଟି ଜିଲାରେ ସାରର କଳାବଜାରୀ ଉପରେ ଆଲୋଚନା କରିଥିଲେ । ଜିଲାକୁ ବର୍ତ୍ତମାନ ସୁଦ୍ଧା ୯ ହଜାର ମେଟ୍ରିକ ଟନ ସାର ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ମାତ୍ର ୪ ହଜାର ମେଟ୍ରିକ ଟନ ଯୋଗାଇ ଦିଆଯାଇଛି । ଯାହାକ ସମୁଦ୍ରକୁ ଶଙ୍ଖେ ହୋଇଛି । ଏହାର ସୁଯୋଗ ନେଇ କିଛି ଅସାଧୁ ବେପାରି ପଡୋଶୀ ଛତିଶଗଡରୁ ୟୁରିଆ ସାର ଆଣି ବିକ୍ରି କରୁଥିବାବେଳେ ଏଠିକାର ସାରକୁ ମଧ୍ୟ ଚଢ଼ା ଦରରେ ବିକ୍ରି କରୁଥିବା ଦେଖାଯାଉଛି । ଚାଷୀମାନେ ସାର ସକାଶେ ବାରଦୁଆର ହେଉଥିବାବେଳେ ସରକାରୀ ଅଧିକାରୀମାନେ କୌଣସି ଦୃଷ୍ଟି ନ ଦେଇ ଚୁପ ହୋଇ ବସି ରହୁଛନ୍ତି । ଚାଷୀ ଶୋଷଣ ଚରମ ସୀମାରେ ପହଞ୍ଚିଗଲାଣି। ଏହା ଉପରେ ତୁରନ୍ତ ଦୃଷ୍ଟି ଦେବା ସହ ୟୁରିଆ ସାର ଯୋଗାଇଦେବାକୁ ଦାବି କରିଛନ୍ତି । ସଭାପତି ମାଝିଙ୍କ ସହ ସ୍ଥାନୀୟ ଗୋଡଫୁଲା ସରପଞ୍ଚ ହରି ମାଝି, ହେମଦାସ, ପୂର୍ବତନ ସମିତି ସଭ୍ୟ ରାମ ସିଂ ମାଝି ପ୍ରମୁଖ ସାମିଲ ଥିଲେ । ଜିଲାପାଳ ଏହା ଉପରେ ଦୃଷ୍ଟି ଦେଇ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।



### ସିଲେଟପଡ଼ା ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ

**କର୍ଲାମୁଣ୍ଡା,୧୪।୯(ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବ୍ରା ଗ୍ରାମପଞ୍ଚାୟତ ସିଲେଟପଡା ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଶନିବାର ସ୍ୱଚ୍ଛତା ପକ୍ଷ ପାଳନ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସିଲେଟପଡା ଗ୍ରାମ ପରିକ୍ରମା କରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ସଚେତନ ସୃଷ୍ଟି କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀରସାଗର ସାହୁ, ଅଙ୍ଗନୱାଡି କର୍ମୀ ସରସ୍ୱତୀ ସୁନା ଛାତ୍ରୀଛାତ୍ରମାନେ କିଭଳି ନିଜେ ସଫା ସୁତୁରା ସହିତ ଆମ ଗାଁ ସଫା ସୁତୁରା ରହି ପାରିବ ସେ ଉପରେ ଆଲୋଚନା କରିଥିଲେ।

### ନୂଆପଡ଼ାରେ ହେବ ସେବା ସପ୍ତାହ ପାଳନ

**ନୂଆପଡା ଅଫିସ,୧୪।୯-** ଆଗାମୀ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ପାଳନ ହେଉଥିବାବେଳେ ସାରା ଦେଶରେ ୧୪ରୁ ୨୦ ସେପ୍ଟେମ୍ବର ପର୍ଯ୍ୟନ୍ତ ସେବା ସପ୍ତାହ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ନୂଆପଡା ଜିଲାବ୍ୟାପି ଏହି କାର୍ଯ୍ୟକ୍ରମ କରାଯିବାକୁ ପ୍ରସ୍ତୁତି କରାଯାଇଛି। ନୂଆପଡାରେ ସୁରେଶ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସେବା ସପ୍ତାହପାଳନ ସମିତି ମହାପ୍ରମୁଖ ରାକେଶ ଜୈନ, ମନିଜର ଭାଇ, ଅଭିନନ୍ଦନ ପଣ୍ଡା, ଈଶ୍ୱର କୁମାର ପଟେଲ, ପ୍ରବୀଣ ଭୋଇ, ଦିଗମ୍ବର ଭାଇ, କବି ଦାସ, ମେଘନାଥ ସେଠ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ସପ୍ତାହ ବ୍ୟାପି ଜିଲାର ସମସ୍ତ ବ୍ଲକ ଅଧୀନରେ ଥିବା ହସ୍ପିଟାଲ ଏବଂ ବିଭିନ୍ନ ଆଶ୍ରମରେ ଫଳ ବଣ୍ଟନ କରାଯିବା ସହ ରକ୍ତଦାନ କାର୍ଯ୍ୟକ୍ରମ ହେବ । ୨୦ ତାରିଖରେ ସାରା ଜିଲାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯିବ । ଗୋଶାଳାରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି ।

# ସ୍କୁଲ ପିଲା ଗାଁ ପରିମଳ ପାଇଁ ଅଣ୍ଟା ଭିଡ଼ିଲେ

**ନୂଆପଡ଼ା ଅଫିସ/କୋମନା ୧୪।୯ (ଡି.ଏନ.ଏ.)**

ସରକାର ସବୁସ୍ତରରେ ଗାନ୍ଧିଜୀଙ୍କ ନୀତିକୁ ଆପଣେଇ ନିଜର ପରିବେଷ୍ଟନୀ ସଫା ରଖିବାକୁ ବିଭିନ୍ନସ୍ତରରେ ସଚେତନତା ସୃଷ୍ଟି କରୁଛନ୍ତି । ଏହି କ୍ରମରେ ଛାତ୍ରୀଛାତ୍ରମାନେ ଗୋଟିଏ ପାଦ ଆଗକୁ ଆସି ସ୍କୁଲରେ ସଫେଇ ଅଭିଯାନ କରିବା ସହ ଗାଁରେ ମଧ୍ୟ ପରିମଳ ବ୍ୟବସ୍ଥାକୁ ସୁଧାରିବାକୁ ପାଦ କାଢ଼ିଛନ୍ତି । ପ୍ରଥମେ ସ୍କୁଲ ସମସ୍ତ କୋଣ ଅନୁକୋଣକୁ ସଫା ସୁତୁରା କରି ସାରିବା ପରେ ମେଣ୍ଢାଟାଲ ଗାଁକୁ ସଫା କରିବା ସହ ସେଠାରେ ସଚେତନତା ସୃଷ୍ଟି ସକାଶେ ଅଭିଯାନ ଚଳାଇଥିଲେ । ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଜିଲାର ବଲାଙ୍ଗୀର ସୀମାନ୍ତ ତଥା ଉପାନ୍ତ ତଥା ବିଭିନ୍ନ କ୍ଷେତ୍ରରେ ଅବହେଳିତ ଥିବା କୋମନା ବ୍ଲକ ମେଣ୍ଢାଟାଲ ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବର୍ତ୍ତମାନ ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ସଫଳତାର ଶିଖରକୁ ଛୁଇଁବାରେ ଲାଗିଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବିଦ୍ୟାଳୟରେ ଶତ ପ୍ରତିଶତ ଗରିବ ପରିବାର ତଥା ଅନୁସୂଚୀତ ଜାତି ଓ ଜନଜାତି ବର୍ଗର ପିଲା ପାଠ ପଢ଼ିଥାନ୍ତି। ଏଠାରେ ପ୍ରତିବର୍ଷ ସ୍ୱଚ୍ଛଭାରତ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଉପରେ ସଚେତନତା କାର୍ଯ୍ୟକ୍ରମ ହୋଇଥାଏ। ସେଥିରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସାମିଲ ରହିଥାନ୍ତି। ଏଥର ମଧ୍ୟ ସାରା ଜିଲାରେ ସ୍ୱଚ୍ଛତା ପକ୍ଷ ପାଳନ ହେଉଥିବା ପରିପ୍ରେକ୍ଷୀରେ ଏଠାରେ ପକ୍ଷପାଳନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ କ୍ଷେମଦାସ ମାଣିକପୁରୀ ସଭାପତିତ୍ୱ କରିଥିବାବେଳେ ସିଆରିସିସି ସନ୍ତୋଷ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ଛାତ୍ରୀଛାତ୍ର ବିଦ୍ୟାଳୟରେ ସଫେଇ ଅଭିଯାନ କରିଥିଲେ । ବିଦ୍ୟାଳୟ ସମସ୍ତ ଅଞ୍ଚଳ ସଫା କରିବା ସହ ତାରି ଚତୁଃପାର୍ଶ୍ୱରେ ଥିବା ସବୁ ଆବର୍ଜନାକୁ ସଫା କରିଥିଲେ। ପରେ ପ୍ରଧାନଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରୀଛାତ୍ର ଏକ ରାଲିରେ ବାହାରି ମେଣ୍ଢାଟାଲ ଗାଁ ପରିକ୍ରମା କରିଥିଲେ। ଘରକୁ ଘର ବୁଲି ପରିମଳର ମନ୍ତ୍ର ଦେଇଥିଲେ ଛାତ୍ରୀଛାତ୍ରମାନେ। ଏପରିକି ଗାଁର ଏମୁଣ୍ଡରୁ ସେ ମୁଣ୍ଡ ଯାଏଁ ସଫା କରିଥିଲେ। ଏହି ଅବସରରେ ଗାଁରେ ସ୍ୱଚ୍ଛତା ଉପରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଏହାକୁ ଦେଖି ଗ୍ରାମବାସୀ ଉତ୍ସାହିତ ହୋଇ ସ୍ୱତଃଭାବେ ସାମିଲ ହୋଇଥିଲେ। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।



ଛାତ୍ରୀଛାତ୍ରମାନେ ନାଟକ ପରିବେଷଣ କରି ସଚେତନ କରୁଛନ୍ତି ।

**ମେଣ୍ଢାଟାଲ ଉନ୍ନୀତ ଉଚ୍ଚବିଦ୍ୟାଳୟ**

# ବ୍ଲକସ୍ତରୀୟ ଭଲିବଲ, ବ୍ୟାଡ଼୍‌ମିଣ୍ଟନ ପ୍ରତିଯୋଗିତା : ରାଜ୍ୟସ୍ତର ପାଇଁ ଚୟନ

**ନୂଆପଡା ଅଫିସ,୧୪।୯**

ସ୍ଥାନୀୟ ମିନିଷ୍ଟାଡିୟମରେ ନୂଆପଡା ବ୍ଲକସ୍ତରୀୟ (ବିଦ୍ୟାଳୟ) ଭଲିବଲ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ରାଜ୍ୟସ୍ତରୀୟ ଖେଳ ପ୍ରତିଯୋଗିତାରେ ଭାଗ ନେବାକୁ ଦଳ ଚୟନ କରାଯାଇଛି । ଶନିବାର ପୂର୍ବାହ୍ଣ ୧୧ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚୈତରାମ ନାଏକ ସଭାପତିତ୍ୱ କରିଥିବାବେଳେ ବ୍ଲକ ଶିକ୍ଷାଧିକାରୀ ଡ. ରେଶମଲାଲ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ମୋଟ ୧୬୦ଜଣ ଖେଳାଳି ଯୋଗଦେଇଥିବା ବେଳେ ୨୫ଜଣ ଖେଳ ଶିକ୍ଷକ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ। ଭଲିବଲରେ ୧୭ ବର୍ଷରୁ କମ ବୟସରୁ ବାଳକ ଏବଂ ବାଳିକା ଦଳ ଚୟନ କରାଯାଇଥିଲା । ଏହିଭଳି ୧୪ବର୍ଷରୁ କମ ବାଳକ ଦଳ ଚୟନ କରାଯାଇଥିଲା । ବ୍ୟାଡମିଣ୍ଟନରେ ୧୭ ବର୍ଷରୁ କମ ବାଳକ ଏବଂ ବାଳିକା ଦଳ ଚୟନ କରାଯାଇଥିବାବେଳେ ୧୪ବର୍ଷରୁ କମ ବାଳକ ଦଳ ଚୟନ କରାଯାଇଛି । ଏହି ଖେଳପ୍ରତିଯୋଗିତାରେ ଖେଳ ଶିକ୍ଷକ ମହତାବ ଆଡଜୁଆଡ, କ୍ଷେତ୍ରମୋହନ ମାଝୀ, ବିରେଶ ସାହୁ, ରେଖରାମ ଦଣ୍ଡସେନା, ରାକେଶ ପଟେଲ, ପ୍ରେମଲାଲ ସାହୁ, ବିଦ୍ୟାଧର ମାଝି, ଅର୍ଜୁନ ମାଝି, ବିକାଶ ମାଝି, ରୋହିତ ଦାସ, ଅନୀଲ ରାଉତ, ଚମନ ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଚୟନ କରାଯାଇଥିବା ସମସ୍ତ ଖେଳାଳିମାନେ ଆସନ୍ତା ୧୭ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଖାଏ ଲୋ ବାଇଗଣ,
ପୁଣି ତ ସେହି ତୁଅଣ;
ରୁଷିବାର କେଉଁ ଗୁଣ ।**

ତରକାରିରେ ବାଇଗଣ ପଡ଼ି ରୋଷେଇ ହୋଇଥିବା ଦେଖି ରୁଷି କରି ଖାଉ ନ ଥିବା ବ୍ୟକ୍ତି ପୁଣି ସେଇ ତରକାରି ଖାଇବା ଅନେକଙ୍କ ଆଖିରେ ଭ୍ରୁକୁଞ୍ଚନ ସୃଷ୍ଟି କରିଥାଏ । ସେଇ କଥା ତ ହେଲା, ଏତେ ସୁଆଙ୍ଗ କରି ଲାଭ କ'ଣ ? ସାଧାରଣତଃ ଯେଉଁ କଥାପାଇଁ ଜଣେ ରୁଷିଥାଏ ପୁନଶ୍ଚ ସେଇକଥାକୁ ଆଦରିନେବା ବା ସାଦରେ ଗ୍ରହଣ କରିନେବା ବ୍ୟକ୍ତି ପକ୍ଷେ ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନଈ ଆଡ଼େ ଚାଷ,
ଅନ୍ତୁଡି ପୁଅକୁ ଆଶ ।**

ନଈ ବନ୍ଧ ତଳେ କରାଯାଉଥିବା ଚାଷ ଉପରେ ଭରସା ନ ଥାଏ। ନଈରେ ବଢ଼ି ଆସିଲେ ଫସଲ ପାଣିରେ ବୁଡ଼ିଯାଇ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ସେହିପରି ଜନ୍ମିତ ସନ୍ତାନର ଭବିଷ୍ୟତ କ'ଣ ହେବ କିପରି ହେବ ତାହା ଏବେଠୁ କହି ହୋଇ ନ ଥାଏ। ଏପରିସ୍ଥଳେ ତା' ଉପରେ ଆସ୍ଥା ପ୍ରକଟ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ

**ପର୍ଲା,୧୪।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ପଞ୍ଚାୟତଠାରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଧର୍ମଗଡ ବିଡିଓ ଅଶୋକ କୁମାର ଭୋଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବଳରାମ ପୂଝାରୀ, ସହକାରୀ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ସ୍ଥାନୀୟ ସରପଞ୍ଚ ସୁଚିତ୍ରା ଗୋପାଲଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। କାର୍ଯ୍ୟକ୍ରମରେ ୩୪ଜଣ ହିତାଧିକାରୀଙ୍କ ମଧ୍ୟରୁ ୨୭ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସଭା କାର୍ଯ୍ୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗ ପରିଚାଳନା କରିଥିବା ବେଳେ ଜିଆରଏସ ପ୍ରଭାତ କୁମାର ତିୱାରି ସହଯୋଗ କରିଥିଲେ । ଏଥିରେ ଗ୍ରାମପଞ୍ଚାୟତ ସଭ୍ୟାସଭ୍ୟ ଓ ଜନସାଧାରଣ ଯୋଗଦେଇଥିଲେ ।


# CLASSIFIED DISPLAY

**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ । କମ୍ ସୁଧ ଏବଂ ସହଜ କିସ୍ତି । କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି ।
Office No. 2b/44, Indra Complex, Main Market Road, Ranchi, Jharkhand, 834001
9582606103
9654417419

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଭାରତର ସର୍ବଶ୍ରେଷ୍ଠ କଂପାନୀ ହିନ୍ଦୁସ୍ଥାନ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ୨ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9499452368

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ପ୍ଲଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 90 ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course
(OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



## ସଂକ୍ଷେପରେ



### ରାଷ୍ଟ୍ରୀୟ ହିନ୍ଦୀ ଦିବସ

ରାଉରକେଲା ଅଫିସ,୧୪। ୯-ରାଷ୍ଟ୍ରୀୟ ହିନ୍ଦି ଦିବସ ଅବସରରେ ଇଣ୍ଡୋ ଇଂରାଜୀ ସ୍କୁଲ ଠାରେ ବିଭିନ୍ନ ପ୍ରତିଯୋଗିତା ସାଙ୍ଗକୁ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ହିନ୍ଦି ଭାଷାର ଗୁରୁତ୍ୱ ଓ ଏହାର ବ୍ୟବହାରିକ ପ୍ରଗତି ନେଇ ଆଲୋଚନା କରଯାଇ ଥିଲା। ଏଥିରେ ଅଧକ୍ଷା ମଂଜୁ ମୁଖାର୍ଜୀ, କାଂଚନ ମିଶ୍ର, କେ ଲକ୍ଷ୍ମୀ, ଦିଲ୍ଲୀପ ଭୂଇ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଗାପୂଜା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ

ରିଷିଡା,୧୪।୯ (ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲଠାରେ ଆଗାମୀ ୩୪ତମ ସାର୍ବଜନୀନ ଦୁର୍ଗାପୂଜା ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ । ଏଥିରେ ଲୋଇସିଂହାର ଦୁଲଦୁଲି, ବୈଠକ କୀର୍ତ୍ତନ, ଡ୍ୟାନ୍ସ ଧମାକା, ସୁରମୋହନୀ ହରଣ ବିଭିନ୍ନ ଦିବସରେ ଆୟୋଜିତ ହେବ ବୋଲି ଦୁର୍ଗାପୂଜା କମିଟି ତରଫରୁ ଜଣାଯାଇଛି। ଚଳିତବର୍ଷ ଦୁର୍ଗାପୂଜାରେ ସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ ଦାମୋଦର ପଧାନ ଏବଂ କୋଷାଧକ୍ଷ ଶିଶିର ଗହୀର ରହିଛନ୍ତି ।

■ ନିରାଶ ହେଲେ ଦିବ୍ୟାଙ୍ଗ ସତ୍ୟନାରାୟଣ

# ମିଳିଲାନି ଆଧାର କାର୍ଡ, ନାମଲେଖାରୁ ବଞ୍ଚିତ

ରାଉରକେଲା ଅଫିସ,୧୪। ୯

ଆଧାର କାର୍ଡ ଖଣ୍ଡେ ନଥିବାରୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି ସେକ୍ଟର-୨୨ ନିକଟ ଇନ୍ଦିରାପାଲ୍ଲୀ ବସ୍ତି ବାସିନ୍ଦା ରାଜକିଶୋର ବେହେରାଙ୍କ ଦିବ୍ୟାଙ୍ଗ ପୁଅ ସତ୍ୟନାରାୟଣ(୧୭)। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସତ୍ୟଙ୍କୁ ନ୍ୟାୟ ମିଳି ପାରିନି। ବାରମ୍ବାର ବିଭିନ୍ନ ଦପ୍ତରକୁ ଦଉଡି ନିରାଶ ହୋଇଛନ୍ତି। ଚଳିତ ବର୍ଷ ସେ ବାମ ହାତରେ ଲେଖି ମାଟ୍ରିକ ପାଶ କରିଥିଲେ। ତାଙ୍କ ଡାହାଣ ହାତ ପାପୁଲି ଜନ୍ମରୁ ବଙ୍କା ଥିବାରୁ ଆଙ୍ଗୁଳି ଛାପ ନିଆଯାଇପାରୁନି। ଏଣୁ ତାଙ୍କୁ ଆଧାର କାର୍ଡ ମିଳି ପାରିନି। ଯେଉଁ କାରଣରୁ ସେ ଦିବ୍ୟାଙ୍ଗ ଭତ୍ତା କିମ୍ବା ନାମ ଲେଖାଇବାରୁ ବଞ୍ଚିତ ହୋଇଥିଲେ। ଏନେଇ ଧରିତ୍ରୀରେ ସବିଶେଷ ବିବରଣୀ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ସତ୍ୟାନରାୟଣଙ୍କୁ ଆଧାର କାର୍ଡ ସହ ସମସ୍ତ ସରକାରୀ ସୁବିଧା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇ ଥିଲା। ରାତି ଅଧିଆ ସତ୍ୟାନରାୟଣଙ୍କୁ ଦିବ୍ୟାଙ୍ଗ ଭତ୍ତା ସହ ଆଧାର କାର୍ଡ ନମ୍ବର ପ୍ରଦାନ କରାଯାଇଥିଲା। ପରିବାର ଲୋକେ ଭାବିଥିଲେ ପୁଅର ଦୁଃଖ ଦୂର ହେଲା।



ମା'ଙ୍କ ସହ ଦିବ୍ୟାଙ୍ଗ ସତ୍ୟନାରାୟଣ।

ସେ କଲେଜରେ ନାମ ଲେଖାଇ ଉଚ୍ଚ ଶିକ୍ଷା ପାଇ ପାରିବ। ହେଲେ ଯେଉଁ ଆଧାର କାର୍ଡ ତାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିଲା ତାହାକୁ କଲେଜ କର୍ତ୍ତୃପକ୍ଷ ଗ୍ରହଣ କଲେନି। ଏହାକୁ ଭୁଲ ଦର୍ଶାଗଲା। ତେବେ ଏହି ଭୂଲ ଆଧାର କିଏ କେଉଁ ପରିସ୍ଥିତିରେ ଦେଲା ସେନେଇ ଆଜି ପର୍ଯ୍ୟନ୍ତ ତଦନ୍ତ କରାଗଲାନି। ସତ୍ୟନାରାୟଣ ନିଜ ଆଧାର କାର୍ଡ ସହ କଲେଜରେ ନାମ ଲେଖାଇବାକୁ ଆବେଦନ କରି ନିଷ୍ଫଳ ହୋଇଛନ୍ତି। ଏନେଇ ପରିବାର ଲୋକେ ଲାଠିକଟା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଠୁ ନେଇ ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନେହୁରା ହୋଇଛନ୍ତି। ସବୁଠି ଭିନ୍ନ ପରାମର୍ଶ ମିଳିଛି। ହେଲେ ତାଙ୍କ ସ୍ୱପ୍ନ ପୂରଣ ହୋଇ ପାରିନି। ଧରିତ୍ରୀରେ ଖବର ପ୍ରକାଶ ପରେ କେହି ଜଣେ ଏହାକୁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ କରି ଜଣାଇଥିଲେ। ଏମିତି ଅବସ୍ଥାରେ ତରବରିଆ ଭାବେ ତାଙ୍କୁ ଲାଠିକଟା ବ୍ଲକ କର୍ତ୍ତୃପକ୍ଷ ଦିବ୍ୟାଙ୍ଗ ଭତ୍ତ ଦେଇ ଦେଲେ। ଯଦି ଏଥିରେ ଆଧାର ଠିକ ପ୍ରମାଣିତ ହେଲା ତେବେ ନାମଲଖା ବେଳେ କାହିଁକି ହେଲାନି ବୋଲି ପରିବାର ଲୋକେ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଅଭିଯୋଗ ପରେ ସବୁ ଠିକ ହୋଇଯିବ ବୋଲି ବିବେଚନା କରାଯାଉଥିଲା। ଗତ ୨୯ ଅଗଷ୍ଟରେ ସତ୍ୟନାରାୟଣଙ୍କ ଅବସ୍ଥା ନେଇ ଧରିତ୍ରୀରେ ରିପୋର୍ଟ ପ୍ରକାଶିତ ହୋଇଥିଲା। ଏହା ପର ଦିନ ଲାଠିକଟା ସହକାରୀ ବିଡିଓ ମାଧବ ପାଣିଗ୍ରାହୀ ତାଙ୍କୁ କାର୍ଯ୍ୟାଳୟକୁ ଡକାଇ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆଧାର କାର୍ଡ ନକଲ ତାଙ୍କ ନିକଟକୁ ପଠା ଯାଇଥିଲା। ତେବେ ଏହାର ଅସଲି କପି କାଢିବାକୁ ସତ୍ୟନାରାୟଣ ନାକେଦମ ହୋଇଥିଲେ। ଯେଉଁ ଅସଲି କାର୍ଡ ସେ ଡାଉନଲୋଡ କରିଥିଲେ ତାକୁ କଲେଜ କର୍ତ୍ତୃପକ୍ଷ ଗ୍ରହଣ କରି ନ ଥିଲେ। ଶେଷରେ ସତ୍ୟନାରାୟଣ କଲେଜରେ ନାମ ଲେଖାଇ ନ ପାରି ଘରେ ବସି ରହିଛନ୍ତି। କେବେ ସୁଦ୍ଧା ଅସଲି ଆଧାର ମିଳିବ ସେନେଇ କାହା ପାଖରେ ସୂଚନା ନାହିଁ। ଏଠାରେ ପ୍ରଶ୍ନ ଉଠୁଛି ଯେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ନିର୍ଦ୍ଦେଶ ସତ୍ତ୍ୱେ ଯଦି ଜଣେ ଦିବ୍ୟାଙ୍ଗ ଛାତ୍ରଙ୍କୁ ନ୍ୟାୟ ନ ମିଳୁଛି ତେବେ ସେ କେଉଁ ଅଧିକାରୀଙ୍କୁ ଗୁହାରି କରିବେ। ସେ ପରିବାର ଦ୍ୱନ୍ଦରେ ପଡିଛନ୍ତି। ଆଗାମୀ ଦିନରେ ତାଙ୍କୁ ଦିବ୍ୟାଙ୍ଗ ଭତ୍ତ ମିଳିବ ନା ନାହିଁ ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ଦିଗରେ ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

## ଆରଜିଏଚ୍‌ରୁ ଭାଜପାର ସେବା ସପ୍ତାହ ଆରମ୍ଭ

ରାଉରକେଲା ଅଫିସ,୧୪। ୯

ପ୍ରାଧନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସକୁ ସମଗ୍ର ଦେଶରେ ସେବା ସପ୍ତାହ ରୂପେ ପାଳନ କରାଯାଉଛି। ଏହି ଅବସରରେ ଶନିବାର ପାନପୋଷ ଭାଜପା ସାଙ୍ଗଠନିକ ଜିଲା ପକ୍ଷରୁ ରାଉରକେଲା ସରକାରୀ ଡାକ୍ତରଖାନାରୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଜିଲା ଉପସଭାପତି ତଥା ସେବା ସପ୍ତାହ କାର୍ଯ୍ୟକ୍ରମ ସଂଯୋଜକ ସୁବ୍ରତ ପଟ୍ଟନାୟକଙ୍କ ନେତୃତ୍ୱରେ ମେଡିକାଲ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ସମ୍ମାନିତ ଅତିଥି ରୂପେ ରାଜ୍ୟ ଭାଜପା ସମ୍ପାଦକ ଧିରେନ ସେନାପତିଙ୍କ ସମେତ ଜିଲା ସଭାପତି ଜଗବନ୍ଧୁ ବେହେରା, ବରିଷ୍ଠ ଭଜପା ନେତା କିଷୁନ ସାହୁ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସିଭିଲ ଟାଉନସିପ ମଣ୍ଡଳ ସଭାପତି କୈଳାସ ରାଉତ ଏଥିରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗା ତନ୍ତି, ତପନ ସ୍ୱାଇଁ, ଗଙ୍ଗାଧର ଦାସ, ଅମରେନ୍ଦ୍ର ଶର୍ମା, ଜିଲ୍ଲା ମୁଖପାତ୍ର ଭଗବାନ ରାଉତ, ଅଜୟ କଂସାରୀ, ରମାକାନ୍ତ ଜେନା, ଅକ୍ଷୟ ଦାସ, ଭବାନି କବି, କେଦାର ମହାନ୍ତି, ଅମୃତଲାଲ ଓରାମ, ରତ୍ନାକର ଭାରିମଲ୍ଲ, ମନୋରଂଜନ ମୁନୀ ଓ ନିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବହୁମୂତ୍ର ସଚେତନତା ଶୋଭାଯାତ୍ରା

■ ଶୃଙ୍ଖଳିତ ଜୀବନଚର୍ଯ୍ୟା ଉପରେ ଗୁରୁତ୍ୱାରୋପ

ରାଉରକେଲା ଅଫିସ,୧୪। ୯

ଡାଇବେଟିସ ଫୋରମ ଓ ଫର୍ଟିଲାଇଜର ଗାୟତ୍ରୀ ପରିବାର ମିଳିତ ଆନୁକୂଲ୍ୟରେ ଶନିବାର ବହୁମୁତ୍ର ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଏୟାର ଷ୍ଟ୍ରିପ ପଡିଆ ନିକଟରୁ ବାହାର କରାଯାଇଥିବା ଶୋଭାଯାତ୍ରା ସକାଳ ୬ରୁ ୭ଟା ପର୍ଯ୍ୟନ୍ତ ପାଖ ରିଂ ରୋଡ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ଉପସ୍ଥିତ କର୍ମକର୍ତା କହିଥିଲେ ଡାଇବେଟିସ ଭଳି ଘାତକ ରୋଗ ପ୍ରତି ସାଧାରଣ ଲୋକେ ସଚେତନ ରହିବା ଆବଶ୍ୟକ। ଦିନକୁ ଦିନ ଏହି ରୋଗ କାୟା ମେଲିବାରେ ଲାଗିଛି। ସତର୍କତା ଅଭାବରୁ ଅନେକ ଏହାର ଶିକାର ହେଉଛନ୍ତି। ବେପରୁଆ ଜୀବନ ଶୈଳୀ, ଖାଦ୍ୟପେୟରେ ଅସାବଧାନତା ଏହି ରୋଗର ଅନ୍ୟ ଏ କ ପ୍ରମୁଖ କାରଣ ବୋଲି କୁହାଯାଇ ଥିଲା। ଯୋଗ, ପ୍ରଣାୟମ ଓ ବ୍ୟାୟାମ ଆଦିକୁ ଆପଣାଇବା ସହ ଶୃଙ୍ଖଳିତ ଜୀବନ ଚର୍ଯ୍ୟା ପ୍ରତି ଯତ୍ନବାନ ହେଲେ ଅନେକ ଏଥିରୁ ବର୍ତୀ ପରିବେ ବୋଲି ମତ ପ୍ରକାଶ ପାଇଥିଲା। ବହୁମୁତ୍ର ଆକ୍ରାନ୍ତ ରୋଗୀ ପ୍ରତିଦିନ ଚଲାବୁଲା ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ପ୍ରଦାନ କରାଯାଇ ଥିଲା। ଡାଇବେଟିସ ଫୋରମ ପକ୍ଷରୁ ପ୍ରତିମାସ ୧୪ ତାରିଖରେ ଏଭଳି ଶୋଭାଯାତ୍ରା ଆୟୋଜନ କରାଯାଉଛି। ଏଥି ପ୍ରତି ଅନେକ ଲୋକ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାର ପ୍ରଭାବ ଦୃଷ୍ଟିରୁ ପଦକ୍ଷେପଟି ସକାରାତ୍ମକ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିଛି ବୋଲି ଉପସ୍ଥିତ ଡାକ୍ତର, କର୍ମକର୍ତ୍ତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡାକ୍ତର ଏସ.କେ ବନସଲ, ରାହାସବିହାରୀ ମହାପାତ୍ର, ଏସ ସୋଲେମନ, ବିଶ୍ୱଜିତ ବଳ, ସୁଜିତ ବେହେରା, ଅଜୟ କୁମାର, ପ୍ରଶାନ୍ତ ରାୟ, ସୌରଭ ରାୟ, ସ୍ୱାଧିନ ରାୟ ଓ ଚିତରଂଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ବହୁମୂତ୍ର ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀ।

## ଆର୍‌ଏସ୍‌ପି କ୍ୱାର୍ଟର୍ସରୁ ସୁନାଗହଣା ସହ ନଗଦ ଟଙ୍କା ଚୋରି ଅଭିଯୋଗ

ରାଉରକେଲା ଅଫିସ, ୧୪।୯

ରାଉରକେଲା ସେକ୍ଟର-୧୯ ଥାନା ଅର୍ନ୍ତଗତ ସେକ୍ଟର-୨୦ ଏ-୨୪୩ ଘରୁ ଶୁକ୍ରବାର ଚୋରି ହୋଇଛି। ଘରେ କେହି ନଥିବାରୁ ସୁଯୋଗ ନେଇ ଚୋରମାନେ ଘର ସଫା କରିଦେଇଛନ୍ତି। ଏ ନେଇ ଉକ୍ତ ଘରେ ରହୁଥିବା ସଞ୍ଜୟ ଶତପଥି ସେକ୍ଟର-୧୯ ଥାନାରେ ଚୋରି ହୋଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ସଞ୍ଜୟ କିଛିଦିନ ହେଲା ଚିକିତ୍ସା ପାଇଁ ସୁଦୁର ବମ୍ବେ ଯାଇଥିଲେ। ଏହାର ସୁଯୋଗ ନେଇ ଶୁକ୍ରବାର ରାତିରେ ଚୋର ମାନେ ଘର କବାଟ ଭାଙ୍ଗି ଗୋଟିଏ ଡେକ୍ସଟପ କମ୍ପ୍ୟୁଟର, ୩୫ଗ୍ରାମ ଓଜନର ସୁନା ୬୦ଗ୍ରାମ ଓଜନର ରୁପା ଓ ନଗଦ ୧୨ ହଜାର ଟଙ୍କା ଚୋରି କରିନେଇଥିବା ଅଭିଯୋଗ କରିଛନ୍ତି। ଏ ନେଇ ସେକ୍ଟର-୧୯ ଥାନାରେ ଏକ ମାମଲା (ନଂ. ୮୧/୨୦୧୯) ରୁଜୁ ହୋଇଛି। ପୋଲିସ ଚୋରଙ୍କୁ ଧରିବା ପାଇଁ ତନାଘନା ଚଳାଇଥିବା କହିଛି।



ଚୋରି ହୋଇଥିବା ଘର ଭିତରେ ସମସ୍ତ ଜିନିଷ ଏଣେତେଣେ ପଡ଼ିରହିଛି।

# ପାନପୋଷ ସ୍ପୋର୍ଟସ ହଷ୍ଟେଲ ପରିସରରେ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ହକି ପ୍ରତିଯୋଗିତା ଉଦ୍‌ଘାଟିତ

ରାଉରକେଲା ଅଫିସ,୧୪। ୯

ପାନପୋଷ ସ୍ପୋର୍ଟର୍ସ ହଷ୍ଟେଲ ପରିସରରେ ଶନିବାର ୬୫ତମ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ହକି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଜ୍ୟର ୮ଟି ଜିଲାରୁ ବାଳକ ଓ ବାଳିକା ବିଭାଗରେ ୧୭ ଓ ୧୪ ବର୍ଷରୁ କମ ବିଦ୍ୟାଳୟ ଖେଳାଳି ଭାଗ ନେଇଛନ୍ତି। ରାଜ୍ୟ ଗଣଶିକ୍ଷା ଓ କ୍ରୀଡା ବିଭାଗ ପ୍ରୋତ୍ସାହନ କ୍ରମେ ଜିଲା ବିଦ୍ୟାଳୟ ଓ ସ୍ପୋର୍ଟର୍ସ ଆସୋସିଏସନ ଏହାକୁ ଆୟୋଜନ କରିଛି। କାର୍ଯ୍ୟକ୍ରମରେ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ ସହାୟତା କରୁଛି। ଉଦଘାଟନୀ ସମାରୋହରେ ରାଉରକେଲା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ସାରଦା ପ୍ରସାଦ ନାୟକ ଯୋଗଦେଇ କହିଥିଲେ ହକିର ଅନ୍ତୁଡିଶାଳ ଭାବେ ଜଣାଶୁଣା ସୁନ୍ଦରଗଡ ଜିଲା ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। ଦୁଇ ଦିନ ଧରି ଏହି ପ୍ରତିଯୋଗିତାକୁ ସୁନ୍ଦରଗଡ ଜିଲାରେ ଆୟୋଜନ କରାଯାଇଥିବାରୁ ଏହାକୁ ଅଧିକ ସରଶ ସୁନ୍ଦର କରିବାକୁ ସମାରୋହରେ ଅଧକ୍ଷତା କରୁଥିବା ଜିଲା ଶିକ୍ଷାଧିକାରୀ ରଞ୍ଜନ ଗିରି ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶାରିରୀକ ଶିକ୍ଷା ସହ ନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ଦେଇ, ବରିଷ୍ଠ କୋଚ ଅମୂଲ୍ୟାନନ୍ଦ ବିହାରୀ, ଉଦିତନଗର ହାଇସ୍କୁଲ ଆଲୁମିନୀ ସଭାପତି ପ୍ରତାପ ଶେଖର ନାୟକ, ଯୁବ ବୁଦ୍ଧିଜିବୀ ଫୋରମ ସଭାପତି ବିପିନବିହାରୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ଖେଳରେ ୧୪ବର୍ଷରୁ କମ ବାଳିକା ବିଭାଗର ଫାଇନାଲ ମ୍ୟାଚରେ ସୁନ୍ଦରଗଡ ଜିଲା ସମ୍ବଲପୁରକୁ ୭-୦ ଗୋଲରେ ପରାସ୍ତ କରିଥିଲା। ସେହିଭଳି ୧୪ ବର୍ଷରୁ କମ ବାଳକ ବିଭାଗରେ ସୁନ୍ଦରଗଡ ଜିଲା ବଲାଙ୍ଗୀରକୁ ୪-୦ରେ ପରାସ୍ତ କରି ବିଜୟ ଲାଭ କରିଥିଲା। ଏହି ପ୍ରତିଯୋଗିତାରେ ଅନୁଗୋଳ, ବରଗଡ, ଦେବଗଡ, ସମ୍ବଲପୁର, ବଲାଙ୍ଗୀର ଗଞ୍ଜାମ, ସୁନ୍ଦରଗଡ, ଢେଙ୍କାନାଳ ଆଦି ଜିଲା ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଉଦଘାଟନୀ ଖେଳରେ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ବିଦ୍ୟାଧର ପ୍ରଧାନ ଅତିଥି ପରିଚୟ ପ୍ରଦାନ, ଉଦିତନଗର ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସକୁନ୍ତଳା କିଶାନ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁଧାଂଶୁ ପାତ୍ର, ଦାମୋଦର ଦାସ, ତ୍ରିଲୋଚନ ନାୟକ, ଆଶିଷ ପ୍ରଧାନ, ପିଟର ଏକ୍କା, ନୀରଞ୍ଜନ ମଲ୍ଲିକ, ଅମୁଲ୍ୟାନନ୍ଦ ବିହାରୀ, ବିଜୟ ଲାକ୍ରା, ଅମୂଲ୍ୟ ବେହେରା, ଫ୍ଲୋରେନସିଆ ଏକ୍କା , ପିଟର ସୋରେନ, ଅଜୟ ରାଉତ, ଅଶ୍ୱିନୀ ମିଶ୍ର, ନରହରି ପଣ୍ଡା, ସୁରେନ୍ଦ୍ର ବେହେରା, ବିଦ୍ୟାଧର ସେଠୀ, ସହଦେବ ସାମନ୍ତ, ବଂଶୀଧର ମହାନ୍ତ, ଲକ୍ଷ୍ମୀଧର ପତି. ସୁଚିତ୍ରା ଦାସ, ସୋଫିଆ ମିଞ୍ଜ, ଆପ୍ଲୋନିଆ କେର୍କେଟା. ସୁକଦେବ ସାହୁ, ଜୟମଙ୍ଗଲ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।



ଉଦଘାଟନୀ ସମାରୋହରେ ରାଉରକେଲା ବିଧାୟକ ଓ ଅନ୍ୟମାନେ।

# ଯୁବ ଛାତ୍ରଙ୍କ ବିକ୍ଷୋଭ ସଭାରେ ପୋଲିସର ବର୍ବର ଆକ୍ରମଣକୁ ଡିୱାଇଏଫ୍‌ଆଇର ନିନ୍ଦା

ରାଉରକେଲା ଅଫିସ, ୧୪।୯

ପଶ୍ଚିମବଙ୍ଗରେ ଭାରତ ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିୱାଇଏଫ୍‌ଆଇ), ଭାରତ ଛାତ୍ର ଫେଡେରେସନ (ଏସ୍‌ଏଫ୍‌ଆଇ) ନେତୃତ୍ୱରେ ୧୨ଟି ଯୁବଛାତ୍ର ସଙ୍ଗଠନ ପକ୍ଷରୁ ରାଜ୍ୟ ସଚିବାଳୟ 'ନବାନ୍ନ' ସମ୍ମୁଖରେ ଶିକ୍ଷା ଓ ନିଯୁକ୍ତି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯାଉଥିଲେ। ତେବେ ଏହାକୁ ଦମନ କରିବାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ପୋଲିସ ଓ ରାପିଡ ଆକ୍ସନ ଫୋର୍ସ ପକ୍ଷରୁ ବିକ୍ଷୋଭକାରୀ ଯୁବଛାତ୍ର ମାନଙ୍କୁ ଶୁକ୍ରବାର ବର୍ବର ଆକ୍ରମଣ କରାଯାଇଛି। ଫଳରେ ଶତାଧିକ ଯୁବଛାତ୍ର ଏଥି ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଛାତ୍ର ମାନଙ୍କୁ ସହରର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସିଙ୍ଗୁର ଠାରୁ ନବାନ୍ନ ପର୍ଯ୍ୟନ୍ତ ୩୦କିମି ପଦଯାତ୍ରା କରି ନିଯୁକ୍ତି, ଶିକ୍ଷା, ଶିଳ୍ପ ପ୍ରତିଷ୍ଠା, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତି ଦାବିରେ ଡିୱାଇଏଫ୍‌ଆଇ ଓ ଏସ୍‌ଏଫ୍‌ଆଇ ସମତେ ୧୨ଟି ଯୁବଛାତ୍ର ସଙ୍ଗଠନ ସାମିଲ ହୋଇଥିଲେ। ତେବେ ଆନ୍ଦୋଳନକାରୀ ଯୁବଛାତ୍ର ମାନଙ୍କ ଉପରେ ପଶ୍ଚିମବଙ୍ଗ ସରକାରଙ୍କ ବର୍ବର ଆକ୍ରମଣକୁ ଭାରତୀୟ ଗଣତାନ୍ତ୍ରିକ ଯୁବ ଫେଡେରେସନ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହାସହ ସରକାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରିବର୍ତେ ଏହାକୁ ଦମନ କରିବା ପାଇଁ ଯେପରି ଷଣ୍ଢଆସି ଆକ୍ରମଣ କଲେ ତାହା ଗଣତନ୍ତ୍ରର ମର୍ଯ୍ୟାଦା ହାନୀ କରିଛି। ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନ ଦବିବ ନାହିଁ କି ସମସ୍ୟାର ସମାଦାନ ହୋଇପାରିବ ନାହିଁ। ତେବେ ଏହି ଘଟଣାକୁ ନେଇ ସାରା ଦେଶରେ ଯୁବଛାତ୍ର ମାନଙ୍କ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ଡିୱାଏଫ୍‌ଆଇ ଜିଲା ସଭାପତି ତଥା ରାଜ୍ୟ ଉପସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଲାଲବାହାଦୁର ମହନ୍ତ, ଉପସଭାପତି ବିଶ୍ୱଜିତ ମାଝୀ, ଦିବାକର ମହାରଣା, ଶେଖର ଶର୍ମା, କବି ପ୍ରଧାନ, ନିର୍ମଳ ଦାସ, ସତ୍ୟମ ତନ୍ତୀ, ପରେଶ ମହାନ୍ତି, ଟୁକୁନ ମାଇତି, ମନୋଜ ମିର୍ଦ୍ଧା, ମୁକେଶ ସାହୁ, ସନ୍ତୋଷ ସିଂ ପ୍ରମୁଖ ସରକାରଙ୍କୁ ଏକ ପ୍ରେସ ବିବୃତି ଜରିଆରେ ଚେତାବନୀ ଦେଇଛନ୍ତି।

## ଫଟୋରେ ଖବର




ଲିପସପାଲି ଗ୍ରାମରେ ଜାତିଆଣ ଭେଦଭାବ ପ୍ରତିବାଦରେ ଲଖେଘର ଗଣ୍ଡା ସମାଜ ପକ୍ଷରୁ ସୁନ୍ଦରଗଡ଼ ଡିଆରଡିଏ ଛକରେ ବିକ୍ଷୋଭ କରାଯାଉଛି।

# ଆର୍‌ଏସ୍‌ପି ଦ୍ୱାରା ରାଜଭାଷା ସଂକଳ୍ପ ଦିବସ ପାଳିତ

ରାଉରକେଲା ଅଫିସ, ୧୪।୯

ସେଲ ଅଧିନସ୍ଥ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଏଚ୍‌ଆର୍‌ଡି ସେଣ୍ଟର ଠାରେ ଶନିବାର ରାଜଭାଷା ସଂକଳ୍ପ ଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ରାଜବୀର ସିଂ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଗୌତମ ବାନାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏସକେ ଡିଏଭି ସରକାରୀ ମହାବିଦ୍ୟାଳୟ ହିନ୍ଦୀ ବିଭାଗର ଅଧ୍ୟାପିକା ଜୟଶ୍ରୀ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗ ମୁଖ୍ୟ ତଥା ରାଜଭାଷା ଅଧିକାରୀ ରମେନ୍ଦ୍ର କୁମାର ଉତ୍ସବରେ ମଞ୍ଚାସୀନ ଥିଲେ। ଅନୁଷ୍ଠିତ ଉତ୍ସବରେ ଭାରତ ଭଳି ବିବିଧତା ଭରା ରାଷ୍ଟ୍ରରେ ହିନ୍ଦୀ ଭାଷାର ମହତ୍ୱ ଉପରେ ଆଲୋକପାତ କରିବା ସହ ସମଗ୍ର ଦେଶରେ ଏକ ସାଧାରଣ ଯୋଗାଯୋଗର ସୂତ୍ର ପାଇଁ ରାଜଭାଷାର ଅହଂ ଭୁମିକା ରହିଛି। ଏହାସହ ଆର୍‌ଏସ୍‌ପି ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରି ଏହାକୁ ସୁଦୃଢ଼ କରିବାକୁ ଚଟ୍ଟାରାଜ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ଜୟଶ୍ରୀ ନାୟକ ଯୋଗାଯୋଗର ଏକ ମାଧ୍ୟମ ଭାବେ ହିନ୍ଦୀ ଭାଷାର ବୁଦ୍ଧିମନ୍ତତା ଓ ଏହାର ସାମର୍ଥ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ଉତ୍ସବରେ ଉପସ୍ଥିତ ସମସ୍ତଙ୍କୁ ଚିକିତ୍ସା ଓ ସେବା ବିଭାଗର ଭାରପ୍ରାପ୍ତ ନିର୍ଦ୍ଦେଶକ ଡ.ଏସ୍‌.ଏସ୍‌. ପତି ଓଡିଆରେ ରାଜଭାଷା ସଂକଳ୍ପ ଦିବସ ଶପଥପାଠ କରାଇଥିବା ବେଳେ ରାଜବୀର ସିଂ ହିନ୍ଦୀରେ ଶପଥପାଠ କରାଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନଙ୍କୁ ଅତିଥିଗଣ ପୁରସ୍କାର ବିତରଣ କରିଥିଲେ। ଉତ୍ସବରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗକୁ ୨୦୧୮ ମସିହା ନିମନ୍ତେ ସିଇଓ ରାଜଭାଷା ଟ୍ରଫି ପ୍ରଦାନ କରାଯାଇଥିଲା। ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗ ମୁଖ୍ୟ ରମେନ୍ଦ୍ର କୁମାର ରାଜଭାଷା ଦିବସ ପାଳନ ସମ୍ପନ୍ଧରେ ତଥ୍ୟ ଉପସ୍ଥାପିତ କରିବା ସହ ନିଜର କର୍ମଭୁମି ଓଡିଶାକୁ ସମର୍ପିତ ଏକ କବିତା ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଗୃହମନ୍ତ୍ରୀ ଅମିତ ସାହ, କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରକୃତିକ ଗ୍ୟାସ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସେଲ ଅଧକ୍ଷ ଅନୀଲ ଚୌଧୁରୀଙ୍କ ପ୍ରେରିତ ବାର୍ତାକୁ ବିନୟ ଶୁକ୍ଲା, ସଙ୍ଗୀତା ପୁଷ୍ପା ମିଞ୍ଜ ସ ସୁସ୍ମିତ କୌର ପାଠ କରିଥିଲେ। ଉତ୍ସବ ପ୍ରାରମ୍ଭରେ ରାଜଲକ୍ଷ୍ମୀ କବି ସରସ୍ୱତୀ ବନ୍ଦନା ଗାନ କରିଥିଲେ। ଲୋକ ସମ୍ପର୍କ ବିଭାଗର ଶଶାଙ୍କ ଶେଖର ପଟ୍ଟନାୟକ ପୁରଷ୍କାର ପ୍ରଦାନ ଉତ୍ସବ ସଂଯୋଜନା କରିଥିବା ବେଳେ ଲୋଲାଟି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ। ଲୋକସମ୍ପର୍କ ବିଭାଗର ଏଜିଏମ୍ ଅର୍ଚ୍ଚନା ଶତପଥି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ରାଜଭାଷା ଦିବସ ପାଳନ ଅବସରରେ ସିଇଓ ଦୀପକ ଚଟ୍ଟରାଜ ଟ୍ରଫି ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ବୃକ୍ଷରୋପଣ, ଜନସଚେତନତା କାର୍ଯ୍ୟକ୍ରମ

ରାଜଗାଙ୍ଗପୁର, ୧୪।୯ (ଡି.ଏନ.ଏ) ଡାଲମିଆ ଭାରତ ଫାଉଣ୍ଡେସନ, ଲାଞ୍ଜିବେର୍ଣ୍ଣା ଖଣି ଏବଂ ରୁମାବାହାଲ ଗାନ୍ଧୀ ଯୁବକ ସଂଘ ମିଳିତ ଉଦ୍ୟମରେ ରୁମାବାହାଲ ଗ୍ରାମରେ ବୃକ୍ଷରୋପଣ, ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁନୁମୁରା ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ବସନ୍ତ କୁମାର ଟପ୍ପୋ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ଡାଲମିଆ ଭାରତ ଫାଉଣ୍ଡେସନ ଲାଞ୍ଜିବେର୍ଣ୍ଣା ସିଏସଆର ବିଭାଗର ତପନ ନାୟକ ଯୋଗଦେଇ ଗ୍ରାମ ପରିବେଶକୁ ସବୁଜ ସୁନ୍ଦର ରଖିବା ପାଇଁ ବୃକ୍ଷରୋପଣ ଏବଂ ତାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ରୁମାବାହାଲ ଗ୍ରାମର ୱାର୍ଡ ମେମ୍ବର ସାବିତ୍ରୀ ଟପ୍ପୋ, ପୂର୍ବତନ ୱାର୍ଡ ମେମ୍ବର ଆୟେତା ମିଞ୍ଜ ଉଦ୍‌ବୋଧନ ଦେଇଥିଲେ। ଗ୍ରାମର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କ ମିଳିତ ଉଦ୍ୟମରେ ରୁମାବାହାଲ ଗ୍ରାମ ଖେଳପଡିଆ ଚାରି ପାଖରେ ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡାଲମିଆ ଭାରତ ଫାଉଣ୍ଡେସନ ଲାଞ୍ଜିବେର୍ଣ୍ଣା ସିଏସଆର ବିଭାଗର ଶୋଭାରାଣୀ ମହାନ୍ତି, ବିଦ୍ୟୁତ୍‌ଲତା ତିର୍କି, ସୁଜାତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗାନ୍ଧୀ ଯୁବକ ସଂଘର ସଭ୍ୟ ଦୀପକ କୁମାର ତନ୍ତୀ ପରିଚାଳନା କରିଥିଲେ। ମହେନ୍ଦ୍ର ତନ୍ତୀ, ସଲମାନ୍ ମିଞ୍ଜ, ରମେଶ ମିଞ୍ଜ, ପ୍ରଦୀପ ମିଞ୍ଜ, ଆନନ୍ଦ ମିଞ୍ଜ, ପ୍ରଧାନ ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ।

### ଆଇନଶୃଙ୍ଖଳା ପ୍ରତି ଗୁରୁତ୍ୱ ଦିଆଯିବ

ବାଲିଶଙ୍କରା, ୧୪।୯ (ଡି.ଏନ.ଏ)- ତଲସରା ଥାନାରେ ନୂଆ ଥାନା ଅଧିକାରୀ କୃପା ସିଂ ବାଘ ଶୁକ୍ରବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଅଞ୍ଚଳରେ ଚୋରି, ଲୁଟ୍ ରୋକିବା ପାଇଁ ପଦକ୍ଷେପ ନିଆଯିବ ଓ ଆଇନ ଶୃଙ୍ଖଳା ରକ୍ଷା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ସେ ପୂର୍ବରୁ ମହୁଲପାଲି, କୁଚିଣ୍ଡା ଶାସନ ଓ ସମ୍ବଲପୁର ଟାଉନ ଥାନାରେ ସବଇନ୍ସପେକ୍ଟର ଭାବେ କାର୍ଯ୍ୟକରି ପଦୋନ୍ନତି ପାଇ ତଲସରା ଥାନା ଅଧିକାରୀ ଭାବେ କାର୍ଯ୍ୟଭାର ତୁଲାଇବେ। ତଲସରା ଥାନାରେ ପୂର୍ବରୁ ମଞ୍ଜରୀ ନାୟକ ଥିଲାବେଳେ ତାଙ୍କ ଧରୁଆଡିହି ଥାନା ବଦଳି ହୋଇଥିବା ଜଣାପଡିଛି ।

# ବୃଦ୍ଧି ପାଉଛି ଦାଦନ ଶ୍ରମିକ ସମସ୍ୟା

ନୂଆଗାଁ, ୧୪।୯ (ଡି.ଏନ.ଏ)

**ନୂଆଗାଁ ବ୍ଲକ**
- ଦାଦନ ନେଲାଣି ୩ ମୁଣ୍ଡ
- ପୁଅକୁ ହରାଇ ବାପା ସ୍ତବ୍ଧ
- ସ୍ୱାମୀଙ୍କୁ ହରାଇ ସ୍ତ୍ରୀ ନୀରବ
- ରହସ୍ୟ ଘେରରେ ଶ୍ରମିକଙ୍କ ମୃତ୍ୟୁ
- ଉଚ୍ଚସ୍ତରୀୟ ତଦନ୍ତ ଦାବି

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକରେ ଦିନକୁ ଦିନ ଦାଦନ ଶ୍ରମିକଙ୍କ ସମସ୍ୟା ବୃଦ୍ଧି ପାଉଛି। ରାଜ୍ୟ ବାହାରକୁ ଯାଇ ଅନେକ ନିର୍ଯାତିତ ହୋଇ ଫେରୁଛନ୍ତି। କେହିକେହି ବି ମୃତ୍ୟୁବରଣ କରୁଛନ୍ତି। ହେଲେ ସେମାନଙ୍କ ମୃତ୍ୟୁର କାରଣ ରହସ୍ୟ ଭିତରେ ରହିଯାଉଛି। ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ସୋରଡା ଗ୍ରାମରେ ଗତ ୨ ବର୍ଷ ଭିତରେ ହିଁ ୩ଜଣ ଶ୍ରମିକଙ୍କ ରହସ୍ୟଜନକ ମୃତ୍ୟୁ ଘଟିଛି। ଘଟିଯାଇଥିବା ଏହି ୩ଟି ପୃଥକ ପୃଥକ ଘଟଣା ମଧ୍ୟରୁ ଗୋଟିଏ ଘଟଣା ଘଟିଛି ଗତ ୨୦୧୬- ୧୭ରେ ଏବଂ ଅନ୍ୟ ୨ଟି ଘଟଣା ଘଟିଛି ୩ ରୁ ୪ ମାସ ମଧ୍ୟରେ। ଏହି ତିନିଟି ଯାକ ଘଟଣା ଯେତିକି ହୃଦୟ ବିଦାରକ। ତା'ଠାରୁ ଅଧିକ ଦୁଃଖଦ। ବର୍ତ୍ତମାନ ସେମାନଙ୍କ ପରିବାର କିଏ ନିଜ ୧୭ ବର୍ଷର ପୁଅକୁ ହରାଇଛି ତ କିଏ ବଢ଼ିଲା ତଥା କର୍ମଠ ପୁଅକୁ ତ ଆଉ କିଏ ସ୍ୱାମୀଙ୍କୁ ହରାଇ ସ୍ତବ୍ଧ ପାଲଟି ଯାଇଛନ୍ତି। ସୋରଡା ଗ୍ରାମର ପୋଖରାଟୋଲି ବସ୍ତିର ରଞ୍ଛି ଓ ବାଲକା ତୁରୀଙ୍କ ଏକମାତ୍ର ୧୭ ବର୍ଷର ପୁଅ ସୁନୀଲ ତୁରୀ। ସୋରଡା ହାଇସ୍କୁଲରୁ ମ୍ୟାଟ୍ରିକ ପାସ୍ ପରେ


ଝାଡୁ ମୁଣ୍ଡାଙ୍କ ସ୍ତ୍ରୀ


ରଞ୍ଜିତ ବଡାଇକଙ୍କ ବାପା।

ଯୁକ୍ତ ୨ ପାଠ ପଢ଼ିବାକୁ ଇଚ୍ଛା ଥିଲେ ମଧ୍ୟ ଆର୍ଥିକ ପରିସ୍ଥିତି ଯୋଗୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇଥିଲେ। ହେଲେ ସେ ଗୁଜରାଟ ଅଞ୍ଚଳକୁ କାମ କରିବାକୁ ଚାଲିଗଲେ। କାମ କରି କିଛି ଅର୍ଥ ଉପାର୍ଜନ କଲା ପରେ ସେ ଯୁକ୍ତ ୨ରେ ନାମଲେଖାଇବେ ବୋଲି ଘରେ ବାପା ମାଆଙ୍କୁ କହି ଯାଇଥିଲେ। ହେଲେ ବିଧିରବିଧାନ ଥିଲା ଅଲଗା । ସେଠାରୁ ତାଙ୍କ ମରଶରୀର ଘରକୁ ଫେରିଥିଲା। ଠିକାଦାର ଜଣକ ସୋରଡାକୁ ଏକ ଆମ୍ବୁଲାନ୍ସ ଯୋଗେ ସୁନୀଲଙ୍କ ମୃତଦେହ ପଠାଇ କିଛି ଟଙ୍କା ଦେଇ ଚୁପ ବସିଗଲେ। ନୀରିହ ମାଆ ବାପା ଏକମାତ୍ର ପୁଅକୁ ହରାଇ ଏବେବି କାନ୍ଦୁଛନ୍ତି। ସେହିଭଳି ଗତ ୩ରୁ ୪ ମାସ ତଳେ ସୋରଡା ଧାଙ୍ଗଡଟୋଲା ବସ୍ତିର ଝାଡୁ ମୁଣ୍ଡା (୫୫) କାମ କରିବାକୁ ରାୟପୁର ଅଞ୍ଚଳକୁ ଯାଇଥିଲେ। କିଛି ଦିନ କାମ କଲାପରେ ସେ ସେଠାରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁର ଖବରପାଇ ତାଙ୍କ ବଡପୁଅ ଓ ଗାଁର କିଛି ଲୋକ ଯାଇ ରାୟପୁରରୁ ତାଙ୍କ ମରଶରୀରକୁ ସୋରଡା ଆଣି ଶତ୍କାର କରିଥିଲେ। ମୃତ୍ୟୁପରେ ଆମ୍ବୁଲାନ୍ସ ଭଡା ସହ ତାଙ୍କ ପରିବାର ବର୍ଗଙ୍କୁ ୨୦ ହଜାର ଟଙ୍କା ଦେଇଥିବା କୁହନ୍ତି ତାଙ୍କ ପୁଅ ଭୁନ୍ଦୁ ମୁଣ୍ଡା । ଝାଡୁ ମୁଣ୍ଡାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ଏବବେବି ସନ୍ଦେହରେ ଅଛନ୍ତି। ଯେଉଁ କମ୍ପାନୀରେ ସେକାମ କରୁଥିଲେ ଝାଡୁ ମୁଣ୍ଡାଙ୍କ ମୃତ୍ୟୁ ଜଣ୍ଡିସ ଯୋଗୁ ହେଲା ବୋଲି କହୁଥିବା ବେଳେ ପ୍ରକୃତରେ ସେଠାରେ ଦୁର୍ଘଟଣାର ଶୀକାର ହୋଇ ତାଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ସେହିଭଳି ଗତ ୨୦ଦିନ ତଳେ ସୋରଡା ଗ୍ରାମର ଅନ୍ୟ ଜଣେ ଯୁବକ ରଞ୍ଜିତ ବଡାଇକ (୨୫) ତାଙ୍କର ମଧ ରାୟପୁରରେ ଉକ୍ତ କମ୍ପାନୀରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଗନ୍ଦ ବଡାଇକଙ୍କ ପୁଅ ରଞ୍ଜିତ ଘର ଚଳାଇବାକୁ ରାୟପୁର କାମ କରିବାକୁ ଯାଇଥିଲେ। ଖବରପାଇ ଘର ଲୋକେ ରାୟପୁରରେ ପହଞ୍ଚିଲା ବେଳକୁ ରଞ୍ଜିତଙ୍କ ମୃତଦେହଟି ସମ୍ପୂର୍ଣ୍ଣ ପଚିସଢ଼ି ଯାଇଥିଲା। ତେଣୁ ସେହିଠାରେ ହିଁ ତାଙ୍କର ଶବ ଶତ୍କାର କରିଥିଲେ ବୋଲି ବାପା ଗନ୍ଦ ବଡାଇକ କହିଛନ୍ତି। ହେଲେ ରଞ୍ଜିତ କେଉଁ ପରିସ୍ଥିତିରେ କେମିତି ମୃତ୍ୟୁବରଣ କଲେ ସେନେଇ କୌଣସି ଠିକ ତଥ୍ୟ ପରିବାରକୁ ଦିଆଯାଇନାହିଁ। ତାଙ୍କ ପରିବାରକୁ ମଧ ମାତ୍ର ୨୫ ହଜାର ଟଙ୍କା ସହାୟତା ଦେଇ କମ୍ପାନୀ ଚୁପ। ଏହିଭଳି ଭାବେ ଦାଦନ ସମସ୍ୟା ନୂଆଗାଁ ବ୍ଲକ ଅଞ୍ଚଳରେ ଉତ୍କଟ ରୂପ ଧାରଣ କରୁଛି। ଏହା କେବଳ ଗୋଟିଏ ଗାଁର ୩ଟି ଘଟଣା। ଏଭଳି ଅନେକ ଗାଁରେ ଗୋଟିଏ ପରେ ଗୋଟିଏ ଘଟଣା ଘଟି ଚାଲିଛି। ହେଲେ ପ୍ରଶାସନ ଏସବୁ ଜାଣିପାରୁନାହିଁ। କାରଣ ପ୍ରଶାସନ ପାଖରେ ଦାଦନ ଖଟି ଯାଉଥିବା ଲୋକଙ୍କ ତାଲିକା ନାହିଁ। ଯୋଜନା ହେଉଥିଲେ ମଧ୍ୟ ସ୍ଥାନୀୟ ଲୋକେ କାମ ନ ପାଇ ଦାଦନ ଖଟିବାକୁ ଦୂର ରାଜ୍ୟକୁ ଯାଇ ମୃତ୍ୟୁବରଣ କରୁଛନ୍ତି। ଦାଦନ ଖଟିବାକୁ ଯାଇ ପ୍ରାଣ ହରାଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଉପଯୁକ୍ତ ତଥ୍ୟ ସଂଗ୍ରହକରି ସେମାନଙ୍କୁ ନ୍ୟାୟ ଦେବାକୁ ସାଧାରଣରେ ଦାବି ହେଉଛି।

## ସଫା ବାହାନାରେ ସୁନା ଅଳଙ୍କାର ଧରି ଚୋର ଚମ୍ପଟ

ବଣାଇ, ୧୪।୯(ସ୍ୱ.ପ୍ର.)

ବଣାଇ ଥାନା ଉପରପଡା ଗ୍ରାମରେ ସୁନାଅଳଙ୍କାର ସଫା କରିବା ବାହାନାରେ ଦୁଇଜଣ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଗହଣା ଧରି ଚମ୍ପଟ ମାରିଛନ୍ତି। ଏଥିରେ ମ୍ରିୟମାଣ ହୋଇ ଜଣେ ମହିଳା ହାତର ଶିର କାଟି ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଉପରପଡା ଗ୍ରାମର ରାହାସ ବିହାରୀ ଦାଶଙ୍କ ଘରେ ପ୍ରତାପ କୁମାର ସେନ ଓ ତାଙ୍କ ସ୍ତ୍ରୀ ଅନା ଭଡା ନେଇ ରହୁଥିଲେ। ଶନିବାର ଅନା ସେନ ଘରେ ଏକୁଟିଆ ଥିବା ସମୟରେ ଦୁଇଜଣ ଦୁର୍ବୃତ୍ତ ସୁନାଗହଣା ସଫା କରିବା ପାଇଁ ଘରେ ପହଞ୍ଚିଥିଲେ। ପ୍ରଥମେ ସେମାନେ ତାଙ୍କୁ ପ୍ରଲୋଭିତ କରି ତାଙ୍କର ପାଉଁଜୀକୁ ସଫା କରିଥିଲେ। ପରେ ୪୦ ଗ୍ରାମର ଅଧିକ ସୁନା ଆଣି ସଫା କରିଥିଲେ। ପରେ ଏହାକୁ ଏକ କାଗଜରେ ରଖି କୌଶଳ କ୍ରମେ ସମସ୍ତ ସୁନାଗହଣା ହାତେଇବା ପରେ ସେଠାରେ ପଥର ଖଣ୍ଡେ ରଖି ଚମ୍ପଟ ମାରିଥିଲେ। କିଛି ସମୟ ପରେ ମହିଳା ଜଣକ ଜାଣିପାରି ଏହି ଘଟଣାରେ ଭାଙ୍ଗିପଡି ଏକ ଧାରୁଆ ଛୁରୀରେ ନିଜ ବାମ ହାତର ଶିରାକୁ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ଘର ମାଲିକ ଆସି ଦେଖିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡିଛି। ପରେ ଗୃହ ମାଲିକ ଏଥିନେଇ ବଣାଇ ଥାନାରେ ଜଣାଇଛନ୍ତି।

## ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲା ଓକିଲସଂଘ

ସୁନ୍ଦରଗଡ଼, ୧୪।୯ (ଡି.ଏନ୍.ଏ)

ସୁନ୍ଦରଗଡ଼ ସହରରେ ଥିବା ଉପଭୋକ୍ତାଙ୍କୁ ରନ୍ଧନଗ୍ୟାସ ବିତରଣରେ ଅବ୍ୟବସ୍ଥା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ଓକିଲ ସଂଘ ତରଫରୁ ଉପଭୋକ୍ତାଙ୍କ ଏହି ସମସ୍ୟାର ସମାଧାନ ଦାବିକରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଉପଭୋକ୍ତାଙ୍କ ଧାର୍ଯ୍ୟ ମୁତାବକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରନ୍ଧନ ଗ୍ୟାସ ବିତରଣ ସମସ୍ୟା ଯୋଗୁ ଅସନ୍ତୋଷ ପ୍ରକାଶ ପାଉଛି। ସୁନ୍ଦରଗଡ଼ ସହରରେ ୨ଗୋଟି ଗ୍ୟାସ ଏଜେନ୍ସି ରହିଛି। ଗୋଟିଏ ଇଣ୍ଡେନ୍ ଓ ଅନ୍ୟଟି ଏଚପି ଗ୍ୟାସ। ହେଲେ ଅଧିକାଂଶ ଉପଭୋକ୍ତା ଇଣ୍ଡେନ୍ ଗ୍ୟାସ ବ୍ୟବହାର କରୁଛନ୍ତି। ମାତ୍ର ଇଣ୍ଡେନ୍ ଗ୍ୟାସ ଏଜେନ୍ସି ନେଇଥିବା ସ୍ଥାନୀୟ ଡିଲରଙ୍କ ଠାରୁ ଠିକ୍ ସମୟରେ ଗ୍ୟାସ ସିଲିଣ୍ଡର ବିତରଣ କରାଯାଉ ନାହିଁ। ଡିଲର ଉପଭୋକ୍ତାଙ୍କଠାରୁ ବୁକିଂ ବାବଦରେ ସିଲିଣ୍ଡରର ପୁରାମୂଲ୍ୟ ପ୍ରଥମେ ରିସିଭ କରି ୪/୫ଦିନ ପରେ ଗ୍ୟାସ ଡେଲିଭରି କରୁଥିଲେ ମାତ୍ର ତାହା ବର୍ତ୍ତମାନ କରାଯାଉନାହିଁ। ସିଲିଣ୍ଡର ଡେଲିଭରି ଷ୍ଟାଫ୍ ଆବଶ୍ୟକ ସଂଖ୍ୟକ ନ ଥିବାରୁ ଉପଭୋକ୍ତାଙ୍କ ଘରକୁ ଆଉ ଗ୍ୟାସ ସିଲିଣ୍ଡର ପହଞ୍ଚି ପାରୁନାହିଁ। ଫଳରେ ଲୋକେ ନିଜର ସମସ୍ତ କାମ ଛାଡି ଛିଡା ହେବା ପରେ ମଧ୍ୟ ଗ୍ୟାସ ସିଲିଣ୍ଡର ମିଳି ନ ଥାଏ। ଗ୍ୟାସ ଡିଲର ଉପଭୋକ୍ତାଙ୍କୁ ହୋମ ଡେଲିଭରି ଜରିଆରେ ସିଲିଣ୍ଡର ପ୍ରଦାନ କରନ୍ତୁ ନତୁବା ସହର ମଧ୍ୟରେ ଥିବା ଡିଲରଙ୍କ କାର୍ଯ୍ୟାଳୟରେ ଗ୍ୟାସ ସିଲିଣ୍ଡର ପ୍ରଦାନ ସକାଶେ ଦାବି କରାଯାଇଛି। ଜିଲାପାଳ ଜିଲା ଯୋଗାଣ ଅଧିକାରୀଙ୍କ ସହିତ ଆଲୋଚନା କରି ଉପଭୋକ୍ତାଙ୍କୁ ସୁବିଧାରେ କିଭଳି ଗ୍ୟାସ ସିଲିଣ୍ଡର ପ୍ରଦାନ କରାଯିବ ସେ ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଜିଲା ଓକିଲ ସଂଘର ସମ୍ପାଦକ ଅଶୋକ କୁମାର ସ୍ୱାଇଁ, ଆଇନଜୀବୀ ପ୍ରଦୀପ ମହାପାତ୍ର, ସୁନୀଲ ଚୌଧୁରୀ, ନନ୍ଦଲାଲ ପଟେଲ, ମନୋଜ ମହାରଣା, ଅକ୍ଷୟ ବୀରଗଣ୍ଡିଆ, ସୁଶାନ୍ତ ପାଣ୍ଡେ, ରାଜେନ୍ଦ୍ର ବେକ୍ ପ୍ରମୁଖ ବହୁ ଓକିଲ ଓ ଉପଭୋକ୍ତା ଜିଲାପାଳଙ୍କୁ ସାକ୍ଷାତକରି ଏସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ।



## ଚଳନାମୁଣ୍ଡା ଗାଁରେ ଦନ୍ତା ଭାଙ୍ଗିଲା ଘର

ବଡଗାଁ, ୧୪।୯ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ବନଖଣ୍ଡ ଅଧିନରେ ଉପଦ୍ରବ କରି ଆସୁଥିବା ଗୋଟିଏ ଦନ୍ତାହାତୀ ଶୁକ୍ରବାର ରାତିରେ ଚଳନାମୁଣ୍ଡା ଗ୍ରାମର ସାବିତ୍ରୀ ମାଝିଙ୍କ ଘର ଭାଙ୍ଗି ଖାଦ୍ୟଶସ୍ୟ ଖାଇଦେଇଛି। ଗତ ପ୍ରାୟ ୨୫ ଦିନ ମଧ୍ୟରେ ଏହି ଦନ୍ତା ୬ଟି ଘର ଭାଙ୍ଗି ସାରିଲାଣି। ବହୁ ଲୋକଙ୍କ ବାଡି ବଗିଚାର ପନିପରିବା ଓ ବିଲର ଧାନ ଚାଷ ନଷ୍ଟ କରି ଦେଇଛି। ଆସନ୍ତା ମାସ ମଧ୍ୟରେ ଗୋଡା ଧାନ ଅମଳକ୍ଷମ ହେବାକୁ ଥିବାରୁ ହାତୀ ଉପଦ୍ରବ ଯୋଗୁଁ ଚାଷୀମାନେ କ୍ଷତିଗ୍ରସ୍ତ ହେବା ଆଶଙ୍କା କରାଯାଉଛି ।

■ ହେମଗିର ବ୍ଲକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

## ସୁଶାନ୍ତ ମିଶ୍ର ସଭାପତି , ସୁକାନ୍ତ ପଟେଲ ସମ୍ପାଦକ


ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନରେ ଉପସ୍ଥିତ ଶିକ୍ଷକମାନେ।

ସୁନ୍ଦରଗଡ/ହେମଗିର, ୧୪।୯ (ଡି.ଏନ୍.ଏ)

ହେମଗିର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗଡତୁମୁଲିଆ ସରକାରୀ ଉନ୍ନୀତ ହାଇସ୍କୁଲ ଠାରେ ଆୟୋଜିତ ଏହି ନିର୍ବାଚନରେ ସଭାପତି ଭାବେ ସୁଶାନ୍ତ ମିଶ୍ର, ସମ୍ପାଦକ ଭାବେ ସୁକାନ୍ତ ପଟେଲ ନିର୍ବାଚିତ ହୋଇଛନ୍ତି। ପୂର୍ବ ନିର୍ଦ୍ଧାରିତ ନିର୍ବାଚନ ଅନୁଯାୟୀ ହେମଗିର ବ୍ଲକର ସବୁବର୍ଗର ଶିକ୍ଷକମାନେ ଏହି ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ବ୍ଲକର ୩୩୭ଜଣ ଶିକ୍ଷକ ଭୋଟ ଦେଇଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇଯାଇଥିଲା । ଉପସଭାପତି ଭାବେ ସୁବ୍ରତ କୁମାର ପଟେଲ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ଭାବେ ଉମେଶ ଚନ୍ଦ୍ର ରାୟ କୋଷାଧ୍ୟକ୍ଷ ଭାବେ ସାଲେକରାମ ପଟେଲ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ସଂଘର ସଭାପତି ମମତା କର, ଜିଲା ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆର ଯୋଗଦେଇଥିଲେ । ଗଣେଶ୍ୱର ନାଏକ ଓ ନରେନ୍ଦ୍ର କୁମାର ପ୍ରଧାନ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ।

ବିବାହ ପାଇଁ ନିର୍ବନ୍ଧ ସରିଛି

## ଚୁନି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

ବଡଗାଁ, ୧୪।୯ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ଯାଜପୁର ରଙ୍ଗିଆପଡାର ଜଣେ ଯୁବତୀ ଶନିବାର ୧୨ଟାରେ ନିଜ ଘରେ ଚୁନି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୂଚନାନୁଯାଇ, ରଞ୍ଜିତା ଡୁଙ୍ଗଡୁଙ୍ଗ (୨୦) ତାଙ୍କ କୋଠରୀରେ ଚୁନି ଲଗାଇ ଝୁଲିଥିବା ପରିବାର ଲୋକେ ଦେଖିବା ପରେ ତଳକୁ ଓହ୍ଲାଇ ଡାକ୍ତରଖାନା ଆଣିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିବାହ ପାଇଁ ନିର୍ବନ୍ଧ ସରିଥିବା ଜଣାପଡିଛି । ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ।


ଏମ୍‌ପି. ଜୁଏଲ ଓରାମ ରୋଗୀମାନଙ୍କୁ ଫଳ ବଣ୍ଟନ କରୁଛନ୍ତି।

## ମୋଦିଙ୍କ ଜନ୍ମଦିନରେ ଫଳ ବାଣ୍ଟିଲେ ଜୁଏଲ

ବଣାଇ, ୧୪।୯ (ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ସାରା ଭାରତବର୍ଷରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ସେବା ସପ୍ତାହ ଉପଲକ୍ଷେ ସୁନ୍ଦରଗଡ଼ ଏମ୍‌ପି. ଜୁଏଲ ଓରାମ ବଣାଇ ଉପଖଣ୍ଡର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ତେବାସୀ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ଅବସରରେ ଶନିବାର ଲହୁଣୀପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବଣାଇଗଡ଼ ଉପଖଣ୍ଡ ଚିକିତ୍ସାଳୟ ଏବଂ ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଓରାମ ରୋଗୀମାନଙ୍କୁ ଫଳବଣ୍ଟନ କରିବା ସହିତ ମୋଦିଙ୍କ ଦୀର୍ଘ ଜୀବନ କାମନା କରିଥିଲେ। ଏହି ଅବସରରେ ଭାଜପା ଜିଲା ସଭାପତି ରାହାସ ବିହାରୀ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମନୋଜ ପ୍ରଧାନ, ହେମନ୍ତ ସାହୁ, ସୁରେନ୍ଦ୍ର ନାଥ ସାହୁ, ଶାନ୍ତନୁ ଦାଶ, ଶିବଚରଣ ରାଉତ, ସେବତୀ ନାୟକ, ବାସୁଦେବ ସାହୁ, ଆହ୍ଲାଦ ବଢେଇ, ଏମଡି ମୋଇମ ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଭୋଳେଶ୍ୱର ପ୍ରଧାନ ଉପସ୍ଥିତ ରହିଥିଲେ।

## ଘର ଭାଙ୍ଗିଲା, ପଲିଥିନ ମିଳିଲା ନାହିଁ

ବଣାଇ, ୧୪।୯(ସ୍ୱ.ପ୍ର.)

ବଣାଇ ବ୍ଲକ ଅନ୍ତର୍ଗତ ବଡପୋଷ ଗ୍ରାମରେ ଲଘୁଚାପ ଜନିତ ଲଗାଣବର୍ଷାରେ ଅସହାୟ ପରିବାରର ବାସଗୃହ ଭାଙ୍ଗି ଯାଇଥିବା ଜଣାପଡିଛି। ଗ୍ରାମର ଗଦାଧର କିଷାନ ସପରିବାର ରହୁଥିବା ବେଳେ ତାଙ୍କର ବାସଗୃହ ଗୁରୁବାର ବର୍ଷା ଯୋଗୁ ଭାଙ୍ଗି ଯାଇଛି। ତାଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡିଏ ନ ଥିବା ବେଳେ ସ୍ଥାନୀୟ ତହସିଲ ପ୍ରଶାସନ ପକ୍ଷରୁ ତାଙ୍କୁ ଏବେବି ପଲିଥିନ ଖଣ୍ଡିଏ ମିଳିପାରି ନାହିଁ। ଯଦ୍ୱାରା ତାଙ୍କ ମନରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି କରାଯାଇଛି।


ବଡପୋଷ ଗ୍ରାମରେ ଲଗାଣବର୍ଷାରେ ବାସଗୃହ ଭାଙ୍ଗି ଯାଇଛି।

# ସ୍ନେହର ଡୋରିରେ ବାନ୍ଧି ରଖିଛି ନୂଆଖାଇ

ସୁନ୍ଦରଗଡ଼, ୧୪।୯ (ଡି.ଏନ୍.ଏ)

**ବ୍ରାହ୍ମଣସମାଜ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍**

ସୁନ୍ଦରଗଡ଼ ବ୍ରାହ୍ମଣ ସମାଜର ନୂଆଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ସିଭିକ ସେଣ୍ଟରଠାରେ ଆୟୋଜିତ ସମାରୋହରେ ପ୍ରତିକୂଳ ପାଗ ସତ୍ତ୍ୱେ ବହୁ ଲୋକଙ୍କ ସମାଗମ ହୋଇଥିଲା। ଜିଲା ବ୍ରାହ୍ମଣ ସମାଜର ସଭାପତି ଚିନ୍ମୟ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହା ପରେ ଜିଲା ବ୍ରାହ୍ମଣର ସମାଜର ପୂର୍ବତନ ସଭାପତି ବିଶେଶ୍ୱର ପୁରୋହିତ ଓ ବିଜୟ ଯୋଶୀଙ୍କ ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ସମ୍ପାଦକ ବେଣୁମାଧବ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରି ବ୍ରାହ୍ମଣ ସମାଜର ଏହି ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ସମସ୍ତଙ୍କୁ ଏକ ସ୍ନେହର ଡୋରୀରେ ବାନ୍ଧି ରଖିଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ନୃତ୍ୟଶିଳ୍ପୀ ତଥା ଗାୟିକା



ନୂଆଖାଇ ଭେଟ୍‌ଘାଟ ଅବସରରେ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଓ ଅତିଥି।

ପଦ୍ମିନୀ ପାଣିଗ୍ରାହୀ ଯୋଗଦେଇ ବ୍ରାହ୍ମଣ ସମାଜରେ ମହିଳାଙ୍କର ଭୂମିକା ତଥା କେମିତି ନିଜସ୍ୱ ପ୍ରଚେଷ୍ଟାରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଓ ସ୍ୱାବଲମ୍ବୀ ହୋଇ ସାମାଜିକ ବିକାଶ କ୍ଷେତ୍ରରେ ଦୃଢ ନେତୃତ୍ୱ ନେଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ପରମ୍ପରାକୁ ଆଧୁନିକତା ମଧ୍ୟରେ ହଜାଇ ନ ଦେଇ ଉତ୍ତରପିଢିଙ୍କ ମଧ୍ୟରେ ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଥିଲେ। ରାଉରକେଲାର ବରିଷ୍ଠ ଖବରଦାତା ମନୋରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ରାହ୍ମଣଙ୍କର ଉପସ୍ଥିତି ଓ ବିଭିନ୍ନ ପଦପଦବୀରେ ନିଜ ପ୍ରଚେଷ୍ଟାରେ ପ୍ରତିଷ୍ଠିତ ହୋଇଥିବା କହିବା ସହ ନୂଆଖାଇ ଜୁହାରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ରାହ୍ମଣ ସମାଜର ବରିଷ୍ଠ ସଦସ୍ୟ ଉପେନ୍ଦ୍ର ଠାକୁର ଓ ଖଲିଚନ୍ଦ୍ର ପାଢୀଙ୍କୁ ତାଙ୍କର କର୍ତ୍ତବ୍ୟ ନିଷ୍ଠା ସକାଶେ ଏହି ଅବସରରେ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସମାଜର ବିଭିନ୍ନ ବର୍ଗର ଛାତ୍ରୀଛାତ୍ରଙ୍କୁ ତାଙ୍କର ସଫଳତା ପାଇଁ ମାନପତ୍ର ପ୍ରଦାନ କରାଯାଇଥିଲା। ମହିଳାଙ୍କ ଦ୍ୱାରା ଆୟୋଜିତ ହୁଳହୁଳି ଓ ଶଙ୍ଖ ଫୁଙ୍କିବା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଟାଉନ ବ୍ରାହ୍ମଣ ସମାଜର ସଭାପତି ଅବନୀକାନ୍ତ ପୁରୋହିତ ଧନ୍ୟବାଦ ଦେଇଥିଲେ। ଶେଷରେ କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଶ୍ୱରଞ୍ଜନ ହୋତା ସଭା ସଞ୍ଚାଳନ କରିଥିଲେ। ସିଦ୍ଧାନ୍ତ କୁମାର ପଣ୍ଡା, କୁମୁଦ ପଣ୍ଡା, ଦେବାଶୀଷ ଦାଶ, ନିକୁ ମହାପାତ୍ର, ପ୍ରଶାନ୍ତ ବିଶି, ମଣ୍ଟୁ ଯୋଶୀ, ସୂର୍ଯ୍ୟନାରାୟଣ ମହାପାତ୍ର, ଭିକାରୀ ପାଢୀ, ବୁନୁ ଠାକୁର, କୃଷ୍ଣ ପଣ୍ଡା, ଅଜିତ ଦ୍ୱିବେଦୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।